# ଧରିତ୍ରୀ
DHARITRI

ରବିବାର, ଜୁନ୍ ୧୪/୨୦୨୦ (୨୨ ପୃଷ୍ଠା+ଛୁଟିଦିନ)    Sunday, June 14/2020

୪୬ଶ ଭାଗ ୧୯୯ ସଂଖ୍ୟା    www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada    ମୂଲ୍ୟ ₹୪/-



ASWINI®

ମାସ୍କ ଓ ସାମାଜିକ ଦୂରତା
ଆପଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କବଚ ହୋଇପାରିବ...!

# ଅଶ୍ୱିନୀ ହେୟାର ଅଏଲ୍
## ଆପଣଙ୍କ କେଶର ସୁରକ୍ଷା କବଚ ହୋଇପାରିବ...!

କେଶ ଝଡ଼ିବା ନିୟନ୍ତ୍ରଣ କରେ
ରୁପିର ପ୍ରତିରୋଧ କରେ
କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ

ମୁଣ୍ଡବିନ୍ଧା ହ୍ରାସ କରିବାରେ ସହାୟକ
ମାନସିକ ଚାପ ହ୍ରାସ କରିବାରେ ସହାୟକ
ଭଲ ନିଦ୍ରାରେ ସହାୟକ




କେବଳ
ବିଶୁଦ୍ଧ ନଡ଼ିଆ
ତେଲ ଆଧାର।
କୌଣସି ମିନେରାଲ୍ ଅଏଲ୍
ଯୋଗ କରାଯାଇନାହିଁ
କୌଣସି ପ୍ରିଜରଭେଟିଭ୍
ଯୋଗ କରାଯାଇନାହିଁ।

କେଶ କଲର କଲାପରଠାରୁ ବହୁତ ଝଡୁଥିଲା। ଅଶ୍ୱିନୀ ବ୍ୟବହାର କରି କେଶ ଝଡ଼ିବା ବହୁତ କମିଯାଇଛି।*
- କୁମାରୀ ମୋନାଲିସା ମହାପାତ୍ର,
ଭୁବନେଶ୍ୱର, ଓଡ଼ିଶା

କେଶ ଝଡ଼ିବା ବନ୍ଦ କରିବାକୁ ବହୁତ ପ୍ରଡକ୍ଟସ୍ ବ୍ୟବହାର କରି ବି କେଶ ଝଡ଼ିବା କମୁ ନ ଥିଲା। ଅଶ୍ୱିନୀ ବ୍ୟବହାର କରି କେଶ ଝଡ଼ିବା ବହୁତ କମିଯାଇଛି ଆଉ ଏବେ କେଶ ବଢୁଛି ମଧ୍ୟ।*
- ଡା. ଐଶ୍ୱର୍ଯ୍ୟା ପାଣିଗ୍ରାହୀ
ଭୁବନେଶ୍ୱର, ଓଡ଼ିଶା



ଲମ୍ବା ଓ ମଜଭୁତ କେଶ ପାଇଁ
ଏକ ପ୍ରଭାବୀ ମିଶ୍ରଣ...

ଅଶ୍ୱିନୀ® ହୋମିଓ ଆର୍ନିକା ହେୟାର୍ ଅଏଲ୍ + ଅଶ୍ୱିନୀ® ଅଧୁନା™ ଅଁଳା ଶାମ୍ପୁ

UIN: T-1981/III/0002

* Consumer's personal opinion.

ଅନୁସନ୍ଧାନ ପାଇଁ ଗ୍ରାହକ ସେବା ଟୋଲ୍ ଫ୍ରି ନମ୍ବର: 18008435599 ରେ ଯୋଗାଯୋଗ କରନ୍ତୁ

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର କୁଲ୍‌ଗାମ୍‌ଠାରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଚାରିପଟ କର୍ଡନ କରାଯାଇ ସର୍ଚ୍ଚ ଅପରେଶନ ଜାରି ରହିଥିବା କଶ୍ମୀର ଜୋନ୍ ପୋଲିସ କହିଛି। କୁଲ୍‌ଗାମ୍ ଜିଲାର ନିପୋରାଠାରେ ଆତଙ୍କବାଦୀଙ୍କୁ ମିଳିତ ଟିମ୍ ଉଚିତ ଜବାବ ଦେଇଛନ୍ତି।

## ସ୍ୱାଦ, ଘ୍ରାଣଶକ୍ତି କମିବା କରୋନାର ନୂଆ ଲକ୍ଷଣ

ନୂଆଦିଲ୍ଲୀ,୧୩।୬: କେନ୍ଦ୍ର ସରକାର କରୋନା ରୋଗର ଲକ୍ଷଣ ମଧ୍ୟରେ ଆଉ ୨ଟିକୁ ସାମିଲ କରିଛନ୍ତି। ତାହା ହେଲା ସଂକ୍ରମିତଙ୍କଠାରେ ହଠାତ୍ ସ୍ୱାଦ ବାରିବା ଓ ଘ୍ରାଣଶକ୍ତି କମିଯିବା। କ୍ଲିନିକାଲ ମ୍ୟାନେଜ୍‌ମେଣ୍ଟ ପ୍ରୋଟୋକଲ: କୋଭିଡ୍-୧୯ ଦସ୍ତାବିଜ୍‌ରେ ୯ଟି ଲକ୍ଷଣ ଥିଲାବେଳେ ସେଥିରେ ଏହି ଦୁଇଟିକୁ ସାମିଲ କରାଯାଇଛି। ଅନ୍ୟ ଲକ୍ଷଣଗୁଡ଼ିକ ହେଲା ଜ୍ୱର, କାଶ, ଭୋକ ନ ହେବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, କଫ, ମାଂସପେଶୀରେ ଯନ୍ତ୍ରଣା, ନାକରୁ ପାଣି ଗଡ଼ିବା, ଗଳା ଦରଜ ଏବଂ ଡାଇରିଆ। ଜଣେ ବ୍ୟକ୍ତି ସଂକ୍ରମିତଙ୍କ ଅତି ନିକଟ ସମ୍ପର୍କରେ ଆସିଲେ ହିଁ ସଂକ୍ରମିତ ହୋଇଥାଏ। ସଂକ୍ରମିତ ବ୍ୟକ୍ତି କାଶିଲେ, ଛିଙ୍କିଲେ କିମ୍ବା କଥା ହେଲେ ତାଙ୍କ ପାଟି ଓ ନାକରୁ ବାହାରୁଥିବା ଜଳକଣା ମାଧ୍ୟମରେ ହିଁ ଭୂତାଣୁ ଅନ୍ୟ ଶରୀରକୁ ଯାଇଥାଏ। ଏହି ଜଳକଣା କୌଣସି ବସ୍ତୁ ପୃଷ୍ଠରେ ମଧ୍ୟ ରହିଥାଇପାରେ। ଉକ୍ତ ପୃଷ୍ଠକୁ ଛୁଇଁବା ପରେ ଆଖି, ନାକ କିମ୍ବା ପାଟିକୁ ଛୁଇଁବା ଦ୍ୱାରା ମଧ୍ୟ ଭୂତାଣୁ ସଂକ୍ରମିତ ହୋଇଥାଏ।

## ଖଣି ଭୁଶୁଡ଼ି ୫ ମୃତ

ଶାହଡୋଲ,୧୩।୬: ମଧ୍ୟପ୍ରଦେଶର ପସଗରି ଅଞ୍ଚଳରେ ଥିବା ଏକ ଚୂନପଥର ଖଣି ଶନିବାର ଭୁଶୁଡ଼ି ପଡ଼ିବାରୁ ସେଥିରେ କାର୍ଯ୍ୟରତ ୫ ଶ୍ରମିକଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସେମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଖଣି ଖୋଳା କାର୍ଯ୍ୟ ଚାଲିଥିବାବେଳେ ଏହାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଆଜି ଦିଲ୍ଲୀ କରୋନା ସ୍ଥିତି ସମୀକ୍ଷା କରିବେ ଶାହା

ନୂଆଦିଲ୍ଲୀ, ୧୩।୬: ମହାମାରୀ କରୋନା ସ୍ଥିତି ଭୟଙ୍କର ହେବାରେ ଲାଗିଛି। ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହା ଗମ୍ଭୀର ରୂପ ଧାରଣ କରିଛି। ଏହାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ପୂର୍ବାହ୍ନ ୧୧ଟାରେ ସ୍ଥିତି ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପରାଜ୍ୟପାଳ ଅନିଲ ବୈଜଲ ପ୍ରମୁଖ ଶାହାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ସମୀକ୍ଷା ବୈଠକରେ ଯୋଗଦେବେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ମଧ୍ୟ ବୈଠକରେ ଉପସ୍ଥିତି ରହିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି। ଦିଲ୍ଲୀରେ ଏବେ ୩୭ ହଜାର କରୋନା ଭୂତାଣୁ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୧,୨୧୪ରେ ପହଞ୍ଚିଛି।

## ଏଆଇଏଡିଏମ୍‌କେ ବିଧାୟକ କରୋନା ଆକ୍ରାନ୍ତ



ଚେନ୍ନାଇ, ୧୩।୬: ତାମିଲନାଡୁରେ ଦେଶର ଦ୍ୱିତୀୟ ସର୍ବାଧିକ କରୋନା ରୋଗୀ ଥିବାବେଳେ ଶାସକ ଏଆଇଏଡିଏମ୍‌କେର ଶ୍ରୀପେରୁମ୍ବୁଦୁର ବିଧାୟକ କେ. ପାଲାନି (୫୭) ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୂର୍ବରୁ ତାମିଲନାଡୁର ଡିଏମ୍‌କେର ଚେପକ ବିଧାୟକ ଜେ. ଆନ୍‌ବାଝଗନ୍ କରୋନା ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ପ୍ରକାଶଥାଉ କି, ତାମିଲନାଡୁରେ ଏବେ ୪୦ ହଜାରରୁ ଅଧିକ ସଂକ୍ରମିତ ଥିବାବେଳେ ୩୬୭ ଜଣଙ୍କ ଜୀବନ ଗଲାଣି। ଲକ୍‌ଡାଉନ୍ ହଟିବା ଓ ପ୍ରବାସୀଙ୍କ ଆଗମନ ପରେ ଏହି ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଏଥିରେ କୋଭିଡ୍ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ବିଧାୟକମାନେ ମଧ୍ୟ ସଂକ୍ରମିତ ହୋଇଛନ୍ତି।

# ସୁଧୁରିପାରେ ଜଳବାୟୁ ପରିବର୍ତ୍ତନ ସଙ୍କଟ

**ୱାଶିଂଟନ,୧୩।୬**

**ପରିବେଶ ଉପରେ କୋଭିଡ୍ ପ୍ରଭାବ**



କରୋନା ମହାମାରୀ ସଂକ୍ରମଣକୁ ହ୍ରାସ କରିବା ଲାଗି ବିଶ୍ୱବ୍ୟାପୀ ଲକ୍‌ଡାଉନ ବେଳେ ଏହାର ସୁଫଳ ପରିବେଶ ଉପରେ ପଡ଼ିଥିଲା। ଆମର କାର୍ଯ୍ୟ ହିଁ ଆଗାମୀ ପିଢ଼ି ପାଇଁ ଭଲ ପରିବେଶ ଦେବାକୁ ସକ୍ଷମ, ତାହାର ସମ୍ଭାବନା ଏଥିରୁ ସ୍ପଷ୍ଟ ହୋଇଥିଲା। କୋଭିଡ୍-୧୯ ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ସ୍ପଷ୍ଟ ସମ୍ପର୍କ ରହିଛି। ଜଳବାୟୁ ପରିବର୍ତ୍ତନ କୋଭିଡ୍ ଭଳି ମହାମାରୀ ବଢ଼ାଇଥାଏ। ରୋଗ ସଂକ୍ରମଣ କରାଉଥିବା କାରକର ସ୍ଥାନ ପରିବର୍ତ୍ତନ କିମ୍ବା ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁ ଆନ୍ତଃପ୍ରଜାତି ସଂସ୍ପର୍ଶରେ ଅଧିକ ଆସିବା କାରଣରୁ ଏଭଳି ମହାମାରୀ ହେଉଛି। ଫଳରେ ମାନବ ସମାଜକୁ ବଡ଼ ବିପଦର ସାମନା କରିବାକୁ ପଡୁଛି।

କୋଭିଡ୍-୧୯ ଘଟଣାରେ ସ୍ୱାସ୍ଥ୍ୟଗତ ପ୍ରଭାବ କେବଳ ସଂକ୍ରମଣରେ ସୀମିତ ହୋଇନାହିଁ। ଏହାର ପ୍ରଭାବ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥା ଉପରେ ମଧ୍ୟ ପଡୁଛି। ୟୁରୋପରେ ଦେଖାଦେଇଥିବା ପ୍ରଳୟଙ୍କରୀ ଗ୍ରୀଷ୍ମ ପ୍ରବାହ, ଅଷ୍ଟ୍ରେଲିଆରେ ଅଭୂତପୂର୍ବ ଜଙ୍ଗଲ ନିଆଁ, ଆଫ୍ରିକା ଉପକୂଳରେ ସାମୁଦ୍ରିକ ବାତ୍ୟା ଇଡାଇରେ ହଜାର ହଜାର ଲୋକଙ୍କ ମୃତ୍ୟୁ ସମେତ ଅନ୍ୟ କେତେକ ଜଳବାୟୁ ଜନିତ ବିପର୍ଯ୍ୟୟ ଗତବର୍ଷ ଦେଖିବାକୁ ମିଳିଥିଲା।

ଚଳିତ ବର୍ଷ କରୋନା ମହାମାରୀ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ସଙ୍କଟ ସାଙ୍ଗକୁ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ ଆଗକୁ ଏପରି ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିପାରେ। କୋଭିଡ୍ ବିଶ୍ୱ ଅର୍ଥନୀତିକୁ ଯେଭଳି ପ୍ରଭାବିତ କରିଛି ଏହାର ଗୁରୁତର ପ୍ରଭାବ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ରହିବ। ୪୦ରୁ ୬୦ ନିୟୁତ ଲୋକ ଅତି ଗରିବ ମଧ୍ୟକୁ ଠେଲିହୋଇଯିବେ ବୋଲି ବିଶ୍ୱ ବ୍ୟାଙ୍କ ପୂର୍ବାନୁମାନ କରିଛି। ତେବେ କୋଭିଡ୍‌କୁ ଯଦି ଆମେ ଏକ ସତର୍କ ଘଣ୍ଟି ଭାବେ ଗ୍ରହଣ କରି ପରିବର୍ତ୍ତନ ଆଣିବା ତେବେ ଭବିଷ୍ୟତ ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି କୁହାଯାଉଛି।



ଅହମ୍ମଦାବାଦରେ ରଥଯାତ୍ରା ପାଇଁ ଦରଜୀ ଚାନ୍ଦୁଆରେ ଶେଷ ସ୍ପର୍ଶ ଦେଉଛନ୍ତି।

## ଗଠନ ହେବ ସାମାଜିକ ସୁରକ୍ଷା ପାଣ୍ଠି

**ନୂଆଦିଲ୍ଲୀ,୧୩।୬**

ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ପ୍ରବାସୀ ଶ୍ରମିକମାନଙ୍କୁ ସହାୟତା କରିବା ଲାଗି ଏକ ସାମାଜିକ ସୁରକ୍ଷା ପାଣ୍ଠି ଗଠନ ନିମନ୍ତେ କେନ୍ଦ୍ର ସରକାର ବିଚାର କରୁଛନ୍ତି। କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇଥିବା ଲକ୍ଷ ଲକ୍ଷ ଦାଦନ ଶ୍ରମିକ ଏହାଦ୍ୱାରା ଉପକୃତ ହୋଇପାରିବେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ଉଚ୍ଚ ଅଧିକାରୀମାନେ ଏନେଇ ଅର୍ଥ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହା ଆଲୋଚନା ପର୍ଯ୍ୟାୟରେ ଥିବାରୁ ପାଣ୍ଠିର ପରିମାଣ କେତେ ହେବ ଜଣାପଡିନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି ଏକ ସ୍ପେଶିଆଲ ପର୍ପୋଜ୍ ଭେହିକଲ୍ (ଏସ୍‌ପିଭି) ଗଠନ ହୋଇପାରେ ବୋଲି କୁହାଯାଉଛି।

# ବିଗିଡ଼ିଲାଣି କରୋନା ସ୍ଥିତି

**ନୂଆଦିଲ୍ଲୀ, ୧୩।୬**

- ମନ୍ତ୍ରୀ ଓ ଅଧିକାରୀଙ୍କ ସହ ମୋଦିଙ୍କ ସମୀକ୍ଷା
- ଭାରତରେ ୮,୮୯୫ ଜୀବନ ଗଲାଣି
- ଆକ୍ରାନ୍ତଙ୍କ ସଂଖ୍ୟା ୩.୧୦ ଲକ୍ଷକୁ ଟପିଲା



ଭାରତରେ ମହାମାରୀ କରୋନାର ଭୟଙ୍କର ସ୍ଥିତି ଏବେ ଦେଖିବାକୁ ମିଳିଛି। ବିଶେଷ କରି ଲକ୍‌ଡାଉନ୍ ଉଠିବା ଓ ପ୍ରବାସୀଙ୍କ ଆଗମନ ପରେ ସ୍ଥିତି ଅସମ୍ଭାଳ ହୋଇଛି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ କରୋନା ସ୍ଥିତିର ସମୀକ୍ଷା ଲାଗି ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଶନିବାର ଆଲୋଚନା କରିଛନ୍ତି। ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କ'ଣ ସ୍ଥିତି ରହିଛି, ସେନେଇ ସମୀକ୍ଷା କରାଯାଇଥିଲା। ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିବା , ୧୦ ଦିନରେ ୧ ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେବା, ମୃତ୍ୟୁସଂଖ୍ୟା ୮,୮୯୫କୁ ବୃଦ୍ଧି ପାଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ପରିସ୍ଥିତିକୁ କିପରି କାବୁ କରାଯିବ ଓ ରାଜ୍ୟଗୁଡ଼ିକ ଉଚିତ ପଦକ୍ଷେପ ନେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

ଦେଶରେ ଏବେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩ ଲକ୍ଷ ୧୦ ହଜାର ପାର୍ କରିଛି। ମହାରାଷ୍ଟ୍ରରେ କେବଳ ୧ ଲକ୍ଷ ୪ ହଜାରରୁ ଅଧିକ ସଂକ୍ରମିତ ଥିବାବେଳେ ତାମିଲନାଡୁରେ ୪୨ ହଜାରରୁ ଊର୍ଦ୍ଧ୍ୱ, ରାଜଧାନୀ ଦିଲ୍ଲୀରେ ୩୬ ହଜାରରୁ ଊର୍ଦ୍ଧ୍ୱ, ଗୁଜରାଟରେ ୨୩ ହଜାରରୁ ଊର୍ଦ୍ଧ୍ୱ, ଉତ୍ତରପ୍ରଦେଶ ଓ ରାଜସ୍ଥାନ ପ୍ରତ୍ୟେକ ରାଜ୍ୟରେ ୧୨ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ୧୦ ହଜାର ଲେଖାଏ ଆକ୍ରାନ୍ତ ଅଛନ୍ତି। ସବୁଠାରୁ ବଡ଼କଥା ହେଲା ଶନିବାର ପାଖାପାଖି ୮ ହଜାର ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୨୧୯ ଜଣ ପ୍ରାଣ ହରାଇଛନ୍ତି। ବିଗତ କିଛିଦିନ ହେବ ଏହି ଟ୍ରେଣ୍ଡ ଜାରି ରହିଛି। ଫଳରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଛି। କରୋନାର କୌଣସି ସଫଳ ଔଷଧ ବାହାରି ନ ଥିବାବେଳେ ଏଭଳି ଉଗ୍ର ସଂକ୍ରମଣ ସ୍ଥିତି ଲୋକଙ୍କୁ ଆତଙ୍କିତ କରିପକାଇଛି। କେବଳ ସଚେତନତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି।



କରୋନା କଷଣ: ପ୍ରବାସୀ ଶ୍ରମିକମାନେ ନିଜ ଘରକୁ ଯିବା ଲାଗି ଗୁରୁଗ୍ରାମରେ ଲଗେଜ୍ ସହ ବସ୍‌କୁ ଅପେକ୍ଷା କରି ରହିଛନ୍ତି।

## ସେନାରେ ୩୩୩ ଅଧିକାରୀ ସାମିଲ



**ଡେରାଡୁନ,୧୩।୬**

ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ଭାରତୀୟ ମିଲେଟାରୀ ଏକାଡେମୀ (ଆଇଏମ୍‌ଏ)ରେ ପାସିଂ ଆଉଟ୍ ପରେଡ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶେଷ ପରେ ସେନାରେ ସାମିଲ ହୋଇଛନ୍ତି ୩୩୩ ଅଧିକାରୀ। ଏହି ପରେଡ୍‌ରେ ୯ ମିତ୍ର ଦେଶର ୯୦ଜଣ କ୍ୟାଡେଟ୍ ମଧ୍ୟ ସାମିଲ ହୋଇଥିଲେ। କରୋନା ପାଇଁ ଆଇଏମ୍‌ଏର ୮୭ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ପାସିଂ ଆଉଟ୍ ପରେଡ କାର୍ଯ୍ୟକ୍ରମରେ କ୍ୟାଡେଟ୍‌ଙ୍କ ଅଭିଭାବକମାନେ ଉପସ୍ଥିତ ନ ଥିଲେ। ଚଳିତବର୍ଷ ଉତ୍ତର ପ୍ରଦେଶରୁ ସର୍ବାଧିକ ୬୬ଜଣ ପାସ୍ ହୋଇଛନ୍ତି। ଏହିକ୍ରମରେ ହରିୟାଣାରୁ ୩୯, ବିହାର ଏବଂ ଉତ୍ତରାଖଣ୍ଡରୁ ୩୧ ଜଣ ଲେଖାଏ ଅଛନ୍ତି। ଆର୍ମି ଚିଫ୍ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ପରେଡର ସମୀକ୍ଷା କରିବା ସହ କ୍ୟାଡେଟ୍‌ଙ୍କୁ ଶପଥ ପାଠ କରାଇଥିଲେ।

ସାଧାରଣତଃ ପାସିଂ ଆଉଟ୍ ପରେଡ ପରେ ଅଧିକାରୀଙ୍କୁ ୧୫ରୁ ୨୦ ଦିନ ଛୁଟି ମିଳୁଥିଲା। ହେଲେ କରୋନା ସଙ୍କଟ ଯୋଗୁ ଅଧିକାରୀମାନେ ଘରକୁ ଯିବେନାହିଁ। ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ନିଯୁକ୍ତିସ୍ଥଳରେ ରିପୋର୍ଟ କରିବାକୁ କୁହାଯାଇଛି।

ସଂଯୋଗବଶତଃ ଦୁଇ ସହପାଠୀ ସାଥୀ ହୋଇ ଶତ୍ରୁ ପକ୍ଷରୁ ଦମନ କରିବାକୁ ମୋର୍ଚ୍ଚା ସମ୍ଭାଳିବେ। ପାସିଂ ଆଉଟ୍ ପରେଡ୍‌ରେ ଏପରି ଦୁଇ ଦେଶପ୍ରେମୀ ସାଙ୍ଗଙ୍କ କାହାଣୀ ସାମ୍ନାକୁ ଆସିଛି। ଲ୍ୟୁଟ୍‌ନାଣ୍ଟ ଶୁଭମ୍ ବେଉଣ୍ଟିଆଲ ଏବଂ ଲ୍ୟୁଟନାଣ୍ଟ ଭିନୀତ ଖାନ୍ନା ୭ମ ଶ୍ରେଣୀରେ ଆର୍ମି ପବ୍ଲିକ୍ ସ୍କୁଲରେ ସାଥୀ ହୋଇ ଗୋଟିଏ ସେକ୍ସନରେ ପାଠ ପଢୁଥିଲେ। ଦୁଇଜଣଙ୍କ ସ୍ୱପ୍ନ ଥିଲା ଭାରତୀୟ ସେନାରେ ଅଧିକାରୀ ହେବା। ସ୍ନାତକ ଶେଷ କରିବା ପରେ ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସୈନ୍ୟବାହିନୀରେ ଯୋଗଦେଇଥିଲେ।

## ସୀମାରୁ ପର୍ଯ୍ୟାୟକ୍ରମେ ହଟୁଛନ୍ତି ସେନା

**ଡେରାଡୁନ,୧୩।୬(ପି.ଟି.)**

ପୂର୍ବ ଲଦାଖ ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ଚାଲିଥିବା ସେନା ଅଧିକାରୀସ୍ତରୀୟ ଆଲୋଚନା ଫଳପ୍ରଦ ହୋଇଛି। ଗଲୱାନ ଉପତ୍ୟକାରୁ ଉଭୟ ପକ୍ଷର ସୈନ୍ୟ ପର୍ଯ୍ୟାୟ କ୍ରମେ ହଟୁଥିବା ସେନାଧ୍ୟକ୍ଷ ଜେନେରାଲ ଏମ୍.ଏମ୍. ନରୱଣେ ଶନିବାର କହିଛନ୍ତି। ଆପୋସ ବୁଝାମଣା ମଧ୍ୟରେ ସୀମାନ୍ତ ଅଞ୍ଚଳରୁ ସେନା ପ୍ରତ୍ୟାହାର ସମ୍ପର୍କରେ ପ୍ରଥମ ଥର ଲାଗି ସରକାରୀ ଭାବେ ସୂଚନା ଦିଆଯାଇଛି। ଚାଇନା ସୀମାରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଥିବା ସେନାଧ୍ୟକ୍ଷ କହିଛନ୍ତି। ଦୁଇଦେଶର ସୀମାକୁ ନେଇ ଯେଉଁ ମତପାର୍ଥକ୍ୟ ରହିଛି ତାହା ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଇଣ୍ଡିଆନ ମିଲିଟାରି ଏକାଡେମୀର ଏକ ପାସିଂ ଆଉଟ ପରେଡ୍‌ରେ ଯୋଗଦେବା ଅବସରରେ ଜେନେରାଲ ନରୱଣେ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ଉତ୍ତର ଭାଗରେ ଥିବା ଗଲୱାନ ନଦୀ ଅଞ୍ଚଳରୁ ସେନା ପ୍ରତ୍ୟାହାର ଆରମ୍ଭ ହୋଇଛି। ଆଲୋଚନା ଜାରି ରହିବା ସହ ସ୍ଥିତିରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ପୂର୍ବ ଲଦାଖର ପଙ୍ଗଓଙ୍ଗ ସୋ,



ଜେନେରାଲ ଏମ୍.ଏମ୍. ନରୱଣେ

**ପୂର୍ବ ଲଦାଖ ବିବାଦକୁ ନେଇ ସେନାମୁଖ୍ୟଙ୍କ ସୂଚନା**

ଗଲୱାନ ଉପତ୍ୟକା, ଡେମଚୋକ୍ ଏବଂ ଦୌଲତ ବେଗ୍ ଓଲ୍‌ଡିରେ ଭାରତ ଓ ଚାଇନା ସେନା ମଧ୍ୟରେ ଦୀର୍ଘ ୫ ସପ୍ତାହ ହେଲା ମୁହାଁମୁହିଁ ସ୍ଥିତି ଜାରି ରହିଥିଲା। ପଙ୍ଗଓଙ୍ଗ ସୋ ସମେତ ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟାରେ ଚାଇନା ସୈନ୍ୟ ସୀମା ଅତିକ୍ରମ କରି ଭାରତୀୟ ପାର୍ଶ୍ୱକୁ ଚାଲିଆସିଥିଲେ। ଏହାକୁ ଭାରତୀୟ ସେନା ପକ୍ଷରୁ ଜୋର୍‌ଦାର ବିରୋଧ କରିବା ସହ ତୁରନ୍ତ ଫେରିଯିବା ପାଇଁ ଦାବି କରିଥିଲା। ସୀମା ବିବାଦର ସମାଧାନ ପାଇଁ ଗତ କିଛିଦିନ ମଧ୍ୟରେ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ସ୍ଥାନୀୟ ସେନା ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ପରେ ଦୁଇଥର କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା।

## ଦିଲ୍ଲୀରେ ନିର୍ମାଣ ହେବ ୧୦ ହଜାର ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ

**ନୂଆଦିଲ୍ଲୀ,୧୩।୬(ପି.ଟି.)**

ଦିଲ୍ଲୀ ସରକାର କୋଭିଡ୍-୧୯ ରୋଗୀଙ୍କ ପାଇଁ ୧୦ ହଜାର ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ହସ୍ପିଟାଲ ଖୋଲିବାକୁ ଯୋଜନା କରୁଛନ୍ତି। ଦକ୍ଷିଣ ଦିଲ୍ଲୀରେ ରାଧାସ୍ୱାମୀ ସତ୍‌ସଙ୍ଗ ବ୍ୟାସ କ୍ୟାମ୍ପସ୍‌ରେ ଟେଣ୍ଟ ତଳେ ଏହି ହସ୍ପିଟାଲ କାର୍ଯ୍ୟ କରିବ। ଏଥିରେ ୫୦ ଶଯ୍ୟା ବିଶିଷ୍ଟ ୨୦୦ଟି କୋଠରୀ ରହିବ। ଜୁନ୍ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ଆଶା କରାଯାଉଛି। କ୍ୟାମ୍ପସ୍ ପରିସରରେ ଏକ ବିଲ୍ଡିଂରେ ମେଡିକାଲ କର୍ମଚାରୀ ରହିବା ବ୍ୟବସ୍ଥା ହୋଇଛି। ଏହି ଅସ୍ଥାୟୀ ହସ୍ପିଟାଲ ପାଇଁ ଆଧ୍ୟାତ୍ମିକ ସଂଗଠନ ଅନୁମୋଦନ କରିଛି। ଜୁଲାଇ ଶେଷ ସୁଦ୍ଧା ଜାତୀୟ ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଥିବାବେଳେ ସେମାନଙ୍କ ପାଇଁ ପାଖାପାଖି ଲକ୍ଷେ ଶଯ୍ୟା ଆବଶ୍ୟକ ପଡ଼ିବ।

# ୫ ଦଶନ୍ଧି ଧରି କମୁଛି ବର୍ଷା

**ବେଜିଂ/ନୂଆଦିଲ୍ଲୀ, ୧୩।୬**

କୃଷି ପ୍ରଧାନ ଦେଶ ଭାରତରେ ଚାଷକାର୍ଯ୍ୟ ଲାଗି ବିଶେଷତଃ ବର୍ଷା ଉପରେ କୃଷକମାନେ ନିର୍ଭର କରିଥାନ୍ତି। କିନ୍ତୁ ବିଗତ ୫ ଦଶନ୍ଧି ଧରି ବର୍ଷାର ପରିମାଣ କମିବାରେ ଲାଗିଛି। ୫୦ ବର୍ଷ ମଧ୍ୟରେ ବର୍ଷାର ପରିମାଣ କମିବା ଓ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେବା ଚିନ୍ତା ବଢ଼ାଇଛି। ଏଭଳି ପ୍ରାକୃତିକ ପରିବର୍ତ୍ତନର କାରଣ ଜାଣିବା ଲାଗି ଏକ ବୈଜ୍ଞାନିକ ଗୋଷ୍ଠୀ ଏବେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି। ସେମାନେ ୨୦୦୦ ପୂର୍ବ ଓ ପରର ବିଭିନ୍ନ ପ୍ରାକୃତିକ ସ୍ଥିତିକୁ ବିଶ୍ଳେଷଣ କରିଛନ୍ତି। ୧୯୫୦ରୁ ଉତ୍ତର କେନ୍ଦ୍ରୀୟ ଭାରତରେ ମୌସୁମୀ ବର୍ଷାର ପରିମାଣ କମିବା ଓ ଏହା ଦୀର୍ଘବର୍ଷ ଧରି ଜାରି ରହିବାର କାରଣ ଜାଣିବାକୁ ସେମାନେ ପ୍ରୟାସ କରିଛନ୍ତି। ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଟ୍‌ମୋସ୍ଫେରିକ୍ ଫିଜିକ୍ସର ଡ. ଜିନ୍ ହୁଆଙ୍ଗ ଏବଂ ପ୍ରଫେସର ଟିଆନ୍‌ଜୁନ୍ ଝୋଉ ବ୍ରିଟେନ ପାଣିପାଗ କାର୍ଯ୍ୟାଳୟ ଓ ଜର୍ମାନୀର ମାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଦିଆଯାଇଥିବା ବିଭିନ୍ନ ଡାଟାକୁ ବ୍ୟବହାର କରି ପରୀକ୍ଷା ଜାରି ରଖିଛନ୍ତି। ସବୁଜ ଘର ବାଷ୍ପ, ମାନବୀୟ ପ୍ରବୃତ୍ତିରେ ପରିବର୍ତ୍ତନ ଓ ଭୂମି ଭଳି ବାହ୍ୟ ଶକ୍ତି ପ୍ରାକୃତିକ ପରିବର୍ତ୍ତନଶୀଳତା ଲାଗି ବିଶେଷ ଭାବେ ଦାୟୀ ବୋଲି କୁହାଯାଇଛି। ମାନବୀୟ କାର୍ଯ୍ୟକଳାପ ଉଷ୍ମତା ବୃଦ୍ଧିକରିବା ସହ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାକି ସମୁଦ୍ର ଉପରେ ପ୍ରଭାବ ପକାଇଥାଏ। ଫଳରେ ପାଣିପାଗ ପରିବର୍ତ୍ତନଶୀଳ ହୋଇଥାଏ। ମୌସୁମୀ ବର୍ଷା କମ୍ ହୋଇଥାଏ। ୧୯୫୦ରୁ ୨୦୦୦ ମସିହା ମଧ୍ୟରେ ଏଭଳି ସ୍ଥିତି ଦୃଷ୍ଟିଗୋଚର ହୋଇଥିଲା। ଭଲ ବର୍ଷା ଲାଗି ପରିବେଶ ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆଯିବା ସହ ମାନବୀୟ ପ୍ରବୃତ୍ତିରେ ପରିବର୍ତ୍ତନ ଅଣାଯିବା ଜରୁରୀ ବୋଲି ବୈଜ୍ଞାନିକମାନେ ଦର୍ଶାଇଛନ୍ତି।



**କାରଣ ଖୋଜିଲେ ବୈଜ୍ଞାନିକ ଗୋଷ୍ଠୀ**



ଲକ୍‌ଡାଉନ କୋହଳ ହେବା ପରେ ନର୍ମଦା ନଦୀ କୂଳରେ ଯାତ୍ରୀଙ୍କ ଅପେକ୍ଷାରେ ବୋଟ୍।

ଧରିତ୍ରୀ
DHARITRI
ରବିବାର, ଜୁନ୍ ୧୪/୨୦୨୦ | Sunday, June 14/2020 | ପୃଷ୍ଠା-୧



## ୨୮ ବର୍ଷରେ ପାଦ ଥାପିଲେ ଦିଶା

ବଲିଉଡ୍ ନାୟିକା ଦିଶା ପାଟନି ୨୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ବଲିଉଡ୍ ନାୟକ ଟାଇଗର ଶ୍ରଫ ତାଙ୍କ ଗର୍ଲ ଫ୍ରେଣ୍ଡକୁ ଏକ ଭିଡିଓ ମାଧମରେ ଶୁଭେଚ୍ଛା ଜଣାଇଛନ୍ତି।

୦୮

୨୦

## ଆଫ୍ରିଦୀ କରୋନା ପଜିଟିଭ୍

ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ କରୋନା ପଜିଟିଭ୍ ଥିବା ନିଜେ ଶନିବାର ଘୋଷଣା କରିଛନ୍ତି।



# ଇନ୍ଧନ ଦରବୃଦ୍ଧି: ଭାରତରେ ସର୍ବାଧିକ ଟିକସ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ଭାରତରେ ଅର୍ଥନୈତିକ ମାନ୍ଦାବସ୍ଥା ଦିନକୁ ଦିନ ଜଟିଳ ଆଡ଼କୁ ଗତି କରୁଛି। କୋଭିଡ୍-୧୯ ଭଳି ମହାମାରୀର ମୁକାବିଲା କରିବା ଲାଗି ସରକାର ଯେଉଁଠୁ ପାରୁଛନ୍ତି ସେଇଠାରୁ ଅର୍ଥ ଗୋଟାଇବା ଲକ୍ଷ୍ୟରେ ରହିଛନ୍ତି। ତେବେ ପେଟ୍ରୋଲିୟମ୍‌ଜାତ ପଦାର୍ଥ ଉପରେ ଦର ବୃଦ୍ଧିକୁ କେନ୍ଦ୍ର ସରକାର ସବୁଠାରୁ ସହଜ ବାଟ ଭାବେ ଧରି ନେଇଛନ୍ତି। ସେଥିପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ବଢ଼ାଇ ଚାଲିଛନ୍ତି। ବିଶେଷକରି ଗତ ସପ୍ତାହସାରା ସରକାର ଇନ୍ଧନ ଉପରେ ଟିକସ ବଢ଼ାଇଛନ୍ତି। ନିକଟରେ ସରକାର ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟ ଉପରେ ବଢ଼ାଇଥିବା ଉତ୍ପାଦ ଟିକସରୁ ଚଳିତ ଅର୍ଥକ ବର୍ଷରେ ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏକ ହିସାବ କଲେ ପେଟ୍ରୋଲ ଓ ଡିଜେଲର ରିଟେଲ ମୂଲ୍ୟ ଉପରେ ସରକାର ୬୯ ପ୍ରତିଶତ ଟିକସ ଲାଗୁ କରୁଛନ୍ତି, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ। ସବୁଠାରୁ ଦୁଃଖର ବିଷୟ ଯେ କେନ୍ଦ୍ର ସରକାର ଏହିସବୁ ସାମଗ୍ରୀରୁ ଆଦାୟ କରୁଥିବା ଅର୍ଥକୁ ଲୋକଙ୍କୁ ପ୍ୟାକେଜ ଆକାରରେ ଦେବାକୁ ଯୋଜନା କରିଛନ୍ତି। ଅଦ୍ୟାବଧି ପେଟ୍ରୋଲିୟମଜାତ ପଦାର୍ଥ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନ ନ ଆସିବା ଆଉ ଏକ ଦିଗକୁ ଇଙ୍ଗିତ କରୁଛି।

### ବିଶ୍ୱର ବିଭିନ୍ନ ଦେଶରେ ଇନ୍ଧନ ଟିକସ




ଗତ ୭ ଦିନ ଧରି ପେଟ୍ରୋଲ ଓ ଡିଜେଲ ଦର ଲଗାତର ବୃଦ୍ଧି ଘଟିଚାଲିଛି। ଶନିବାର ପେଟ୍ରୋଲ ଦର ଲିଟର ପିଛା ୫୯ ପଇସା ଏବଂ ଡିଜେଲ ଦର ୫୮ ପଇସା ବୃଦ୍ଧି ଘଟିଥିବା ବେଳେ ଦର ଯଥାକ୍ରମେ ୭୫.୧୬ ଟଙ୍କା ଏବଂ ୭୩.୩୯ ଟଙ୍କା ଛୁଇଁଛି। ଫଳରେ ଏହି ସପ୍ତାହରେ ପେଟ୍ରୋଲ ଉପରେ ୩.୯୦ ଟଙ୍କା ଏବଂ ଡିଜେଲ ଉପରେ ୪ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଲା। ଭାରତ ସରକାରଙ୍କ ଏଭଳି ମନମୁଖି ନିଷ୍ପତ୍ତି ଫଳରେ ସାଧାରଣ ଉପଭୋକ୍ତା ଏବଂ ଅର୍ଥ ବ୍ୟବସ୍ଥା ଉପରେ ବୋଝ ପଡୁଥିବା ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। କାରଣ ଇନ୍ଧନ ଉପରେ ଉଚ୍ଚ ଟିକସ ରହିବା ଯୋଗୁ ପରିବହନ ଖର୍ଚ୍ଚ ମଧ ବଢୁଛି, ଯାହା ଅର୍ଥ ବ୍ୟବସ୍ଥା ଲାଗି ଶୁଭଙ୍କର ନୁହେଁ।

ଗତ କିଛିଦିନ ତଳେ କେନ୍ଦ୍ର ସରକାର ଇନ୍ଧନ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବୋଚ୍ଚ ଉତ୍ପାଦ ଟିକସ ବଢ଼ାଇଛନ୍ତି। ପେଟ୍ରୋଲ ଉପରେ ୧୦ ଟଙ୍କା ଏବଂ ଡିଜେଲ ଉପରେ ୧୩ ଟଙ୍କାର ଟିକସ ବୃଦ୍ଧି ହୋଇଛି। ସେହିଭଳି ୮ ଟଙ୍କାର ରୋଡ୍ ସେସ୍ ମଧ ଲାଗୁ ହୋଇଛି। ଏହାବାଦ୍ ପେଟ୍ରୋଲ ଉପରେ ଅତିରିକ୍ତ ୨ ଟଙ୍କା ଏବଂ ଡିଜେଲ ଉପରେ ୫ଟଙ୍କାର ଉତ୍ପାଦ ଟିକସ ଲାଗୁ ହୋଇଛି। ଦିଲ୍ଲୀ ସରକାର ପେଟ୍ରୋଲ ଉପରେ ୧.୬ ଟଙ୍କା ଏବଂ ଡିଜେଲ ଉପରେ ୭.୧ ଟଙ୍କା ଭାଟ୍ ବୃଦ୍ଧି କରିଛନ୍ତି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକର ସୂଚନା

- ୭ ଦିନ ଧରି ଲଗାତର ବଢ଼ିଚାଲିଛି ତୈଳ ଦର
- ଶନିବାର ପେଟ୍ରୋଲ ଲିଟର ପିଛା ୫୯ ଓ ଡିଜେଲ ୫୮ ପଇସା ବୃଦ୍ଧି
- ଏବେ ପେଟ୍ରୋଲ ୭୫.୧୬ ଟଙ୍କା, ଡିଜେଲ ୭୩.୩୯ ଟଙ୍କା ଛୁଇଁଛି

ମୁତାବକ ଶନିବାର ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୫.୧୬ ଏବଂ ଡିଜେଲ ଦର ୭୩.୩୯ ଟଙ୍କା ରହିଛି। ଭାରତରେ ବର୍ତ୍ତମାନ ୬୯% ଟିକସ ଲାଗୁ ହେଉଥିବା ବେଳେ ଇଟାଲୀରେ ୬୪%, ଫ୍ରାନ୍ସରେ ୬୩%, ଜର୍ମାନୀରେ ୬୩%, ବ୍ରିଟେନରେ ୬୨%, ସ୍ପେନ ୫୩%, ଜାପାନ ୪୭%, କାନାଡା ୩୩% ଏବଂ ଆମେରିକା ସର୍ବନିମ୍ନ ୧୯% ଟିକସ ଲାଗୁ କରୁଛି। ଅର୍ଥାତ୍ ଭାରତ ତେଲ ଉପରେ ସବୁଠାରୁ ଅଧିକ ଟିକସ ଲାଗୁ କରୁଥିବାରୁ ଲୋକଙ୍କୁ ଅଧିକ କର ଦେବାକୁ ପଡୁଛି।

ଓଡ଼ିଶା କଥା ଦେଖିଲେ ଏଠାରେ ସରକାର ନିକଟରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ (ଭାଟ୍) ବୃଦ୍ଧି କରିଛନ୍ତି। ପେଟ୍ରୋଲ ଉପରେ ଏହା ୨୬%ରୁ ୩୨%କୁ ବୃଦ୍ଧି ଘଟିବା ଯୋଗୁ ଲିଟର ପିଛା ୩.୧୧ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ଉପରେ ଭାଟ୍ ୨୬ରୁ ୨୮%କୁ ବୃଦ୍ଧି ହେବା ଫଳରେ ଲିଟର ପିଛା ୧.୦୩ ଟଙ୍କା ବଢ଼ିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ପେଟ୍ରୋଲ ଉପରେ ଭାଟ୍ ଲିଟର ପିଛା ୧୬.୬୦ ଟଙ୍କା ଏବଂ ଡିଜେଲ ଉପରେ ୧୪.୩୪ ଟଙ୍କା ଲାଗୁ ହୋଇଛି। ଏହି ପରିବର୍ତ୍ତନ ଫଳରେ ପେଟ୍ରୋଲ ଏବଂ ଡିଜେଲର ଲିଟର ପିଛା ଦର ଯଥାକ୍ରମେ ୭୧.୬୯ ଟଙ୍କା ଏବଂ ୬୭.୭୩ ଟଙ୍କାକୁ ବୃଦ୍ଧି ଘଟିଥିଲା। ହେଲେ ଗତ ୭ ଦିନ ଧରି ଲଗାତର ଇନ୍ଧନ ଦର ବୃଦ୍ଧି ଫଳରେ ପେଟ୍ରୋଲ ୩.୯୦ ଟଙ୍କା ବଢ଼ି ୭୫.୧୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ୪ ଟଙ୍କା ବୃଦ୍ଧି ପାଇ ୭୩.୩୯ ଟଙ୍କା ଛୁଇଁଛି।

ପେଟ୍ରୋଲିୟମ ପ୍ରାଇସ୍ ଆଣ୍ଡ୍ ଆନାଲିସିସ୍ ସେଲ୍ ମୁତାବକ, ଦିଲ୍ଲୀରେ ଡିଲର ପେଟ୍ରୋଲ ଲିଟର ପିଛା ୧୮.୨୮ ଟଙ୍କା ପ୍ରଦାନ କରୁଛନ୍ତି। ଏହା ମଧ୍ୟରେ ମୂଳ ମୂଲ୍ୟ ଏବଂ ଭଡ଼ା ସାମିଲ ରହିଛି। ଏହା ପରେ ଭାଟ୍, ଉତ୍ପାଦ ଟିକସ ଏବଂ ଡିଲର କମିଶନ ମିଶାଇଲେ ପେଟ୍ରୋଲ ଉପରେ ଦର ଲିଟର ପିଛା ୭୫.୧୬ ଟଙ୍କା ହେଉଛି। ସେହିଭଳି ଡିଜେଲ ଲିଟର ପାଇଁ ୧୮.୭୮ ଟଙ୍କା ଦେବାକୁ ପଡୁଛି। ବିଭିନ୍ନ ଟିକସ ଲାଗୁ ହେବା ପରେ ଏହା ୭୩.୩୯ ଟଙ୍କା ଛୁଇଁଥିବା ଦେଖାଯାଇଛି। ପେଟ୍ରୋଲ ଉପରେ ଲିଟର ପିଛା ଉତ୍ପାଦ ଟିକସ ଭାବେ ୩୨.୯୮ ଟଙ୍କା ଲାଗୁ ହେଉଥିବା ବେଳେ ଡିଜେଲ ଉପରେ ୩୧.୮୩ ଟଙ୍କା ଦେବାକୁ ପଡୁଛି। ☞ପୃଷ୍ଠା-୨

# ନୂଆ ମାନଚିତ୍ରକୁ ନେପାଳ ପାର୍ଲାମେଣ୍ଟର ଅନୁମୋଦନ



ନେପାଳ ପାର୍ଲାମେଣ୍ଟ

**କାଠମାଣ୍ଡୁ/ନୂଆଦିଲ୍ଲୀ,୧୩।୬**

ନେପାଳ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଂଶୋଧନ ବିଲ୍‌କୁ ଅନୁମୋଦନ ମିଳିଛି। ଦେଶର ମାନଚିତ୍ରରେ ପରିବର୍ତ୍ତନ ଲାଗି ଶନିବାର ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଅଣାଯାଇଥିଲା। ପୂର୍ବରୁ ନେପାଳ କ୍ୟାବିନେଟ ଅନୁମୋଦନ କରିଥିବା ନୂଆ ମାନଚିତ୍ରରେ ଭାରତର ୩ଟି ଅଞ୍ଚଳ ରହିଛି। ପଡୋଶୀ ଦେଶର ଏଭଳି କାର୍ଯ୍ୟକୁ ନୂଆଦିଲ୍ଲୀ ପକ୍ଷରୁ ବିରୋଧ କରାଯାଇଥିଲା। ଏହା ନେପାଳ ସରକାରଙ୍କ ଏକପାଖିଆ ନିଷ୍ପତ୍ତି ଏବଂ ଐତିହାସିକ ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ଭାରତ କହିଥିଲା।

### ବିବାଦୀୟ ମ୍ୟାପ୍‌ରେ ଭାରତର ୩ ଅଞ୍ଚଳ

ଶନିବାର ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ପରେ ଭୋଟ ନିଆଯାଇଥିଲା। ୨୭୫ ସଦସ୍ୟ ବିଶିଷ୍ଟ ଗୃହରେ ବିଲ୍ ସପକ୍ଷରେ ୨୫୮ ଭୋଟ ଯାଇଥିଲା। ଫଳରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ବିଲ୍ ଗୃହୀତ ହୋଇଛି। ଗତ ମାସରେ ନେପାଳ ଶାସକ ଦଳ ନୂଆ ମାନଚିତ୍ରକୁ ଅନୁମୋଦନ କରିବା ପରେ ଭାରତ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାରତର ବିରୋଧ ସତ୍ତ୍ୱେ ବିରୋଧୀ ଦଳ ନେପାଳୀ କଂଗ୍ରେସ ମଧ ସଂଶୋଧନ ସପକ୍ଷରେ ଭୋଟ ଦେଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** — ଅନ୍ଧ ଭକ୍ତ




# କରୋନା ବଢ଼ାଇବ ଦାରିଦ୍ର୍ୟ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

କରୋନା (କୋଭିଡ୍-୧୯) ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ଘାତକ ସାଜିବା ସହ ଜୀବନ ଜୀବିକାକୁ ମଧ ବହୁଳ ଭାବେ ପ୍ରଭାବିତ କରିଛି। ସ୍ୱାସ୍ଥ୍ୟଗତ ବିପତ୍ତିଠାରୁ ଜୀବିକା ହରାଇବା ଯନ୍ତ୍ରଣା ଆହୁରି ବଳିଗଲାଣି। ଏହି ମହାମାରୀ ଆସିବା ପରଠୁ ଅଦ୍ୟାବଧି ବହୁ ଲୋକ ଜୀବିକା ହରାଇ ଦାରିଦ୍ର୍ୟର କରାଳ ଚକ୍ରବ୍ୟୂହ ଭିତରକୁ ଠେଲିହୋଇ ଯାଇଛନ୍ତି। ଆଗାମୀ ଦିନରେ ଏହା ଆହୁରି ଭୟାବହ ରୂପ ଧାରଣ କରିବ ବୋଲି ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ଚେତାବନୀ ଦେଲାଣି। ଏହି ମହାମାରୀ ପ୍ରଭାବରେ ବିଶ୍ୱର ସମୁଦାୟ ୩.୩ ବିଲିୟନ ଶ୍ରମ ଶକ୍ତିରୁ ୧.୬ ବିଲିୟନ ଲୋକ ଜୀବିକା ହରାଇବେ ବୋଲି ଏହି ଆନ୍ତର୍ଜାତିକ ସଂସ୍ଥା ଆକଳନ କରିଛି। ଭାରତରେ କରୋନା ଭୂତାଣୁ ସଂକ୍ରମଣ ପରେ ପ୍ରତି ୧୦ ଜଣରେ ଜଣକୁ ଜୀବିକା ହରାଇବାକୁ ପଡ଼ିବ। ପ୍ରାୟ ୧୩୬ ନିୟୁତ ଲୋକ ନିଯୁକ୍ତି ହରାଇବେ ବୋଲି ସତର୍କ କରାଯାଇଛି। ଏହି ମହାମାରୀର ପ୍ରଭାବ ଓଡ଼ିଶା ଉପରେ ମଧ ଭୟଙ୍କର ଭାବେ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଓଡ଼ିଶାରେ ବେରୋଜଗାରଙ୍କ ସଂଖ୍ୟା ବଢ଼ିବା ସହିତ ଦାରିଦ୍ର୍ୟ ରାଜ୍ୟ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ଏପରି କି ଦାରିଦ୍ର୍ୟ ସୀମାରେଖା ତଳେ(ବିପିଏଲ୍) ନ ଥିବା ମଧ୍ୟବିତ୍ତ ପରିବାର ବୃତ୍ତି ହରାଇ ଦାରିଦ୍ର୍ୟ ବଳୟ ଭିତରକୁ ଚାଲିଯିବା ନେଇ ଅର୍ଥନୀତି ବିଶାରଦ ଅନୁମାନ କରୁଛନ୍ତି।

### ୩.୩୫ କୋଟି ଗରିବଙ୍କ ଲାଗି ବାର୍ଷିକ ଖର୍ଚ୍ଚ ୭୦ ହଜାର କୋଟି



ରାଜ୍ୟରେ ଏବେ ୯୫ ଲକ୍ଷ ପରିବାରର ୩ କୋଟି ୩୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଏହି ଗରିବ ଲୋକଙ୍କୁ ୧ ଟଙ୍କାରେ ଖାଦ୍ୟସାମଗ୍ରୀ ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୭୦ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆସନ୍ତାବର୍ଷ ମଧରେ ରାଜ୍ୟରେ ଏଥିରେ ଆହୁରି ୧୦ ଲକ୍ଷ ପରିବାର ଯୋଡି ହେବା ସମ୍ଭାବନା ସୃଷ୍ଟି ହେଲାଣି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଜୁନ୍ ୧୩ ସୁଦ୍ଧା ରାଜ୍ୟର ୩୦ଟି ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ୯୨,୮୫,୬୭୨ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହି ପରିବାରର ୩,୨୫,୫,୯୦୩ ଗରିବ ଲୋକଙ୍କୁ ମାସିକ ମୁଣ୍ଡପିଛା ୫ କେଜି ହିସାବରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। ଏହି ପରିବାରଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୧ ଟଙ୍କାରେ ମାସକୁ ୧୬୨୯୬୭.୫୬୮୧ ମେଟ୍ରିକ ଟନ ଚାଉଳ ଏବଂ ୨୪୩୪୫.୨୮୬୯ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

" ଭାରତ-ଚାଇନା ଏଲ୍‌ଏସିରେ ସମ୍ପୂର୍ଣ୍ଣ ସ୍ଥିତି ନିୟନ୍ତ୍ରଣରେ ଅଛି। -ଜେନେରାଲ ଏମ୍.ଏମ୍. ନରଓ୍ୱଣେ, ସ୍ଥଳସେନା ମୁଖ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ହିମାଂଶୁ
ପରିବାରବର୍ଗ


ଶ୍ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନଧନ ଟଙ୍କା ପାଇଁ ଖଟିଆରେ ଟଣା ହେଲେ ଶତାୟୁ ମହିଳା



**ନୂଆପଡ଼ା ଅଫିସ,୧୩।୬**

ଜନଧନ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଜଣେ ଶତାୟୁ ମହିଳାଙ୍କୁ ଖଟିଆରେ ଶୁଆଇ ଟାଣି ଟାଣି ବ୍ୟାଙ୍କ ସମ୍ମୁଖକୁ ଅଣାଯିବା ଘଟଣା ଏଠାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ନୂଆପଡା ଜିଲା ଖଡିଆଳ ବ୍ଳକ ବରଗାଁ ରାସ୍ତାରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ଗାଁ ମୁଣ୍ଡରେ ରହିଛି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା । ସେଠାରୁ ମାତ୍ର ୩ଶହ ମିଟର ଦୂରରେ ୧ଶହ ବର୍ଷ ବୟସ୍କ ଲଭେ ହରିଜନଙ୍କ ଘର । କରୋନା ସହାୟତା ପରିପ୍ରେକ୍ଷୀରେ ତାଙ୍କ ଜନଧନ ଆକାଉଣ୍ଟକୁ ୧୫ଶହ ଟଙ୍କା ଆସିଥିଲା । ଏ କଥା ତାଙ୍କ ଝିଅ କୁଇନମତି ଜାଣିବା ପରେ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ଯାଇଥିଲେ । ଏଥିପାଇଁ ସେ ବ୍ୟାଙ୍କ୍‌ର ନିୟମ ଅନୁସାରେ ଆବଶ୍ୟକ ଫର୍ମରେ ମା'ଙ୍କ ଟିପଚିହ୍ନ ଆଣିଥିଲେ । ନିଜେ ସ୍ୱାକ୍ଷର କରି ଟଙ୍କା ଉଠାଇବାକୁ ଚାହିଁ ଥିଲେ । ହେଲେ ବ୍ୟାଙ୍କ ଅଧିକାରୀମାନେ କିଛି କଥା ଶୁଣି ନ ଥିଲେ । ଆକାଉଣ୍ଟଧାରୀ ନ ଆସିଲେ ଟଙ୍କା ଉଠାଣ ହୋଇପାରିବ ନାହିଁ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ । ହେଲେ କୁଇନମତି ମା'ଙ୍କ ବୟସ କହିବା ସହ ସେ ଖଟରୁ ଉଠିବାର ଅବସ୍ଥାରେ ନାହାନ୍ତି ବୋଲି କହିଥିଲେ । ବହୁ କାକୁତିମିନତି ପରେ ୯ତାରିଖରେ ବ୍ୟାଙ୍କ କର୍ମଚାରୀ ତୁମ ଘରକୁ ଯିବେ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ । ୯ ତାରିଖ ସକାଳୁ ବ୍ୟାଙ୍କ କର୍ମଚାରୀଙ୍କୁ ଲଭେ ଓ କୁଇନମତି ଜଗି ରହିଥିଲେ । ହେଲେ କେହି ଆସି ନ ଥିଲେ । ଶେଷରେ ମା' ଶୋଇଥିବା ଖଟିଆକୁ ବହୁ କଷ୍ଟରରେ ଘରୁ ବାହାର କରିଥିଲେ କୁଇନମତି । ରାସ୍ତାରେ ୩ ଶହ ମିଟର ଦୂର ବ୍ୟାଙ୍କ ସମ୍ମୁଖକୁ ଟାଣି ଟାଣି ନେଇଥିଲେ । ଏପରି ପରିସ୍ଥିତିକୁ ସାମ୍ନା କରିବେ ବୋଲି କେବେ ଆଶା କରି ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କୁଇନମତିଙ୍କୁ ତୁରନ୍ତ ଟଙ୍କା ପ୍ରଦାନ କରିଥିଲେ । ଏ ସଂକ୍ରାନ୍ତରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଅଜିତ କୁମାର ପ୍ରଧାନଙ୍କୁ ପଚାରିବାରୁ ସମ୍ପୂର୍ଣ୍ଣ ଘଟଣାକୁ ସେ ସ୍ୱୀକାର କରିଛନ୍ତି, କୁଇନମତିଙ୍କୁ ଆମେ ସମୟ ଦେଇଥିଲୁ ହେଲେ ବ୍ୟସ୍ତତା ଯୋଗୁ ତାଙ୍କ ଘରକୁ ଯାଇ ପାରି ନ ଥିଲୁ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### କରୋନା ବଢ଼ାଇବ ...

ମେଟ୍ରିକ ଟନ ଗହମ ଯୋଗାଇ ଦେଉଛନ୍ତି । ଏ ବାବଦରେ କେନ୍ଦ୍ର ସରକାର ବାର୍ଷିକ ୬୩୭୨.୪୧ କୋଟି ଏବଂ ରାଜ୍ୟ ସରକାର ୪୪୯.୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ଛଡା ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୩,୧୬,୯୩୨ ପରିବାରର ୧୦,୦୮,୨୭୩ ଜଣ ଗରିବ ଲୋକଙ୍କୁ ମାସକୁ ୫୦୪୧.୩୬୫ ମେଟ୍ରିକ ଟନ ଚାଉଳ ୧ ଟଙ୍କାରେ ଯୋଗାଇ ଦେଉଛନ୍ତି । ଏ ବାବଦରେ ରାଜ୍ୟ ସରକାର ବାର୍ଷିକ ୩୯୧.୧୨ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ମୁହଁରେ ଦାନା ଦେବାକୁ ରାଜ୍ୟ ସରକାର ଉଭୟ ଯୋଜନାରେ ବର୍ଷକୁ ୬୩୭.୦୮କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କରୋନା ମହାମାରୀ ପରେ ରାଜ୍ୟରେ ବେକାରି ହାର ବହୁ ମାତ୍ରରେ ବଢିବା ସହ ଦାରିଦ୍ର୍ୟ ସୀମାରେଖା ଉପରେ ଥିବା ବହୁ ପରିବାର ଏହା ତଳକୁ ଖସିଯିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ସମସ୍ତଙ୍କୁ ଖାଦ୍ୟ ଯୋଗାଇ ଦେବା ରାଜ୍ୟ ସରକାରଙ୍କ ପକ୍ଷେ କାଠିକର ପାଠ ହେବ। କରୋନା ମାଡରେ ଦୁର୍ବଳ ହେବାକୁ ଯାଉଥିବା ରାଜକୋଷ ଆଗାମୀ ଦିନରେ ରାଜ୍ୟର ଦାରିଦ୍ର୍ୟକୁ କିପରି ସମ୍ଭାଳିବ ସେ ନେଇ ଏବେଠାରୁ ଚିନ୍ତା ବଢିଲାଣି। ରାଜ୍ୟର ବିକାଶ କଥା ଦୂରେ ଥାଉ ଲୋକମାନଙ୍କୁ ନିଯୁକ୍ତି ଓ ଆହାର ଯୋଗାଇବାରେ ସରକାର ନାକେଦମ୍ ହେବେ ବୋଲି ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି।

### ଇନ୍ଧନ ଦରବୃଦ୍ଧି: ଭାରତରେ ...

ମଧ୍ୟପ୍ରଦେଶ, କେରଳ, ରାଜସ୍ଥାନ, କର୍ନାଟକ ଭଳି ରାଜ୍ୟ ସର୍ବୋଚ୍ଚ ଭାଟ୍ ୩୦% ଲାଗୁ କରୁଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ଭାଟ୍ ଦର ଭିନ୍ନ ଭିନ୍ନ ରହିଛି। ପେଟ୍ରୋଲ ପମ୍ପର ଦୂରତ୍ୱକୁ ନେଇ ଇନ୍ଧନ ଉପରେ ଡିଲର କମିଶନ ଭିନ୍ନ ଭିନ୍ନ ରହିଥାଏ। ଏହା ୨ରୁ ୪ ଟଙ୍କା ମଧ୍ୟରେ ରହିଥାଏ। ଦିଲ୍ଲୀରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଲିଟର ପିଛା ଡିଲର କମିଶନ ଯଥାକ୍ରମେ ୩.୫୭ ଟଙ୍କା ଏବଂ ୨.୫୧ ଟଙ୍କା ରହିଛି। ଉତ୍ପାଦ ଟିକସ ବୃଦ୍ଧି ଫଳରେ ପ୍ରାୟ ୧.୭ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ଲାଗି ସରକାର ଯୋଜନା ରଖିଛନ୍ତି।

ଇନ୍ଧନ ଉପରେ ଟିକସ ହାର ୬୯%ରୁ ୩୦%କୁ ଖସିଲେ ଏହାର ସୁପ୍ରଭାବ ଅର୍ଥ ବ୍ୟବସ୍ଥା ଏବଂ ଖାଉଟିଙ୍କ ଉପରେ ପଡ଼ନ୍ତା। ଏହି ପରିପ୍ରେକ୍ଷୀରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ଏଚ୍‌ପିସିଏଲ୍)ର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି କହିଛନ୍ତି, ଟିକସ ହ୍ରାସ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାର ଚାହିଁବେ ନାହିଁ। ଉଚ୍ଚ ପରିମାଣର ଟିକସ ଲାଗୁହେବା ଯୋଗୁ ଇନ୍ଧନ ମୂଲ୍ୟ ବୃଦ୍ଧି ହେଉଛି। ଏପଟେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇଥିଲେ ମଧ ଇନ୍ଧନ ଦର ବୃଦ୍ଧିପାଉଛି।

ଭୁବନେଶ୍ୱର ନିବାସୀ ଅକ୍ଷୟ ଦାସ କହିଛନ୍ତି, ତେଲ ଦର ଲଗାତର ବୃଦ୍ଧି ହେଉଥିବାରୁ ଖାଉଟି ବର୍ତ୍ତମାନ ପ୍ରଭାବିତ ହେଉଛନ୍ତି। ଦର ବୃଦ୍ଧି ହେଲେ ଯାତ୍ରୀ ଭଡ଼ା ବଢ଼ିଥାଏ। ଫଳରେ ସାଧାରଣ ଲୋକ ପ୍ରତ୍ୟକ୍ଷ ଭାବେ ଏହାଦ୍ୱାରା ପ୍ରଭାବିତ ହୁଅନ୍ତି। ତେଲ ଦର ବୃଦ୍ଧି ହେବାରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ବର୍ତ୍ତମାନ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡିଥିବା ବେଳେ ଦର ବୃଦ୍ଧି ଗ୍ରହଣୀୟ ନୁହେଁ। ସରକାର ତେଲ ଉପରେ ଲାଗୁ ହେଉଥିବା ବିଭିନ୍ନ ଟିକସକୁ କମାଇବା ସହ ଦର ବୃଦ୍ଧି ଉପରେ ଏକ ମାନଦଣ୍ଡ ରଖିବା ଆବଶ୍ୟକ। ଏହାଦ୍ୱାରା ଖାଉଟି ଏବଂ ବଜାର ଉପକୃତ ହୋଇପାରିବ ବୋଲି ଦାସ ମତ ପ୍ରକାଶ କରିଛନ୍ତି ।

ସେହିଭଳି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଂଶୁଭୂଷଣ ମିଶ୍ର କହିଛନ୍ତି, ତେଲ ଦର ବୃଦ୍ଧି ଫଳରେ ନିଜ ପାଖରେ ଯାନ ରଖିଥିବା ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ତୈଳ ଦର ବୃଦ୍ଧି କ୍ଷେତ୍ରରେ ସରକାର ଦାୟୀ ।

ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ପରିଚାଳନା କରୁଥିବା ବିଜୟ ପାତ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ଟିକସ କିମ୍ବା ରାଜ୍ୟ ଭାଟ୍‌ରୁ କିଛି ଅଂଶ ହ୍ରାସ କରାଯାଇ ତୈଳ ଦରକୁ ନିୟନ୍ତ୍ରଣ କରାଯାଇପାରିବ। ଉଭୟ ଗ୍ରାହକ ଓ ଦେଶର ଅର୍ଥ ବ୍ୟବସ୍ଥା ଲାଗି ଏହା ସହାୟକ ହେବ। ରାଜସ୍ୱ ଆଦାୟ ଲକ୍ଷ୍ୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଟିକସ ବଢାଉଛନ୍ତି। ଫଳରେ ଇନ୍ଧନ ଦର ବୃଦ୍ଧି ହେଉଛି। ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ ଖରାପ ସ୍ଥିତି ଦେଇ ଗତି କରୁଛି। ଏପଟେ ଲଗାତର ଦର ବୃଦ୍ଧି ଚିନ୍ତାର କାରଣ ପାଲଟିଛି।

### ନୂଆ ମାନଚିତ୍ରକୁ ନେପାଳ ...

ଜନପ୍ରତିନିଧି ସଭାରେ ଗୃହୀତ ହୋଇଥିବା ବିଲ୍ ନ୍ୟାଶନାଲ ଆସେମ୍ବ୍ଲିରେ ଉପସ୍ଥାପନ କରାଯିବ। ଏହା ଉପରେ କୌଣସି ସଂଶୋଧନ କରିବାକୁ ଥିଲେ ନ୍ୟାଶନାଲ ଆସେମ୍ବ୍ଲି ଏଥିପାଇଁ ୭୨ ଘଣ୍ଟା ସମୟ ଦେବ। ନ୍ୟାଶନାଲ ଆସେମ୍ବ୍ଲିରେ ବିଲ୍ ପାସ୍ ହେବା ପରେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ଲାଗି ପଠାଯିବ। ଏହା ପରେ ବିଲ୍ ଆଇନରେ ପରିଣତ ହେବ। ଗତ ମାସରେ ପ୍ରକାଶିତ ନେପାଳର ନୂଆ ମାନଚିତ୍ରରେ ଉତ୍ତରାଖଣ୍ଡର ଲିପୁଲେଖ ଗିରିପଥ, ଲିମ୍ପିୟାଧୁରା ଏବଂ କାଲାପାନିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଭାରତୀୟ ଅଞ୍ଚଳ ଏବଂ ୧୯୬୨ ଚାଇନା ଯୁଦ୍ଧ ସମୟରୁ ଭାରତୀୟ ସେନା ଏହାକୁ ସୁରକ୍ଷା ଦେଇଆସୁଛି। ନେପାଳ ସରକାର ଏକପାଖିଆ ଭାବେ ମାନଚିତ୍ରରେ କରିଥିବା ପରିବର୍ତ୍ତନକୁ ଭାରତ ଗ୍ରହଣ କରିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଗତ ମାସରେ କହିଥିଲେ। ନେପାଳ ସରକାର ଏଭଳି ଭୁଲ୍ ପଦକ୍ଷେପରୁ ଦୂରେଇ ରହିବା ସହ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦିଅନ୍ତୁ ବୋଲି ଶ୍ରୀବାସ୍ତବ କହିଥିଲେ। ସୂଚନାଯୋଗ୍ୟ, ନେପାଳ ପାର୍ଲାମେଣ୍ଟରେ ନୂଆ ମାନଚିତ୍ର ଉପରେ ଭୋଟଗ୍ରହଣର କିଛି ସମୟ ପୂର୍ବରୁ ଏକ ପାସିଂ ଆଉଟ୍ ପରେଡ୍ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରଓ୍ୱଣେ ଭାରତ ଓ ନେପାଳ ମଧ୍ୟରେ ସମ୍ପର୍କ ସବୁବେଳ ପାଇଁ ମଜଭୁତ ରହିଆସିଛି ଓ ଭବିଷ୍ୟତରେ ରହିବ ବୋଲି କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରକୃତିବଶତଃ ମନର ଅସନ୍ତୋଷକୁ କଠୋର ବାକ୍ୟରେ ପ୍ରକାଶ କରିପାରନ୍ତି । ବହୁତଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ କିଛି ବିଫଳତାରୁ ଚିନ୍ତିତ ରହିପାରନ୍ତି । ଅଫିସିଆଲି କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ ହେବେ । ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ ।

**ବୃଷ** ପରିବାର ସଦସ୍ୟ, ପାଖପଡୋଶୀ କିମ୍ବା ସହକର୍ମୀଙ୍କ ସହ ଏହା ଘଟିବାର ଆଶଙ୍କା ରହିଛି । ଅତୀତରୁ ରହିଆସିଥିବା ରୋଗପୀଡା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢାଇବ । ଅବଶ୍ୟ କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ ।

**ମିଥୁନ** ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ । କୌଣସି ଅଭାବ ନ ଥିଲେ ମଧ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମନକୁ ବିଚଳିତ କରିବ । ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ନ ହୋଇ ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ ହେବ।

**କର୍କଟ** ଲାଭସ୍ଥାନରେ ଶୁକ୍ରଥିବାରୁ ଭୋଗବିଳାସ ସଙ୍ଗକୁ ଷ୍ଟେସନେରୀ ଜିନିଷ, ନୂତନ ବସ୍ତ୍ର ଅଳଙ୍କାର ପ୍ରାପ୍ତି ହୋଇପାରେ । ଯାନ୍ତ୍ରିକ ଜିନିଷ କିମ୍ବା ଗାଡି ମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ । ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ।

**ସିଂହ** ଧନାଧିପତି ପାପଗ୍ରହ ଯୁକ୍ତ ହୋଇଥିବାରୁ ଆର୍ଥିକ ଅନଟନ ଓ ପାରିବାରିକ ଦୁଶ୍ଚିନ୍ତା କେତେ ମାତ୍ରାରେ ମାନସିକ ଅଶାନ୍ତି ସୃଷ୍ଟି କରିବ । ଆପଣଙ୍କ ଖର୍ଚ୍ଚ ପରିମାଣ ବଢିଯିବା ସଙ୍ଗକୁ ମନରେ ଆଶଙ୍କା ଓ ଅସ୍ଥିରତା ଲାଗି ରହିବ । ଅବଶ୍ୟ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ ।

**କନ୍ୟା** ଆଜି ଚତୁର୍ଥସ୍ଥ କେତୁ ଯୋଗୁ ମନ ସ୍ଥିର ରହିବ ନାହିଁ, ସାଧାରଣ କଥାରେ ମଧ ବିରକ୍ତି ଅନୁଭବ କରିବେ । ଆପଣ ଗୋଟିଏ ସ୍ଥାନରେ ଜିନିଷ କିମ୍ବା କାଗଜପତ୍ର ପ୍ରଭୃତି ରଖିଦେଇ ବିସ୍ମରଣ କାରଣରୁ ବ୍ୟସ୍ତ ହେବେ । ପୁଣି ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷଯାତ୍ରା, ପ୍ରତିଯୋଗିତା, ପରିବାର ଓ କର୍ମକ୍ଷେତ୍ର ସକାଶେ ମନ୍ଦ ହେବନି । ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ । ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ । ଅଭାବ ନ ଥିଲେ କେତେକ ସମସ୍ୟା ହେତୁ ବିଶାଖା ନକ୍ଷତ୍ର ଚିନ୍ତିତ ରହିବେ ।

**ବିଛା** ଆର୍ଥିକ ଅଭିବୃଦ୍ଧି ଓ ସମ୍ମାନ, ପ୍ରତିଷ୍ଠା ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ । ତଥାପି ତରବରିଆ ଭାବରେ କୌଣସି କାମ ନ କରି ଆଜି ଆପଣ ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ କରନ୍ତୁ । ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ । ବୈଷୟିକ ସୁଖ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ ।

**ଧନୁ** ରାଶିରେ କେତୁ ହେତୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ ଏବଂ ଟିକିଏ ଟିକିଏ କଥାରେ ରାଗିବେ । ବହୁତ ପରିଶ୍ରମ ପରେ ଆଜି ହଠାତ୍ ଆପଣ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି । ଯାହା ଭାବୁଛନ୍ତି ଶୀଘ୍ର କରନ୍ତୁ ପୁଣି ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇବେ ।

**ମକର** ଆପଣଙ୍କର ସହଜରେ କାମ ହାସଲ ହେବା କଷ୍ଟକର ହେବ । ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାରର ଝମେଲା ହେତୁ ବ୍ୟସ୍ତ ରହିବେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ ।

**କୁମ୍ଭ** ଦ୍ୱାଦଶସ୍ଥ ରାଶ୍ୟାଧିପତି ଯୋଗୁଁ ବିଶେଷ କ୍ଷତି ନ ହେଲେ ମଧ ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ । ଘର କଥା ମନକୁ ବାରମ୍ବାର ଆଲୋଡିତ କରିବ । ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ବିବଦମାନ ପରିସ୍ଥିତିର ସାମନା କରିବାକୁ ପଡିପାରେ ।

**ମୀନ** ଚନ୍ଦ୍ର ରାଶିରେ ଥିବାରୁ ପାରିବାରିକ ସ୍ଥିରତା ସଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ । ଆପଣ ମନ କଥା କାହାକୁ କହିପାରିବେ ନାହିଁ କିମ୍ବା ସମାଧାନର ରାସ୍ତା ମଧ ଖୋଜି ପାଇବା କଷ୍ଟକର ହୋଇପଡିବ । ଆଜି ହଠାତ୍ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ ।

ଆଜି ପହିଲିରଜ, ଆଷାଢ଼ କୃଷ୍ଣ ନବମୀ ରବିବାର, ମାସାନ୍ତ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଧନୁ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ୦୬.୫୬ମି.ଗତେ ଘ.୦୯.୩୫ମି. ମଧ୍ୟେ, ଘ.୧୨.୧୩ମି. ଗତେ ଘ.୦୨.୫୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୨ମି. ଗତେ ଘ.୦୭.୪୯ମି. ମଧ୍ୟେ, ଘ.୧୦.୪୨ମି. ଗତେ ଘ.୧୨.୫୧ମି.ମଧ୍ୟେ ଅମୃତବେଳା । ଅପରାହ୍ନ ଘ.୦୪.୩୭ମି. ଗତେ ଘ.୦୫.୨୯ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ. ୦୪.୪୩ମି. ଗତେ ଘ.୦୬.୨୨ମି. ମଧ୍ୟେ ରାହୁକାଳ ।

# ବିନା ଭକ୍ତରେ ହେଉ ରଥଯାତ୍ରା: ରଘୁନାଥ

**ପୁରୀ ଅଫିସ,୧୩।୬**

ମହାମାରୀ କରୋନା ପାଇଁ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନକୁ ନେଇ ଆଶା ଆଶଙ୍କା ବଢ଼ିବାରେ ଲାଗିଛି। ଏଥର ବଡ଼ଦାଣ୍ଡରେ କାଳିଆ ସାଆନ୍ତଙ୍କ ରଥ ଗଡ଼ିବ ନା ନାହିଁ ତା'କୁ ନେଇ କୋଟି କୋଟି ଜଗନ୍ନାଥପ୍ରେମୀ ଦ୍ୱନ୍ଦ୍ୱରେ ଅଛନ୍ତି। ଆସନ୍ତା ୨୩ ତାରିଖରେ ରଥଯାତ୍ରା। ଆଉ ମାତ୍ର ୯ଦିନ ଥିବାବେଳେ ଏପର୍ଯ୍ୟନ୍ତ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ କିଛି ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ପ୍ରସ୍ତୁତି ଚଳାଇଛି। ପୁଣି ବିଭିନ୍ନ ନିଯୋଗ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ଚାଲିଛି। ତେବେ ଏସବୁ ଭିତରେ ରଥଯାତ୍ରାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର। ବିନା ଭକ୍ତରେ ରଥଯାତ୍ରା ହେଉ ବୋଲି ସେ କହିଛନ୍ତି।

ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ରଘୁନାଥ କହିଛନ୍ତି, ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଏବଂ ରଥଯାତ୍ରା ହେବା ଆବଶ୍ୟକ। ପୁରୀ ସହରକୁ ଚାରିପଟୁ ସିଲ୍ କରି ବିନା ଭକ୍ତରେ ରଥଯାତ୍ରା ହେଉ। ପୋଲିସ ଏବଂ ସେବାୟତ ରଥ ଟାଣନ୍ତୁ। ପୁରୀବାସୀଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁ ଘରେ ବସି ଟିଭିରେ ରଥଯାତ୍ରା ଦେଖନ୍ତୁ। ଯଦି କରୋନାକୁ ନେଇ ପରିସ୍ଥିତି ଅଧିକ ଖରାପ ହୁଏ ତେବେ ରଥଯାତ୍ରା ନ ହେଲେ କିଛି ଅସୁବିଧା ନାହିଁ। ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ପାତାଳି ସମୟରେ ରଥଯାତ୍ରା ହୋଇ ନ ଥିଲା ବୋଲି କହିଛନ୍ତି ରଘୁନାଥ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିସ କହିବି ବନ୍ଧୁର ଗୁଣ
ତତଲା ଭାତରେ ଦେଉଛି ଲୁଣ ।**

ବନ୍ଧୁ ଚର୍ଚ୍ଚାକରିବା ପାଇଁ କୁତ୍ସିତ ମନୋବୃତ୍ତି ଥିବା ବ୍ୟକ୍ତି ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି । ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାନେଇ ଅନିଚ୍ଛା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋରଡ଼େ ବୋବାଏ ବଣି
କେଣେ ଛାଡ଼ିଗଲେ ମୋ କୁଳମଣି
ହୃଦୟ ହେଉଛି ହାଣି ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ମନରୁ ସବୁ ସୋହାଗ ସରାଗ ମରିଯାଇଥାଏ । ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତା ରମଣୀ ବିରହଜନିତ ଦୁଃଖରେ ଭାଙ୍ଗି ପଡିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



# classifieds Everyday 0674-2580101, 2549302



MATRIMONIAL

**BRIDE WANTED**

Candidate is a business man(Import and Export) settled in Africa,Height-5'9",Caste-Oriya Brahmin, Looking for a beautiful unmarried oriya Brahmin bride preferred, height 5'3", to 5'7",qualification should be B.com or B.Sc or MBA, Graduate .Interested and serious candidate can contact Mob- +91 9867526974 / +233 559469928 (Whatsapp only). D- 17483

ଗୁଡ଼ିଆ Bank Manager widower 41 ବୟସ୍କ ପୁଅଙ୍କର any caste ଝିଅ ଦରକାର। 7008080967. D-67942

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D-68245

**GROOM WANTED**

ସରକାରୀ ଚାକିରିଆ 40 ବୟସ୍କା ଅବିବାହିତା ବଣିଆ ଝିଅଙ୍କର any caste ପୁଅ ଦରକାର। 7381460017. D-67941

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି ? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68244

real estate

**SALE**

URGENT SALE: DLF Cybercity, Patia. Commercial Property 1.3CR. Call/Whatsapp: 7008560412. D-17485

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft.** କୁ **sqft-1400** ରେ ବିକ୍ରିହେବ। **7991052183.** D-69121

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner-9090963952.** D-69112

Gharabari Sthitiban Plot available at Hanspal (Balianta). Call- 9937816565, 9937568585. D-17456

**Bhubaneswar** ଏୟାରପୋର୍ଟରୁ **7km** ଦୂରରେ ଘରକରିବା ପ୍ଲଟ୍ **14,00,000/, investment plot 2,88,000/-, Prianka. 8249680401.** D-69119

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

Running Ladies Hostel at Unit-9, Bhubaneswar. Contact No. 9437057789. D-68082

3BHK flat ready to move at Metro Mansion Ravi talkies square Contact-9437033384. D-69122

packers & movers

Leo Packers & Movers India's No.1 Packers, since -1975 Households, Car, Office, Shifting, Local /Countrywide, 9438133699, 9439339938. D-17473

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Refreshments Bhubaneswar, experienced professional Gents, Ladies massage, 9123319079, 9853999966, homeservices9853999966@gmail.com. D-17345

New open herbal full body massage only Gents therapist. 7681088658. D-17370

Ayurvedic full body massage Ladies and Gents. Contact-9861064981. D-65913

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଏନ୍‌ଜିଓ, ସୋସାଇଟି ଉପରେ ଅଙ୍କୁଶ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ବା ସମବାୟ ପଞ୍ଜୀକରଣ ଆଇନ-୧୮୬୦ରେ ସଂଶୋଧନ ଲାଗି ମେ' ୨୯ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। ରାଜସ୍ୱ ବିଭାଗ ଅଧୀନରେ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଦ୍ୱାରା ସମବାୟ ନିବନ୍ଧନର ନବୀକରଣ, କାର୍ଯ୍ୟାବଳୀ ତଥ୍ୟ, ଆୟ ଓ ବ୍ୟୟର ସମୀକ୍ଷା, ପଞ୍ଜୀକରଣ/ନବୀକରଣ ଦେୟ ଓ ସମବାୟ ସମ୍ବନ୍ଧିତ ସମସ୍ତ ମକଦ୍ଦମାର ସମାଧାନ ଜିଲାସ୍ତରରେ କରିବା ପାଇଁ ଏହି ସଂଶୋଧନ ପ୍ରସ୍ତାବରେ ଉଲ୍ଲେଖ ରହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ପୂର୍ବରୁ ସୋସାଇଟି ବା ଏନ୍‌ଜିଓଙ୍କ ପାଇଁ ଗୋଟିଏଥର ପଞ୍ଜୀକରଣ କରିବାପରେ ପୁନର୍ବାର ପଞ୍ଜୀକରଣର ଆବଶ୍ୟକତା ନଥିଲା। ହେଲେ ଏବେ ପ୍ରତି ୫ବର୍ଷରେ ଥରେ ନିବନ୍ଧନର ନବୀକରଣ କରିବାକୁ ପଡ଼ିବ। ଏଥିରେ ବିଫଳ ହେଲେ ସମ୍ପୃକ୍ତ ସୋସାଇଟିକୁ ଅଣପଞ୍ଜୀକୃତ ସୋସାଇଟିଭାବେ ଘୋଷଣା କରାଯିବ। କେବଳ ବେସରକାରୀ ସଂସ୍ଥା ଏବଂ ଏନ୍‌ଜିଓ କ୍ଷେତ୍ରରେ ଏହା ଲାଗୁ ହେବାକୁ ଥିବାବେଳେ ସେମାନେ ଆୟ ଓ ବ୍ୟୟର ବିସ୍ତୃତ ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟ ଗତ ୯ ତାରିଖରେ ପ୍ରବାସୀ ଶ୍ରମିକଙ୍କ ମାମଲାର ଶୁଣାଣି କରି ସାମାଜିକ ଅନୁଷ୍ଠାନଗୁଡ଼ିକୁ ବିଭିନ୍ନ ସେବାକାର୍ଯ୍ୟ ଲାଗି ପ୍ରଶଂସା କରିଥିଲେ। କୋଭିଡ୍ ସମୟରେ ଯେଉଁ କାର୍ଯ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାର କରିପାରୁନାହାନ୍ତି ତାହା ସାମାଜିକ ଅନୁଷ୍ଠାନଗୁଡ଼ିକ କରିଦେଖାଇଛନ୍ତି ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ମାତ୍ର ଏଭଳି ଏକ ସଂକଟ ସମୟରେ କାହା ସ୍ୱାର୍ଥପାଇଁ ରାଜ୍ୟ ସରକାର ଏହି ପରିବର୍ତ୍ତନ ଆଣୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନହୋଇ ଉଭାହୋଇଛି।

ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟରେ ସଂଶୋଧନ ଦ୍ୱାରା ପଞ୍ଜୀକରଣ ଓ ନବୀକରଣରେ କେବଳ ସୋସାଇଟିଗୁଡ଼ିକର ସମୟ କି ଅର୍ଥ ବରବାଦ ହେବନି, ଏହାଦ୍ୱାରା ରାଜ୍ୟ ସରକାରଙ୍କର ସମୟ, ମାନବସମ୍ବଳ, ଅର୍ଥ ମଧ୍ୟ ନଷ୍ଟ ହେବ। ଆଗରୁ ଏକ ଏନ୍‌ଜିଓର ପଞ୍ଜୀକରଣ ପାଇଁ ୬ମାସ ଧରି ସରକାରୀ ଦପ୍ତର ଦୌଡ଼ିବାକୁ ପଡୁଥିଲା। ଏହାପରେ ବି ଅଧିକାଂଶ ସମୟରେ ପଞ୍ଜୀକରଣ ହୋଇପାରୁ ନଥିଲା। ଏବେ ୫ବର୍ଷରେ ଥରେ ପଞ୍ଜୀକରଣ ଦ୍ୱାରା ଉଭୟ ସଂସ୍ଥା ଓ ସରକାରୀ କଳର ସମୟ ଅପଚୟ ହେବ। ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ଡିଆର୍‌ଡିଏ, ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି (ଆଇଟିଡିଏସ୍), ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି, ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ଭଳି ଏକାଧିକ ସରକାରୀ ଅନୁଷ୍ଠାନ ମଧ୍ୟ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟରେ ପଞ୍ଜୀକୃତ ହେଉଛନ୍ତି। ଏମାନଙ୍କ କ୍ଷେତ୍ରରେ ଏହି ସଂଶୋଧନ ଲାଗୁ ହେବନାହିଁ।

ଅନ୍ୟପକ୍ଷରେ ରିନ୍ୟୁଆଲ ହେବା ସମୟରେ ଯଦି କୌଣସି ବିବାଦ ଦେଖାଦିଏ ତା'ହେଲେ ସମ୍ପୃକ୍ତ ମାମଲା ସିଭିଲ କୋର୍ଟକୁ ଯିବ। ମାମଲାର ବିଚାର ହେବାକୁ କେତେବର୍ଷ ଲାଗିବ ତାହା ସ୍ପଷ୍ଟ କରାଯାଇନାହିଁ। ଆଶଙ୍କା ହେଉଛି ଯେ ଏହି ସମୟ ମଧ୍ୟରେ ସାମାଜିକ ଅନୁଷ୍ଠାନଟି ବନ୍ଦ ହୋଇଯାଇପାରେ। ସେହିଭଳି ଅନ୍ତର୍ଜାତୀୟସ୍ତରରୁ ଅନୁଦାନ ପାଉଥିବା ଏନ୍‌ଜିଓମାନେ ବୈଦେଶିକ ଅନୁଦାନ ଆଇନ-୨୦୧୦ ଅନୁଯାୟୀ ଅନ୍‌ଲାଇନରେ ପ୍ରତିବର୍ଷ ସେମାନଙ୍କ ଆୟବ୍ୟୟର ତଥ୍ୟ ପ୍ରଦାନ କରିଥାନ୍ତି। ମାତ୍ର ଏବେ ରାଜ୍ୟ ସରକାରଙ୍କୁ ଏନ୍‌ଜିଓମାନେ କେତେ ଅର୍ଥ ପାଇଲେ, କେତେ ଖର୍ଚ୍ଚ କଲେ ତାହାର ହିସାବ ଦେବାକୁ ପଡ଼ିବ। ଗ୍ରାଣ୍ଟ-ଇନ୍-ଏଡ୍ ମାଧ୍ୟମରେ ସରକାର ଦେଉଥିବା ଅର୍ଥର ଅଡିଟ୍ ହେଉଥିଲେ ମଧ୍ୟ ପୁଣିଥରେ କ'ଣ ପାଇଁ ଅଡିଟ୍‌ର ଆବଶ୍ୟକତା ରହିଛି ବୋଲି ପୂର୍ବତନ ସୂଚନା କମିଶନର ତଥା ସାମାଜିକ କର୍ମୀ ଜଗଦାନନ୍ଦ ପ୍ରଶ୍ନ କରିଛନ୍ତି। ଏନେଇ ଭୁବନେଶ୍ୱର ବାସିନ୍ଦା ଅଶୋକ ବରାଳ କହିଛନ୍ତି, ସବୁ ସଂସ୍ଥାର ଅଡିଟ୍ ହୁଏ। ରେଷ୍ଟୁରାଣ୍ଟ, ବାର୍, ଘରୋଇ କମ୍ପାନୀର ବର୍ଷକୁ ଥରେ ଅଡିଟ୍ କରାଯାଏ। ସୋସାଇଟି, ଏନ୍‌ଜିଓର ଅଡିଟ୍ କରିବା ସ୍ୱାଗତଯୋଗ୍ୟ। କଟକ ବାସିନ୍ଦା ନିର୍ମଳ ମହାପାତ୍ର ଏ ସମ୍ପର୍କରେ କହିଛନ୍ତି, ଉନ୍ନତ ସମାଜରେ ଏନ୍‌ଜିଓମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନଙ୍କୁ ସରକାରୀ ଚକ୍ରବ୍ୟୂହରେ ପକାଇଲେ ତାହା କ୍ଷତିକାରକ ହେବ। ସ୍କୁଲ୍, କଲେଜରେ ପିଲାଙ୍କର ରି-ଆଡ୍‌ମିଶନ କରିବାକୁ ପଡ଼ିଥାଏ। ଏହି ପରିପ୍ରେକ୍ଷୀରେ ଦେଖିଲେ ଏନ୍‌ଜିଓ ଉପରେ ସରକାରୀ ନଜର ରହିବା ଉଚିତ ବୋଲି ସଂଯୁକ୍ତା ମହାପାତ୍ର କହିଛନ୍ତି।

ଏନେଇ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ଯେଉଁ ସୋସାଇଟିଗୁଡ଼ିକ ପଞ୍ଜୀକରଣ କରୁଥିଲେ, ସେମାନେ କ'ଣ କରୁଥିଲେ ତାହା କାହାକୁ ଜଣାନଥିଲା। ଅଡିଟ୍ କରୁ ନଥିଲେ। ଅନୁଷ୍ଠାନ ଅଛି କି ନାହିଁ ତାହା ମଧ୍ୟ ଜଣା ନଥିଲା। ବହୁ ସୋସାଇଟିର କେବଳ କାଗଜକଲମରେ ନାମ ଥିଲା। ତେଣୁ ରିନ୍ୟୁଆଲ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ସରକାରୀ ଓ ବୈଦେଶିକ ଅନୁଦାନ ଏହାଦ୍ୱାରା ପ୍ରଭାବିତ ହେବନାହିଁ। ଆପ୍ଲିକେଶନ ଦେଲେ ଆପେଆପେ ରିନ୍ୟୁଆଲ ହୋଇଯିବ। ଏଥିପାଇଁ ଦୌଡ଼ିବାକୁ ପଡ଼ିବନାହିଁ ବୋଲି ସେ କହିଛନ୍ତି।

## ଓଡ଼ିଶାରେ ୨ ହଜାର କୋଟି ନିବେଶ କରିବ ଆର୍ସେଲର ମିତ୍ତଲ




### ମୁଖ୍ୟମନ୍ତ୍ରୀଙ୍କ ସହ ମିତ୍ତଲଙ୍କ ଭିଡିଓ କନ୍‌ଫରେନ୍ସରେ ଆଲୋଚନା

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଆର୍ସେଲର ମିତ୍ତଲ ଓ ନିପନ ଷ୍ଟିଲ୍ ଓଡ଼ିଶାରେ ୨ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବେ। ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା ବେଳେ ଲଣ୍ଡନରୁ ଆର୍ସେଲର ମିତ୍ତଲ ଗ୍ରୁପ୍‌ର ଅଧ୍ୟକ୍ଷ ଲକ୍ଷ୍ମୀନିବାସ ମିତ୍ତଲ ଏହି ସୂଚନା ଦେଇଛନ୍ତି। ମିତ୍ତଲ ଓ ନିପନ ଷ୍ଟିଲ୍ ଦ୍ୱାରା ପରିଚାଳିତ ପାରାଦୀପସ୍ଥିତ ପେଲେଟ ପ୍ଲାଣ୍ଟର କ୍ଷମତା ବାର୍ଷିକ ୬ ନିୟୁତ ଟନ୍‌ରୁ ୧୨ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବା ବେଳେ କେନ୍ଦୁଝରର ଡାବୁନି ବେନିଫିକେଶନ ପ୍ଲାଣ୍ଟ କ୍ଷମତା ୫ ନିୟୁତ ଟନ୍‌ରୁ ୧୬ ନିୟୁତ ଟନ୍‌କୁ ସମ୍ପ୍ରସାରିତ କରାଯିବ। ଏହି ସବୁ ପ୍ରକଳ୍ପ ବାବଦରେ ପ୍ରଥମ ପର୍ଯ୍ୟାୟରେ ଉଭୟ ମିତ୍ତଲ ଓ ନିପନ ଷ୍ଟିଲ୍ ୨ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବେ।

ରାଜ୍ୟ ସରକାର ଯେପରି ଦକ୍ଷତାର ସହ କୋଭିଡ୍-୧୯ ମୁକାବିଲା କରୁଛନ୍ତି ସେଥିପାଇଁ ମିତ୍ତଲ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ମହାମାରୀ ଯୋଗୁ ସମଗ୍ର ବିଶ୍ୱର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ଓଡ଼ିଶା ସରକାର ଶିଳ୍ପ ଜଗତକୁ ସହଯୋଗର ହାତ ବଢାଇଛନ୍ତି। ଏଥିପାଇଁ ମିତ୍ତଲ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ କମ୍ପାନୀ ପକ୍ଷରୁ ନିଲାମରେ ନିଆଯାଇଥିବା ୨ଟି ଖଣି ସାଗାସାହି ଓ ଠାକୁରାଣୀ ଖଣିର ଲିଜ୍ ଯେପରି ସ୍ୱଚ୍ଛତାର ସହ ସମ୍ପାଦିତ ହେଲା ତାହା ବିଶ୍ୱସ୍ତରରେ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି ବୋଲି ମିତ୍ତଲ କହିଛନ୍ତି। ୨୦୧୯ ଡିସେମ୍ବରରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଏସ୍ଆର୍ ଷ୍ଟିଲ୍‌କୁ ଅଧିଗ୍ରହଣ କରିଛନ୍ତି। ଏହାଦ୍ୱାରା ଭାରତରେ ୭ ବିଲିୟନ ଆମେରିକୀୟ ଡଲାର ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବିନିଯୋଗ ହୋଇଛି, ଯାହାକି ଭାରତରେ ଅନ୍ୟତମ ବୃହତ୍ତମ ବିଦେଶୀ ପୁଞ୍ଜି ବିନିଯୋଗ ବୋଲି ମିତ୍ତଲ କହିଛନ୍ତି। ମିତ୍ତଲ ଓ ନିପନ ଷ୍ଟିଲ୍ ପାରାଦୀପରେ ପେଲେଟ ପ୍ଲାଣ୍ଟ, କେନ୍ଦୁଝରର ଡାବୁନିରେ ବେନିଫିକେଶନ ପ୍ଲାଣ୍ଟ ସହିତ ସାଗାସାହି ଓ ଠାକୁରାଣୀ ଖଣି ପରିଚାଳନା କରୁଛନ୍ତି।

ଓଡ଼ିଶାରେ ଉତ୍ପାଦିତ ଖଣିଜ ଦ୍ରବ୍ୟକୁ ଓଡ଼ିଶାରେ ହିଁ ମୂଲ୍ୟଯୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମିତ୍ତଲଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବା ସହିତ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସବୁ ଜିଲାକୁ ଛୁଇଁଲା ମୌସୁମୀ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ):** ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶନିବାର ରାଜ୍ୟର ସମସ୍ତ ଜିଲାକୁ ଛୁଇଁଛି। ଏ ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ଉତ୍ତର ଆନ୍ଧ୍ର ଉପକୂଳ ଏବଂ ଉପକୂଳ ଓଡ଼ିଶାରେ ରହିଛି। ଏଥିସହିତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ସମୁଦ୍ର ପତ୍ତନର ୭.୬ କି.ମି. ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଭାଗରେ ବର୍ଷା ହୋଇପାରେ। ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୌସୁମୀ ଯୋଗୁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଗତ ୪୮ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୮.୭ ମିଲିମିଟର, କଟକ ୪୯, ଭୁବନେଶ୍ୱର ୨୦, ଅନୁଗୋଳ ୧୨.୪, ଝାରସୁଗୁଡ଼ା ୩୪, କେନ୍ଦୁଝର ୨୭, ସମ୍ବଲପୁର ୪୪, ତାଳଚେର ୧୪, କୋରାପୁଟ ୨୨.୪, ଟିଟିଲାଗଡ଼ ୨୧, ମାଲକାନଗିରି ୬୫.୭, ସୋନପୁର ୩୭.୪, ଦାରିଙ୍ଗବାଡି ୧୭ ଏବଂ ପାରଳାଖେମୁଣ୍ଡିରେ ୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ପୋଖରୀରେ ବୁଡ଼ି ୪ ମାସର ଛୁଆ ହାତୀ ମୃତ

**କୁଆଁରମୁଣ୍ଡା/ସୁନ୍ଦରଗଡ଼, ୧୩।୬(ଡି.ଏନ୍.ଏ.)**



ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ସାନଡୋଲାକୁଦର ଜଙ୍ଗଲରେ ଥିବା ପୋଖରୀରେ ବୁଡ଼ି ଏକ ମାଈ ଛୁଆ ହାତୀ (୪ମାସ)ର ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ମୃତ ଛୁଆହାତୀକୁ ବନ କର୍ମଚାରୀମାନେ ଉଦ୍ଧାର କରିବା ପରେ କଲୁଙ୍ଗା ପ୍ରାଣୀ ଚିକିତ୍ସକମାନେ ବ୍ୟବଚ୍ଛେଦ କରିଛନ୍ତି। ଏହି ଘଟଣାରେ ରାଉରକେଲା ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ବଲଣ୍ଡା ଫରେଷ୍ଟ ଗାର୍ଡ ସଂଘମିତ୍ରା ମହନ୍ତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହାସହିତ କୁଆଁରମୁଣ୍ଡା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମନୋଜ ଟିଗା ଓ କଲୁଙ୍ଗା ଫରେଷ୍ଟର ବିନୀତା ବରୁଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗୁରୁବାର ରାତି ପ୍ରାୟ ୯ଟା ସମୟରେ ରଡୁକପେଡ଼ି ସଂରକ୍ଷିତ ଜଙ୍ଗଲର ସାନଡୋଲାକୁଦରେ ଥିବା ବନ ବିଭାଗ ନର୍ସରୀ ନିକଟସ୍ଥ ପୋଖରୀକୁ ୭ ହାତୀ ଥିବା ପଲ ପାଣି ପିଇବା ପାଇଁ ଆସିଥିଲେ। ଉକ୍ତ ପଲରେ ଥିବା ଛୁଆହାତୀଟି ପୋଖରୀରୁ ପାଣି ପିଇବା ପରେ ଆଉ ଉପରକୁ ଉଠି ପାରି ନ ଥିଲା।

## ଦରମା ନ ପାଇ ନୀଳାଚଳ କର୍ମଚାରୀଙ୍କ ଆତ୍ମହତ୍ୟା

**କଳିଙ୍ଗନଗର, ୧୩।୬(ଡି.ଏନ୍.ଏ.):** ଦୁଇଦିନ ତଳେ କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍) ଶ୍ରମିକ ଟୁନା ହେମ୍ବ୍ରମ ଦରମା ନ ପାଇ ଚିକିତ୍ସା ଅଭାବରୁ ରୋଗଶଯ୍ୟାରେ ପ୍ରାଣ ହରାଇଥିଲେ। ଶୁକ୍ରବାର ସକାଳେ ଏନ୍‌ଆଇଏନ୍‌ଏଲ ସିଣ୍ଟର ପ୍ଲାଣ୍ଟର କର୍ମଚାରୀ ସାରଙ୍ଗପୁର ଗ୍ରାମର କିଶୋର ଜେନା(୨୫) ଦରମା ନ ପାଇ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ନୀଳାଚଳ ବାସଚ୍ୟୁତ କମିଟିର ସମ୍ପାଦକ ବାବୁଲି ପୂର୍ତ୍ତି ଏହି ମର୍ମରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କରୋନା ପାଇଁ କାରଖାନାଗୁଡ଼ିକରେ କୌଣସି ଶ୍ରମିକ ଓ କର୍ମଚାରୀମାନଙ୍କୁ ବାହାର ନ କରିବା ଓ ନିୟମିତ ଦରମା ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ଏନ୍‌ଆଇଏନ୍‌ଏଲ ଏହାକୁ ଅବମାନନା କରିଛି। ଏହା ଫଳରେ କର୍ମଚାରୀ ଜେନା ଅସହାୟ ହୋଇ ଆତ୍ମହତ୍ୟା କରିଛନ୍ତି। ନୀଳାଚଳ କର୍ମଚାରୀ ଓ ଶ୍ରମିକଙ୍କ ଆନ୍ଦୋଳନ ସତ୍ତ୍ୱେ ୪ ମାସ ହେବ ଦରମା ମିଳିନାହିଁ। ଅଭାବ ଅନଟନରେ ମାନସିକ ଭାରସାମ୍ୟ ହରାଇ ଜେନା ଆତ୍ମହତ୍ୟା କରିଛନ୍ତି। ଏଥିପାଇଁ ଏନ୍‌ଆଇଏନ୍‌ଏଲ କର୍ତ୍ତୃପକ୍ଷ ଦାୟୀ। ତେଣୁ ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେତା ପୂର୍ତ୍ତି ଦାବି କରିଛନ୍ତି।

# 'ଆରମ୍ଭ ହୋଇସାରିଛି ଗୋଷ୍ଠୀ ସଂକ୍ରମଣ'

## ସରକାର ସତ ମାନୁନାହାନ୍ତି: ବିଶେଷଜ୍ଞ

**ନୂଆଦିଲ୍ଲୀ, ୧୩।୬(ପି.ଟି./ସ୍ୱ.ପ୍ର.)**

ଭାରତରେ କରୋନା ସଂକ୍ରମଣ ସମ୍ପ୍ରତି କାୟା ମେଲିଚାଲିଛି। ପ୍ରତିଦିନ ୧୦ ହଜାରରୁ ଊର୍ଦ୍ଧ୍ୱ ନୂଆ ସଂକ୍ରମଣ ମାମଲା ଚିହ୍ନଟ ହେଉଛି। କିନ୍ତୁ ଦେଶରେ ଗୋଷ୍ଠୀ ସଂକ୍ରମଣ(କମ୍ୟୁନିଟି ଟ୍ରାନ୍ସମିଶନ) ପର୍ଯ୍ୟାୟ ଆରମ୍ଭ ହୋଇଥିବା କଥାକୁ ସରକାର ମାନିବାକୁ ପ୍ରସ୍ତୁତ ନୁହନ୍ତି। ବିଶେଷଜ୍ଞମାନଙ୍କ ଅନୁଯାୟୀ, ଦେଶର ଅନେକ ସ୍ଥାନରେ ଆରମ୍ଭ ହୋଇସାରିଲାଣି ଗୋଷ୍ଠୀ ସଂକ୍ରମଣ। ଏହି ସତ୍ୟକୁ ଗ୍ରହଣ ନ କରିବାକୁ ସରକାର ଜିଦ୍‌ଖୋର ମନୋଭାବ ପୋଷଣ କରୁଛନ୍ତି। ସରକାର ସତ୍ୟକୁ ସ୍ୱୀକାର କଲେ ଲୋକମାନେ ଅସାବଧାନତାରୁ ରକ୍ଷା ପାଇପାରିବେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର)ର ସେରୋ-ସର୍ଭେ ରିପୋର୍ଟକୁ ଆଧାରରେ ଭିନ୍ନ ଗଣିତ ସାମ୍ନାକୁ ଆସିଛି। ତଦନୁଯାୟୀ ଭାରତରେ ଏବେ ପ୍ରାୟ ୧୫ କୋଟି ଲୋକ କରୋନାରେ ସଂକ୍ରମିତ ହୋଇଥିବାବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଆଖିବୁଜିଲେଣି। ଏହା ଯଦି ସତ୍ୟ ହୁଏ ତା'ହେଲେ ସ୍ଥିତି ଅତି ଭୟାବହ।

ୱାର୍ଲ୍ଡଓମିଟର୍ସ.ଇନ୍‌ଫୋ ୱେବ୍‌ସାଇଟ୍ ଅନୁଯାୟୀ, କରୋନା ସଂକ୍ରମଣ ମାମଲାରେ ଶୁକ୍ରବାର ସୁଦ୍ଧା ଆମେରିକା (୨୧,୧୬,୯୨୨) ପ୍ରଥମ ସ୍ଥାନରେ ଥିବାବେଳେ ବ୍ରାଜିଲ୍ (୮,୨୯,୯୦୨) ଦ୍ୱିତୀୟ ସ୍ଥାନରେ ଏବଂ ରୁଷିଆ (୫,୧୧,୪୨୩) ତୃତୀୟ ସ୍ଥାନରେ ରହିଛି। ୩ ଲକ୍ଷ ୯ ହଜାର ୬୦୩ ମାମଲା ସହ ଭାରତ ଏବେ ବିଶ୍ୱର ୪ର୍ଥ ସ୍ଥାନରେ ରହିଛି। ଗତ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଆଇସିଏମ୍‌ଆର ମହାନିର୍ଦ୍ଦେଶକ ବଳରାମ ଭାର୍ଗବ ସେରୋ-ସର୍ଭେ ରିପୋର୍ଟ ପ୍ରକାଶ କରି କହିଛନ୍ତି ଯେ, ଭାରତ ଏପର୍ଯ୍ୟନ୍ତ କରୋନାର ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପହଞ୍ଚି ନାହିଁ। ଦେଶରେ କରୋନା ଭୂତାଣୁ ସଂକ୍ରମଣର ଧାରା ଜାଣିବା ଲାଗି ପ୍ରଥମଥର ପାଇଁ ସେରୋ-ସର୍ଭେ କରାଯାଇଥିଲା। ୮୩ ଜିଲାର ୨୬,୪୦୦ ଲୋକଙ୍କ ମଧ୍ୟରେ କରାଯାଇଥିବା ସର୍ଭେରେ ୦.୭୩% ଜଣ କରୋନାରେ ସଂକ୍ରମିତ ଥିବା ଏଥିରୁ ଜଣାପଡ଼ିଥିଲା। କିନ୍ତୁ ଭାଇରୋଲୋଜି, ପବ୍ଲିକ୍ ହେଲ୍‌ଥ ଏବଂ ମେଡିସିନ କ୍ଷେତ୍ରର ବିଶେଷଜ୍ଞମାନେ ସରକାରଙ୍କ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ଦାବିରେ ସହମତ ନୁହନ୍ତି।

ଦିଲ୍ଲୀ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡ. ଏମ୍.ସି. ମିଶ୍ରଙ୍କ କହିବାନୁଯାୟୀ, ଦେଶର ଅନେକ ସ୍ଥାନରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହେବା ନେଇ କୌଣସି ସନ୍ଦେହ ନାହିଁ। ପ୍ରବାସୀଙ୍କ ବଡ଼ଧରଣର ଗଣପଳାୟନ ଏବଂ ଲକ୍‌ଡାଉନ୍ କଟକଣା କୋହଳ ହେବା ଦ୍ୱାରା କରୋନା ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁଛି। ବର୍ତ୍ତମାନ ଏହି ରୋଗ ସେହିସବୁ ଅଞ୍ଚଳରେ ବ୍ୟାପିଛି, ଯେଉଁଠାରେ ପୂର୍ବରୁ କୌଣସି ମାମଲା ନ ଥିଲା। ସରକାର ଗୋଷ୍ଠୀ ସଂକ୍ରମଣ ସତ୍ୟକୁ ଗ୍ରହଣ କରିବା ସମୟ ଆସିଛି, ଯଦ୍ଦ୍ୱାରା ଲୋକମାନେ ଅଧିକ ସଚେତନ ହେବେ ଏବଂ ଏହାକୁ ହାଲୁକା ଭାବେ ଗ୍ରହଣ କରିବେ ନାହିଁ ବୋଲି ମିଶ୍ର କହିଛନ୍ତି। ଆଇସିଏମ୍‌ଆର୍ ସେରୋ-ସର୍ଭେ ବିଷୟରେ ସେ କହିଛନ୍ତି ଯେ, ୨୬,୪୦୦ ଲୋକଙ୍କ ନମୁନା ସଂଗ୍ରହ କରାଯାଇଥିଲା। କରୋନାର ବ୍ୟାପକ ସଂକ୍ରମଣକୁ ଦେଖିଲେ ତାହା ପର୍ଯ୍ୟାପ୍ତ ନୁହେଁ। ଭାରତର ବୃହତ୍ ଜନସଂଖ୍ୟା ଏବଂ ବିବିଧତାକୁ ଦୃଷ୍ଟିରେ ରଖି ଏହି ସର୍ଭେ ଦେଶରେ କରୋନାର ବାସ୍ତବ ଚିତ୍ର ପ୍ରକାଶ କରୁ ନାହିଁ ବୋଲି ମିଶ୍ର କହିଛନ୍ତି।



ବିଶିଷ୍ଟ ଭାଇରୋଲୋଜିଷ୍ଟ ଶହିଦ୍ ଜାମେଲ୍ କହିଛନ୍ତି ଯେ, ବହୁ ପୂର୍ବରୁ ଭାରତ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପହଞ୍ଚିସାରିଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଏହାକୁ ସ୍ୱୀକାର କରୁନାହାନ୍ତି। ଆଇସିଏମ୍‌ଆର୍‌ର ଏସ୍‌ଏଆର୍‌ଆଇ(ସିଭିୟର ଆକ୍ୟୁଟ୍ ରେସ୍ପିରାଟୋରି ଇଲ୍‌ନେସ୍) ଅଧ୍ୟୟନ ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୪୦% କରୋନା ସଂକ୍ରମିତ ବିଦେଶ ଯାତ୍ରା କରିନାହାନ୍ତି କି ଅନ୍ୟ କୌଣସି ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିନାହାନ୍ତି। ଯଦି ଏହା ଗୋଷ୍ଠୀ ସଂକ୍ରମଣ ନୁହେଁ ତେବେ କ'ଣ ବୋଲି ଜାମେଲ୍ ପ୍ରଶ୍ନ କରିଛନ୍ତି।

ଦିଲ୍ଲୀର ସାର୍ ଗଙ୍ଗାରାମ ଡାକ୍ତରଖାନାର ବିଶିଷ୍ଟ ସର୍ଜନ ଡ. ଅରବିନ୍ଦ କୁମାର କହିଛନ୍ତି ଯେ, ଆଇସିଏମ୍‌ଆର୍ ଯୁକ୍ତିକୁ ଗ୍ରହଣ କରାଗଲେ ମଧ୍ୟ ଦିଲ୍ଲୀ, ଅହମ୍ମଦାବାଦ ଏବଂ ମୁମ୍ବାଇ ଭଳି ସ୍ଥାନରେ ଗୋଷ୍ଠୀ ସଂକ୍ରମଣ କଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଭାରତ ଏକ ବଡ଼ ଦେଶ ଏବଂ ପ୍ରତ୍ୟେକ ରାଜ୍ୟରେ ଭିନ୍ନ ସ୍ଥିତି ରହିଛି। ବିଭିନ୍ନ ସମୟରେ ସଂକ୍ରମଣ ମାମଲା ଶୀର୍ଷରେ ପହଞ୍ଚୁଛି। ଆଣ୍ଟିବଡିଗୁଡିକ ବିକାଶ ପାଇଁ ଦୁଇ ସପ୍ତାହ ଲାଗେ। ଆଇସିଏମ୍‌ଆର୍ ସର୍ଭେ ଏପ୍ରିଲର କରୋନା ସ୍ଥିତିକୁ ସୂଚାଉଛି, ଯେତେବେଳେ କି ଆମେ ସର୍ବୋତ୍ତମ ସ୍ଥିତିରେ ଥିଲୁ। ଏପ୍ରିଲର ତଥ୍ୟରୁ ଦାବି କରିବା ଭୁଲ୍ ଯେ, ଆମେ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ନାହୁଁ ବୋଲି ଅରବିନ୍ଦ କହିଛନ୍ତି।

### ଭାରତରେ ୧୫ କୋଟି ସଂକ୍ରମିତ, ଲକ୍ଷାଧିକ ମୃତ: ଗାଣିତିକ ତଥ୍ୟ

ଆଇସିଏମ୍‌ଆର୍ ସର୍ଭେ ଦୁଇଟି ଭାଗରେ ହୋଇଥିବାବେଳେ ତାହା ଏପ୍ରିଲ ୩୦ ସୁଦ୍ଧା ଦେଶର ସ୍ଥିତି ଉପରେ ପର୍ଯ୍ୟବସିତ। ସର୍ଭେର ପ୍ରଥମ ଭାଗ ଶେଷ ହୋଇଥିବାବେଳେ ଦ୍ୱିତୀୟ ଭାଗ ଜାରି ରହିଛି। ପ୍ରଥମ ଭାଗ ସର୍ଭେରେ ଦେଶର ସାଧାରଣ ଜନସଂଖ୍ୟା ମଧ୍ୟରୁ କରୋନାରେ ସଂକ୍ରମିତ ହୋଇଥିବା କେତେଜଣ ବ୍ୟକ୍ତିଙ୍କୁ ନେଇ ଆକଳନ କରାଯାଇଥିବାବେଳେ ଦ୍ୱିତୀୟ ଭାଗ ହଟ୍‌ସ୍ପଟ୍ ତଥା କଣ୍ଟେନ୍‌ମେଣ୍ଟ ଅଞ୍ଚଳର କେତେଜଣ ସଂକ୍ରମିତଙ୍କୁ ନେଇ ଆକଳନ କରାଯାଉଛି। ହେଲେ ପ୍ରଥମ ଭାଗ ରିପୋର୍ଟକୁ ଆଧାରକରି ସାମାଜିକ କର୍ମୀ, ନିର୍ବାଚନ ବିଶ୍ଳେଷକ ତଥା ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ ଏକ ଗାଣିତିକ ତଥ୍ୟ ଟୁଇଟ୍ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଭାରତର ମୋଟ ଜନସଂଖ୍ୟା ପାଖାପାଖି ୧୩୮ କୋଟି (ୱାର୍ଲ୍ଡଓମିଟର୍ସ.ଇନ୍‌ଫୋ ୱେବ୍‌ସାଇଟ୍ ଅନୁଯାୟୀ)। ପ୍ରଥମ ଭାଗ ସେରୋ-ସର୍ଭେ ଅଞ୍ଚଳ (ନନ୍ ହଟ୍‌ସ୍ପଟ୍ ଏରିଆ)ରେ ଜନସଂଖ୍ୟା ହେଉଛି ୧୩୩ କୋଟି। ସେହିପରି ଦ୍ୱିତୀୟ ଭାଗ ସର୍ଭେ ଅଞ୍ଚଳ (ହଟ୍‌ସ୍ପଟ୍/କଣ୍ଟେନ୍‌ମେଣ୍ଟ ଏରିଆ)ରେ ଜନସଂଖ୍ୟା ହେଉଛି ୫ କୋଟି। ଯଦି ପ୍ରଥମ ଭାଗ ସର୍ଭେରେ ୦.୭୩% ବ୍ୟକ୍ତି ସଂକ୍ରମିତ ଥିବା କୁହାଯାଉଛି ତା'ହେଲେ ୧୩୩ କୋଟି ଜନସଂଖ୍ୟାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୭ ଲକ୍ଷ ହେବ। ଦ୍ୱିତୀୟ ଭାଗ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିନ୍ତୁ ପ୍ରଘଟ ହୋଇଥିବା ଏ ସମ୍ପର୍କିତ ଖବର ଅନୁଯାୟୀ ୧୫-୩୦% ବ୍ୟକ୍ତି ସଂକ୍ରମିତ ହୋଇଥିବା କୁହାଯାଉଛି। ଏଭଳି କ୍ଷେତ୍ରରେ ଯଦି ୧୫%କୁ ଧରାଯାଏ, ତା'ହେଲେ ଦ୍ୱିତୀୟ ଭାଗର ୫ କୋଟି ଜନସଂଖ୍ୟାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୫ ଲକ୍ଷ ହେବ। ପ୍ରଥମ ଓ ଦ୍ୱିତୀୟ ଭାଗ ରିପୋର୍ଟକୁ ମିଶାଇଲେ ଏପ୍ରିଲ ୩୦ ସୁଦ୍ଧା ଦେଶରେ ୧.୭୨ କୋଟି ଲୋକ ସଂକ୍ରମିତ ହୋଇଛନ୍ତି। କିନ୍ତୁ ସରକାରୀ ଭାବେ ଏପ୍ରିଲ ୩୦ ବେଳକୁ ସଂକ୍ରମିତଙ୍କ ସଂଖ୍ୟା ୩୪ ହଜାର ୮୬୩ ଦର୍ଶାଯାଇଥିଲା। ସେହିପରି ଜୁନ୍ ୧୧ ସୁଦ୍ଧା ସରକାରୀ ଭାବେ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୯୮ ହଜାର ୨୮୩ ଦର୍ଶାଯାଇଛି। ଏପ୍ରିଲ ୩୦ଠାରୁ ଜୁନ୍ ୧୧ ଯାଏ ସରକାରୀ ତଥ୍ୟକୁ ଆଧାର କଲେ ସଂକ୍ରମିତଙ୍କ ସଂଖ୍ୟା ୮.୫୫ ଗୁଣ ଅଧିକ ହୋଇଛି। ଏହିହିସାବରେ ସେରୋ-ସର୍ଭେକୁ ଦେଖିଲେ ଜୁନ୍ ୧୧ ସୁଦ୍ଧା ଦେଶରେ ୧୪.୭ କୋଟି(୮.୫୫x୧.୭୨ କୋଟି) ଲୋକ ସଂକ୍ରମିତ ହୋଇଛନ୍ତି ବୋଲି ଯୋଗେନ୍ଦ୍ର ଅଙ୍କ କଷିଛନ୍ତି। ସେହିପରି ମୃତ୍ୟୁସଂଖ୍ୟାକୁ ଦେଖିଲେ, ସଂକ୍ରମିତଙ୍କ ମଧ୍ୟରୁ ୦.୦୮%ଙ୍କ ମୃତ୍ୟୁ ଘଟିଥିବା ସେରୋ-ସର୍ଭେର ପ୍ରଥମ ଭାଗ ରିପୋର୍ଟରେ ଦର୍ଶାଯାଇଛି। ଏ କ୍ଷେତ୍ରରେ ଯୋଗେନ୍ଦ୍ରଙ୍କ ଗଣିତକୁ ଦେଖିଲେ ଜୁନ୍ ୧୧ ସୁଦ୍ଧା ଦେଶରେ ୧ ଲକ୍ଷ ୧୭ ହଜାର ୭୨୮(୧୪.୭ କୋଟି x୦.୦୮%) ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ଜଣାପଡୁଛି। ଯଦି ଦ୍ୱିତୀୟ ଭାଗ ରିପୋର୍ଟରେ ମୃତ୍ୟୁହାର କମ୍ ରହେ ତା'ହେଲେ ମୃତ୍ୟୁ ସଂଖ୍ୟା ମଧ୍ୟ କମ୍ ହେବ ବୋଲି ଯୋଗେନ୍ଦ୍ର ଟୁଇଟ୍‌ରେ ଯୁକ୍ତି ବାଢ଼ିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଂଶ ସ୍ୱାଇଁ
ଭୂଇଁପୁର, ଢେଙ୍କାନାଳ
ଆଜି ତୋର ୧୧ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
-:ଶୁଭେଚ୍ଛା ସହ:-
ମନୋଜ କୁମାର ସ୍ୱାଇଁ ଏବଂ ସମସ୍ତ ପରିବାରବର୍ଗ।
ଧ-୧୭୪୮୭

ଜନ୍ମ ଦିନର ଶୁଭେଚ୍ଛା



ଜାନ୍ବି ଦେବତା (ଦିବ୍ୟା)
କଟକ ଜିଲ୍ଲା, ତାଳମୁଣ୍ଡଳୀ ନିବାସୀ ବିକାଶ ଓ ସୁପ୍ରଭାତଙ୍କ ସୁପୁତ୍ରୀ ଜାନ୍ବିର ଦ୍ୱିତୀୟ ଜନ୍ମଦିବସ ପାଳନ ଉପଲକ୍ଷେ ଜେଜେ, ଜେଜେମା, ଅଜା, ଆଈ, ବଡବାପା, ବଡମାଆ, ଉମାକାନ୍ତ ମାମୁଁ, ପିନୁ, ଲିପ୍ସା, ସାନଅଜା, ସାନଆଈ, ସ୍ନେହା, ଶୁଭମ୍, ପ୍ରତୀକ ମିନି ଆଈ ଓ ଅଜା ଉପେନ୍ଦ୍ର ପ୍ରମୁଖ ପରିବାର ପକ୍ଷରୁ ତା'ର ଦୀର୍ଘ ନିରାମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛନ୍ତି।
ଧ-୧୭୪୮୨

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ହିମାଂଶୁ ଜେନା (ସୋହମ୍)
ନହରକଣ୍ଟା, ବାଲିଅନ୍ତା, ଖୋର୍ଦ୍ଧା
ଆଜି ତୋର ଦ୍ୱିତୀୟ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହ ବିଦ୍ୟାବୁଦ୍ଧିରେ ନିପୁଣ କରନ୍ତୁ।
-:ଶୁଭେଚ୍ଛା ସହ:-
ତୋର ଜେଜେମାଆ, ଅଜା, ଆଈ, ବାପା, ମାମା, ମାଉସୀ, ମାମୁ, ବଡ଼ ବାପା, ବୋଉ, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୫୧୪

DSPL-10
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା
ପ୍ରତିବର୍ଷ ବିଶ୍ୱରେ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ରୂପରେ ପାଳନ କରାଯାଉଛି।
ରକ୍ତଦାନ ମହାପୂଣ୍ୟ। ରକ୍ତଦାନ ଜୀବନ ଦାନ। ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ଅଟେ। ଏ ପର୍ଯ୍ୟନ୍ତ ରକ୍ତର କୌଣସି ସମ୍ପୂର୍ଣ୍ଣ ବିକଳ୍ପ ନାହିଁ। ଆପଣଙ୍କ ରକ୍ତଦାନ ଅନ୍ୟ ପାଇଁ ଜୀବନ ଦାନ ସଦୃଶ ଅଟେ। କରୋନା ମହାମାରୀ ସଙ୍କଟ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ସହଯୋଗ କରୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।
ଆସନ୍ତୁ, ଆଜିର ଏହି ଦିବସରେ ସମସ୍ତେ ଶପଥ ନେବା, ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ସହିତ ସୁସ୍ଥ ସମାଜ ଗଠନରେ ସହଯୋଗର ହାତ ବଢ଼ାଇବା। ଏପରି ପୂଣ୍ୟକାମ କରୁଥିବା ସମସ୍ତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
(ନବୀନ ପଟ୍ଟନାୟକ)
OIPR-10003/13/0004/2021

DSPL-10
ନବ କିଶୋର ଦାସ
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



ବିଶ୍ୱ ରକ୍ତଦାତା ଦିବସ
ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି। ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ସ୍ୱତଃ ପ୍ରବୃତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା।
ଆଜିର ଏହି ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଞ୍ଚାଇ ନିଜେ ହସିବା। ବର୍ତ୍ତମାନ କରୋନା ମହାମାରୀ ସଙ୍କଟ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ତଥା କରୋନା ଯୋଦ୍ଧାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା।
(ନବ କିଶୋର ଦାସ)
OIPR-10003/13/0004/2021

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ୍ୟାଣ ରହିଛି- ଯାହା ତୁମକୁ ର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ



# ଅନ୍ଧ ଭକ୍ତ



ଆକାର ପଟେଲ

ଭକ୍ତି ମାନେ ଅନୁରାଗ, କାହାକୁ ନିଃସର୍ତ୍ତ ଅତିଶୟ ଶ୍ରଦ୍ଧା କରିବା ବା ଭଲପାଇବା। ପ୍ରଧାନମନ୍ତ୍ରୀଙ୍କ ଅନୁଗାମୀମାନଙ୍କୁ ମଧ୍ୟ ଭକ୍ତ କୁହାଯାଉଛି। ସେମାନେ ତାଙ୍କୁ ଜଣେ ମସିହ ବା ତ୍ରାଣକର୍ତ୍ତା ଭଳି ବ୍ୟକ୍ତିତ୍ୱ ଭାବରେ ବିବେଚନା କରନ୍ତି, ଯିଏ ଭାରତକୁ ବଦଳାଇପାରିବେ। ସେମାନେ ଭାବୁଛନ୍ତି ଭାରତକୁ ଅନ୍ୟ ଲୋକମାନେ (ଦୁର୍ନୀତିଗ୍ରସ୍ତ ତଥା ଅଯୋଗ୍ୟ ରାଜନେତା) ପଛୁଆ କରିଦେଇଛନ୍ତି ଏବଂ ନରେନ୍ଦ୍ର ମୋଦି ସେମାନଙ୍କଠାରୁ ଏତେ ଭିନ୍ନ ଯେ ସେ ଏହାର ଦିଗ ଓଲଟାଇ ଭାରତକୁ ପୁଣି ମହାନ୍ କରିବେ।

ମୁଁ ଏହାକୁ ଭକ୍ତଙ୍କ ଭାବନା ବୋଲି କହିଲି କିନ୍ତୁ ଏହି ଭକ୍ତମାନେ କିଛି ଚିନ୍ତା କରୁଛନ୍ତି ବୋଲି ମନେ ହେଉନାହିଁ। ଭକ୍ତି ବୁଦ୍ଧିର ଫଳ ନୁହେଁ ବରଂ ଆବେଗର ଫଳ। ଏହା ଧାର୍ମିକ ଏବଂ ଧର୍ମ ପରି ଏଠାରେ ଥିବା ଭକ୍ତ ମଧ୍ୟ ବସ୍ତୁ ଜଗତ ଏବଂ ବାସ୍ତବରେ କ'ଣ ଘଟେ ସେଥିପାଇଁ ଚିନ୍ତିତ ନୁହନ୍ତି। ପ୍ରଶ୍ନ ହେଉଛି ମୋଦିଙ୍କ ସମର୍ଥକଙ୍କୁ ଭକ୍ତ ଭାବରେ ଶ୍ରେଣୀଭୁକ୍ତ କରିବା ଠିକ୍ କି? ଆମେ ଏହାକୁ ନିରପେକ୍ଷ ଭାବରେ ବିଚାର କରିବା ଆବଶ୍ୟକ।

ଗୁଜରାଟ ମଡେଲ କାର୍ଯ୍ୟସୂଚୀରେ ପ୍ରଥମ ଜିନିଷ ଅର୍ଥନୀତି ବୋଲି ଅନୁମାନ କରାଯାଉଥିଲା। ଭାରତର ଅର୍ଥନୀତି ଚଳିତ ବର୍ଷ ସଂକୁଚିତ ହେବ, ଅର୍ଥାତ୍ ୨୦୨୦-୨୦୨୧ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଗତବର୍ଷ ତୁଳନାରେ କମ୍ ହେବ। ଏହା ଚାରି ଦଶନ୍ଧି ମଧ୍ୟରେ ହୋଇ ନ ଥିଲା। ଗତ ୧୯ ତ୍ରୈମାସୀ ଭିତରେ ପ୍ରତି ତ୍ରୈମାସରେ ଅର୍ଥନୀତିର କ୍ରମାଗତ ମନ୍ଥରତା ଫଳରେ ଏହି ସଂକୋଚନ ଆସିଛି। ୧୯୯୦ ପରଠାରୁ ଏପରି ସ୍ଥିତି ଦେଖାଯାଇ ନ ଥିଲା। ଆମ ଦେଶରେ ଅର୍ଥନୀତିର ଏହି ଅବସ୍ଥା ଲକ୍‌ଡାଉନ୍ ପୂର୍ବରୁ ଥିଲା।

ରେଟିଂ ଏଜେନ୍ସି ମୁଡିସ୍ ଏହାର ରେଟିଂ କମାଇ ୨୦୦୩ର ସ୍ଥିତିକୁ ନେଇଯାଇଛି। ଏହା ଆମର ଋଣ ଯୋଗ୍ୟତାକୁ ପ୍ରଭାବିତ କରିବ। ଏହା ରିପୋର୍ଟ କାର୍ଡରେ ଏକ ଦାଗ ମାତ୍ର ନୁହେଁ। ଆମେ ସମସ୍ତେ ଏଥିପାଇଁ ମୂଲ୍ୟ ଦେବୁ। ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କହିଛନ୍ତି ଯେ, ବର୍ଷର ଦ୍ୱିତୀୟାର୍ଦ୍ଧରେ କିମ୍ବା ଆସନ୍ତା ବର୍ଷରେ ଏ ପରିସ୍ଥିତିରେ ସୁଧାର ଆସିବ କି ନା ସେ କହିପାରୁ ନାହାନ୍ତି। ବର୍ଷ ଆରମ୍ଭରେ ବେକାରି ୮% ଥିଲା, ଯାହା ଭାରତ ଇତିହାସରେ ସର୍ବାଧିକ। ବର୍ତ୍ତମାନ ଏହା ପ୍ରାୟ ୨୦%ରେ ପହଞ୍ଚିଲାଣି।

ଜୁନ୍ ୧୩, ଶନିବାର 'ଦ ଇକୋନୋମିଷ୍ଟ'ରେ ଶିରୋନାମା ପ୍ରକାଶ ପାଇଛି: ଭାରତର ଲକ୍‌ଡାଉନ୍ କରୋନା ସଂକ୍ରମଣ ରୋକିବାରେ ବିଫଳ ହୋଇଛି, କିନ୍ତୁ ଏହା ଅର୍ଥନୀତିକୁ ରୋକିବାରେ ସଫଳ ହୋଇଛି। ଦ ଇକୋନୋମିଷ୍ଟ ମୋଦିଙ୍କ ଖୁବ୍ ନିକଟରେ। ୨୦୧୩ରେ ଏହା ରିପୋର୍ଟ କରିଥିଲା ଯେ, ମୋଦି ୨୦୧୪ରେ ଉତ୍ତରପ୍ରଦେଶରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁଁ ସେତେବେଳେ ଲେଖିଥିଲି ଯେ ଏହା ଭୁଲ ଏବଂ ମୋଦି କେବଳ ଗୁଜରାଟରୁ ପ୍ରତିଦ୍ୱନ୍ଦ୍ୱିତା କରିବେ, କିନ୍ତୁ ମୁଁ ହିଁ ଭୁଲ୍ ପ୍ରମାଣିତ ହୋଇଥିଲି।

ନିର୍ବାଚନୀ କାର୍ଯ୍ୟସୂଚୀର ଦ୍ୱିତୀୟ ଜିନିଷ ଥିଲା ଜାତୀୟତା। ବ୍ରିଟିଶ ଖବରକାଗଜ ଟେଲିଗ୍ରାଫ୍ ଗୁରୁବାର ଯାହା ପ୍ରକାଶ କରିଛି, ତାହା ଭାରତରେ ସମସ୍ତେ ଜାଣନ୍ତି କିନ୍ତୁ ତା' ଉପରେ ଆଲୋଚନା କରାଯାଉପାରିବ ନାହିଁ। ତାହା ହେଉଛି- ଚାଇନା ଲଦାଖର ୬୦ ବର୍ଗ କିଲୋମିଟର ଦଖଲ କରିଛି। ଶୁକ୍ରବାର ଫ୍ରାନ୍ସର ନ୍ୟୁଜ୍ ଏଜେନ୍ସି ଏଏଫ୍‌ପି ଜଣେ ବରିଷ୍ଠ ଭାରତୀୟ ସାମରିକ ଅଧିକାରୀଙ୍କ ନାମ ଉଲ୍ଲେଖ ନ କରି ଲେଖିଛି ଯେ ଉକ୍ତ ଅଫିସରଙ୍କ କହିବା ଅନୁସାରେ, ଚାଇନା ସେନା ନୂତନ ଭାବେ ଦଖଲ କରି ନେଇଥିବା ପାଙ୍ଗୋଙ୍ଗ ଓ ଗାଲୱାନ୍ ଉପତ୍ୟକାକୁ ହଟିବା ପାଇଁ ମନା କରୁଛନ୍ତି। ସେମାନେ ନୂତନ ସ୍ଥିତାବସ୍ଥାକୁ ସୁଦୃଢ଼ କରିବାରେ ଲାଗିଛନ୍ତି।

ଶନିବାର ସକାଳେ ମୁଁ ଖବରକାଗଜରୁ ପଢ଼ିଲି: କୁଲଗାମ୍ ଓ ଅନନ୍ତନାଗରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି, ଏନ୍‌କାଉଣ୍ଟର ଚାଲିଛି। ସପ୍ତାହକ ଭିତରେ ଚତୁର୍ଥ ଥର ପାଇଁ ଏପରି ଘଟଣା ଘଟିଛି। ୨୦୦୨ରୁ ୨୦୧୪ ଭିତରେ କଶ୍ମୀରରେ ହିଂସା କମିଥିବାବେଳେ ୨୦୧୪ ପରେ ତାହା ପୁଣି ବଢ଼ିବାରେ ଲାଗିଛି। ଏହି ସମୟରେ କୌଣସି କଶ୍ମୀରୀ ପଣ୍ଡିତଙ୍କୁ ଉପତ୍ୟକାକୁ ଫେରାଇ ଅଣାଯାଇ ନାହିଁ। ପାକିସ୍ତାନ ପଟେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଯେଉଁଠାରେ ଥିଲା ସେଇଠି ଅଛି କିନ୍ତୁ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅତିକ୍ରମ କରିଛି।

ଭାରତ କରୋନା ବିରୋଧରେ ମହାଭାରତ ଯୁଦ୍ଧ ଲଢ଼ିବ ଯାହା ତିନି ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା କରି ମୋଦି ପରବର୍ତ୍ତୀ ପର୍ଯ୍ୟାୟ ଯୁଦ୍ଧ କ'ଣ ହେବ ସେ ନେଇ ଚୁପ୍ ଅଛନ୍ତି। ତାଲା ଧୀରେ ଧୀରେ ଖୋଲିଲାଣି କିନ୍ତୁ ସଂକ୍ରମଣ ବଢ଼ିବାରେ ଲାଗିଛି। ପୂର୍ବରୁ ଗୁଜରାଟରେ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାକୁ ଅବହେଳା କରାଯାଇଥିବା ଅନେକେ ଲେଖିଥିଲେ। ଆଜି ଗୁଜରାଟରେ କେରଳ ତୁଳନାରେ କୋଭିଡ୍ ମାମଲା ୧୦ ଗୁଣ ଅଧିକ ରହିଛି।

ଏହି ସମୟରେ ଭାରତରେ ଆର୍ଥିକ ଅବନତିର ବାସ୍ତବତାକୁ ଅଣଦେଖା କରି ମୋଦି ରାଜନୈତିକ ଖେଳ ଜାରି ରଖିଛନ୍ତି। ମଧ୍ୟପ୍ରଦେଶ କରୋନା ମହାମାରୀ କବଳିତ ହୋଇଥିଲା ବେଳେ ବର୍ତ୍ତମାନ ରାଜସ୍ଥାନ ଘୋଡାବେପାର ପାଇଁ ବୁଡ଼ିବାକୁ ବସିଲାଣି। ସମୁଦାୟ ରାଜନୈତିକ ଶକ୍ତି ହାସଲ କରିବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ମନେହୁଏ। ଏହା ସହିତ ଅନ୍ୟ କିଛି ହାସଲ କରିବାର ବାସ୍ତବ ଆଶା ନାହିଁ।

ମୋଦିଙ୍କ ଛଅବର୍ଷର ଶାସନକାଳର ଏହା ହେଉଛି ବାସ୍ତବତା। ସେ ଯଦି ଜଣେ ମସିହ ବା ତ୍ରାଣକର୍ତ୍ତା ହୋଇଥାନ୍ତେ, ତେବେ କିଛି କରି ଦେଖାଇବା ପାଇଁ ଏତିକି ସମୟ ତାଙ୍କ ଲାଗି ଯଥେଷ୍ଟ ଥିଲା। ତେଣୁ ତାଙ୍କ ଭକ୍ତମାନେ ତାଙ୍କୁ ମସିହ ବୋଲି ଯାହା ଭାବୁଛନ୍ତି ତାହା ଠିକ୍ ନୁହେଁ। କିନ୍ତୁ ଦୁଃଖର ବିଷୟ ହେଉଛି ଏହା ତାଙ୍କ ଅନ୍ଧ ସମର୍ଥକଙ୍କ ଭିତରେ କୌଣସି ପରିବର୍ତ୍ତନ ଆଣିପାରି ନାହିଁ। ସେମାନେ ସେମାନଙ୍କ ଆଦର୍ଶରେ ଅବିଚଳିତ। ମୋଦି ଯାହା କଲେ ବି ସେମାନଙ୍କ ଦୃଷ୍ଟିରେ ଠିକ୍। ତେଣୁ ଆମେ ଏପରି ଭକ୍ତଙ୍କୁ ଚେତନାହୀନ ବା ଅନ୍ଧ ଭକ୍ତ ବୋଲି କହିବା ଠିକ୍ ହେବ।

Email:aakar.patel@gmail.com

# ବନ୍ଦେ ଉତ୍କଳ ଜନନୀ ଓ କାନ୍ତକବି



ଡ.ପ୍ରଫୁଲ୍ଲ କୁମାର ସାହୁ

ଶେଷରେ ଦୀର୍ଘ ପ୍ରତୀକ୍ଷାର ଯବନିକା ଟାଣି କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ମିଳିଲା ରାଜ୍ୟ ସଙ୍ଗୀତର ମାନ୍ୟତା। ଓଡ଼ିଶା ଇତିହାସରେ ଯୋଡ଼ି ହୋଇଗଲା ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ। ୧୯୧୪ ମସିହାରେ ଆମ ଜାତୀୟ ଅସ୍ମିତାକୁ ପଲ୍ଲବିତ କରିଥିଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି। ସେହି ଅସ୍ମିତାକୁ ଏବେ ପୁଷ୍ପିତ ଓ ସୁରଭିତ କଲା ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା। ଦେଶରେ ଓଡ଼ିଶା ହିଁ ଏକମାତ୍ର ରାଜ୍ୟ, ଯାହା ଭାଷା ଭିତ୍ତିରେ ଗଠନ ହୋଇଛି ବହୁ ସଂଗ୍ରାମ ପରେ। ସେହି ସଂଗ୍ରାମ ଏଠି ପ୍ରତ୍ୟେକ ଓଡ଼ିଆଙ୍କୁ ଦେଇଛି ରାଜ୍ୟର ନିଜସ୍ୱ ସଙ୍ଗୀତ ଗାନ କରିବାର ଅଧିକାର। ଏହି ଦୃଷ୍ଟିରୁ ବିଚାର କଲେ କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କେବଳ ଏକ ସଙ୍ଗୀତ ନୁହେଁ,ଏହା ଓଡ଼ିଆ ଜାତିର, ଓଡ଼ିଆ ମାଟିର, ଓଡ଼ିଆ ଭାଷାର ଓ ଓଡ଼ିଆ ଜନଜୀବନର ଗୌରବ ଗାଥା। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରାଣ ଓ ପ୍ରେରଣାର ଏକ ଆବେଗମୟ ଉଚ୍ଛ୍ୱାସ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏହା ଏକ ଅମୃତମୟ ଡୋରି। ଉତ୍କଳର ନଦନଦୀ, ଗିରି ବନ, କଳା,ସାହିତ୍ୟ,ସଂସ୍କୃତି,ଐତିହ୍ୟ ଓ ପରମ୍ପରାକୁ କାନ୍ତକବି ଏଥିରେ ଏମିତି ଶବ୍ଦ ଓ ଭାଷାରେ ଗୁନ୍ଥି ଦେଇଛନ୍ତି, ତାହା ଖାଇବା ମାତ୍ରେ ଦର୍ପଣରେ ମୁହଁ ଦେଖିଲା ପରି ଆଖି ଆଗରେ ଭାସି ଝଲସି ଉଠେ କୀର୍ତ୍ତିମାଳିନୀ ଉତ୍କଳ ଜନନୀଙ୍କ ମୁହଁ। ଏହି ସଙ୍ଗୀତ ପ୍ରଥମେ ୧୯୧୨ ମସିହାରେ ଗାନ କରାଯାଇଥିଲା ବାଲେଶ୍ୱରରେ ଆୟୋଜିତ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ମଣ୍ଡପରେ। ଯେତେବେଳେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଦ୍ୱାରା ଏ ସଙ୍ଗୀତ ଗାନ କରାଗଲା, ସେତେବେଳେ ତା'ର ହୃଦୟସ୍ପର୍ଶୀ ଅନ୍ତର୍ଧ୍ୱନି ଲୋକଙ୍କ ପ୍ରାଣରେ ଖେଳାଇ ଦେଲା ଏକ ଅପୂର୍ବ ଶିହରଣ। ମଞ୍ଚାସୀନ ପଣ୍ଡିତ ଗୋପବନ୍ଧୁ ଦାସ ଏତେ ଭାବବିହ୍ୱଳ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଝରିପଡ଼ିଲା ଧାର ଧାର ଲୁହ। ବାସ୍ତବରେ ଏ ସଙ୍ଗୀତର ପ୍ରତିଟି ଶବ୍ଦରେ ଭରି ରହିଛି ଦେଶ ଭକ୍ତିର ଅଫୁରନ୍ତ ଶକ୍ତି। ସେଥିପାଇଁ ତ ଏହା ସେବେଠାରୁ ସ୍ୱତଃ ଖୋଦେଇ ହୋଇ ରହିଯାଇଛି ପ୍ରତ୍ୟେକ ଓଡ଼ଆଙ୍କ ପ୍ରାଣରେ। କୌଣସି ସରକାରୀ ସ୍ୱୀକୃତିକୁ ଅପେକ୍ଷା ନ ରଖି ଏହା ସ୍ୱତଃ ଜାତୀୟ ସଙ୍ଗୀତରେ ପରିଣତ ହୋଇଯାଇଛି ଲୋକଙ୍କ ଭାବାବେଗ ଭିତରେ। ଅର୍ଥାତ ବର୍ତ୍ତମାନର କ୍ୟାବିନେଟ ମୋହର କେବଳ ଏକ ଔପଚାରିକତା।

୧୯୧୨ ମସିହାରୁ 'ବନ୍ଦେ ଉତ୍କଳ ଜନନୀ'କୁ ଆବାହନୀ ସଙ୍ଗୀତ ଭାବେ ଗ୍ରହଣ କରିନେଇଛି ଉତ୍କଳ ସମ୍ମିଳନୀ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅଭିଯାନରେ ପ୍ରାଣେ ପ୍ରାଣେ ସାହସ ଓ ପ୍ରେରଣା ଭରିଦେଇଥିବା ଏହି ସଙ୍ଗୀତ ରାଜ୍ୟବ୍ୟାପୀ ଖୁବ୍ ଉଲ୍ଲାସର ସହିତ ବୋଲାଯାଇଥିଲା ୧୯୩୬ ମସିହାରେ। ସେବେଠାରୁ ଏହାକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ପାଇଁ ଦାବିକରି ଆସୁଥିଲେ ଅନେକ ଜାତୀୟବାଦୀ ସଂଗଠନ। ମାତ୍ର ରାଜ୍ୟବାସୀଙ୍କର ଏ ଦାବି ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଚାପିହୋଇ ରହିଗଲା ସରକାରୀ ବ୍ୟବସ୍ଥାର ନାଲିଫିତା ତଳେ। ବର୍ଷ ବର୍ଷର ଆବେଦନ, ନିବେଦନ, ପ୍ରସ୍ତାବ ଓ ଆନ୍ଦୋଳନ ପରେ ଏଥିପାଇଁ ପ୍ରଥମେ ପ୍ରକ୍ରିୟା ଆରମ୍ଭ ହେଲା ୧୯୯୪ ମସିହା ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ। ୧୯୯୪ ନଭେମ୍ବର ୭ ତାରିଖ ତତ୍କାଳୀନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ। ଏହି ବୈଠକରେ ବନ୍ଦେ ଉତ୍କଳ ଜନନୀକୁ ବିଧାନ ସଭାରେ ଉଦଯାପନୀ ସଙ୍ଗୀତ ଭାବେ ଗାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ଏବଂ ତଦନୁଯାୟୀ ଏହା ଏବେ ବିଧାନ ସଭାରେ ବୋଲା ଯାଉଛି ପ୍ରତି ଅଧିବେଶନର ଶେଷ ଦିବସରେ। ମାତ୍ର ଏତିକିରେ ସନ୍ତୁଷ୍ଟ ନ ଥିଲେ ଦେଶପ୍ରାଣ ଓଡ଼ିଆମାନେ। ସେମାନଙ୍କ ଦାବିକୁ ଦୃଷ୍ଟିରେ ରଖି ଏହାକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ପାଇଁ ୨୦୧୫ରେ ପ୍ରକାଶ ପାଇଲା ସରକାରୀ ତତ୍ପରତା। ସେହି ବର୍ଷ ଫେବୃୟାରୀ ମାସରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠନ ହେଲା କମିଟି। କ୍ୟାବିନେଟ ଅନୁମୋଦନ ପାଇ ଜୁଲାଇ ଦଶ ତାରିଖରେ କମିଟି ଦାଖଲ କଲା ତା'ର ଚୂଡାନ୍ତ ରିପୋର୍ଟ। ସେବେଠାରୁ ସରକାରୀ ବ୍ୟବସ୍ଥାର ମନ୍ଥର ପ୍ରକ୍ରିୟା ଭିତରେ ପଡି ରହିଲା କ୍ୟାବିନେଟ ଅନୁମୋଦନ ଅପେକ୍ଷାରେ। ହଠାତ ତାହା କ୍ରିୟାଶୀଳ ହୋଇ ଉଠିଲା ମହାମାରୀ କରୋନାର ଶକ୍ତ ଆଘାତରେ। କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ ଓ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ମେ ୩୦ ତାରିଖ ସନ୍ଧ୍ୟାରେ ଜନନୀ ଜନ୍ମଭୂମି ବନ୍ଦନାରେ କମ୍ପିଉଠିଲା ସାରା ଓଡ଼ିଶା। ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ରାଜ୍ୟର ଆବାଳବୃଦ୍ଧବନିତା ଗାଇଲେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ। ଦେଶପ୍ରେମର ଅଭୂତପୂର୍ବ ଆବେଗ ଓ ଏକତା ଭିତରେ ପୁଣି ଥରେ କଡ ଲେଉଟାଇଲା ପୁରୁଣା ଦାବି। ଆଗେଇ ଆସିଲେ ଅନେକ ଜାତୀୟବାଦୀ ଅନୁଷ୍ଠାନ। ସେଥିରେ ସ୍ୱର ମିଶାଇଲେ ବହୁ ଜାତିପ୍ରାଣ ଓଡ଼ିଆ। ସାରା ରାଜ୍ୟର କୋଣ ଅନୁକୋଣରୁ ଶୁଭିଲା – ବନ୍ଦେ ଉତ୍କଳ ଜନନୀକୁ ଦିଅ ରାଜ୍ୟ ସଙ୍ଗୀତର ମାନ୍ୟତା। ଶେଷରେ ରାଜ୍ୟବାସୀଙ୍କ ଉଦ୍‌ବେଗକୁ ଉପଲବ୍ଧି କଲେ ମୁଖ୍ୟମନ୍ତ୍ରୀ। କରୋନା ଜନିତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆଉ କାଳ ବିଳମ୍ବ ନ କରି ତୁରନ୍ତ ଆହ୍ୱାନ କଲେ ରାଜ୍ୟ କ୍ୟାବିନେଟ। ଜୁନ୍ ୭ ତାରିଖ ଅନୁଷ୍ଠିତ ସେହି ବୈଠକରେ ବନ୍ଦେ ଉତ୍କଳ ଜନନୀକୁ ମିଳିଲା ରାଜ୍ୟ ସଙ୍ଗୀତ ମାନ୍ୟତା। ଏଥିସହିତ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଶୈଳୀରେ ଏହା ଗାଇବା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି। ବିଳମ୍ବରେ ହେଲେ ବି ପୂରଣ ହେଲା ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବି। ଓଡ଼ିଆ ଜାତିର ଘଟଣାବହୁଳ ଇତିହାସରେ ଏ ବିଳମ୍ବ କିଛି ନୂଆ ନୁହେଁ, ବରଂ ପୁନରାବୃତ୍ତି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଉ କି ଭାଷା ସୁରକ୍ଷା ଆନ୍ଦୋଳନ, ଏ ରାଜ୍ୟର ପ୍ରତିଟି ସଫଳତା ପଛରେ ରହିଛି ଏକ ଲମ୍ବା ଲଢ଼େଇ। ମାତ୍ର ସଂଘର୍ଷ ଯେତେ ବିଳମ୍ବ ହେଲେ ବି ସବୁ କ୍ଷେତ୍ରରେ ଶୁଭିଛି ସଫଳତାର ଶଙ୍ଖନାଦ। ଏହି କ୍ରମରେ ବନ୍ଦେ ଉତ୍କଳ ଜନନୀକୁ ସରକାରୀ ଭାବେ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇବା ପାଇଁ ଅଧିକ ସମୟ ଲାଗି ଯାଇଥିଲେ ବି ବ୍ୟବସ୍ଥା ଆଉକୁ ଆଙ୍ଗୁଠି ନିର୍ଦ୍ଦେଶ ନ କରି ନେତୃତ୍ୱ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କାରଣ ଏହା ହିଁ ହେବ ଓଡ଼ିଆ ସାହିତ୍ୟ ଜଗତର ମଉଡମଣି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ଏ ମାଟିର ଜାତୀୟ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ଭାରତୀୟ ମୁକ୍ତି ସଂଗ୍ରାମର ଜଣେ ପ୍ରତିଥଯଶା ସୈନିକ। ୧୮୮୮ ମସିହା ଡିସେମ୍ବର ୯ ତାରିଖ ଭଦ୍ରକ ମାଟିରେ ଜନ୍ମଗ୍ରହଣ କରିଥିବା କାନ୍ତକବିଙ୍କ ଜାତୀୟ ଜୀବନର ପ୍ରେରଣାର ଉତ୍ସ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। କଟକରେ ଅବସ୍ଥାନ କାଳରେ ଗୋପବନ୍ଧୁଙ୍କ ଜାତୀୟବାଦୀ କାବ୍ୟ କବିତା ତାଙ୍କ ହୃଦୟକୁ ଏଭଳି ଆଲୋଡିତ କରିଥିଲା ଯେ ସେଥିରୁ ସେ ମୁକୁଳି ପାରି ନଥିଲେ ସାରା ଜୀବନ। ନିଜ ସାହିତ୍ୟିକ ଜୀବନର ମଧ୍ୟାହ୍ନରେ ସେ ବହୁ ଜାତୀୟବାଦୀ କବିତା ଲେଖିଛନ୍ତି,ଯାହା କାନ୍ତ ସାହିତ୍ୟ ମାଳା ଦ୍ୱିତୀୟ ଭାଗରେ ସନ୍ନିବେଶିତ ହୋଇଛି ଜାତୀୟ ସଙ୍ଗୀତ ଶୀର୍ଷକରେ। ସ୍ରଷ୍ଟାଙ୍କ ଜାତୀୟ ସଙ୍ଗୀତ ଅନ୍ତର୍ଗତ ପ୍ରଥମ କବିତା ହେଉଛି ବନ୍ଦେ ଉତ୍କଳ ଜନନୀ, ଯାହାକୁ କବି ରଚନା କରିଥିଲେ ମାତ୍ର ଅଠର ବର୍ଷ ବୟସରେ। କବିଙ୍କ ଦୃଷ୍ଟିରେ ଉତ୍କଳ ଭୂଖଣ୍ଡ କେବଳ ଏକ ଜଡ଼ ପିଣ୍ଡ ନୁହେଁ, ସେ ଆମ ଜନନୀ। ତା'ର ଜୀବନ ଅଛି, ଯାହାକୁ କୁହାଯାଏ ଜାତୀୟ ଜୀବନ। ଏକଦା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବା ଉତ୍କଳ ଭୂଖଣ୍ଡ ଯେତେବେଳେ ସଂକୁଚିତ ହୋଇପଡିଛି, ତାହା କବି ପ୍ରାଣରେ ସୃଷ୍ଟିକରିଛି ବ୍ୟଥା ଓ ବେଦନା। ଉତ୍କଳ ଜନନୀକୁ ଏହି ଅସହାୟତାରୁ ମୁକ୍ତି ଦେବା ପାଇଁ ସେ ଖୋଜିଛନ୍ତି ଉପାୟ। ତେଣୁ ସ୍ଥାଣୁ ଓଡ଼ିଆଙ୍କ ଭିତରେ ଜାଗରଣ ଭରିଦେବା ଉଦ୍ଦେଶ୍ୟରେ ଲେଖିଛନ୍ତି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ। ବସ୍ତୁତଃ ତାଙ୍କୁ ବିଭୋର କରିଥିଲା ଜନ୍ମ ମାଟିର ସୁଷମା ମଣ୍ଡିତ ପ୍ରାକୃତିକ ରୂପ ସମ୍ଭାର। ସେଥିରେ ଅଭିଭୂତ ହୋଇ ଗାଇଛନ୍ତି–ନୀଳପୟୋଧି ବିଧୌତ ଶରୀରା, ତାଳ ତମାଳ ସୁଶୋଭିତ ତୀରା...। ଏହି କାଳଜୟୀ ସଙ୍ଗୀତର ଜାତୀୟତାବୋଧକ ବାର୍ତ୍ତା ପ୍ରାଣକୁ ଯେତିକି ଉଦ୍ଦୀପ୍ତ କରେ, ସେତିକି ସ୍ପନ୍ଦିତ କରେ ଉତ୍କଳର ଶ୍ୟାମଳ ବନରାଜି ତଥା ତାର ନୀଳ ଭୂଧରମାଳା। ଉତ୍କଳମଣି ଗୋପବନ୍ଧୁ ତାଙ୍କର ସମଗ୍ର ଜୀବନକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଗାଇଥିଲେ 'ମିଶୁ ମୋର ଦେହ ଏ ଦେଶ ମାଟିରେ...।' ଅନୁରୂପ ଭାବରେ କାନ୍ତକବି ଜୀବନର ଦୁଃଖ ଦୈନ୍ୟ ରୋଗ ଓ ଶୋକ ଭୁଲି ଗାଇଗଲେ ମା' ମାଟିର ବନ୍ଦନା–

''ଏ ଦେଶ ମାଟିରେ ଗଠିତ ମୋହର ମେଦ, ମାଂସ, ଅସ୍ଥି
ଏ ଦେଶ ସଲିଳେ ମୋର ରକ୍ତ,ଏ ଦେଶ ଅନ୍ନେ ଶକ୍ତି।
ଏ ଦେଶ ସେବା ଧର୍ମ ମୋହର,ଏ ଦେଶ ମୋର ଧାତ୍ରୀ
ଏ ଦେଶ ଇଷ୍ଟ,ଜନନୀ,ଜନକ ବାଞ୍ଛିତ ଫଳ ଦାତ୍ରୀ।''

ମାତୃଭୂମିର ଅବଦାନକୁ ଯିଏ ଏଭଳି ମର୍ମେ ମର୍ମେ ଅନୁଭବ କରିପାରନ୍ତି,ସେହି କେବଳ ମା' ମାଟିର ବନ୍ଦନା ପାଇଁ ଲେଖି ପାରନ୍ତି ବନ୍ଦେ ଉତ୍କଳ ଜନନୀ ପରି ସଙ୍ଗୀତ। କବିଙ୍କ ମତରେ ଦେଶାତ୍ମକ କବିତା କେବଳ ତୁଚ୍ଛା ଶବ୍ଦ ସଂଯୋଜନାର ମାୟାଜାଲ ନୁହେଁ,ଏହା ଜାତୀୟ ଜୀବନର ଏକ ବୃହତ୍ତର ଅଧ୍ୟାୟ। କବିଙ୍କ ବ୍ୟକ୍ତିଗତ ଜୀବନ ହୋଇପାରେ ଦୁଃଖମୟ, ମାତ୍ର ତାଙ୍କ ହୃଦୟ ଥିଲା କାରୁଣ୍ୟର ସାଗର ମଧ୍ୟରେ ଆନନ୍ଦବୋଧର ଏକ ଲବଙ୍ଗ ଦ୍ୱୀପ। ହଜାରେ ଦୁଃଖ ବଞ୍ଚନା ସତ୍ତ୍ୱେ ହସାଇବା ଥିଲା ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷ ଗୁଣ। ତାଙ୍କ ଭକ୍ତି ରସାତ୍ମକ ସଙ୍ଗୀତର କାନ୍ତ କୋମଳ ପଦାବଳୀ ତାଙ୍କୁ ଆଣିଦେଇଛି କାନ୍ତକବିର ଗୌରବ। ଏ ଉପାଧି ତାଙ୍କୁ କୌଣସି ସାରସ୍ୱତ ଅନୁଷ୍ଠାନ ବା ଏକାଡେମୀ ଦେଇନାହିଁ,ବରଂ ଏହା କବିଙ୍କ ପ୍ରତି ଅଗଣିତ ବିଦଗ୍ଧ ପାଠକଙ୍କ ସସ୍ନେହ ସମ୍ବୋଧନ। କବିଙ୍କ ଉଦ୍ଦେଶ୍ୟରେ ଗୁଣଗ୍ରାହୀମାନଙ୍କର ଏକ ଶାବ୍ଦିକ ଶିରସ୍ତ୍ରାଣ। ଠିକ୍ ଫକୀର ମୋହନଙ୍କ 'ବ୍ୟାସକବି' ଉପାଧି ପରି। କାନ୍ତକବି ତାଙ୍କର ଜାତୀୟ ସଙ୍ଗୀତ ପାଇଁ ଚିରକାଳ ଅମର ରହିବେ ଏବଂ ତାଙ୍କର ଏ ଅନବଦ୍ୟ ସଙ୍ଗୀତ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ।

ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ: ୯୪୩୮୪୫୦୮୮

# କୃଷି ନୋବେଲ ବିଜେତା

ବିଶ୍ୱରେ ଆଗକୁ କରୋନା ଭାଇରସ୍‌ଜନିତ ମୃତ୍ୟୁ ଅପେକ୍ଷା କ୍ଷୁଧାରେ ଅଧିକ ଲୋକଙ୍କ ପ୍ରାଣହାନି ଘଟିବ ବୋଲି ଅନ୍ତର୍ଜାତୀୟ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ହଜାର ହଜାର ଶ୍ରମିକ ଦୁଇ ବେଳା ଖାଇବା ପାଇଁ ଧାଡ଼ି ବାନ୍ଧିଥିବାର ଦେଖିବାକୁ ମିଳିଛି। ଦକ୍ଷିଣ ଆମେରିକାର ଉତ୍ତରରେ ଥିବା କଲମ୍ବିଆରେ ଗରିବ ଲୋକମାନେ ଘର ଝରକା ଆଗରେ ଲାଲ୍ ଲୁଗା ଓ ପତାକା ଦେଖାଇ ସେମାନେ ଭୋକରେ ଅଛନ୍ତି ବୋଲି ଦର୍ଶାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ପୃଥିବୀସାରା ଲୋକଙ୍କ ପାଇଁ ଆଗକୁ ଖଦ୍ୟାଭାବ ବିରାଟ ସମସ୍ୟା ଭାବେ ଉଭା ହେବାକୁ ଯାଉଛି। ତେଣୁ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଦେଶଗୁଡ଼ିକ ପାଇଁ ଗୁରୁତ୍ୱ ବହନ କରୁଛି। ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧି ସହ ଜୈବିକ ପ୍ରଣାଳୀରେ ଅଧିକ ଚାଷ କରାଯାଇପାରିଲେ ଲୋକେ ନୀରୋଗ ରହିପାରିବେ। କାରଣ ରାସାୟନିକ ପଦ୍ଧତିରେ ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିବାରୁ ତାହା ଦ୍ୱାରା ଅନେକ ପ୍ରକାର ରୋଗ ବଢ଼ିଯାଉଛି। କୋଭିଡ୍-୧୯ଜନିତ ମହାମାରୀ ଓ ଖାଦ୍ୟ ସଙ୍କଟ ଦେଖାଦେବା ପରିପ୍ରେକ୍ଷୀରେ ପ୍ରତ୍ୟେକ ରାଷ୍ଟ୍ର ଚାହିଁଲେଣି ଜୈବିକ କୃଷିର ଉନ୍ନତି। ଏହା ଉପରେ ନିରନ୍ତର ଗବେଷଣା କରିବା ସହ କୃଷି କ୍ଷେତରେ ନୂଆ ପରୀକ୍ଷଣ କରି ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍ସିଟି (ଓଏସ୍‌ୟୁ)ର ବିଖ୍ୟାତ କୃଷି ମୃତ୍ତିକା ବିଜ୍ଞାନୀ ଭାରତୀୟ-ଆମେରିକୀୟ ରତନ ଲାଲ୍ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଫଳରେ ତାଙ୍କ କାର୍ଯ୍ୟକୁ ଏବେ ୱାର୍ଲଡ ଫୁଡ୍ ପ୍ରାଇଜ୍ ବା ବିଶ୍ୱ ଖାଦ୍ୟ ପୁରସ୍କାର ଫାଉଣ୍ଡେଶନ ସ୍ୱୀକୃତି ଦେଇଛି। ଫାଉଣ୍ଡେଶନ ସଭାପତି ବରବରା ଷ୍ଟିନ୍‌ସନ୍ ୧୧ ଜୁନ୍‌ରେ ୱାଶିଂଟନ୍‌ରୁ ଏକ ଅନଲାଇନ୍ କାର୍ଯ୍ୟକ୍ରମରେ ରତନଙ୍କ ନାମ ଘୋଷଣା କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଚର୍ଚ୍ଚିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୱାର୍ଲଡ ଫୁଡ୍ ପ୍ରାଇଜ୍ ନୋବେଲ ଶାନ୍ତି ପୁରସ୍କାର ବିଜେତା ନର୍ମାନ୍ ବୋର୍ଲଗଙ୍କ ଦ୍ୱାରା ୧୯୮୬ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଖାଦ୍ୟର ଗୁଣବତ୍ତା ଓ ଉପଲବ୍ଧତା କ୍ଷେତ୍ରରେ ଉନ୍ନତି ଆଣିପାରିଥିବା ବୈଜ୍ଞାନିକ କିମ୍ବା ଅନ୍ୟମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ନର୍ମାନ୍ ଏହି ପୁରସ୍କାର ସୃଷ୍ଟି କରିଥିଲେ। ବିଜେତାଙ୍କୁ ପୁରସ୍କାର ବାବଦକୁ ୨ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ଆଇଓ୍ୱା ରାଜଧାନୀ ଦେସ୍ ମୌନିଜ୍‌ଠାରେ ପ୍ରଦାନ କରାଯାଇଆସୁଛି। ଏହି ସମ୍ମାନକୁ କୃଷି କ୍ଷେତ୍ରରେ ନୋବେଲ ପୁରସ୍କାର ଭାବେ ବିବେଚନା କରାଯାଇଥାଏ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ (ପିଏୟୁ)ର ଦୁଇ ଜଣ ପୂର୍ବତନ ଛାତ୍ର ଏହି ବିଶ୍ୱ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଛନ୍ତି। ରତନଙ୍କ ପୂର୍ବରୁ ଡକ୍ଟର ଗୁରୁଦେବ ସିଂ ଖୁସ୍ ୧୯୯୬ରେ ଏହି ସମ୍ମାନ ପାଇଥିଲେ।



ବ୍ୟକ୍ତିତ୍ୱ
ରତନ ଲାଲ୍

ରତନ ୫ ସେପ୍ଟେମ୍ବର ୧୯୪୪ରେ ପଞ୍ଜାବର କାର୍ଯ୍ୟାଠାରେ ଜନ୍ମଗ୍ରହଣ କରିଥିଲେ। ପିଏୟୁରୁ ବିଏସ୍ ଡିଗ୍ରୀ ଅର୍ଜନ କରିଥିଲେ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଆଇସିଏଆର୍)ରୁ ଏମ୍‌ଏସ୍ ଡିଗ୍ରୀ ହାସଲ କରିବା ପରେ ରତନ ଓହିଓ ଷ୍ଟେଟ୍ ୟୁନିଭର୍ସିଟିରୁ ପିଏଚ୍‌ଡି କରିଥିଲେ। ୧୯୬୮-୬୯ରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀରେ ସିନିୟର ରିସର୍ଚ୍ଚ ଫେଲୋ ଭାବେ କାର୍ଯ୍ୟ କରିବା ପରେ ୧୯୭୦ରୁ ୧୯୮୭ ଯାଏ ନାଇଜେରିଆର ଇବାଦାନ୍‌ରେ ସେ ସଏଲ୍ ଫିଜିସିଷ୍ଟ କାର୍ଯ୍ୟ ନିଭାଇଥିଲେ। ସେଠାରୁ ଫେରିବା ପରେ ୧୯୮୭ରେ ସେ ଓହିଓ ଷ୍ଟେଟ୍ ୟୁନିଭର୍ସିଟିରେ ଯୋଗ ଦେଇଥିଲେ। ୨୦୧୯ରେ ରତନ ମୃତ୍ତିକା ବିଜ୍ଞାନର ପ୍ରଫେସର ଏବଂ କାର୍ବନ ମ୍ୟାନେଜମେଣ୍ଟ ଆଣ୍ଡ୍ ସିକ୍ୱେଷ୍ଟ୍ରେଶନ ସେଣ୍ଟରର ନିର୍ଦ୍ଦେଶକ ହୋଇଥିଲେ।

ରତନ ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ ନିରନ୍ତର ଗବେଷଣା କରିଆସିଥିବାରୁ ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ସେଥିମଧ୍ୟରୁ ୨୦୦୫ରେ ବୋର୍ଲଗ ଆୱାର୍ଡ, ୨୦୦୬ରେ ଭୋନ୍ ଲିବିଗ୍ ଆୱାର୍ଡ, ୨୦୧୮ରେ ଗ୍ଲିଙ୍କା ୱାର୍ଲଡ୍ ସଏଲ୍ ପ୍ରାଇଜ୍ ଏବଂ ୨୦୨୦ ସକାଶେ ବିଶ୍ୱ ଖାଦ୍ୟ ପୁରସ୍କାର ତାଙ୍କୁ ଅନନ୍ୟ ଖ୍ୟାତି ଆଣିଦେଇଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବର୍ଜନ କରିବା ଲାଗି ଆମେ ଉଦ୍ୟମ ଜାରି ରଖିଛୁ। କିନ୍ତୁ ଗୋଟିଏକୁ ଆମେ ଛାଡ଼ିପାରୁନୁ ତାହା ହେଉଛି ପ୍ଲାଷ୍ଟିକ୍ ମୁଠା ଝାଡୁ। ଏହି ଝାଡୁ ଅଦରକାରୀ ହୋଇଗଲେ ମୁଠା ସହ ତାହାକୁ ଫିଙ୍ଗି ଦେଉ । ଆକଳନରୁ ଜଣାପଡ଼ିଛି ଯେ, ପ୍ରାୟ ୪୦,୦୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ୍ ଝାଡୁ ମୁଠା ତିଆରି କରିବାରେ ବ୍ୟବହାର କରାଯାଏ ଓ ଶେଷରେ ତାହା ବାହାରେ ପଡି ରହି ପରିବେଶକୁ ପ୍ରଦୂଷିତ କରେ। ଏଭଳି ପ୍ଲାଷ୍ଟିକ୍ ବ୍ୟବହାର ଦୂର କରିବା ପାଇଁ ତ୍ରିପୁରାରେ ଅବସ୍ଥାପିତ ୨୦୧୦ ବ୍ୟାଚ୍‌ର ଆଇଏଫ୍‌ଏସ ଅଧିକାରୀ ପ୍ରସାଦ ରାଓ ଏକ ନୂଆ ଉପାୟ ବାହାର କରିଛନ୍ତି, ଯାହାଦ୍ୱାରା ପ୍ଲାଷ୍ଟିକ୍ ବ୍ୟବହାର ଦୂର ହେବା ସହ ପରିବେଶକୁ ବି ଉପକାର ହୋଇପାରିବ। ଝାଡୁ ମୁଠା ପାଇଁ ରାଓ ଓ ତାଙ୍କ ସାଥୀମାନେ ପ୍ଲାଷ୍ଟିକ୍ ବଦଳରେ ବାଉଁଶ ମୁଠା ଲଗାଉଛନ୍ତି। ଏହି ମୁଠା ହାଲ୍‌କା ଓ ଜଙ୍ଗଲରେ ଶୀଘ୍ର ବଢୁଥିବା ଏକ ପ୍ରକାର ବାଉଁଶରୁ ପ୍ରସ୍ତୁତ କରାଯାଉଛି। ଏହା ଆମ ଦେଶରେ ସହଜରେ ଉପଲବ୍ଧ ଓ ଖର୍ଚ୍ଚ ବି ଅଧିକ ନୁହେଁ। ଲୋକମାନେ ଏହାକୁ ସହଜରେ ବ୍ୟବହାର କରିପାରିବେ ବୋଲି କହନ୍ତି ରାଓ। ବନ ଧନ ବିକାଶ କାର୍ଯ୍ୟକ୍ରମ ଜରିଆରେ ସେ ଏଭଳି ଝାଡୁ ତିଆରି କରୁଛନ୍ତି। ୭ ମାସ ତଳେ ଆରମ୍ଭ କରିଥିବା ଏହି ଯୋଜନାରେ ପାଖାପାଖି ୧ ହଜାର ଆଦିବାସୀ ପରିବାରକୁ କାମ ଯୋଗାଇ ଦେଇଛନ୍ତି। ଚଳିତ ବର୍ଷ ଏହି ଯୋଜନାରେ ୪ ଲକ୍ଷ ଝାଡୁ ଓ ଆସନ୍ତା ବର୍ଷ ଏହାଠାରୁ ୧୦ ଗୁଣ ଅଧିକ ଝାଡୁ ତିଆରି କରିବାର ଲକ୍ଷ୍ୟ ରଖିଛନ୍ତି। ପ୍ଲାଷ୍ଟିକ ମୁଠା ଝାଡୁ ମୂଲ୍ୟଠାରୁ ଏହା ବହୁତ ଶସ୍ତା ହେବ ବୋଲି କହନ୍ତି ରାଓ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୯୫

- ଶ୍ରୀଲଙ୍କାର ପୂର୍ବ ବାଟିକାଲୋଆ ଜିଲାର ପୋଣ୍ଡୁକାଲ ଚେନାଇଠାରେ ଏଲ୍‌ଟିଟିଇ ଉଗ୍ରପନ୍ଥୀ ଓ ସରକାରୀ ସୈନ୍ୟଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ହେବା ଫଳରେ ୨୦ ଜଣ ଉଗ୍ରପନ୍ଥୀଙ୍କ ସମେତ ୩୮ ଜଣଙ୍କ ପ୍ରାଣହାନି ଘଟିଛି।
- ମାଲେସିୟାର ଖ୍ୟାତନାମା ଫୁଟବଲ ତାରକା ଆବାସ ସାଦ୍‌ଙ୍କୁ ଫୁଟବଲ୍ ମ୍ୟାଚ୍ ଫିକ୍ସିଂ ସ୍କାଣ୍ଡାଲ ଅଭିଯୋଗରେ ବିଶ୍ୱବ୍ୟାପୀ କଟକଣା ଜାରି କରାଯିବା ସଙ୍ଗେ ସଙ୍ଗେ ୩୭,୫୦୦ ଡଲାର ଜରିମାନା କରାଯାଇଛି।

## ଚିରନ୍ତନୀ

ଉଠିନି ହସି ରବି ରକତ ରାଗେ,
ନୟନେ କିପାଁ ତବ ଲୋତକ ଜାଗେ !
ଉଷାର ପରଶରେ ଜୋଛନା ବିରସ ଯେ
ପ୍ରଭାତୀ ତାରା ମୁଖେ ତୁଷାର ଲାଗେ
ନୟନେ ତବ କିପାଁ ଲୋତକ ଜାଗେ ?

(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | 7 | | | 8 | | 0 | 1 | 9 | | 3 | | |
| | | 1 | | 0 | 9 | | | | 7 | | | | | A |
| C | | | 1 | | | | | | | | B | | 5 | |
| | | | 8 | 4 | | 3 | A | | 6 | | | D | | |
| | E | B | | C | 5 | | | | | | 4 | | 7 | |
| | 9 | | | 6 | | 5 | | D | | | A | 0 | E | |
| | | | | | | | | E | | C | | 7 | | |
| | | | | 9 | | | | 6 | 5 | E | | 8 | A | |
| | | 2 | 4 | | E | | | | | D | | | B | |
| | | | 3 | | | | | | | | | | 2 | |
| 3 | | D | | B | | | 5 | | | 7 | | 9 | | |
| | | | | | 7 | | 4 | | | 3 | 5 | | | |
| B | A | | 2 | 3 | | | C | | 9 | 8 | | | 6 | |
| 5 | | | | A | | 0 | 7 | | | 4 | 1 | 2 | | |
| 6 | 4 | 0 | 9 | | 8 | D | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | E | 7 | 6 | 9 | 3 | 2 | A | 8 | D | 1 | 0 | 4 | C |
| 1 | 8 | 4 | C | B | 5 | E | 6 | 0 | 7 | 3 | 2 | A | 9 | D |
| 0 | A | D | 3 | 2 | 8 | 5 | 9 | 1 | 6 | C | 4 | B | E | 7 |
| 7 | 2 | C | A | E | 4 | B | D | 8 | 0 | 5 | 9 | 3 | 6 | 1 |
| 3 | 9 | 6 | 1 | 0 | D | 4 | 7 | C | B | E | A | 5 | 8 | 2 |
| 2 | 4 | 7 | 5 | D | B | 0 | 3 | 6 | 9 | 8 | C | E | 1 | A |
| 5 | C | A | 2 | 8 | 6 | 1 | B | E | 3 | 0 | 7 | 9 | D | 4 |
| 6 | 1 | 0 | E | 9 | 3 | C | A | D | 5 | 4 | B | 2 | 7 | 8 |
| 8 | E | B | 0 | C | 1 | 9 | 4 | 7 | A | 2 | D | 6 | 5 | 3 |
| 9 | D | 3 | 4 | 7 | A | 2 | 8 | 5 | E | 1 | 6 | C | B | 0 |
| E | B | 8 | 6 | A | 2 | D | 1 | 9 | C | 7 | 3 | 4 | 0 | 5 |
| A | 0 | 5 | B | 3 | C | 7 | E | 4 | 1 | 6 | 8 | D | 2 | 9 |
| 4 | 6 | 9 | 8 | 1 | 0 | A | C | 2 | D | B | 5 | 7 | 3 | E |
| C | 3 | 2 | D | 5 | 7 | 8 | 0 | B | 4 | 9 | E | 1 | A | 6 |
| D | 7 | 1 | 9 | 4 | E | 6 | 5 | 3 | 2 | A | 0 | 8 | C | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଟିକା ବ୍ୟବହାର ପୂର୍ବରୁ ଡାକ୍ତରଙ୍କ ପରାମର୍ଶ

ମହାଶୟ,

ଟେଲିଭିଜନରେ ଗର୍ଭନିରୋଧକ ବଟିକା 'ଅନ୍‌ୱାଣ୍ଟେଡ୍ ୨୧'କୁ ଜନସାଧାରଣ ବ୍ୟବହାର କରିବା ପାଇଁ ବିଜ୍ଞାପନ ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି। କିନ୍ତୁ କେବଳ ଅନ୍‌ୱାଣ୍ଟେଡ୍ ୨୧ ନୁହେଁ ବରଂ ମର୍ନିଙ୍ଗ ଆଫ୍ଟର ପିଲ୍, ସହେଲି, ଅନ୍‌ୱାଣ୍ଟେଡ୍ ୭୨ ଭଳି ଅନେକ ଗର୍ଭନିରୋଧକ ବଟିକା ରାସାୟନିକ ବ୍ୟବସ୍ଥାର ଅନ୍ତର୍ଗତ। ଏହି ଗର୍ଭନିରୋଧକ ବଟିକା ଗର୍ଭକୁ ନିରୋଧ କରେ ନିଃସନ୍ଦେହ, କିନ୍ତୁ ଏହାର ଅନେକ ପାର୍ଶ୍ୱପ୍ରତିକ୍ରିୟା ରହିଛି। ସେଥିପାଇଁ ଏହାକୁ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଅନେକ ସମୟରେ ଡାକ୍ତର ତଥା ବିଶେଷଜ୍ଞମାନେ ଏହାକୁ ବ୍ୟବହାର କରିବା ପାଇଁ ବାରଣ କରିଥାନ୍ତି। କିନ୍ତୁ ଟିଭି ବିଜ୍ଞାପନରେ ନିର୍ଦ୍ଦିଷ୍ଟ ବଟିକାର ବ୍ୟବହାର କରିବାକୁ କୁହାଯାଉଥିବା ବେଳେ ଏହାର ପାର୍ଶ୍ୱପ୍ରତିକ୍ରିୟା ବିଷୟରେ ଅବଗତ କରାଯାଉ ନାହିଁ, ଯଦ୍ୱାରା ଅଧିକାଂଶ ପରିବାର ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରି ଅସୁବିଧାର ସମ୍ମୁଖୀନ ହେବେ।

ସୌମ୍ୟା ପ୍ରିୟଦର୍ଶିନୀ, ଛାତ୍ରୀ, ଭୁବନେଶ୍ୱର

### ବ୍ୟାଙ୍କ ସେବା ସ୍ୱାଭାବିକ ହେଉ

ଓଡ଼ିଶା ସରକାର ମେ ୨୦ରୁ ସରକାରୀ କାର୍ଯ୍ୟାଳୟରେ ଶତ ପ୍ରତିଶତ କର୍ମଚାରୀ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆମ ରାଜ୍ୟରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକରେ ସ୍ୱଳ୍ପ କର୍ମଚାରୀମାନଙ୍କୁ ନେଇ କାର୍ଯ୍ୟ ଚାଲିଛି। ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବ୍ୟାଙ୍କସେବାକୁ ସ୍ୱାଭାବିକ କରାଯାଉ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୩ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ୭ଦିନ ଶଟ୍‌ଡାଉନ

**ସାକ୍ଷୀଗୋପାଳ,୧୩।୬(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକର ଜୟପୁର ପଞ୍ଚାୟତରୁ ୧, ମହୁରାରୁ ୨ଜଣ, ଦାସବିଦ୍ୟାଧରପୁରରୁ ୨ଜଣ ପ୍ରବାସୀଙ୍କ ଶୁକ୍ରବାର ପଜିଟିଭ ଚିହ୍ନଟ ହୋଇଛି। ଏହାପରେ ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ୩ ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ୭ଦିନ ଲାଗି ଶଟନଡାଉନ ଘୋଷଣା କରାଯାଇଛି। ଜୟପୁର ପଞ୍ଚାୟତର ଚିହ୍ନଟ ବ୍ୟକ୍ତି ମହାମାୟା ସାହିର ହୋଇଥିବାବେଳେ କ୍ୱାରାଣ୍ଟାଇନ ଫେରି ଘରେ ଥିବାବେଳେ ଥଣ୍ଡା, ଜ୍ୱର ହେବା ପରେ ପୁଣିଥରେ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିବା ପରେ ଉକ୍ତ ବ୍ୟକ୍ତିଙ୍କୁ କୋଭିଡ ହସ୍ପିଟାଲ ପଠାଯାଇଛି। କିନ୍ତୁ ସେ ଘରେ ଥିବାବେଳେ ବାହାରେ ବୁଲିବା ୨୭ଜଣଙ୍କ ସଂସ୍ପର୍ଶରେ ଆସିଥିବାରୁ ସମସ୍ତଙ୍କୁ ଚିହ୍ନଟ କରାଯାଇ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଛି। ଏହାସହ ଉକ୍ତ ଗ୍ରାମକୁ ସାନିଟାଇଜ କରାଯାଇ ଶଟଡାଉନ ଘୋଷଣା କରାଯାଇଥିବା ସରପଞ୍ଚ ବିଶ୍ୱଜିତ ମହାପାତ୍ର କହିଛନ୍ତି। ସେହିପରି ମହୁରାର ଡାଙ୍ଗୁରା ଗ୍ରାମ ଓ ଦାସବିଦ୍ୟାଧରପୁର ପକ୍ଷୀମୁଣ୍ଡ, ଭୀମପୁର ଛକକୁ ପ୍ରଶାସନ ପକ୍ଷରୁ ଶଟଡାଉନ ଘୋଷଣା କରାଯାଇଛି। ଏହି ସମୟରେ ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ସରୋଜ କୁମାର ଦତ୍ତ, ଆଇଆଇସି ଦେବୀ ପ୍ରସାଦ ପାତ୍ର ଓ ସ୍ୱାସ୍ଥ୍ୟ ଅଧିକାରୀ ଡା.ବିଶ୍ୱଜିତ ମିଶ୍ର ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ହୋମ୍ କ୍ୱାରାଣ୍ଟାଇନରେ ୧୪ ପୋଲିସ କର୍ମଚାରୀ

#### ଅଭିଯୁକ୍ତ କରୋନା ଆକ୍ରାନ୍ତ

**ବ୍ରହ୍ମଗିରି,୧୩।୬(ଡି.ଏନ.ଏ):** ବ୍ରହ୍ମଗିରି ଅଞ୍ଚଳରୁ ଶନିବାର ଜଣେ ଅଭିଯୁକ୍ତ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ବ୍ରହ୍ମଗିରି ଥାନାଧିକାରୀଙ୍କ ସମେତ ୧୪ଜଣ କର୍ମଚାରୀ ହୋମ କ୍ୱାରାଣ୍ଟାଇନରେ ରହିଥିବା ଆଡିସନାଲ ଏସପି ଅରୁଣ ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ସାତପଡ଼ା ଫାଣ୍ଡି ଅଧୀନରୁ ଗତ ମଙ୍ଗଳବାର ଏକ ଚୋରି ଘଟଣାରେ ଜଣେ ଅଭିଯୁକ୍ତକୁ ଫାଣ୍ଡି ଅଧିକାରୀ ଧରିଥିଲେ। ପରେ ବ୍ରହ୍ମଗିରି ଥାନାକୁ ପଠାଇଥିଲେ। ଥାନାରେ ଉକ୍ତ ଅଭିଯୁକ୍ତକୁ ରଖି ସମସ୍ତ ଘଟଣାର ତଦନ୍ତ କରାଯାଇ ଗୁରୁବାର ଦିନ ତାକୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ ପୂର୍ବରୁ ତା'ର କରୋନା ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ କରାଯାଇଥିଲା। ଏହି ପରୀକ୍ଷାର ରିପୋର୍ଟ ଶନିବାର ପଜିଟିଭ ବାହାରିଛି। ଏ ନେଇ ବ୍ରହ୍ମଗିରି ଥାନାଧିକାରୀ ଓ ସାତପଡ଼ା ଫାଣ୍ଡି ଅଧିକାରୀ ସମେତ ୧୪ ଜଣଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି।

# ସାମୂହିକ ରଜ ପାଳନ ଉପରେ କଟକଣା

**କଟକ/ଖୋର୍ଦ୍ଧା ଅଫିସ୍,୧୩।୬**

ରଜ ପାଳନ ଉପରେ ଶନିବାର କଟକଣା ଜାରି କରିଛନ୍ତି କଟକ ଜିଲା ପ୍ରଶାସନ। ଏନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ରହିଛି ଯେ କଟକ ଜିଲାରେ ରଜ ପାଳନ ପାଇଁ କୌଣସି ସାମୂହିକ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ ନାହିଁ। ଲୋକେ ନିଜ ଘରେ ରଜ ପାଳିବେ। ଜରୁରୀ ନ ଥିଲେ କେହି ପଦାକୁ ଆସିବେ ନାହିଁ। ସମସ୍ତ ତହସିଲଦାର ଏନେଇ ଅଞ୍ଚଳବାସୀଙ୍କୁ ସୂଚନା ଦେବେ ବୋଲି ଜିଲାପାଳ କହିଛନ୍ତି।

ଅପରପକ୍ଷେ ରଜ ସମୟରେ ସରକାରୀ ନିୟମ ପାଳନ ହେଉଛି କି ନା, ତାହାକୁ ଜଗିବା ପାଇଁ ସିଏମ୍‌ସି ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ସହରର ୧୪ଟି ଥାନାକୁ ୩ ଭାଗରେ ବିଭକ୍ତ କରାଯାଇଛି। ମର୍କତନଗର ଓ ମର୍କତନଗର ଫେଜ୍-୨, ବିଡ଼ାନାସୀ ଓ ଲାଲ୍‌ବାଗ୍ ଥାନା ଅଞ୍ଚଳ ଦାୟିତ୍ୱ ଟିମ୍-'ଏ'କୁ ଦିଆଯାଇଛି। ସେହିଭଳି ଦରଘାବଜାର, କ୍ୟାଣ୍ଟନ୍‌ମେଣ୍ଟ, ମଙ୍ଗଳାବାଗ୍, ମାଲ୍‌ଗୋଦାମ ଓ ପୁରୀଘାଟ ଥାନା ଅଞ୍ଚଳ ଦାୟିତ୍ୱରେ ରହିବେ ଟିମ୍-'ବି'। ଟିମ୍-'ସି'କୁ ଜଗତପୁର, ଚାଉଳିଆଗଞ୍ଜ, ମଧୁପାଟଣା, ବାଦାମବାଡ଼ି ଓ ସଦର ଥାନା ଦିଆଯାଇଛି। ପ୍ରତ୍ୟେକ ଟିମ୍‌ର ନୋଡାଲ ଅଧିକାରୀ ଭାବେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କ ଅଧୀନରେ ୪ଜଣ କର୍ମଚାରୀ ରହିଛନ୍ତି। ସବୁ ଟିମ୍‌ର ସୁପରଭାଇଜ୍ ଦାୟିତ୍ୱରେ ଡେପୁଟି କମିଶନର୍ ଅବିନାଶ ରାଉତ ରହିବେ। ଏମାନେ ସହରରେ ସାମାଜିକ ଦୂରତା ପାଳନ ସହ ଅନ୍ୟ ସରକାରୀ କଟକଣା ପାଳନର ତଦାରଖ କରିବେ।

ସେହିପରି ଖୋର୍ଦ୍ଧା ଜିଲା ପ୍ରଶାସନ ମଧ୍ୟ ରଜ ପାଳନ ଉପରେ କଟକଣା ଜାରି କରିଛି। ଜିଲାର ଭୁବନେଶ୍ୱର ସମେତ ସମସ୍ତ ଗ୍ରାମାଞ୍ଚଳରେ ସାମୂହିକ ଭାବେ ରଜ ମହୋତ୍ସବ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ଏ ନେଇ ଶନିବାର ଜିଲାପାଳ ସୀତାଂଶୁ କୁମାର ରାଉତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ନିୟନ୍ତ୍ରଣ ସହ ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଶୁକ୍ରବାର ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ ମହାନ୍ତି ମଧ୍ୟ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ରଜ ଉତ୍ସବ ପାଳନ ଉପରେ ୧୪୪ ଧାରା ଜାରି କରିଛନ୍ତି। ସେହିପରି ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ଦେବୀ ପୀଠରେ ୨୦ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛି ପ୍ରଶାସନ।

### ତଦାରଖ କରିବ ସିଏମ୍‌ସିର ୩ ଟିମ୍

### ଦୋକାନୀ ନିୟମ ଭାଙ୍ଗିଲେ କଟିବ ଟ୍ରେଡ୍ ଲାଇସେନ୍ସ

**କଟକ ଅଫିସ୍,୧୩।୬:** କଟକ ସହର ପାଇଁ ମଧ୍ୟ ସିଏମ୍‌ସି କମିଶନର ଅନନ୍ୟା ଦାସ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ସୋମବାର ଓ ମଙ୍ଗଳବାର ସରକାରୀ ନିୟମ ପାଳନ କରି ଦୋକାନ ବଜାର ଚଳାଇବା ପାଇଁ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରାଯାଇ ଦୋକାନୀ ଓ ଗ୍ରାହକ ଯଦି ନିୟମ ଉଲ୍ଲଂଘନ କରନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିୟମ ଉଲ୍ଲଂଘନ କଲେ ଦୋକାନକୁ ୧୫ ଦିନ ପର୍ଯ୍ୟନ୍ତ ବନ୍ଦ କରାଯିବ। ସେହିପରି ଟ୍ରେଡ୍ ଲାଇସେନ୍ସ ମଧ୍ୟ ବାତିଲ କରିଦିଆଯିବ ବୋଲି ସିଏମ୍‌ସି କମିଶନର ଦାସ ପ୍ରକାଶ କରିଛନ୍ତି।

# ରାଜଧାନୀରେ ପାଳନ ହେବନି ରଜ

**ଭୁବନେଶ୍ୱର, ୧୩।୬ (ବ୍ୟୁରୋ)**

**ବିଏମ୍‌ସି ଲଗାଇଲା କଟକଣା**
- ସର୍ବସାଧାରଣ ସ୍ଥାନରେ ଏକାଠି ହେବା ମନା
- ଲାଗିବନି ରଜ ଦୋଳି, ତାସ, ବାଗୁଡ଼ି ଖେଳ ବନ୍ଦ
- ନିୟମ ଉଲ୍ଲଂଘନ କଲେ ବ୍ୟବସାୟୀ, ଗ୍ରାହକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ରାଜଧାନୀରେ ପାଳନ ହେବନି ଓଡ଼ିଆଙ୍କ ଅନ୍ୟତମ ବଡ଼ ପରମ୍ପରା ରଜ। କରୋନା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏହା ଉପରେ ରୋକ ଲଗାଇଛି। ଦିନକୁ ଦିନ ସହରରେ ଜନସମାଗମ ବଢ଼ି ଚାଲିଛି। ରଜ ପର୍ବ ପାଇଁ ହାଟ, ବଜାରରେ ଲୋକମାନେ ଭିଡ଼ ଲଗାଉଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ଭିଡ଼ ନିୟନ୍ତ୍ରଣ କରିବା ସହ ଗହଳି ସ୍ଥାନକୁ ନ ଯିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଆସୁଥିଲେ ମଧ୍ୟ ସାମାଜିକ ଦୂରତ୍ୱ ନିୟମ ବ୍ୟାପକ ଭାବେ ଉଲ୍ଲଂଘନ ହେଉଥିବା ନଜରକୁ ଆସୁଛି। ବ୍ୟବସାୟୀମାନେ ମଧ୍ୟ ବେପାର ପାଇଁ କିଛି ନିୟମକାନୁନ ମାନୁନାହାନ୍ତି। ତେଣୁ ବିଏମ୍‌ସି ଭୁବନେଶ୍ୱରରେ ରଜ ପାଳନ ବନ୍ଦ କରିଛି। ସହରର କୌଣସି ସ୍ଥାନରେ ରଜ ପର୍ବ ପାଳନ ପାଇଁ ଗୋଷ୍ଠୀ ସମୂହ ଏକାଠି ହୋଇପାରିବେ ନାହିଁ। ସେହିଭଳି କୌଣସି ସ୍ଥାନରେ ରଜ ଦୋଳି ଲାଗିବ ନାହିଁ କିମ୍ବା ତାସ, ବାଗୁଡ଼ି ଖେଳ ହେବ ନାହିଁ। କରୋନା ସଂକ୍ରମଣ ଏଡ଼ାଇବା ଲାଗି ଏ ସମସ୍ତ କାର୍ଯ୍ୟରେ କଟକଣା ଲାଗିଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଏକ ପ୍ରେସ୍ ଇସ୍ତାହାରରେ ସେ କହିଛନ୍ତି, ସମସ୍ତ ଦୋକାନ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ବିଏମ୍‌ସି ଦ୍ୱାରା ଦିଆଯାଇଥିବା ଏସ୍‌ଓପିକୁ ମାନିବାକୁ ବାଧ୍ୟ। ଗ୍ରାହକଙ୍କୁ ମଧ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟରେ ସାମାଜିକ ଦୂରତ୍ୱ ମାନିବାକୁ ପଡ଼ିବ ଓ ଏନେଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧ୍ୟାନ ରଖିବାକୁ ପଡ଼ିବ। ନିୟମ ଉଲ୍ଲଂଘନ ନଜରକୁ ଆସିଲେ ଆପାତକାଳୀନ ସ୍ଥିତିରେ ସିଲ୍ କରାଯିବ। ଆବଶ୍ୟକ ସ୍ଥଳେ ଟ୍ରେଡ୍ ଲାଇସେନ୍ସକୁ ବାଜ୍ୟାପ୍ତ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ଜନସାଧାରଣ ବିନା ମାସ୍କରେ ଦୋକାନ ବଜାରରେ ବୁଲୁଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। କେହି ବି ବ୍ୟବସାୟୀ ଯଦି ବିନା ମାସ୍କଧାରୀଙ୍କୁ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଅନ୍ତି, ତେବେ ତାଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରଜ ପାଇଁ ଭୁବନେଶ୍ୱରର ବହୁ ହାଟ ବଜାରରେ ଭିଡ଼ ହୋଇଥିଲା। ସାମାଜିକ ଦୂରତ୍ୱ ବଜାୟ ନ ରଖିବାରୁ ବିଏମ୍‌ସି ସହରର ବିଭିନ୍ନ ସ୍ଥାନରେ ଥିବା ହାଟ ବଜାର ସହ ଛୋଟବଡ଼ ଦୋକାନ ସିଲ୍ ଆରମ୍ଭ କରିଥିଲା। ଗତ ଦୁଇଦିନ ମଧ୍ୟରେ ସହରରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଦୋକାନ ସହ ୟୁନିଟ୍-୧ ଓ ୟୁନିଟ୍-୨ ମାର୍କେଟ କମ୍ପ୍ଲେକ୍ସ ସିଲ୍ ହୋଇଛି।

# ୨ ବାଘ ଛାଲ ଜବତ, ସମିତିସଭ୍ୟ ଗିରଫ

- ଜାମିନ ନାମଞ୍ଜୁର ହେବାରୁ ଜେଲ ଗଲେ
- ବିକ୍ରି ପାଇଁ ୩ ଲକ୍ଷରେ ହୋଇଥିଲା ଡିଲ୍
- ୫ ମାସ ହେବ ଜାଲ ବିଛାଇଥିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)/ ନୟାଗଡ଼ ଅଫିସ/ ରଣପୁର(ସ୍ୱ.ପ୍ର.)**



ଅଭିଯୁକ୍ତ ଲକ୍ଷ୍ମୀଧର ନାୟକ ବାଘ ଛାଲ କାଟୁଥିବା ସମୟର ଫଟୋ।

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ନୟାଗଡ଼ ଜିଲାର ରଣପୁର ରେଞ୍ଜ ଅଜାମୁଗଣ୍ଡ ଗାଁରୁ ଶୁକ୍ରବାର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ୨ଟି ବାଘଛାଲ ଜବତ କରିଛି। ଏଥିସହ ବାଘର ହାଡ଼ ମଧ୍ୟ ମିଳିଛି। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବନ୍ଧମୁଣ୍ଡା ପଞ୍ଚାୟତର ସମିତି ସଭ୍ୟ ତଥା ଚାନ୍ଦପୁର ଥାନା ଜାମୁଗଣ୍ଡ ଗାଁର ଲକ୍ଷ୍ମୀଧର ନାୟକଙ୍କୁ ଗିରଫ କରାଯାଇଛି। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ୧୯/୨୦ରେ ମାମଲା ରୁଜୁ କରାଯାଇ ଲକ୍ଷ୍ମୀଧରଙ୍କୁ ନୟାଗଡ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ଏହି ର୍‌ୟାକେଟର ପର୍ଦ୍ଦାଫାଶ ପାଇଁ ଏସ୍‌ଟିଏଫ୍ ୫ ମାସ ତଳୁ ଜାଲ ବିଛାଇଥିଲା। ଡିଆଇଜି ଜୟନାରାୟଣ ପଙ୍କଜଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ବିଳାସିନୀ ନାୟକ ଏହି ର୍‌ୟାକେଟ ପଛରେ ଲାଗିପଡ଼ିଥିଲେ। ଏସ୍‌ଟିଏଫ୍‌କୁ ମିଳିଥିବା ଏକ ଫଟୋ ବାଘ ଶିକାରର ଦୃଢ଼ ପ୍ରମାଣ ଦେଇଥିଲା। ଉକ୍ତ ଫଟୋରେ ହତ୍ୟା କରାଯାଇଥିବା ଏକ କଲରାପତରିଆ ବାଘ ଦେହରୁ ମୁଖ୍ୟ ଅଭିଯୁକ୍ତ ତଥା ସମିତିସଭ୍ୟ ଲକ୍ଷ୍ମୀଧର ଏକ ଛୁରିରେ ଛାଲ କାଢୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଜଣେ ସହଯୋଗ କରୁଥିବାବେଳେ ସେଠାରେ ଠିଆ ହୋଇଥିବା ଅନ୍ୟଜଣେ ବ୍ୟକ୍ତିଙ୍କ ଗୋଡ଼ ମଧ୍ୟ ଦିଶୁଥିଲା। ତେଣୁ ଏହି ଫଟୋ ଏସ୍‌ଟିଏଫ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଗିରଫ ପାଇଁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅପରେଶନ। ସବୁକିଛି ତଥ୍ୟ ଏକାଠି କରିବା ପରେ ଶେଷରେ ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ଏସ୍‌ଟିଏଫ୍ ଟିମ୍ ଧରିବାରେ ସକ୍ଷମ ହୋଇଥିଲା। ଏଥିପାଇଁ ଏସ୍‌ଟିଏଫ୍‌ର ଅଧିକାରୀମାନେ ନିଜେ ଗ୍ରାହକ ସାଜି ତାଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ୨ଟି ବାଘ ଛାଲକୁ ୩ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ସବୁଠୁ ବଡ଼ କଥା ହେଲା ଉକ୍ତ ଫଟୋରେ ଲକ୍ଷ୍ମୀଧର ଯେଉଁ ବାଘ ଛାଲକୁ କାଢୁଥିଲେ ତାହାକୁ ମଧ୍ୟ ଜବତ କରାଯାଇଛି। ଫଟୋରେ ଥିବା ଅନ୍ୟ ଅଭିଯୁକ୍ତମାନେ ଗିରଫ ହେବେ। ସେହିଭଳି ଘଟଣାରେ ଅନ୍ତର୍ଜାତୀୟ ର୍‌ୟାକେଟର ସମ୍ପୃକ୍ତି ରହିଛି କି ନାହିଁ ଓ ଲକ୍ଷ୍ମୀଧର ପୂର୍ବରୁ ବାଘ ଶିକାର କରି ଛାଲ ଓ ଅନ୍ୟ ଦେହାଂଶକୁ ବିକ୍ରି କିମ୍ବା ଚାଲାଣ କରିଥିବା ନେଇ ତଦନ୍ତ ଚାଲିଛି। ଆଗକୁ ସବୁକିଛି ପର୍ଦ୍ଦାଫାଶ ହେବ ବୋଲି ଏସ୍‌ଟିଏଫ୍ ଏସ୍‌ପି ପି.କେ. ଭୋଇ କହିଛନ୍ତି। ଏନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଯଦି ବନ କର୍ମଚାରୀମାନେ ଠିକ ଭାବେ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ଦିଗରେ କାମ କରିଥାନ୍ତେ ତେବେ ଶିକାରୀ ବା ବେପାରୀଙ୍କୁ ଧରିବା ପର୍ଯ୍ୟନ୍ତ କଥା ଯାଆନ୍ତା ନାହିଁ।

ରାଜ୍ୟରେ ବନ୍ୟପ୍ରାଣୀ ଶିକାର ଓ ଚାଲାଣରେ ଏକାଧିକ ସ୍ଥାନୀୟ ଓ ଅନ୍ତର୍ଜାତୀୟ ର୍‌ୟାକେଟ ସକ୍ରିୟ ରହିଛି। ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଥିବାବେଳେ ଇତିମଧ୍ୟରେ ଅନେକ ସ୍ଥାନରେ ଚଢ଼ାଉ କରି ବାଘ ଛାଲ, ହାତୀ ଦାନ୍ତ, ଜୀବନ୍ତ ବଜ୍ରକାପ୍ତା ଓ କାତି ଜବତ କରିବା ସହ ସମ୍ପୃକ୍ତ ବେପାରୀ, ମଧ୍ୟସ୍ଥିଙ୍କୁ ଗିରଫ କରିଛି। ହେଲେ ଶୁକ୍ରବାର ଜବତ ହୋଇଥିବା ୨ ବାଘଛାଲ ଓ ହାଡ଼ ଜବତ ଘଟଣାରେ ପ୍ରଥମଥର ପାଇଁ ର୍‌ୟାକେଟର ମାଷ୍ଟରମାଇଣ୍ଡଙ୍କୁ ଧରିବାରେ ସଫଳ ହୋଇଛି ଏସ୍‌ଟିଏଫ୍।

### ଘରେ ଲୁଚିଥିବା କୋଲକାତା ଫେରନ୍ତାଙ୍କୁ ଉଠାଇ ନେଲା ପୋଲିସ

**ମାହାଙ୍ଗା,୧୩।୬(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରଦିଆ ଗାଁର ଜଣେ ଯୁବକ କୋଲକାତାରୁ ଫେରି ଘରେ ଲୁଚିଥିଲେ। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ମାହାଙ୍ଗା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକ ଓ ପରିବାର ସଦସ୍ୟଙ୍କୁ ଉଠାଇ ନେଇ ଟିଏମ୍‌ସିରେ ରଖିଛି। ଏଥିସହ କରୋନା

**୨ ଦିନ ଶଟ୍‌ଡାଉନ ଘୋଷଣା କଲେ ସରପଞ୍ଚ**

ସଂକ୍ରମଣ ଆଶଙ୍କାରେ ଗାଁର ନଂ.୫ ଓ ୬ ୱାର୍ଡକୁ ସରପଞ୍ଚ ସ୍ୱାଗତିକା ମହାନ୍ତି ସୋମବାର ଏବଂ ମଙ୍ଗଳବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ସରପଞ୍ଚ ମହାନ୍ତି ଟିଏମ୍‌ସିରେ ରହିବା ପାଇଁ କହିଥିଲେ। ମାତ୍ର ସେ ଘରେ ଲୁଚିବା ସହ ଗାଁରେ ଥିବା ଦୋକାନ ବଜାରରେ ବୁଲିଥିଲେ। ଏନେଇ ସ୍ଥାନୀୟ ଲୋକେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ମହାନ୍ତି ବ୍ଲକ ଓ ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ। ଏହାପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ଖୋର୍ଦ୍ଧାରୁ ୧୫ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୩।୬**

ଖୋର୍ଦ୍ଧା ଜିଲାରେ(ଭୁବନେଶ୍ୱରକୁ ବାଦ ଦେଇ) ଶନିବାର ୧୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଣପୁରର ୧, ବାଲୁଗାଁର ୨, ଟାଙ୍ଗୀର ୨, ମେଣ୍ଢାଶାଳର ୧୦ଜଣ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏଥିସହ ଜିଲାରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୨୯ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଶନିବାର ୧୫୬ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

### ୧୫ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୩।୬**

ଖୋର୍ଦ୍ଧା ମେଡିକାଲ ପରିସରରୁ ଶୁକ୍ରବାର ଆଦର୍ଶ ଥାନା ପୋଲିସ ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ସାହିର ହେନା ବିବି(୨୮) ଓ କେ.ବିକି ରାଓ(୨୪)। ଏମାନଙ୍କ ନିକଟରୁ ୧୫ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ କାର(ଓଆର ୦୨-ବିଟି-୪୬୪୨) ଜବତ ହୋଇଛି। ଏସ୍‌ଆଇ ଅନୁଭା ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୯୪/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଦ୍ୱୟ ଗତ କିଛିଦିନ ଧରି ମେଡିକାଲ ପରିସରରେ ବ୍ରାଉନସୁଗାର କାରବାର କରୁଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଶୁକ୍ରବାର ପହଞ୍ଚି ଚଢ଼ାଉ କରିଥିଲା। ଅଭିଯୁକ୍ତ ଦ୍ୱୟ ସେଠାରୁ ଖସିବାକୁ ଉଦ୍ୟମ କରୁଥିବାବଳେ ପୋଲିସ ସେମାନଙ୍କୁ ଧରିଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୦/୨୦, ତାରିଖ: ୦୯।୦୬।୨୦୨୦**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୫୨୦୧୩୧୫ | ଡିଜିଟାଲ ମୋଡେମ ୨ ଏମ୍‌ବିପିଏସ୍ | ୦୧।୦୭।୨୦୨୦ | ୧୦୦ ଯୋଡ଼ା |
| ୨ | ୦୩୨୦୧୧୧୦ | ଅଣ-ଆଜବେଷ୍ଟସ୍ ଆଧାରିତ "କେ" ଟାଇପ୍ ହାଇ ଫ୍ରିକ୍ସନ୍ ବ୍ରେକ୍ ବ୍ଲକ୍ | ୦୩।୦୭।୨୦୨୦ | ୧୮୭୨୦ ଗୋଟି |
| ୩ | ୦୩୨୦୧୪୬୭ | ଲକିଂ ବୋଲ୍ଟ ଓ ବ୍ରାକେଟ୍ | ୦୩।୦୭।୨୦୨୦ | ୧୨୧୭୬ ଗୋଟି |
| ୪ | ୦୭୨୦୧୪୮୧ | ଇଣ୍ଡଷ୍ଟ୍ରିଆଲ ସ୍କିନ୍ କ୍ଲିନର୍ | ୦୩।୦୭।୨୦୨୦ | ୨୨୨୦ କିଗ୍ରା |
| ୫ | ୦୨୧୯୧୯୧୩ସି | ଇଣ୍ଟରଲକ୍ ଲକ୍ ଆସେମ୍ବ୍ଲି | ୦୬।୦୭।୨୦୨୦ | ୧୬ ସେଟ୍ |
| ୬ | ୦୪୨୦୧୩୮୫ | ଲୋ ମେଣ୍ଟେନାନ୍ସ ଲିଡ୍ ଏସିଡ୍ ବ୍ୟାଟେରି | ୦୬।୦୭।୨୦୨୦ | ୪୦୦ ଗୋଟି |
| ୭ | ୦୬୨୦୫୦୦୩ବି | ଜ୍ୟାକ୍‌ସ | ୦୬।୦୭।୨୦୨୦ | ୩୬ ଗୋଟି |

**ଟେଣ୍ଡର ସମାପ୍ତି/ଖୋଲାଯିବା ସମୟ: ପୂର୍ବାହ୍ନ ୧୦.୩୦ ଘଟିକା**

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/122 ପିସିଏମ୍ଏମ୍, ଏସ୍.ଇ.ସି. ରେଳପଥ, ବିଳାସପୁର ପାଇଁ

South East Central Railway @secrail

# ଆଜି ଓଡ଼ିଶାରେ ପହଞ୍ଚିବେ ବିଜୟ ମହାନ୍ତି

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ବିଜୟ ମହାନ୍ତି ରବିବାର ଓଡ଼ିଶାରେ ପହଞ୍ଚିବେ। ଅସୁସ୍ଥତା ଯୋଗୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ସମ୍ପୂର୍ଣ୍ଣଭାବେ ସୁସ୍ଥ ହୋଇ ନ ଥିଲେ ମଧ୍ୟ ନିଜ ଜନ୍ମମାଟିକୁ ଆସିବା ପାଇଁ ବ୍ୟକ୍ତିଗତଭାବେ ଚାହୁଁଥିବାରୁ ତାଙ୍କୁ ଭୁବନେଶ୍ୱରରୁ ଯାଇଥିବା ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଜରିଆରେ ତାଙ୍କୁ ଓଡ଼ିଶା ଅଣାଯାଉଛି। ଏହି ଆମ୍ବୁଲାନ୍ସରେ ୨ଜଣ ଡ୍ରାଇଭର, ଜଣେ ଡାକ୍ତର, ଜଣେ ଟେକ୍ନିସିଆନ୍ ଓ ନର୍ସ ରହିଛନ୍ତି। ଏନେଇ ପରିବାରବର୍ଗ ଏବଂ ସିନେ କଳାକାରମାନେ ସହାୟତା ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଅନୁରୋଧ କରିବା ପରେ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା ହୋଇଥିଲା। ତେବେ ବିଜୟ ମହାନ୍ତି ରବିବାର ସକାଳ ୯ରୁ ୧୦ଟା ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ଓଡ଼ିଶା ଫେରିବା ପୂର୍ବରୁ ବିଜୟ ମହାନ୍ତି ଫ୍ୟାନ୍‌ମାନଙ୍କ ପାଇଁ କହିଛନ୍ତି 'ହେଲୋ...ମୁଁ ଆସୁଛି'। ଝିଅ ଯସ୍ମିନ୍ ମହାନ୍ତି ଏକ ଭିଡିଓ ମାଧ୍ୟମରେ ଏମ୍‌ପି ଅପରାଜିତା ଷଡଙ୍ଗୀ, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ଅଭିନେତା ଅଖିଳ ପଟ୍ଟନାୟକଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଙ୍ଗାରୁଜା

**ପୁରୀ ଅଫିସ,୧୩।୬**

**ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ**

ଭୁଲ୍ ଇଞ୍ଜେକ୍ସନ ଦେବା ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଶନିବାର ଭଙ୍ଗାରୁଜା ହୋଇଛି। ରୋଗୀଙ୍କ ସମ୍ପର୍କୀୟମାନେ ଏଭଳି ମୃତ୍ୟୁକୁ ଗ୍ରହଣ ନ କରିପାରି ହୋହଲ୍ଲା କରିବା ସହ ଦୋଷୀ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦୀର୍ଘ ସମୟ ଧରି ଉତ୍ତେଜନା ହୋଇଥିଲା। କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପୁରୀ ସଦର ବ୍ଲକ ବେଲଦଳ ପଞ୍ଚାୟତ ଉର ଗ୍ରାମର ମାଗୁଣି ମହାପାତ୍ରଙ୍କ ପୁଅ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଶୁକ୍ରବାର ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଶନିବାର ମଧ୍ୟାହ୍ନ ୧୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ଭୁଲ୍ ଇଞ୍ଜେକ୍ସନ ଦେବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସମ୍ପର୍କୀୟମାନେ ହୋହଲ୍ଲା କରିବା ସହ ସର୍ଜରି ୱାର୍ଡରେ ଭଙ୍ଗାରୁଜା କରିଥିଲେ। ଏ ସମ୍ପର୍କରେ ସମ୍ପର୍କୀୟ ଚିତ୍ରସେନ ମହାପାତ୍ର କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ଯୁବକଙ୍କ ପେଟରେ କିଛି ସମସ୍ୟା ହେବାରୁ ହସ୍ପିଟାଲ ଆଣିଥିଲୁ। ସେ ଭଲ ଥିଲେ। ମାତ୍ର ଡାକ୍ତର କ'ଣ ଭୁଲ୍ ଇଞ୍ଜେକ୍ସନ ଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଆମେ ସନ୍ଦେହ କରୁଛୁ। ଏହାର ଉପଯୁକ୍ତ ତଦନ୍ତ ହେବା ଦରକାର। ଅନ୍ୟପକ୍ଷରେ ମୃତକଙ୍କ ବାପା ମଧ୍ୟ ଚିକିତ୍ସାରେ ଅବହେଳା ଅଭିଯୋଗ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଲାଗି ଲିଖିତ ଭାବେ ଅନୁରୋଧ କରିଛନ୍ତି।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର କୁହନ୍ତି, ଭୁଲ୍ ଇଞ୍ଜେକ୍ସନ ଦେବାରୁ ରୋଗୀଙ୍କ ମୃତ୍ୟୁ ହେବା ସମ୍ପୂର୍ଣ୍ଣ ମିଥ୍ୟା। ସମ୍ପୃକ୍ତ ରୋଗୀଙ୍କୁ ଅନ୍ୟ ଜାଗାକୁ ରେଫର କରାଯାଇଥିଲା। ମାତ୍ର ପରିବାର ଲୋକେ ଚାହିଁ ନ ଥିଲେ। ଶନିବାର ଭଲ ଥିବାବେଳେ ହଠାତ୍ ଗୁରୁତର ହୋଇ ପରେ ମୃତ୍ୟୁ ହୋଇଥିଲା। ଏହାର ତଦନ୍ତ କରାଯିବ, ଭୁଲ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

INDIA NETWORK
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର
DISTRICT RURAL DEVELOPMENT AGENCY, GANJAM, CHATRAPUR
Phone: (06811) 263965, EPBX: (06811) 263920,
Fax: (06811) 263552, E-mail: ori-dganjam@nic.in
No. 8269 XXVII-53/20 — NOTICE — Date: 11.06.2020
GENERAL NOTICE TO THE CANDIDATES WHO HAVE APPLIED FOR THE POST OF DISTRICT SOCIAL AUDITOR VIDE ADVERTISEMENT NO. 945 DT.24.01.2020 OF COLLECTOR, GANJAM
The candidate who have applied for the Post of District Social Auditor vide advertisement No. 945 Dt.24.01.2020 of Collector, Ganjam are hereby informed to visit the Ganjam district website www.ganjam.nic.in and verify their name and other details published in the Provisional Draft list of applicants and file objections if any to the Office of the undersigned within 15 days of publication of this notice (Working days only) through Registered Post/Speed Post only. The late receipt of the objections will not be entertained at this level.
Sd./- Project Director, DRDA, Ganjam

GANGADHAR MEHER UNIVERSITY, SAMBALPUR
No. 3154/GMU Date: 13.06.2020
QUOTATION CALL NOTICE
Quotations in sealed cover from reputed travel Agencies/Tour Operators/Private Individuals are invited by the Office of the undersigned for providing following vehicles for use on hire basis.

| Sl. No. | Category of Offices | Vehicle Details | Qnty. |
|---|---|---|---|
| 1 | Hon'ble Vice Chancellor | Ciaz/Honda City (Petrol, BS-IV or Higher) | 1 |
| 2 | Registrar | Swift Dzire (Petrol, BS-IV or Higher) | 1 |

Quotations should reach the office of the undersigned latest by 30.06.2020 upto 4.00 P.M. Other details and quotations form are available on university website www.gmuniversity.ac.in. The undersigned reserves the right to reject any/all quotations without assigning any reason thereof.
Sd./- Registrar





ଓଡ଼ିଶାର ଗଣପର୍ବ ରଜ। ୩ଦିନ ଧରି ପାଳନ ହେଉଥିବା ଏହି ପର୍ବରେ ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠେ। କୃଷିଭିତ୍ତିକ ଏହି ପର୍ବକୁ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ପ୍ରତିଟି ଓଡ଼ିଆ ପରିବାର ପାଳନ କରିଥାନ୍ତି। ନାଚଗୀତ, ପିଠାପଣା ସହ ଦୋଳି ଖେଳର ମଜା ସମସ୍ତେ ଉଠାଇଥାନ୍ତି। ଯୁବତୀମାନେ ବିଶେଷଭାବେ ଦୋଳିର ମଜା ନେଉଥିବାବେଳେ ପୁରୁଷମାନେ ତାସ୍ ଓ କବାଡ଼ି ଖେଳରେ ମଜି ରହିଥାନ୍ତି। ହେଲେ ଚଳିତବର୍ଷ ରଜ ପାଳନରେ ପଡ଼ିଛି କରୋନା ବେଡ଼ି। ସମ୍ପ୍ରତି ରାଜ୍ୟରେ ମହାମାରୀ କରୋନାର ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ରଜ ପାଳନରେ ପ୍ରତିବନ୍ଧକ ଲଗାଇଛନ୍ତି। ରବିବାର ପହିଲି ରଜ। ହେଲେ ୧୧ଟି ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ ହୋଇଥିବା କାରଣରୁ ଏହି ସମୟରେ କେହି ଘରକୁ ବାହାରିପାରିବେ ନାହିଁ। ଏପରି କି ସୋମବାର ରଜ ସଂକ୍ରାନ୍ତି ଏବଂ ମଙ୍ଗଳବାର ଶେଷ ରଜ ଥିବାବେଳେ ସାମୂହିକ ରଜ ପାଳନ ଉପରେ ଅଙ୍କୁଶ ଲଗାଯାଇଛି। ଲୋକମାନେ ସୁରକ୍ଷିତ ଭାବେ ଘରେ ରହି ପରିବାର ଲୋକଙ୍କ ସହ ରଜ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ରଜ ପାଳନକୁ ନେଇ ଲୋକମାନଙ୍କ ମଧ୍ୟରେ ଭରି ରହିଛି ଉତ୍ସୁକତା। ସାମାଜିକ ଦୂରତ୍ୱ ରକ୍ଷା କରି କିପରି ରଜପାଳନ କରିହେବ ସେନେଇ ଚାଲିଛି ପ୍ରସ୍ତୁତି। ଚଳିତବର୍ଷ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ପୋଡ଼ ଓ ଅନ୍ୟାନ୍ୟ ପିଠା ଓ ମିଠାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଆରମ୍ଭ କରିଛି। ସେହିପରି ରଜର ପ୍ରମୁଖ ଆକର୍ଷଣ ପାନକୁ ସ୍ୱିଗି ଓ ଜମାଟୋ ଭଳି ସଂସ୍ଥା ଦ୍ୱାରା ହୋମ୍ ଡେଲିଭରି କରାଯିବ। ଏପରି କି ଅନେକ ସଂସ୍ଥା ଏଥର ରଜ ଉତ୍ସବକୁ ଅନ୍‌ଲାଇନ୍‌ରେ ପାଳନ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି।



## ପହିଲି ରଜ ପାଳିବି ନାହିଁ



"ଏଥର ସରକାରଙ୍କ ନିୟମକୁ ମାନି ଘରେ ରହି ରଜ ପାଳନ କରିବି। ସବୁବେଳେ ମାଇଣ୍ଡ ସେଟ୍ ଥାଏ ଯେ, ରଜରେ ବାହାରେ ବୁଲିବି କିନ୍ତୁ ଏଥର ସେମିତି କିଛି ହେବ ନାହିଁ। ଘରେ ରହି ହିଁ ସବୁ ପ୍ରକାର ମଜା କରିହେବ। ଘର ଲୋକଙ୍କ ସହିତ ରଜ ପାଳନ କରିବା ପାଇଁ ଆମକୁ ଗୋଟେ ସୁଯୋଗ ମିଳିଛି। ଏଥର ମୁଁ ପହିଲି ରଜ ନ ପାଳିବାକୁ ମନସ୍ଥ କରିଛି। କରୋନା ଯୋଦ୍ଧାଙ୍କ ପାଇଁ ଏହି ଦିନକୁ ମୁଁ ଉତ୍ସର୍ଗ କରିଛି। ପିଠାପଣା କିଛି ନ ଖାଇ ସାଧାରଣ ଦିନ ଭଳି ଘରେ ବସି ବିଭିନ୍ନ ପ୍ରକାର ଖେଳ ଖେଳିବା ସହିତ ବହୁତ ଫଟୋ ଉଠାଇବି। ରଜ ଭିତରେ କିଛି ଫୁଡ୍ ଆଇଟମ୍ ଶିଖିବି। ରଜରେ ଫିଲ୍ମ ଦେଖିବାରେ ଗୋଟେ ମଜା ଥାଏ। ସେଇଟା ମିସ୍ ହେବ। କାରଣ ସବୁ ବର୍ଷ ରଜରେ ଓଡ଼ିଆ ଇଣ୍ଡଷ୍ଟ୍ରି ତରଫରୁ ଦର୍ଶକଙ୍କୁ ଭେଟି ମିଳିଥାଏ। ଲୋକେ ମଧ ଅପେକ୍ଷା କରିଥାନ୍ତି। ସେଥିପାଇଁ ଦୁଃଖ ମଧ ନିଶ୍ଚୟ ଲାଗିବ। ପହିଲି ରଜ ରବିବାର ପଡୁଛି। ତେଣୁ ଲୋକେ ବାହାରକୁ ବାହାରିବେନି। କିନ୍ତୁ ସୋମବାର ଓ ମଙ୍ଗଳବାର ଲୋକେ ବାହାରକୁ ବାହାରିବେ। ତେଣୁ ବାହାରକୁ ନ ବାହାରିବା ପାଇଁ ମୁଁ ଲୋକଙ୍କୁ ଅନୁରୋଧ କରୁଛି। କାରଣ ବାହାରକୁ ମଜା ପାଇଁ ଯାଇଥିଲେ, ଘରକୁ ସଜା ନେଇକି ଆସିବେ।

– ଏଲିନା ସାମନ୍ତରାୟ, ଅଭିନେତ୍ରୀ

## ଦର୍ଶକଙ୍କୁ ମିସ୍ କରିବି



"ଏବର୍ଷ ରଜ ଗୋଟେ କେବଳ ଉତ୍ସବ ନୁହେଁ, ଏହା ଓଡ଼ିଶାର ପରମ୍ପରା। ତେଣୁ ଘରେ ରହିକି ବି ରଜକୁ ଆମେ ଭଲରେ ପାଳନ କରିପାରିବା। ପ୍ରାୟ ରଜରେ ମୁଁ ମୋ ଫ୍ୟାନ୍‌ମାନଙ୍କ ସହିତ ଥାଏ। କାରଣ କେତେବେଳେ ନୂଆ ଫିଲ୍ମ ରିଲିଜ ହୋଇଥାଏ ତ' ଆଉ କେଉଁଠି ମୋର ରଜ ଇଭେଣ୍ଟ ଥାଏ। କିନ୍ତୁ ଏଥର ସେମିତି କିଛି ନାହିଁ। ଦୋଳି ଝୁଲିବା ଠାରୁ ଆରମ୍ଭ କରି ରଜ ପାନ ଓ ପିଠା ପର୍ଯ୍ୟନ୍ତ ମୁଁ ଦର୍ଶକମାନଙ୍କ ସହିତ ପାଳନ କରିଥାଏ। ଯାହାକୁ ଏବର୍ଷ ମିସ୍ କରିବି। କିନ୍ତୁ ରଜ ପରମ୍ପରାକୁ ଜାଗ୍ରତ କରି ରଖିବା ପାଇଁ ମୁଁ ଚେଷ୍ଟା କରିବି। ଘରେ ମୁଁ ମୋ ପରିବାର ସହିତ ରଜ ପାଳନ କରିବି। ଜନସାଧାରଣଙ୍କୁ ମୋର ଅନୁରୋଧ, ବାହାରକୁ ନ ଯାଇ ନିୟମ ମାନି ଘରେ ରହି ପରିବାର ସହିତ ରଜ ପାଳନ କରନ୍ତୁ।

– ଶୀତଲ, ଅଭିନେତ୍ରୀ

## ଫିଲ୍ମ ରିଲିଜ୍ ହୋଇପାରିଲାନି



"ସବୁବର୍ଷ ରଜରେ ମୁଁ ମୋ ମାମୁ ଘରକୁ ଯାଏ। ସେଠି ରାତିରେ ରହି ବହୁତ ମଜା କରୁ। କିନ୍ତୁ ଏଥର ସେମିତି କିଛି ହେବ ନାହିଁ। ଯଦିଓ ମାମୁ ଘରକୁ ଯିବି, କିନ୍ତୁ ରାତିରେ ରହିବା ହେବନି କି ବାଉଁଶ ଦୋଳିରେ ଖେଳି ହେବନି। ତେବେ ଘର ଭିତରେ ରହି ବହୁତ ମଜା କରିବି। ନୂଆ ଡ୍ରେସ୍ ପିନ୍ଧିବା ସହିତ ଭଲ ଭଲ ଖାଇବା ହେବ। ମୋର ଗୋଟେ ଫିଲ୍ମ 'ବିଦ୍ୟାରାଣୀ' ରଜରେ ରିଲିଜ୍ ହେବାର ଥିଲା। କିନ୍ତୁ ଆସିପାରିଲାନି। ଏଥିପାଇଁ ମୋତେ ଦୁଃଖ ଲାଗୁଛି। ତେବେ ଖାଲି ମୋର ଫିଲ୍ମ ନୁହେଁ, ରଜରେ ଓଡ଼ିଆ ଇଣ୍ଡଷ୍ଟ୍ରିରେ ୨-୩ଟି ଫିଲ୍ମ ରିଲିଜ୍ ହୁଏ। କିନ୍ତୁ ଏଥର ହେଉନାହିଁ। ଦର୍ଶକଙ୍କଠାରୁ ଆରମ୍ଭ କରି ଆମେମାନେ ମଧ ଏଥିପାଇଁ ଦୁଃଖିତ। ଯାହା ବି ହେଉ ବର୍ତ୍ତମାନ ସମୟ ସମସ୍ତଙ୍କ ପାଇଁ ଗୁରୁତ୍ୱ। ଆମେ ଯେତେ ସଚେତନ ରହିବା ତାହା ଆମ ପାଇଁ, ନିଜ ପରିବାର ପାଇଁ ଓ ସମାଜ ପାଇଁ ଭଲ ହେବ। ତେଣୁ ସାମାଜିକ ଦୂରତ୍ୱ ବଜାୟ ରଖି ରଜକୁ ପାଳନ କରନ୍ତୁ।

– ଶିବାନୀ, ଅଭିନେତ୍ରୀ

## ଅଜା ଘରକୁ ଯିବି



"ଦୋଳି ଖେଳିବା ଓ ପିଠା ଖାଇବା ମୋର ପସନ୍ଦ। ଗତବର୍ଷ ରଜରେ ମୁଁ ଘରେ ନଥିଲି। ଏଥର ଘରେ ରହିଛି। ତେଣୁ ଘର ଲୋକଙ୍କ ସହିତ ଖୁବ୍ ମଜାମସ୍ତି କରିବି। ତେବେ ଏଥର ରଜ ପାଇଁ ସେଭଳି କିଛି ସ୍ୱତନ୍ତ୍ର ପ୍ଲାନ୍ କରିନି। କିନ୍ତୁ ମୋର ଅଜା ଘରକୁ ଯିବାର ଅଛି। ସୋମବାର ଦିନ ଶଟ୍‌ଡାଉନ୍ ନ ଥିବ। ତେଣୁ ଲୋକେ ବାହାରକୁ ବାହାରିବେ ଓ ସାଙ୍ଗମାନଙ୍କ ସହିତ ବୁଲିବେ। ତେବେ ସେ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖନ୍ତୁ। ଭିଡ଼କୁ ଯାଆନ୍ତୁ ନାହିଁ। ଏବେ ଯଦି ଆମେ ନିଜକୁ ଜଗିଦେବା ତେବେ ଆରବର୍ଷ ରଜକୁ ଆମେ ଭଲରେ ପାଳନ କରିପାରିବା।

– ପ୍ରକୃତି ମିଶ୍ର, ଅଭିନେତ୍ରୀ

## ବର୍ଷେ ପରେ ପୁଣି ରଜ ଆସିବ



"ଜୁନ୍ ମାସ ଆମ ପାଇଁ ନିର୍ଣ୍ଣାୟକ ଅଟେ। ତେଣୁ ଏହାକୁ ଅତିକ୍ରମ କରିବାକୁ ହେଲେ ସାମାଜିକ ଦୂରତ୍ୱ ହିଁ ଏକମାତ୍ର ମାଧ୍ୟମ। ତେଣୁ ଏଥିପ୍ରତି ଯେତେ ଆମେ ସଚେତନ ହେବା ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସୁରକ୍ଷିତ ରଖିପାରିବା। ରଜ ଆସନ୍ତା ବର୍ଷ ମଧ ଆସିବ। ଆମେ ଯଦି ସୁସ୍ଥ ଥିବା ତେବେ ଆଗାମୀ ବର୍ଷରେ ରଜରେ ଖେଳିବାର ସୁଯୋଗ ପାଇବା। ଯଦି ଅସୁସ୍ଥ ହୋଇଯିବା କିମ୍ବା ପରିବାରବର୍ଗ ଅସୁସ୍ଥ ହେବେ, ତେବେ ନିଜକୁ କେବେ କ୍ଷମା କରିହେବ ନାହିଁ। ସେଥିପାଇଁ ଘରେ ରହି ରଜକୁ ପାଳନ କରନ୍ତୁ। ଏଥି ସହିତ ପରସ୍ପରକୁ ପାନ ଖୁଆଇବା ପରମ୍ପରାକୁ ଏଥର ଦୂରେଇ ଦେବା। ମୁଁ ପ୍ରତିବର୍ଷ ପରିବାର ସହିତ ରଜରେ ବାହାରକୁ ବୁଲିବାକୁ ଯାଇଥାଏ। କିନ୍ତୁ ଏଥର ସେମିତି କିଛି ନାହିଁ। ଏଥର ରଜ ପାଇଁ ନା ମୋ ପାଇଁ ନା ମୋ ଝିଅ ପାଇଁ କାହା ପାଇଁ ମୁଁ କିଛି ସପିଂ ବି କରିନାହିଁ। ଝିଅକୁ ବୁଝାଇ ଦେଇଛି ଆସନ୍ତାବର୍ଷ ଭଲରେ ପାଳନ କରିବା। ତେବେ ଘରେ ଯେମିତି ପିଠା ହୁଏ ସେମିତି ହେବ।

– ଶ୍ରୀମୟୀ ମିଶ୍ର, ଚେୟାରମ୍ୟାନ, ଓଟିଡିସି

# ରଜକୁ ଫିକା କରିବ କରୋନା

ଜ୍ୟେଷ୍ଠର ରୌଦ୍ରତା ସହ ଆଷାଢ଼ର ଶୀତଳତା ଓ ମାଟି ମା' ସହ ଶୀତଳ ବାରିଧାରାର ମିଳନ ରଜପର୍ବର ଅନ୍ୟତମ ଆକର୍ଷଣ। ବନ୍ଧୁ ସହ ବନ୍ଧୁର ମିଳନ ଆଉ କ୍ଷେତ ସହ କୃଷକର ମିଳନ ଆଣିଦିଏ ଅପୂର୍ବ ମାଦକତା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଏହାର ମହତ୍ତ୍ୱ କ୍ରମଶଃ କମିଆସୁଥିଲେ ମଧ ସମ୍ପୂର୍ଣ୍ଣ ଲୋପ ପାଇପାରି ନାହିଁ। ନୟାଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ ଏହାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଚଳିତବର୍ଷ କରୋନା ଯୋଗୁ ଗାଁ ଗଣ୍ଡା ଓ ସହରରେ ଏହା ଫିକା ପଡିଛି।

ଗାଁରୁ ସହରଯାଏ ସବୁଠି ଅନୁଭୂତ ହେଉଥିଲା ରଜର ମିଠା ଅନୁଭୂତି। ବୁଢ଼ୀମା'ର ପାନ ବଟୁଆ ଭିତରେ ଲୁଚି ରହିଛି ନିଯୁତ ଯୁଗର ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଭଲ ପାଇବା। ମା'ର ହାତ ତିଆରି ଆରିସା ପିଠା ମଧ୍ୟରେ ଭରି ରହିଛି ଆଞ୍ଜୁଳା ଆଞ୍ଜୁଳା ସ୍ନେହ। ମିଳନ,ମାଦକତା, ଆନନ୍ଦ, ଉଲ୍ଲାସର ଏହି ପର୍ବରେ ଯିଏ ଯେଉଁଠି ଥାଉନା କାହିଁକି ଗାଁକୁ ଫେରିଥାନ୍ତି। ପ୍ରତ୍ୟେକ ପରିବାର ଏଥିପାଇଁ ଆଗଭର। ୩ଦିନ ପୂର୍ବରୁ ପ୍ରସ୍ତୁତି ସାରି ସଜବାଜ ହୋଇ ଏମାନେ ରଜ ପାଳିଥାନ୍ତି। ସମସ୍ତଙ୍କର ନୂଆ ବସ୍ତ୍ର। ପିଲା ମାନଙ୍କର ରଙ୍ଗବେରଙ୍ଗ ପୋଷାକ। ସମସ୍ତଙ୍କ ଘରେ ପୋଡପିଠା ସାଙ୍ଗକୁ ଆରିସା, କାକରା, ମଣ୍ଡା, ଚକୁଳିର ମହକ। ପିଲାଠାରୁ ବୟସ୍କ ସମସ୍ତେ ପାନର ମଧ ମଜା ନେଇଥାନ୍ତି। ଅନ୍ୟ ଓଷା ପରି ଏଥିରେ ଉପାସ ବ୍ରତ କରିବାକୁ ପଡେ ନାହିଁ କି ଖାଇବାରେ ନ ଥାଏ ପ୍ରତିବନ୍ଧକ। ଖାଇବା, ଖୁଆଇବା ଏବଂ ସାହି ପଡିଶାରେ ବାଣ୍ଟିବା ନୟାଗଡ଼ ଜିଲାର ଗ୍ରାମାଞ୍ଚଳରେ କେଉଁ କାଳରୁ ପରମ୍ପରା ରହିଛି। ରଜ ସମୟରେ ଏଠାକାର ଗାଁ ଗହଳିରୁ ଶୁଭେ ପ୍ରେମ ଓ ସ୍ନେହର ଭାଷା। ଭଉଣୀ ତା'ର ଗେହ୍ଲା ଭାଇ ପାଇଁ ଗାଇଥାଏ ପ୍ରେମର ସଙ୍ଗୀତ। ଅନ୍ୟ ଝିଅପୁଅମାନେ ମଧ ଗାଇଥାନ୍ତି ଭଳିକି ଭଳି ଗୀତ। ଦୋଳିରେ ବସି ରଜ ଦୋଳି କଟମଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ, ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଆଦି ଗୀତ ଗାଇଥାନ୍ତି। ଗାଁର ଝିଅ ବୋହୂମାନେ ଦେହରେ ବଟା ହଳଦୀ ଓ ଚନ୍ଦନର ପ୍ରଲେପ ମାଖି ମୁହଁରେ ଚନ୍ଦନ ଟିପା, କୁଙ୍କୁମ, ଆଖିରେ କଜ୍ଜଳ ଓ ପାଦରେ ଅଳତା ଲଗାଇ ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ ବୁଲିଥାନ୍ତି। ଯୁବକମାନେ ଲୁଡୁ, ତାସ୍, ପଶାପାଲିରେ ବିଭୋର ଥିବାର ଦୃଶ୍ୟ ମଧ ଦେଖିବାକୁ ମିଳେ। ନୟାଗଡ଼ ଅନତି ଦୂର ଇଟାମାଟିର ତନ୍ତି ସାହି, ସାଲୁଣୀ ଗ୍ରାମ ଭଳି ଜିଲାର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ପ୍ରତିବର୍ଷ ରଜ ମହୋତ୍ସବ ପାଳନ କରି ଦୋଳି ଖେଳକୁ ବେଶ୍ ଉପଭୋଗ କରିଥାନ୍ତି। ସହରରେ ଥିବା ନାରାୟଣ ପାର୍କରେ ରଜ ଦୋଳି ଖେଳିବା ପାଇଁ ଭିଡ଼ ଜମେ। ନୟାଗଡ଼ ବ୍ଲକ ଇଟିରି ପଞ୍ଚାୟତ ନଛିପୁର ଗାଁରେ ଛୋଟ ଝିଅଙ୍କଠାରୁ ଆରମ୍ଭ କରି କୁଆଁରୀ ଝିଅମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ଏଠାରେ ପୁଚି ଖେଳଠାରୁ ଆରମ୍ଭ କରି ବେଲୁନ୍ ଫୁଙ୍କା, ଝୋଟି ମୁରୁଜ ଆଦି ପ୍ରତିଯୋଗିତା ହୋଇଥାଏ। ରଜ ପାନ ଖାଇବା ପାଇଁ ବିଭିନ୍ନ ପାନ ଦୋକାନରେ ଭିଡ଼ ଜମିଥାଏ। ରଜକୁ ଦୃଷ୍ଟିରେ ରଖି କିଛି ପାନ ଦୋକାନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ହେଲେ କରୋନା ପାଇଁ ସବୁକିଛି ଯେମିତି ମଉଳିଯାଇଛି।

– ଲୋକନାଥ ମିଶ୍ର, ନୟାଗଡ଼



# କରୋନା ବୁଡ଼ାଇଲା ରଜପାନ ବେପାର

**ଖୋର୍ଦ୍ଧା ଅଫିସ:** ଭାରତୀୟ ପରମ୍ପରାରେ ପ୍ରତ୍ୟେକ ପୂଜାପର୍ବରେ ପାନ ଲୋଡାଯାଇଥାଏ। ହେଲେ ଓଡ଼ିଶାର ଗଣ ପର୍ବ ରଜ ଉତ୍ସବରେ ରଜପାନର ବେଶ୍ ଚାହିଦା ରହିଛି। କରୋନା ମହାମାରୀ ଲାଗି ଚଳିତବର୍ଷ ରଜପାନର ଚାହିଦା କମିଯାଇଛି। ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ଲାଗି ପ୍ରଶାସନ ପକ୍ଷରୁ ରଜ ଉତ୍ସବ ପାଳନ ନେଇ କଟକଣା ଜାରି କରାଯାଇଛି। ଫଳରେ ଖୋର୍ଦ୍ଧା ଜିଲା ସାରୁଆରେ ରଜ ପାନ ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଛି। ସୂଚନାଥାଉ କି, ରଜ ଉତ୍ସବରେ ସାରୁଆରେ ତିନି ଦିନ ବ୍ୟାପୀ ରଜପାନ ପସରା ପଡ଼ିଥାଏ। ପାନ ଖାଇବା ଲାଗି ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥାଏ। ପାନ କିଏ ଆଗ ନେବ, ସେ ନେଇ ଲୋକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ରହିଥାଏ। ୧୦ଟଙ୍କା ଠାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ ପାନ ମିଳିଥାଏ। ତେବେ ଚଳିତ ବର୍ଷ କରୋନା ଯୋଗୁ ଏହା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏ ନେଇ ପାନ ବ୍ୟବସାୟୀ ରମେଶ ପାତ୍ର କୁହନ୍ତି, ସାରୁଆ ରଜପାନର ବେଶ ଚାହିଦା ରହିଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ କାର, ବାଇକ୍‌ରୁ ଓହ୍ଲାଇ ରଜପାନ ଖାଇ ଯାଇଥାନ୍ତି। କରୋନା ଲାଗି ବଜାର ବନ୍ଦ ରହିଛି। ପ୍ରଶାସନ ପକ୍ଷରୁ ଦୋକାନ ଖୋଲିବା ଉପରେ କଟକଣା କରାଯାଇଛି। ଅନ୍ୟପକ୍ଷେ ଖୋର୍ଦ୍ଧା ଅଞ୍ଚଳର ଗ୍ରାହକ ଅଜୟ ଦାସ କୁହନ୍ତି, ରଜରେ ସାରୁଆରୁ ବିଭିନ୍ନ କିସମର ପାନ ଆଣିଥାଏ। ସାଙ୍ଗସାଥି ଓ ପରିବାର ଲୋକଙ୍କୁ ରଜପାନ ଦେଇ ଶୁଭେଚ୍ଛା ଜଣାଇଥାଏ। ତେବେ ଏଥର ରଜପାନ ଆଶା ମଉଳିଯାଇଛି।



# କେନ୍ଦୁଝରରର ଗଣପର୍ବ ରଜ
# ରଜବତୀଙ୍କ ପୂଜା ମୁଖ୍ୟ ଆକର୍ଷଣ

**କେନ୍ଦୁଝର:** 'ବନସ୍ତେ ଡାକିଲା ଗଜ। ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ।' ହଁ ଆଜି ପହିଲି ରଜ। କୃଷିଭିତ୍ତିକ ଏହି ପର୍ବକୁ ଗାଁରୁ ସହର ପ୍ରତିଟି ଓଡ଼ିଆ ପରିବାର ପାଳିଥାନ୍ତି। ବିଶେଷ କରି କେନ୍ଦୁଝର ଜିଲାରେ ରଜପର୍ବ ନିଆରା ଢଙ୍ଗରେ ପାଳିତ ହୋଇଥାଏ। ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରରେ ରଜକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଇଥାଏ। ନାଚଗୀତ, ପିଠାପଣା ସହ ଦୋଳି ଖେଳର ମଜା ସମସ୍ତେ ଉଠାନ୍ତି। ତେବେ ଏଠାକାର ଆଉ ଏକ ଆକର୍ଷଣ ହେଉଛି ରଜବତୀ ପୂଜା, ଯାହା ଏଠାକାର ରଜପର୍ବକୁ କରେ ନିଆରା। ଚଳିତବର୍ଷ ଜିଲାପାଳ କରୋନା ସଂକ୍ରମଣ ପାଇଁ କଟକଣା ଲଗାଇଛନ୍ତି। କିନ୍ତୁ ଗାଁ ଗଣ୍ଡାରେ ଲୋକେ ଏହାକୁ ସାମାଜିକ ଦୂରତ୍ୱ ବଜାୟ ରଖି ପାଳନ କରିବେ ବୋଲି କୁହାଯାଉଛି।

ରଜ ତିନିଦିନରେ ନ ଥାଏ କୌଣସି ଉଚ୍ଚନୀଚର ଭେଦଭାବ। ସେ ଆଦିବାସୀ ହୁଅନ୍ତୁ ଅବା ଅଣଆଦିବାସୀ ସମସ୍ତେ ମିଳିମିଶି ରଜର ମଜା ଉଠାଇଥାଆନ୍ତି। ନୃତ୍ୟ ଗୀତରେ ଦୁଲୁକି ଉଠେ ପରିବେଶ। ଏଠାରେ ଦେଖିବାକୁ ମିଳେ ବିଭିନ୍ନ ପ୍ରକାରର ଦୋଳି ଯେମିତିକି ଚକ୍ରି ଦୋଳି, ଖାଇ ଦୋଳି, ରାମ ଦୋଳି। ତେବେ ରାମ ଦୋଳି ହେଉଛି ଏଠାକାର ବିଶେଷ ଆକର୍ଷଣ। ଯେଉଁଥିରେ ଏକାଥରେ ୧୬ ଜଣ ବସି ଦୋଳି ଖେଳି ପାରନ୍ତି। ତେବେ ଏଠାକାର ରଜକୁ ସ୍ୱତନ୍ତ୍ର କରିଥାଏ 'ରଜବତୀ ପୂଜା'। ଖାସ୍‌କରି ଷଡ଼ଙ୍ଗୀ, ଭଣ୍ଡା, ହର୍ଷପୁର ଆଦିଗ୍ରାମରେ ରଜବତୀ ବିଭାଘର ବା ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଥାଏ ବୋଲି ଅଧ୍ୟାପକ ବିପିନ ସାହୁ କୁହନ୍ତି। ରଜ ପୂର୍ବ ଦିନ ପାଣି ବୁହା ଅର୍ଥାତ୍ ଘର ସଫାସୁତରା କରିବା ସହ ପିଠାପଣା ପ୍ରସ୍ତୁତ ହୋଇଥାଏ। ଯେମିତିକି ରଜ ତିନିଦିନ ଆଉ କାମ କରିବାକୁ ପଡିବ ନାହିଁ। କେବଳ ଖିଆପିଆ, ନାଚଗୀତରେ ସମୟ ବିତିବ। ପ୍ରଥମ ରଜରେ ମା' ରଜବତୀଙ୍କର ଏକ ପ୍ରତିମା ମାଟିରେ ତିଆରି କରାଯାଏ। ସେହିଭଳି ଏକ ପୁରୁଷ ପ୍ରତିମା ବି ଗଢାଯାଏ। ତା'ପରେ ବିରାଟ ପଟୁଆରରେ ବରପକ୍ଷ ଶୋଭାଯାତ୍ରା କରି ଆସନ୍ତି। ମହିଳାପୁରୁଷ ସମସ୍ତେ ଯୋଗ ଦିଅନ୍ତି। ଶେଷରେ ଗାଁମୁଣ୍ଡ ଯାତ୍ରା ପଡିଆରେ ଏକ ମଣ୍ଡପ ତିଆରି ହୋଇଥାଏ। ସେଠାରେ ମା' ରଜବତୀ ଓ ସେହି ପୁରୁଷ ପ୍ରତିମାଙ୍କର ପୂଜା ସହ ବାହାଘର କରାଯାଏ। ସମସ୍ତେ ଖୁସିରେ ହାତ ଧରାଧରି ହୋଇ ନାଚ କରିଥାନ୍ତି ବୋଲି ସଂସ୍କୃତି ଗବେଷକ ଡ.କୃଷ୍ଣଚନ୍ଦ୍ର ନାଏକ କହିଛନ୍ତି। ସ୍ୱତଃପ୍ରବୃତ୍ତ ଭାବରେ ମହିଳାମାନେ ଉଚ୍ଚନୀଚ ଭେଦଭାବ ଭୁଲି ନୃତ୍ୟଗୀତ କରିଥାନ୍ତି। ମୁଣ୍ଡା, ମାଝି, ସାନ୍ତାଳ, ଜୁଆଙ୍ଗ, ଭୂୟାଁ ସମସ୍ତେ ଦଳ ଦଳ ହୋଇ ନାଚନ୍ତି। ଏହି ଦିନରେ କୌଣସି ଜାତିଭେଦ ନ ଥାଏ ଓ ସମସ୍ତଙ୍କ ମଧ୍ୟରେ ଆତ୍ମୀୟତା ଥାଏ ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା କହନ୍ତି। ଏମିତିଭାବେ ପ୍ରଥମ ଓ ଦ୍ୱିତୀୟ ରଜରେ ଦୁଇଦିନ ରଜବତୀ ପୂଜା ହୁଏ। ଆଉ ତୃତୀୟଦିନରେ ମା' ରଜବତୀ ଦେବୀଙ୍କୁ ବିସର୍ଜନ କରାଯାଏ। ମହିଳାମାନେ ଏକ ଶୋଭାଯାତ୍ରାରେ ଉତ୍‌ଫୁଲ୍ଲିତ ହୋଇ ମନର ଭାବକୁ ଗୀତ ଆକାରରେ ପରିପ୍ରକାଶ କରି ପାଖ ପୋଖରୀ ବା ଅନ୍ୟ ଜଳାଶୟରେ ବିସର୍ଜନ କରିଥାନ୍ତି। ଆଉ ସେଠାକୁ ପୁରୁଷଙ୍କୁ ମନା ଥାଏ। ତେବେ ଯେଉଁଠି ଏହି ପୂଜା କରାଯାଇ ନ ଥାଏ, ସେଠାରେ ସନ୍ଧ୍ୟା ସମୟରେ ମହିଳାମାନେ ଗୀତ ଗାଇ ଗାଁ ଜଳାଶୟରେ ସ୍ନାନ କରି ଫେରିଥାନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସଂସ୍କୃତି ଗବେଷକ ଡ.କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି ଯେ, ଓଡ଼ିଶାରେ ରଜ କହିଲେ କେନ୍ଦୁଝର ଜିଲାର ରଜକୁ ବୁଝାଏ। ସବୁ ବର୍ଗର ଓ ସମ୍ପ୍ରଦାୟର ମହିଳାମାନେ ଏହାକୁ ପାଳନ କରିଥାନ୍ତି। ନାରୀ ଓ ଧରିତ୍ରୀ ମାତା ସମାନ। ଉଭୟେ ସୃଷ୍ଟିକାରିଣୀ। ଏଣୁ ମହିଳାମାନେ ରଜଦେବୀଙ୍କୁ ସ୍ୱତଃପ୍ରବୃତ୍ତ ଗୀତ ମାଧ୍ୟମରେ ଆବାହନ କରିଥାନ୍ତି। ଚଳିତ ବର୍ଷ କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଣୁ ଏହି ଦୋଳି ମହୋତ୍ସବ ପାଳନ ଉପରେ କଟକଣା କରାଯାଇଛି ବୋଲି ବରିଷ୍ଠ ସାହିତ୍ୟିକ ପ୍ରଦୀପ ରାଉତ କହିଛନ୍ତି।

– ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝରର ଆଦିବାସୀ ଅଧ୍ୟୁଷିତ ସଂସ୍କୃତି ସହିତ ରଜ ଓତପ୍ରୋତ ଭାବେ ଜଡ଼ିତ। ଏଥିଲାଗି ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଭରି ରହିଥାଏ ଆନନ୍ଦର ଉନ୍ମାଦନା। ନୂତନବସ୍ତ୍ର ପିନ୍ଧି, ପିଠାପଣା ଖାଇ, ଦୋଳି ଖେଳି, ନାଚଗୀତରେ ମସ୍‌ଗୁଲ ହୋଇ ସମସ୍ତେ ରଜ ପର୍ବ ପାଳିଥାନ୍ତି।



## ସୋନିର ନୂଆ ଇନ୍ କାର ମିଡିଆ ରିସିଭର

ନୂଆଦିଲ୍ଲୀ, ୧୩।୬

ସୋନି ଇଣ୍ଡିଆ ପକ୍ଷରୁ ଡ୍ରାଇଭିଙ୍ଗ ଅଭିଜ୍ଞତାକୁ ବୃଦ୍ଧି କରି ଏକ ସୁରକ୍ଷିତ ଓ ସ୍ମାର୍ଟର ରୋଡ୍ ଅନୁଭୂତି ପ୍ରଦାନ କରିବା ପାଇଁ ଇନ୍-କାର ମିଡିଆ ରିସିଭରସର ଏକ ନୂତନ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି। ୱେବଲିଙ୍କ ଟିଏମ-୧ କାଷ୍ଟ ଦ୍ୱାରା ସ୍ମାର୍ଟଫୋନ ମିରରିଙ୍ଗ ସହିତ ଏହାର ପାଞ୍ଚଟି ନୂଆ ଅଡିଓ ରିସିଭର ମଡେଲ ଗୁଡିକ ବଜାରକୁ ଆସିଛି। ଉନ୍ନତ ବ୍ୟବହାର ଯୋଗ୍ୟ ବୈଶିଷ୍ଟ୍ୟ ଏବଂ ଆପଲ କାର୍ ପ୍ଲେ, ଆଣ୍ଡ୍ରୋଏଡ୍ ଅଟୋ ଭଳି ଅନେକ ଡିସପ୍ଲେର ଏହା ସମର୍ଥନ କରୁଛି। ସେହିଭଳି ଏହାର ଏକ୍ସଏଭି-୩୫୦୦ମଡେଲ ୬.୯୫ ଡିସପ୍ଲେ ଓ ଏହାରଏକ୍ସଏଭି-୧୫୦୦ମଡେଲ ୬.୨ ଡିସପ୍ଲେରେ ବ୍ୟବସ୍ଥିତ ହୋଇଛି। ଆପଲ କାରପ୍ଲେ ଅଡିଓ ଡିସପ୍ଲେ ଆଇଫୋନ ସାଙ୍ଗରେ ସଂଯୋଜିତ। ଯାହା ବ୍ୟବହାରକାରୀଙ୍କୁ ଗାଡି ଚଳାଇବା ସମୟରେ ଫୋନ କଲ କରିବା, ସଂଗୀତ ଶୁଣିବା, ମେସେଜ ପଠାଇବା ଏବଂ ପାଇବା ସହ ଯାତାୟତ ପାଇଁ ଦିଗ ଜାଣିବାରେ ସକ୍ଷମ କରାଇଥାଏ।

# ଆର୍ଥିକ ପ୍ୟାକେଜକୁ ନେଇ ପ୍ରଶ୍ନ ଉଠିଲା

ନୂଆଦିଲ୍ଲୀ, ୧୩।୬



- ପ୍ୟାକେଜରେ ସୁଧାର ଆସିବାର ଆବଶ୍ୟକତା: ଅସୀମା ଗୋୟଲ
- ଚାହିଦା ଏବଂ ଯୋଗାଣ ଦେଖିବାକୁ ହେବ
- ବଜାର ଚାହିଦା ଫେରାଇ ଆଣିବାକୁ ପରାମର୍ଶ

କରୋନା ମହାମାରୀ ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସାମ୍ନାରେ ଆସିଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ଲାଗି ସରକାର ୨୦ ଲକ୍ଷ କୋଟି ଟଙ୍କାର ଏକ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଏହାକୁ ଆତ୍ମନିର୍ଭର ଭାରତ ପ୍ୟାକେଜ କୁହାଯାଉଥିବା ବେଳେ ଏନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହି ପ୍ୟାକେଜକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅସୀମା ଗୋୟଲ ପ୍ରଶ୍ନ ଉଠାଇଛନ୍ତି। ଆଶ୍ୱସ୍ତି ପ୍ୟାକେଜରେ ଆହୁରି ସୁଧାର ଆସିବା ଉପରେ ସେ ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲାଗି ସରକାରଙ୍କୁ ବଜାର ଚାହିଦା ବଢ଼ାଇବାର ଆବଶ୍ୟକତା ରହିଛି। ସରକାର ଆଣିଥିବା ଆର୍ଥିକ ପ୍ୟାକେଜ ସମ୍ପୂର୍ଣ୍ଣ ନୁହେଁ। ପ୍ୟାକେଜରେ ରହିଥିବା ସମସ୍ୟାକୁ ଦୂରକରି ଏହାକୁ ଉନ୍ନତ କରିବାର ଆବଶ୍ୟକତା ରହିଛି। ଗୋୟଲ ବର୍ତ୍ତମାନ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ପାର୍ଟ ଟାଇମ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ପ୍ୟାକେଜର ଅଧିକାଂଶ ଭାଗ ବିତ୍ତୀୟ କ୍ଷେତ୍ର ସହ ଜଡିତ ରହିଛି। ମାତ୍ର ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲାଗି ଚାହିଦା ଏବଂ ଯୋଗାଣ ମଧ୍ୟରେ ତାଳମେଳର ଆବଶ୍ୟକତା ରହିଛି।

ସରକାର ଗତ ମାସରେ ୨୦.୯୭ ଲକ୍ଷ କୋଟି ଟଙ୍କାର ଏକ ଆଶ୍ୱସ୍ତି ପ୍ୟାକେଜ ଘୋଷଣା କରିଥିଲେ। ଏହା ମଧ୍ୟରେ କେବଳ ରିଜର୍ଭ ବ୍ୟାଙ୍କର ୮.୦୧ ଲକ୍ଷ କୋଟି ଟଙ୍କାର ରେପୋ ଅପରେଶନଶନ ସମେତ ଅନ୍ୟ ପଦକ୍ଷେପ ସାମିଲ ରହିଛି। ଅର୍ଥ ବ୍ୟବସ୍ଥାକୁ ଉଠାଇବା ଲାଗି ପଦକ୍ଷେପ ଉପରେ ଏକ ପ୍ରଶ୍ନର ଉତ୍ତରରେ ଗୋୟଲ କହିଛନ୍ତି ଯେ, କୋଭିଡ୍ ମହାମାରୀ ଏକ ଅସ୍ଥାୟୀ ଝଟକା। ମାନବ ସମ୍ବଳ ଠିକ୍ ରହିଲେ ବାସ୍ତବିକ ଝଟକା ପରେ ଅର୍ଥ ବ୍ୟବସ୍ଥାରେ ତୁରନ୍ତ ସୁଧାର ପରିଲକ୍ଷିତ ହେବ। ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥା ୪.୨% ହାରରେ ଅଭିବୃଦ୍ଧି ହାସଲ କରିଛି। ଏହା ଗତ ୧୧ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର। ୨୦୨୦-୨୧ରେ ଜିଡିପି ପ୍ରାୟ ୩ରୁ ୫% ଖସିଯିବ ବୋଲି ଭିନ୍ନ ଭିନ୍ନ ଏଜେନ୍ସି ମତ ପ୍ରକାଶ କରିଛନ୍ତି।

## ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

ନୂଆଦିଲ୍ଲୀ, ୧୩।୬



ଦେଶର ବିଦେଶୀ ମୁଦ୍ରାଭଣ୍ଡାରରେ ୮.୨ ବିଲିୟନ ଡଲାର ବୃଦ୍ଧି ଘଟିଛି। ଫଳରେ ଏହା ୫୦୧.୭ ବିଲିୟନ ଡଲାର ଟପିଥିବା ଜଣାପଡିଛି। ଗୋଟିଏ ସପ୍ତାହ ତଳେ ଏହା ୪୯୩.୫ ବିଲିୟନ ଡଲାର ସ୍ତରରେ ରହିଥିଲା। ଭାରତୀୟ କର୍ପୋରେଟଗୁଡିକରେ ବିଦେଶୀ ପୁଞ୍ଜିନିବେଶ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ବିଦେଶୀ ମୁଦ୍ରା ଭଣ୍ଡାର ବଢିଥିବା ଜଣାପଡିଛି। ଜିଓ ପ୍ଲାଟ୍‌ଫର୍ମରେ ବିଦେଶୀ ନିବେଶକମାନେ ୯୭ ହଜାର କୋଟି ଟଙ୍କାର ନିବେଶ କରିଛନ୍ତି। ସେହିଭଳି ଭାରତୀ ଟେଲିକମ୍ ବ୍ୟାକ୍ ଡିଲ୍‌ରେ ୧ ବିଲିୟନ ଡଲାରର ଅଂଶଧନ ବିକ୍ରି କରିଛି। ଜିଏସ୍‌କେ ୟୁନିଲିଭରକୁ ୩.୩ ବିଲିୟନ ଡଲାରର ଅଂଶଧନ ବିକ୍ରି କରିଛି। ବଡ ବଡ ଡିଲ୍ ହେବା ଯୋଗୁ ବିଦେଶୀ ନିବେଶକଙ୍କ ଆଗ୍ରହ ବୃଦ୍ଧି ଘଟିଥିବା ଜଣାପଡିଛି। ଏଭଳି ବୃଦ୍ଧି ଯୋଗୁ ଭାରତ ବିଦେଶୀ ମୁଦ୍ରା ରଖିଥିବା ପ୍ରମୁଖ ଦେଶଗୁଡିକ ମଧ୍ୟରେ ସାମିଲ ହୋଇଛି।

## ସାଧାରଣ ପରଟାରେ ୫% ଜିଏସଟି

ନୂଆଦିଲ୍ଲୀ, ୧୩।୬



ରେଡି ଟୁ ଇଟ୍ ବା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଫ୍ରୋଜେନ ପରଟା ଉପରେ ୧୮% ଜିଏସ୍‌ଟି ଲାଗୁ ହେବ। ପ୍ଲେନ୍ ବା ସାଧାରଣ ପରଟା ଉପରେ ୫% ଜିଏସ୍‌ଟି ରହିବ। ରେଷ୍ଟୁରାଷ୍ଟରେ ଖାଇବା କିମ୍ବା ନେବା ଲାଗି ପ୍ରଦାନ କରାଯାଉଥିବା ପ୍ଲେନ୍ ପରଟା ଉପରେ ୫% ଜିଏସ୍‌ଟି ଲାଗିବ ବୋଲି ଅର୍ଥ ମନ୍ତ୍ରଣାଳୟ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଅଥରିଟି ଅଫ୍ ଆଡଭାନ୍ସ ରୁଲିଙ୍ଗ(ଏଏଆର୍) କହିଛନ୍ତି ଯେ, ପରଟା ରୋଟି କିମ୍ବା ଖାକ୍ରା ହୋଇ ନ ଥିବାରୁ ଏହା ଉପରେ ୫% ଟିକସ ଲାଗୁ ହୋଇପାରିବ ନାହିଁ। ଏ ନେଇ କେନ୍ଦ୍ରୀୟ ପରୋକ୍ଷ ଟିକସ ବୋର୍ଡ(ସିବିଆଇସି) ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ଦିଆଯାଇଛି। ଫ୍ରୋଜେନ ବା ସଂରକ୍ଷିତ ହୋଇ ରହିଥିବା ପରଟା ସାଧାରଣ ରୁଟି କିମ୍ବା ଖାକ୍ରା ବର୍ଗରେ ଆସୁନାହିଁ। ଏଣୁ ଏ କ୍ଷେତ୍ରରେ ୫% ଜିଏସ୍‌ଟି ଲାଗୁ ହୋଇପାରିବ ନାହିଁ। ଏ ବର୍ଗରେ ୧୮% ଜିଏସ୍‌ଟି ଲାଗିବ। ପ୍ଲେନ୍ ପରଠା ଉପରେ ଜିଏସ୍‌ଟି ନେଇ ଏଏଆର୍ କିଛି କହି ନାହାନ୍ତି।

## ୧କୋଟି ଦାନ ଦେଲେ ସାମସଙ୍ଗ କର୍ମଚାରୀ

ନୂଆଦିଲ୍ଲୀ, ୧୩।୬

କୋଭିଡ-୧୯ମହାମାରୀ ସମୟରେ ସରକାରଙ୍କୁ ସାହାଯ୍ୟ କରିବା ନିମନ୍ତେ ସାମସଙ୍ଗ ଇଣ୍ଡିଆ'ର କର୍ମଚାରୀମାନେ ୧କୋଟି ଟଙ୍କା ପିଏମ୍ କେୟାର ଫଣ୍ଡକୁ ଦାନ କରିଛନ୍ତି। ଏହା ବ୍ୟତୀତ କମ୍ପାନୀ ଅନ୍ୟ ରାଜ୍ୟସରକାରଙ୍କ କୋଭିଡ-୧୯ ଫଣ୍ଡକୁ ମଧ୍ୟ ଟଙ୍କା ଯୋଗାଇ ଦେଇଛି। ସାମସଙ୍ଗର ସମସ୍ତ କର୍ମଚାରୀଙ୍କର ସହଯୋଗ ଦ୍ୱାରା ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି। ସାମସଙ୍ଗର ଗ୍ରାହକମାନେ ମଧ୍ୟ ସେମାନଙ୍କ ଗ୍ୟାଲେକ୍ସି ସ୍ମାର୍ଟଫୋନରୁ ସାମସଙ୍ଗ ପେ ଆପ୍‌ରେ ପିଏମ କେୟାର ଫଣ୍ଡ ଉପରେ କ୍ଲିକ କରି ଅତି ସହଜରେ ପିଏମ୍ କେୟାର ଫଣ୍ଡରେ ଯୋଗଦାନ କରିପାରୁଛନ୍ତି। ଗତ ଦୁଇ ମାସ ମଧ୍ୟରେ ସାମସଙ୍ଗ ନୋଏଡାରେ ଥିବା ସମସ୍ତ ହସ୍ପିଟାଲଗୁଡିକୁ ମହାମାରୀର ପ୍ରତିରୋଧ କରିବା ପାଇଁ ଅନେକ ମେଡିକାଲ ଉପକରଣ ମଧ୍ୟ ଯୋଗାଇଦେଇଛି।

## କମ୍ପାନୀଙ୍କ କୋଭିଡ୍ ଖର୍ଚ୍ଚ: ପିଏମ୍ କେୟାର୍ସକୁ ସିଂହଭାଗ

ନୂଆଦିଲ୍ଲୀ, ୧୩।୬

ଦେଶର ଶିଳ୍ପ ଜଗତ ପକ୍ଷରୁ କରୋନା ପାଇଁ ପ୍ରାୟ ଖର୍ଚ୍ଚ କରିବାକୁ ଥିବା ମୋଟ ଅର୍ଥ ମଧ୍ୟରୁ ସିଂହଭାଗ ପିଏମ୍ କେୟାର୍ସ ପାଣ୍ଠିକୁ ପ୍ରଦାନ କରାଯାଇଛି। ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ୧୩୦ ପ୍ରମୁଖ କମ୍ପାନୀଗୁଡିକର ସାମାଜିକ କ୍ଷେତ୍ର ଖର୍ଚ୍ଚକୁ ତର୍ଜମା କରାଯିବା ପରେ ଏଭଳି ଏକ ରିପୋର୍ଟ ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ, ୮୪ ପ୍ରମୁଖ କମ୍ପାନୀ ସାମାଜିକ ଦାୟିତ୍ୱବୋଧ ଖର୍ଚ୍ଚ ବାବଦ ୭୫୩୭ କୋଟି ଟଙ୍କା ଖର୍ଚ୍ଚ ନେଇ ଘୋଷଣା କରିଛନ୍ତି। ଘୋଷଣା ହୋଇଥିବା ମୋଟ ଅର୍ଥର ଅର୍ଦ୍ଧାଧିକ ବା ପ୍ରକୃତ ପକ୍ଷେ ୪,୩୧୬ କୋଟି ଟଙ୍କା ପିଏମ୍ କେୟାର୍ସ ପାଣ୍ଠିକୁ ଦିଆଯାଇଛି। କମ୍ପାନୀଗୁଡିକ ଅନ୍ୟ ରିଲିଫ କାର୍ଯ୍ୟକ୍ରମରେ ୩୨୨୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅର୍ଥାତ୍ ନିଜ ସ୍ତରରେ ଯେତିକି ଅର୍ଥ କମ୍ପାନୀ ଖର୍ଚ୍ଚ କରୁଛନ୍ତି ତା'ଠାରୁ ଅଧିକ ଅର୍ଥ ପିଏମ୍ କେୟାର୍ସ ପାଣ୍ଠିକୁ ଦାନ ଦେଇଛନ୍ତି। ସେହିଭଳି ଗତ ମାସରେ ସରକାର ପିଏମ୍ କେୟାର୍ସ ପାଣ୍ଠିରୁ ୩,୧୦୦ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟ ଲାଗି ଆବଣ୍ଟନ କରିଛନ୍ତି। ଭେଣ୍ଟିଲେଟର କିଣା ପାଇଁ ୨ ହଜାର କୋଟି, ପ୍ରବାସୀଙ୍କୁ ଘରକୁ ଫେରାଇ ଆଣିବା ଲାଗି ୧୦୦୦ କୋଟି ଏବଂ ଭ୍ୟାକ୍ସିନ ବିକାଶ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି।



## ଶ୍ୱଶୁର ଗୁଳିମାଡ଼ରେ ବୋହୂ ମୃତ

ଶେରଗଡ଼/ସୋରଡା, ୧୩।୬(ଡି.ଏନ୍.ଏ.)

**ବାପ-ପୁଅଙ୍କ ଗଣ୍ଡଗୋଳରେ ବଳି ପଡ଼ିଲେ ବୋହୂ**

ଗଞ୍ଜାମ ଜିଲା ସୋରଡା ବ୍ଲକ ବଡ଼ଗଡ଼ ଥାନା ବାରଭରଣିଆ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବାପ-ପୁଅଙ୍କ ଗଣ୍ଡଗୋଳରେ ବଳି ପଡ଼ିଛନ୍ତି ବୋହୂ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଶ୍ୱଶୁରଙ୍କ ଗୁଳିମାଡ଼ରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୋରଡା ଥାନା ଅଞ୍ଚଳର ରଶ୍ମିତା ମଲ୍ଲିକ। ଘଟଣା ପରେ ଶ୍ୱଶୁର ଫେରାର ହୋଇଯାଇଛନ୍ତି।

ବାରଭରଣିଆ ଗ୍ରାମର ପ୍ରଫୁଲ ମଲ୍ଲିକଙ୍କ ପୁଅ ମିଟୁ ୩ମାସ ତଳେ ସୋରଡା ଥାନା ଅଞ୍ଚଳର ରଶ୍ମିତା ମଲ୍ଲିକଙ୍କୁ ବିବାହ କରିଥିଲେ। ପୁଅ ବାହାଘର ପାଇଁ ପ୍ରଫୁଲ ୫୦ ହଜାର ଟଙ୍କା କରଜ କରିଥିଲେ। ଉକ୍ତ ଟଙ୍କା ଶୁଝିବାକୁ ନେଇ ବାପ-ପୁଅଙ୍କ ମଧ୍ୟରେ ପ୍ରାୟ ମାସେ ହେଲା ପାଟିତୁଣ୍ଡ ହେଉଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କରଜ ଦେଇଥିବା ବ୍ୟକ୍ତି ଆସି ପ୍ରଫୁଲଙ୍କୁ ଟଙ୍କା ମାଗିଥିଲେ। ପ୍ରଫୁଲ ପୁଅ ମିଟୁଙ୍କୁ ଯାଇ ଟଙ୍କା ଦେବାକୁ କହିଥିଲେ। ମାତ୍ର ମିଟୁ ଦେବେନାହିଁ ବୋଲି ମନାକରିବାରୁ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରଫୁଲ ରାଗିଯାଇ ଘରେ ଥିବା ଦେଶୀ ବନ୍ଧୁକ ଆଣି ମିଟୁଙ୍କ ଉପରକୁ ଗୁଳି ଚଳାଇଥିଲେ। ପାଖରେ ଥିବା ରଶ୍ମିତା ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଆଗକୁ ଚାଲିଆସିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପ୍ରଫୁଲ ବନ୍ଧୁକ ଫୋପାଡି ଗ୍ରାମ ନିକଟ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିଲେ। ଖବରପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବଡ଼ଗଡ଼ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଗାଁରେ ପହଞ୍ଚି ମୃତଦେହ ଓ ବନ୍ଧୁକ ଜବତ କରିବା ସହ ତଦନ୍ତ ଚଳାଇଛନ୍ତି। ପୋଲିସ ଟିମ୍ ଜଙ୍ଗଲ ମଧ୍ୟରେ ପ୍ରଫୁଲଙ୍କୁ ଖୋଜାଖୋଜି କରୁଛି।

## ବନ୍ଦ ହୋଇ ପାରେ ଆନ୍ତଃ ରାଜ୍ୟ ବସ୍ ସେବା

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

କରୋନା(କୋଭିଡ୍-୧୯)ସଂକ୍ରମଣ ଆଶଙ୍କାରେ ବସ୍‌ରେ ଯାତ୍ରୀ ହେଉନାହାନ୍ତି। ବସ୍‌ଗୁଡ଼ିକ କ୍ଷତି ସହୁଛନ୍ତି। ଆନ୍ତଃ ରାଜ୍ୟ ବସ୍ ଚଳାଚଳକୁ ବନ୍ଦ କରାଯାଇ ପାରେ । ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ପ୍ରତିବର୍ଷ ରଥଯାତ୍ରାରେ ବହୁ ଜନସମାଗମ ହୁଏ। ଚଳିତ ବର୍ଷ ରଥଯାତ୍ରା ହେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ବସ୍ ଚାଲିବକି ନାହିଁ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ବୈଠକ ହୋଇ ନାହିଁ। ରଥଯାତ୍ରା ପୂର୍ବରୁ ଦୁଇଥର ବୈଠକ ବସେ। ମାତ୍ର ଏ ପର୍ଯ୍ୟନ୍ତ ଥରେ ମଧ୍ୟ ବୈଠକ ବସି ନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭାଗ କାର୍ଯ୍ୟ କରିବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ବସ୍ ସମ୍ପର୍କରେ ମତ ଦେଇ ମନ୍ତ୍ରୀ କହିଛନ୍ତି ଯେ ୬୬ ରୁଟ୍‌ରୁ ୨୦ଟିରେ ଲୋକ ହେଉନାହାନ୍ତି। ୨/୩ ଜଣ ଯାତ୍ରୀ ହେଉଛନ୍ତି। ଅତିବେଶିରେ ୫ ଜଣ ଯାତ୍ରା କରୁଛନ୍ତି। ବସ୍ ସବୁ କ୍ଷତିରେ ଚାଲୁଥିବାରୁ ବାଧ୍ୟ ହୋଇ ବନ୍ଦ କରାଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

# ଦିନକରେ ରେକର୍ଡ: ୨୨୫ ପଜିଟିଭ ଚିହ୍ନଟ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

- କଟକରେ ସର୍ବାଧିକ ୯୨ ନୂଆ ଆକ୍ରାନ୍ତ
- ସୁସ୍ଥ ହେଲେ ଆଉ ୧୨୦ଜଣ
- କରୋନା ମୁକ୍ତ ହେଲା ସୋନପୁର ଜିଲା

ରାଜ୍ୟରେ କରୋନା ସ୍ଥିତି ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ପ୍ରଥମଥର ପାଇଁ ଦିନକରେ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ଟପିଛି। ଶେଷ ୨୪ ଘଣ୍ଟାରେ ୧୬ ଜିଲାରୁ ସର୍ବାଧିକ ୨୨୫ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୧୯୬ ଓ ସ୍ଥାନୀୟ ଆକ୍ରାନ୍ତ ୨୯ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭୨୩କୁ ବୃଦ୍ଧି ପାଇଛି। ତେବେ ନୂଆ ସଂକ୍ରମିତଙ୍କ ମଧ୍ୟରୁ କଟକରୁ ସର୍ବାଧିକ ୯୨ଜଣ ପଜିଟିଭ୍ ରହିଛନ୍ତି। ଫଳରେ କଟକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧୧କୁ ଛୁଇଁବା ସହିତ ରାଜ୍ୟର ସଂକ୍ରମିତ ଜିଲା ମଧ୍ୟରେ ଚତୁର୍ଥ ସ୍ଥାନକୁ ଚାଲିଯାଇଛି। ସେହିପରି ଗଞ୍ଜାମରୁ ୨୦, ଖୋର୍ଦ୍ଧାରୁ ୧୯, କନ୍ଧମାଳ ଓ ପୁରୀରୁ ୧୫ଜଣ ଲେଖାଏ ରହିଥିବାବେଳେ ଜଗତ୍‌ସିଂହପୁରରୁ ୧୩, ବଲାଙ୍ଗୀରରୁ ୧୨, ମୟୂରଭଞ୍ଜରୁ ୯, ନୟାଗଡ଼ ଓ ଢେଙ୍କାନାଳରୁ ୭ଜଣ ଲେଖାଏ, ଭଦ୍ରକ ୫, କେନ୍ଦ୍ରାପଡ଼ା ୪, କଳାହାଣ୍ଡି ୩, ବାଲେଶ୍ୱରରୁ ୨, ଅନୁଗୋଳରୁ ଓ ସୁନ୍ଦରଗଡ଼ ଜଣେ ଲେଖାଏ ରହିଛନ୍ତି।

ଅପରପକ୍ଷରେ ସବୁଦିନପରି ଶନିବାର ମଧ୍ୟ ରାଜ୍ୟବାସୀଙ୍କୁ ମିଳିଛି ଖୁସି ଖବର। ଗୋଟିଏ ଦିନରେ ସୁସ୍ଥ ହୋଇଛନ୍ତି ଆଉ ୧୨୦ଜଣ ଆକ୍ରାନ୍ତ। ଗଞ୍ଜାମ ଜିଲାରେ ସର୍ବାଧିକ ୩୩ଜଣ ସୁସ୍ଥ ହୋଇଥିବାବେଳେ ଗଜପତି ୧୮, ସୋନପୁର ୧୩, ବାଲେଶ୍ୱର ୧୨, ବଲାଙ୍ଗୀର ଓ ଖୋର୍ଦ୍ଧାରୁ ୮ଜଣ ଲେଖାଏ ରହିଛନ୍ତି। ତେବେ ସୋନପୁରରୁ ୧୩ଜଣ ସୁସ୍ଥ ହେବା ପରେ ଏହି ଜିଲା ଏବେ କରୋନା ମୁକ୍ତ ହୋଇଛି। ଏଠାରେ ମୋଟ ୨୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଧୀରେ ଧୀରେ ସବୁ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ସେହିଭଳି ମୟୂରଭଞ୍ଜରୁ ୭, କଟକରୁ ୪, ଯାଜପୁର, ନୟାଗଡ଼ ଓ ନୂଆପଡ଼ାରୁ ୩ଜଣ ଲେଖାଏ ସୁସ୍ଥ ହୋଇଥିବା ବେଳେ ଢେଙ୍କାନାଳ, ପୁରୀ ଓ ରାୟଗଡ଼ାରୁ ୨ଜଣ ଲେଖାଏ ଏବଂ କେନ୍ଦ୍ରାପଡ଼ା ଓ କଳାହାଣ୍ଡିରୁ ଜଣେ ଲେଖାଏ କରୋନାରୁ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୫୯୪ରେ ପହଞ୍ଚିଛି ଓ ୧୧୧୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

### ବୟସ୍କଙ୍କଠାରୁ ପିଲା, ଯୁବକ ଅଧିକ ସଂକ୍ରମିତ

**ଓଡ଼ିଶାରେ ବିପରୀତ ସ୍ଥିତି**

ଭୁବନେଶ୍ୱର, ୧୩।୬(ବ୍ୟୁରୋ): କରୋନା ମହାମାରୀ ସାରା ବିଶ୍ୱକୁ ଦୋହଲାଇ ଦେଇଛି। ଚାଇନାର ଉହାନ ସହରରୁ ସୃଷ୍ଟି ହୋଇଥିବା ଏହି ମାରାତ୍ମକ ଭୂତାଣୁ ଏବେ ପ୍ରାୟ ସବୁ ଦେଶକୁ କରାୟତ୍ତ କରିସାରିଛି। ଭାରତରେ ସଂକ୍ରମଣ ହୁ ହୁ ହୋଇ ବଢୁଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟାରେ ଚତୁର୍ଥ ସ୍ଥାନକୁ ଚାଲି ଆସିଛି। ତେବେ ଏହି ଭୂତାଣୁ ବୟସ୍କ ଲୋକଙ୍କୁ ଅଧିକ ଓ ପିଲାଙ୍କୁ କମ୍ ସଂକ୍ରମିତ ହେଉଥିବା ନେଇ ବିଶ୍ୱସ୍ତରୀୟ ରିପୋର୍ଟ କହୁଛି। ହେଲେ ଓଡ଼ିଶାରେ ଏହାର ବିପରୀତ ସ୍ଥିତି ଦେଖିବାକୁ ମିଳିଛି। ଏଠାରେ ବୟସ୍କଙ୍କଠାରୁ ପିଲା ଓ ଯୁବକ ଅଧିକ ଆକ୍ରାନ୍ତ ହୋଇଛନ୍ତି।

ସରକାରଙ୍କ ତଥ୍ୟ ଅନୁସାରେ, ବର୍ତ୍ତମାନ ଓଡ଼ିଶାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭୨୩ ରହିଛି। ୫୩୦ଜଣ ମହିଳା ଓ ୩୧୯୩ ଜଣ ପୁରୁଷ। ଏମାନଙ୍କ ମଧ୍ୟରେ ମାତ୍ର ୯୬ଜଣ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ୍ ବାହାରିଛି। କିନ୍ତୁ ଏହାଠାରୁ ଢେର୍ ଅଧିକ ଅର୍ଥାତ୍ ୧୧୦ଜଣ ଆକ୍ରାନ୍ତ ହେଉଛନ୍ତି ପିଲା। ଏମାନଙ୍କ ବୟସ ୦ରୁ ୧୪ବର୍ଷ ମଧ୍ୟରେ ରହିଛି। ତେବେ ସର୍ବାଧିକ ଆକ୍ରାନ୍ତ ହୋଇଛନ୍ତି ଯୁବପିଢ଼ି। ଏହି ହାର ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ରାଜ୍ୟର ୩୭୨୩ ଆକ୍ରାନ୍ତଙ୍କ ମଧ୍ୟରୁ ୨୬୭୦ଜଣ ଯୁବପିଢ଼ି ରହିଥିବାବେଳେ ଏମାନଙ୍କ ବୟସ ୧୫ରୁ ୪୦ବର୍ଷ ମଧ୍ୟରେ ରହିଛି। ସେହିପରି ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ୮୪୬ଜଣ ରହିଛନ୍ତି।

## ପୁରୀରୁ ପୁଣି ୧୫ ପଜିଟିଭ ଚିହ୍ନଟ

ପୁରୀ ଅଫିସ, ୧୩।୬:

ପୁରୀ ଜିଲାରୁ ଶନିବାର ପୁଣି ୧୫ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୪୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଶନିବାରର ୨ଜଣଙ୍କୁ ମିଶାଇ ମୋଟ ୯୮ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୫୦ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଗତ ୬ ଦିନରେ ପୁଣି ୪୭ ଜଣ ପିଜିଟିଭ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି।

## ଜିଲା ପ୍ରଶାସନକୁ ନିର୍ଦ୍ଦେଶ: ୭ ଦିନ ଭିତରେ ଟିଏମସି ଖର୍ଚ୍ଚ ହିସାବ ଦିଅ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ପଞ୍ଚାୟତ ସ୍ତରରେ ନିର୍ମାଣ ହୋଇଥିବା ଅସ୍ଥାୟୀ ମେଡିକାଲ କ୍ୟାମ୍ପ(ଟିଏମ୍‌ସି)ଗୁଡିକର ସମ୍ପୂର୍ଣ୍ଣ ଖର୍ଚ୍ଚ ବିବରଣୀ ଦେବାକୁ ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶନିବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂ ସମସ୍ତ ଜିଲାପାଳ, ବିଡିଓ ଏବଂ ଡିଆରଡିଏ ପ୍ରକଳ୍ପ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ଜୁନ ୧୯ ସୁଦ୍ଧା ଟିଏମ୍‌ସି ଖର୍ଚ୍ଚ ବିବରଣୀ ଦାଖଲ କରିବାକୁ କୁହାଯାଇଛି। ଟିଏମ୍‌ସିରେ ହୋଇଥିବା ସମସ୍ତ କାର୍ଯ୍ୟ ଯଥା ବିଦ୍ୟୁତୀକରଣ, ପାନୀୟ ଜଳ ଯୋଗାଣ, ବେଡ୍, ଗାଧୁଆ ଘର, ପାଇଖାନା ଓ ସମସ୍ତ ନିର୍ମାଣ କାର୍ଯ୍ୟ (ପଞ୍ଚାୟତ, ବ୍ଲକ ଓ ଜିଲାସ୍ତର ) ଆଦିର ଖର୍ଚ୍ଚ ରିପୋର୍ଟ ଆସନ୍ତା ୭ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖର୍ଚ୍ଚ ରିପୋର୍ଟ ଦେବା ପାଇଁ ଜିଲା ପ୍ରଶାସନ ବିଡିଓ, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଜେଇ/ଜିପିଟିଏ, ଜିପିଇଓଙ୍କୁ ନେଇ ପଞ୍ଚାୟତ ଏକ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ପଞ୍ଚାୟତ ଓ ବ୍ଲକସ୍ତରରେ କ୍ଷେତ୍ର ପରିଦର୍ଶନ କରି ଖର୍ଚ୍ଚର ହିସାବ ଦେବାକୁ କୁହାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ରାଜ୍ୟ ସରକାର ରାଜ୍ୟରେ ୧୬,୮୧୩ଟି ଟିଏମ୍‌ସି ନିର୍ମାଣ କରିଥିଲେ । କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ପ୍ରବାସୀଙ୍କୁ ପଞ୍ଚାୟତ ସ୍ତରରେ କ୍ୱାରାଣ୍ଟାଇନରେ ରଖିବା ପାଇଁ ପ୍ରତ୍ୟେକ ଜିପିକୁ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିଲା।

## ଛତ୍ରପୁର ଏସ୍‌ଡିପିଓ, ଆଇଆଇସିଙ୍କୁ କରୋନା

ଛତ୍ରପୁର, ୧୩।୬(ଡି.ଏନ୍.ଏ.)



ଏସ୍‌ପିଙ୍କ ଟୁଇଟ।

- ଷ୍ଟାଫ୍‌ଙ୍କର ହେବ କରୋନା ପରୀକ୍ଷା : ଏସ୍‌ପି
- କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ
- ଥାନା ହେଲା ସାନିଟାଇଜ୍

ଗଞ୍ଜାମ ପୋଲିସ ଜିଲା ଅଧୀନ ଛତ୍ରପୁର ଏସ୍‌ଡିପିଓ ଏବଂ ଆଇଆଇସି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ପଜିଟିଭ ଚିହ୍ନଟ ହୋଇଥିବା ଶନିବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେମାନଙ୍କ ସେବା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ନାଗରିକମାନଙ୍କୁ ଏହି ରୋଗରୁ ରକ୍ଷା କରିବା ଲାଗି ଅଧିକ ଉତ୍ସାହର ସହ କାମ କରିବୁ ବୋଲି ଏସ୍‌ପି କହିଛନ୍ତି। ଏଥିସହ ଏସ୍‌ପି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଉଭୟ ଅଧିକାରୀ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଏବେ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ଷ୍ଟାଫ୍‌ମାନଙ୍କର କୋଭିଡ୍ ପରୀକ୍ଷା କରାଯିବ। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇବା ସହ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍‌ଲାଇନ୍ ଅନୁସାରେ ହେବ ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ଥାନାର ସମସ୍ତ ଷ୍ଟାଫ୍‌ଙ୍କ ପାଇଁ, ମାସ୍କ, ଗ୍ଲୋବ୍, ପିପିଇ କିଟ୍ ଦିଆଯାଇଛି। ଛତ୍ରପୁର ଥାନା ଓ ଏସ୍‌ଡିପିଓଙ୍କ ଅଫିସକୁ ସାନିଟାଇଜ୍ କରାଯାଇଛି।

ପ୍ରକାଶ ଯେ, ପୂର୍ବରୁ ପୋଲସରା ଥାନାର ଦୁଇଜଣ ହୋମଗାର୍ଡ ଏବଂ ଖଲ୍ଲିକୋଟ ଥାନା ଓ ହୁମା ଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଓଏସ୍‌ଏସ୍‌ଏଫ୍ ଯବାନ ପଜିଟିଭ ଚିହ୍ନଟ ହୋଇଥିଲେ।

## ବଜ୍ରପାତରେ ମହିଳା ମୃତ

ଆଳି, ୧୩।୬(ଡି.ଏନ.ଏ.):

ବଜ୍ରପାତରେ ଆଳି ଥାନା ଜାମୁଦଣ୍ଡା ଗ୍ରାମର ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ମଲ୍ଲିକା ବେହୁରା (୬୫)। ମଲ୍ଲିକା ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଗ୍ରାମ ନିକଟ ଖରସ୍ରୋତା ନଦୀକୁ ଶୌଚ ନିମନ୍ତେ ଯାଇଥିଲେ। ଘରକୁ ଫେରିବା ସମୟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ମଲ୍ଲିକା ନଦୀ କୂଳରେ ଟଳି ପଡିଥିଲେ । ଗ୍ରାମବାସୀ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ହାଇକୋର୍ଟରେ ଇ-ଫାଇଲିଂ ପୋର୍ଟାଲ ଆରମ୍ଭ

କଟକ ଅଫିସ, ୧୩।୬

- ଗୋଟାଏ କ୍ଲିକ୍‌ରେ ଦାଖଲ ହେବ ମାମଲା
- ମୋବାଇଲ୍‌କୁ ଆସିବ ମେସେଜ୍

ବିଚାର ପ୍ରକ୍ରିୟାରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଦିଗରେ ଆଉ ଏକ ପାଦ ଆଗକୁ ବଢ଼ିଛି ଓଡ଼ିଶା ହାଇକୋର୍ଟ। କାର୍ଯ୍ୟକାରୀ ହୋଇଛି ଅତ୍ୟାଧୁନିକ ଇ-ଫାଇଲିଂ ପୋର୍ଟାଲ। ଏଣିକି ମାମଲା ଦାଖଲ କରିବା ପାଇଁ ହାଇକୋର୍ଟ ଯିବାକୁ ପଡ଼ିବନି। ପୋର୍ଟାଲରେ ମାମଲା ସମ୍ପର୍କିତ ତଥ୍ୟ ଦେଲେ, ଗୋଟାଏ କ୍ଲିକ୍‌ରେ ମାମଲା ଦାଖଲ ହୋଇଯିବ। ଏହି ପୋର୍ଟାଲ୍ ୨୪ଘଣ୍ଟା କାର୍ଯ୍ୟ କରିବ।

କରୋନା ସଂକ୍ରମଣ ବ୍ୟାପିବା ପରଠୁ ଇ-ଫାଇଲିଂକୁ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ଏହା କେବଳ ଇ-ମେଲ୍ ଜରିଆରେ ହୋଇପାରୁଥିଲା। କିନ୍ତୁ ସ୍ୱତନ୍ତ୍ର ପୋର୍ଟାଲ ନ ଥିଲା। ସୁପ୍ରିମ୍‌କୋର୍ଟ ଇ-କମିଟି ପକ୍ଷରୁ ଏହି ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ହାଇକୋର୍ଟର ୱେବସାଇଟ୍‌ରେ ଏହି ସେବା ଉପଲବ୍ଧ ହୋଇପାରିବ। ମାମଲା ଦାଖଲ କରିବା ପାଇଁ ଆଇନଜୀବୀଙ୍କୁ ପ୍ରଥମେ ନିଜକୁ ପଞ୍ଜୀକରଣ କରିବାକୁ ହେବ। ଏଥିପାଇଁ ପୋର୍ଟାଲରେ ଏକ ଲିଙ୍କ୍ 'ଆଡଭୋକେଟ୍ ବିବରଣୀ' ମଧ୍ୟ ଦିଆଯାଇଛି। ଯେଉଁ ଆଇନଜୀବୀଙ୍କ ବିବରଣୀ ପୋର୍ଟାଲରେ ନାହିଁ, ସେମାନେ ନିଜକୁ ପଞ୍ଜୀକୃତ କରିବେ। ଇ-ଫାଇଲିଂ ମାମଲାର ସ୍ଥିତି ବିଷୟରେ ମୋବାଇଲ୍‌କୁ ମେସେଜ କିମ୍ବା ଇ-ମେଲ୍ କରିବ। କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବା ପରେ ଆବେଦନକାରୀ କୋର୍ଟ ଫି' ଦାଖଲ କରିପାରିବେ। ମାନୁଆଲ୍ ଦାଖଲରେ ତ୍ରୁଟି ରହୁଥିବା ଯୋଗୁ ଇ-ଫାଇଲିଂ ବ୍ୟବସ୍ଥାକୁ ଅଧିକ ସହଜ କରିବା ପାଇଁ ଏହି ପୋର୍ଟାଲ୍ କାର୍ଯ୍ୟକ୍ଷମ କରାଯାଇଛି। ଇ-ଫାଇଲିଂ ସମ୍ପର୍କରେ ଆଇନଜୀବୀଙ୍କୁ ଅଧିକ ସୂଚନା ଦେବା ପାଇଁ ହାଇକୋର୍ଟ ପରିସରରେ ଇ-ସେବା କେନ୍ଦ୍ର ରହିଛି। ଇ-ଫାଇଲିଂ ପୋର୍ଟାଲ ବିଷୟରେ ସନ୍ଦେହ ଥିଲେ ଅଶୋକ ମଲ୍ଲିକ, ସୁଜିତ ରଞ୍ଜନ ସାହୁ, ଶୁଭ୍ରରଞ୍ଜନ ମନ୍ତ୍ରୀ କିମ୍ବା ଆଶିଷ କୁମାରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।



ଟିଭି ଅଭିନେତ୍ରୀ ଦୀପିକା ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସହାୟତା ଲୋଡ଼ିଛନ୍ତି। ତାଙ୍କ ମା'ଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସିଛି। ଏହାକୁ ନେଇ ସେ ବେଶ୍ ଚିନ୍ତିତ ରହିଛନ୍ତି। ସେ ମୁମ୍ବାଇରେ ଥିବାବେଳେ ତାଙ୍କ ମା' ଦିଲ୍ଲୀରେ ରହିଛନ୍ତି। ମା' ହଇରାଣ ହେଉଥିବାରୁ ସେ ୪ ମିନିଟ୍ ୧୧ ସେକେଣ୍ଡର ଏକ ଭିଡ଼ିଓରେ ସହାୟତା ପାଇଁ ଅନୁରୋଧ କରିଛନ୍ତି। ଦୀପିକା ଟିଭିର 'ଦିୟା ଔର ବାତି ହମ୍', 'କବଚ-୨' ଆଦି ସିରିଏଲ୍‌ରେ ଅଭିନୟ କରିଛନ୍ତି।





ଦିଶା ପାଟନି

# ୨୮ ବର୍ଷରେ ପାଦ ଥାପିଲେ ଦିଶା

ମୁମ୍ବାଇ: ବଲିଉଡ୍ ନାୟିକା ଦିଶା ପାଟନି ୨୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ବଲିଉଡ୍ ନାୟକ ଟାଇଗର ଶ୍ରଫ ତାଙ୍କ ଗର୍ଲ ଫ୍ରେଣ୍ଡକୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ଭିଡିଓ ମାଧ୍ୟମରେ ଟାଇଗର ଦିଶାଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି। ଏକ ଇଂରାଜୀ ଗୀତରେ ଦିଶା ଫର୍‌ଫର୍ମ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଟାଇଗର ଶେୟାର କରି ଦିଶାଙ୍କୁ ଭିନ୍ନ ଢଙ୍ଗରେ ଶୁଭେଚ୍ଛା ଜଣାଇଥିବା ବେଳେ ଉକ୍ତ ଭିଡିଓକୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ମାତ୍ର କେଇ ମିନିଟ ମଧ୍ୟରେ ଏହି ଭିଡିଓକୁ ୪ ଲକ୍ଷରୁ ଅଧିକ ଦର୍ଶକ ଦେଖି ସାରିଲେଣି। ଭିଡିଓ ଶେୟାର କରିବା ସହ କ୍ୟାପଶନରେ ଟାଇଗର ଲେଖିଛନ୍ତି, ୩ ୱାଫଲସ୍ ଓ ୩ ପାନ୍‌କେକ୍ ପରେ ମିଳିବ, ହାପି ବାର୍ଥ ଡେ। ଏହି କ୍ୟାପ୍‌ଶନ ପୂର୍ବରୁ ଟାଇଗର ହସିବା ସହ ଏକ ହାର୍ଟ ଇମୋଜି ଲଗାଇଛନ୍ତି। ଏହାକୁ ଦେଖିବା ପରେ

## ଶୁଭେଚ୍ଛା ଜଣାଇଲେ ଟାଇଗର

କେତେଜଣ ସୋସିଆଲ ମିଡିଆ ୟୁଜର୍ସ କମେଣ୍ଟ ମଧ୍ୟ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ତୁମେ ଦୁହେଁ ବଲିଉଡ୍‌ର ଫେଭରିଟ୍ କପୁଲ। ଏହାସହ ଦିଶାଙ୍କ ଜନ୍ମଦିନ ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛା ସୁଅ ଛୁଟିଛି। ବେଶ୍ କିଛିଦିନ ହେବ ଦିଶା-ଟାଇଗର ପରସ୍ପରକୁ ପ୍ରେମ କରୁଥିବା ଆଲୋଚନା ହେଉଥିଲେ ମଧ୍ୟ ଏମାନେ କେବେ ମୁହଁ ଖୋଲି ଏ ବିଷୟରେ କଥା ହୋଇ ନାହାନ୍ତି। ରିଲ୍ ହେଉ ଅବା ରିୟଲ ଲାଇଫ୍‌ରେ ଏମାନେ ଅନେକ ଥର ନଜର ଆସିଛନ୍ତି। ବେଳେ ବେଳେ ଏମାନଙ୍କ ମଧ୍ୟରେ ଝଗଡ଼ା ହେଉଥିବା ମଧ୍ୟ ଆଲୋଚନା ହୁଏ। ଏମିତିକି ଦିଶା ଏକଜିଦିଆ ହୋଇଥିବା ବେଳେ ଟାଇଗର କୁଆଡେ ସବୁ କଥାରେ ମ୍ୟାନେଜ୍ କରନ୍ତି ବୋଲି କୁହାଯାଏ।

# ସ୍ନେକ୍ ଭିଲେଜ 'ଜିସିକିୟାଓ'

ବେଜିଂ: ପୋକଜୋକଠାରୁ ଆରମ୍ଭ କରି କୀଟପତଙ୍ଗ, ସିଫୁଡ୍‌ଠାରୁ ଆରମ୍ଭ କରି ସରୀସୃପ, ଚାଇନାବାସୀଙ୍କ ପାଇଁ ଅଖାଦ୍ୟ ବୋଲି କିଛିନାହିଁ। ତେଣୁ ଅନେକେ ଚାଇନାକୁ ସର୍ବଭୁକ୍‌ଙ୍କ ଦେଶ ବୋଲି କହିଥାନ୍ତି। କରୋନାକୁ ନେଇ ସାରା ବିଶ୍ୱବାସୀଙ୍କ ନଜର ଚାଇନା ଉପରେ ଥିବାବେଳେ ମହାମାରୀ ସମୟରେ ପୁଣିଥରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି ଚାଇନିଜ୍ ଫୁଡ୍। ଏହାକୁ ବାଦ୍‌ଦେଲେ ଚାଇନାବାସୀଙ୍କ ପାରମ୍ପରିକ ଚିକିତ୍ସା ପଦ୍ଧତିରେ ବିଷାକ୍ତ



ସାପଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ସାପକୁ ନେଇ ପ୍ରସ୍ତୁତ ଚାଇନିଜ୍ ଡିସ୍‌ର ଚାହିଦା କାହିଁରେ କେତେ। ଏହିସବୁ କାରଣରୁ ଚାଇନାରେ ବ୍ୟବସାୟିକ ଉଦ୍ଦେଶ୍ୟରେ ହେଉଛି ସାପଚାଷ। ଆଉ ଏହି ଚାଷ କରି ବିପୁଳ ଅର୍ଥ ଆଦାୟ କରୁଛି ସ୍ନେକ୍ ଭିଲେଜ 'ଜିସିକିୟାଓ'।

ଚାଇନାରେ ହଜାର ହଜାର ବର୍ଷ ଧରି ପାରମ୍ପରିକ ଚିକିତ୍ସା ପଦ୍ଧତି ପ୍ରଚଳିତ। ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ, ଗଛଲତାକୁ ବ୍ୟବହାର କରି ଯେକୌଣସି ରୋଗର ସଫଳ ଚିକିତ୍ସା କରାଯାଇପାରିବ ବୋଲି ଏଠାକାର ବୈଦ୍ୟମାନେ ଦାବି କରିଆସୁଛନ୍ତି। ଖ୍ରୀଷ୍ଟାବ୍ଦ ୧୦୦ରୁ ଚାଇନାରେ ସାପର ଅଙ୍ଗରୁ ପ୍ରସ୍ତୁତ ଔଷଧରେ ଚର୍ମରୋଗର ଚିକିତ୍ସା କରାଯାଉଥିବା ପ୍ରମାଣ ମିଳେ। ମାରାତ୍ମକ କର୍କଟ ରୋଗର ପ୍ରତିଷେଧକ ଭାବେ ମଧ୍ୟ ଏହାକୁ ବ୍ୟବହାର କରାଯାଉଛି। ସେହିପରି ସାପରୁ ପ୍ରସ୍ତୁତ ଔଷଧ ଲିଭରରେ ମଦ୍ୟପାନର ଖରାପ ପ୍ରଭାବ ପଡ଼ିବାକୁ ଦିଏ ନାହିଁ ବୋଲି ବିଶ୍ୱାସ ରହିଛି।

୧୯୧୮ରେ ସ୍ପାନିଶ ଫ୍ଲୁ ବ୍ୟାପିଥିଲା। ତେବେ ସାପଙ୍କ ଅଙ୍ଗରୁ ପ୍ରସ୍ତୁତ ତେଲ ଦ୍ୱାରା ଏହି ମାରାତ୍ମକ ବ୍ୟାଧିର ସଫଳ ଚିକିତ୍ସା କରାଯାଇପାରିଥିବା ସେହି ସମୟରେ ଦାବି କରାଯାଇଥିଲା। ଏହି ଖବର ବିଜୁଳି ବେଗରେ ପ୍ରଚାରିତ ହେବାପରେ ବ୍ୟବସାୟୀମାନେ ବିପୁଳ ପରିମାଣର ସାପତେଲ ରପ୍ତାନି କରି ପର୍ଯ୍ୟାପ୍ତ ବିଦେଶୀ ପୁଞ୍ଜି ସଂଗ୍ରହ କରିବାରେ ସଫଳ ହୋଇଥିଲେ। ତେବେ ଔଷଧକୁ ନେଇ କରାଯାଇଥିବା ଦାବି ଭୁଲ୍ ସାବ୍ୟସ୍ତ ହୋଇଥିଲା। ଏହାସତ୍ତ୍ୱେ ମଡର୍ନ ଚାଇନାରେ ଏବେ ବି ସାପଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରସ୍ତୁତ ଔଷଧର ଚାହିଦା ରହିଛି। ଏହି କାରଣରୁ 'ଜିସିକିୟାଓ' ଗ୍ରାମରେ ବ୍ୟବସାୟିକ ଉଦ୍ଦେଶ୍ୟରେ ସାପଚାଷ କରାଯାଉଛି। ଔଷଧ ପାଇଁ

## ଚାଷ ହୁଏ ବିଷାକ୍ତ ସାପ



ବ୍ୟବହୃତ ପାଖାପାଖି ୯୦% ସାପଙ୍କ ଚାହିଦା ଏହି ଗ୍ରାମ ପୂରଣ କରିଥାଏ। ୧୯୮୦ରୁ ଗ୍ରାମର ହାତଗଣତି ଚାଷୀ ସାପଚାଷ ଆରମ୍ଭ କରିଥିଲେ। ପରେ ଅଧିକାଂଶ ପରିବାର ଏହାକୁ ବୃତ୍ତି ଭାବେ ଗ୍ରହଣ କରିନେଇଛନ୍ତି। ଏହାପୂର୍ବରୁ ଏଠାକାର ଚାଷୀମାନେ କାର୍ପାସ ଏବଂ ଝୋଟ ଚାଷ କରୁଥିଲେ। ହେଲେ ସାପଚାଷରୁ ମିଳୁଥିବା ଲାଭ ସେମାନଙ୍କୁ କାର୍ପାସ ଏବଂ ଝୋଟ ଚାଷରୁ ଦୂରେଇ ଦେଇଛି। ଏକ ରିପୋର୍ଟ ଅନୁଯାୟୀ, ଗ୍ରାମରେ ୧୭୦ ପରିବାର ବାର୍ଷିକ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ସାପ ଉତ୍ପାଦନ କରିଥାନ୍ତି। ବସନ୍ତ ଋତୁରେ ସାପମାନେ ପ୍ରଜନନ କରିଥାନ୍ତି। ଶୀତ ଋତୁ ଆରମ୍ଭରେ ବଡ଼ ହୋଇଥିବା ସାପଙ୍କୁ ଚାଷୀମାନେ ବିକ୍ରି କରିଦିଅନ୍ତି। ଏଠାକାର ସାପକୁ ବ୍ୟବସାୟୀଙ୍କ ଜରିଆରେ ଆମେରିକା, ଜର୍ମାନୀ, ରୁଷିଆ, ସାଉଥ୍ କୋରିଆ ମଧ୍ୟ ପଠାଯାଉଛି। ଚାଇନା ରେଷ୍ଟୁରାଣ୍ଟରେ 'ସ୍ନେକ୍ ଡିସେସ୍'ର ଭଲ ଚାହିଦା ରହିଛି। ଅଶୀ ଦଶକରେ ଗ୍ରାମର ବୟସ୍କ ବ୍ୟକ୍ତି ୟାଙ୍ଗ୍ ହୋଙ୍ଗ୍‌ଚାଙ୍ଗ୍‌ଙ୍କ ମୁଣ୍ଡକୁ ପ୍ରଥମେ ସାପଚାଷ କରିବା ବିଚାର ଆସିଥିଲା। ସେ ସଞ୍ଚିଥିବା ଜମାପୁଞ୍ଜିରେ ଏକ ସ୍ନେକ୍ ଫାର୍ମ କରିଥିଲେ। ଧୀରେ ଧୀରେ ଗ୍ରାମବାସୀ ସାପଚାଷ ପ୍ରଣାଳୀ ଶିଖିଗଲେ। ଅଣ୍ଡାରୁ ବାହାରିବା ପରେ ଛୋଟ ଛୋଟ କାଠ ଏବଂ କାଚ ବାକ୍ସ ଭିତରେ ସାପଙ୍କୁ ରଖାଯାଇଥାଏ। ସାପଗୁଡ଼ିକ ବଡ଼ହେବା ପରେ ଏହାକୁ ବଢ଼ିବା ଲାଗି ମୁକ୍ତ ସ୍ଥାନରେ ଛାଡ଼ି ଦିଆଯାଇଥାଏ। ଶୀତ ଋତୁ ବେଳକୁ ସାପମାନେ ଆବଶ୍ୟକତା ଅନୁଯାୟୀ ବଢ଼ିସାରିଥାନ୍ତି। ଏହାପରେ ସେମାନଙ୍କୁ କଂସେଇଖାନାକୁ ନିଆଯାଏ। ସେଠାରେ ସାପର ଆକାର, ପ୍ରକାର ଅନୁଯାୟୀ ଅଲଗା ଅଲଗା ସେକ୍ସନ କରାଯାଇଥାଏ। ବିଷଧର ସାପଙ୍କ ବିଷ ସଂଗ୍ରହ କରାଯାଇ ଲାବ୍‌ରେ ରଖାଯାଏ। ଅନ୍ୟ ଅଂଶକୁ ଆବଶ୍ୟକତା ଅନୁଯାୟୀ ଖାଇବା, ଔଷଧ ପ୍ରସ୍ତୁତି କାର୍ଯ୍ୟରେ ଲଗାଯାଇଥାଏ।

# ନ ଛୁଇଁଲେ ବି ବାଜିବ ମନ୍ଦିରର ଘଣ୍ଟି

ମନ୍ଦସୌର: ଲକ୍‌ଡାଉନ ହଟିବା ପରେ ଏବେ ଧାର୍ମିକସ୍ଥଳ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି। ହେଲେ ସେଠାରେ ସାମାଜିକ ଦୂରତା ବାଧ୍ୟତାମୂଳକ କରାଯାଇଥିବା ବେଳେ ଆଉ କିଛି କଟକଣା ମଧ୍ୟ ଲାଗୁ କରାଯାଇଛି। ଯେମିତି ମନ୍ଦିର ପରିସରରେ ପ୍ରବେଶ ପୂର୍ବରୁ ସାନିଟାଇଜର ବ୍ୟବହାର କରିବା। ମନ୍ଦିରରେ ଘଣ୍ଟି ନ ବଜାଇବା ଆଦି ନିୟମ ରଖାଯାଇଛି। ଏମିତି ସମୟରେ ମଧ୍ୟପ୍ରଦେଶ ମନ୍ଦସୌରରେ ଥିବା ପଶୁପତିନାଥ ମନ୍ଦିରରେ ଏମିତି ଏକ ଘଣ୍ଟି ଲଗାଯାଇଛି ଯାହାକୁ ନ ଛୁଇଁଲେ ବି ଏହା ବାଜିଉଠେ। ଏଥିରେ ଅଟୋମେଟିକ ସେନ୍‌ସର ଲଗାଯାଇଛି। ଫଳରେ ଘଣ୍ଟିକୁ କେହି ନ ଛୁଇଁଲେ ବି ଏହା ବାଜିବ। ତେବେ କରୋନା ସଂକ୍ରମଣକୁ ରୋକିବାକୁ ଏଭଳି କରାଯାଇଥିବା କହିଛି ମନ୍ଦିର ପ୍ରଶାସନ। ନହୁର ଖାଁ ନାମକ ଜଣେ ବ୍ୟକ୍ତି ଏହା ସ୍ଥାପନ କରିଥିବା କୁହାଯାଏ। ଏହାକୁ ନେଇ ନହୁର କୁହନ୍ତି, କରୋନା ସଂକ୍ରମଣ ରୋକିବାକୁ ସେ ଏମିତି ଏକ ଉପାୟ ଚିନ୍ତା କରିଥିଲେ। ମନ୍ଦିରରେ ପୂଜା କରିବାକୁ ହେଲେ ଘଣ୍ଟି ବଜାଇବା ଜରୁରୀ ବୋଲି କୁହାଯାଏ। ତେଣୁ ବିନା ଛୁଆଁରେ ଯଦି ଘଣ୍ଟି ବାଜି ପାରୁଛି ତେବେ ଏହା ନିଶ୍ଚିତ ଭାବେ ଭଲ।





# ଭୂତ ଚଲାଉଛି ଜିମ୍ ମେଶିନ୍

ନୂଆଦିଲ୍ଲୀ: ଲକ୍‌ଡାଉନ୍ ପାଇଁ ପାର୍କ ସବୁ ବନ୍ଦ ରହିଥିବା ବେଳେ ପାର୍କରେ ଜିମ୍ ମେସିନ୍ ବି ଖାଲି ପଡ଼ିଥିଲା। ତେବେ ଅନ୍‌ଲକ୍ ଫେଜ୍ ୱାନ୍ ପରେ କଟକଣା ସହିତ କିଛି ପାର୍କ ଖୋଲା ଯାଇଛି। ତେବେ ପାର୍କକୁ ବେଶୀ ଲୋକଙ୍କର ଯିବା ଆସିବା ନାହିଁ। ଏପରି ଏକ ସମୟରେ ଉତ୍ତରପ୍ରଦେଶର ଝାନ୍‌ସିରେ ଥିବା କାଶିରାମ ପାର୍କରେ ଜିମ୍ ମେସିନ୍ ଆପେ ଆପେ ଚାଲୁଥିବା ଦେଖିବାକୁ ମିଳିଛି। କଥାଟା ବିଶ୍ୱାସ ହେଉ ନ ଥିଲେ ବି ସତ। ପାର୍କରେ ହଠାତ୍ ରାତିରେ କିଛି ଜିମ୍ ମେସିନ୍ ଏପରି ଚାଲୁଥିଲା, ଯେପରି ଭୂତ ସେଥିରେ ବସି ଚଲାଉଛି। ମେସିନ୍ ଏପରି ଚାଲୁଥିବାର ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। କେହି କେହି ଏହାକୁ ଏକ ଭୌତିକ କାଣ୍ଡ ବୋଲି ଭାବି ନେଇଥିଲେ। କିଛିଲୋକ ଭୂତ ଭାବି ଭୟରେ ସେଠାରୁ ପଳାୟନ ବି କରିଥିଲେ। ତେବେ ଏହି ଖବର ପାଇ ସେଠାରେ ପୋଲିସ୍ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି। ଜଣାପଡ଼ିଛି ଯେ, ମେସିନଗୁଡ଼ିକରେ ଅଧିକ ଗ୍ରୀସ୍ ଲଗାଇବା ଫଳରେ କିଛି ମେସିନ୍ ଏପରିଭାବେ ଆପେ ଆପେ ଚାଲିଥିଲା ଯେ, ବନ୍ଦ ହୋଇ ନ ଥିଲା। ତେଣୁ ଏହା କୌଣସି ପ୍ରକାରର ଭୌତିକ କାଣ୍ଡ ନୁହେଁ ବୋଲି ପୋଲିସ୍ ସ୍ପଷ୍ଟ କରିଛି ଓ ଲୋକଙ୍କୁ ଭୟଭୀତ ନ ହେବା ପାଇଁ କହିଛି। ପାର୍କର ଦାୟିତ୍ୱରେ ୮ ବର୍ଷ ହେଲା କାମ କରୁଥିବା ବ୍ୟକ୍ତିଜଣକ ବି ସ୍ପଷ୍ଟ କରିଥିଲେ ଯେ, ସେଠାରେ କୌଣସି ପ୍ରକାରର ଭୌତିକ କାଣ୍ଡ କେବେ ହୋଇନି। ତେବେ ମେସିନଗୁଡ଼ିକ ଏପରି ଆପେ ଆପେ ଚାଲୁଥିବା ସମୟରେ କେତେଜଣ ମେସିନର ଭିଡିଓ କରି ଏହାକୁ ସୋସିଆଲ୍ ମିଡିଆରେ ଛାଡ଼ିଛନ୍ତି, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି।

# ସ୍ୱିଟି ସହ ନିଆରା ସମ୍ପର୍କ

ନୂଆଦିଲ୍ଲୀ: ପଶୁମାନଙ୍କ ପ୍ରତି ମଣିଷର ଅମାନବୀୟ ତଥା କ୍ରୂର ଆଚରଣ ବେଳେବେଳେ ସାରା ସମାଜକୁ ସ୍ତବ୍ଧ କରିଦେଇଥାଏ। ହେଲେ କିଛି ମଣିଷ ଏପରି ଥାଆନ୍ତି ଯେଉଁମାନେ ହିଂସ୍ର ପଶୁଙ୍କୁ ବି ପୋଷା ମନାଇ ଆପଣାର କରି ସ୍ନେହ ଢାଳି ଦେଇଥାନ୍ତି। ଏମିତି ଏକ ଭିନ୍ନ ଉଦାହରଣ ଦେଖିବାକୁ ମିଳିଛି ଫ୍ଲୋରିଡାରେ। ଏଠାରେ ଲୁଇ ମୋରହେଡ୍ ନାମକ ଜଣେ ବ୍ୟକ୍ତି ଏକ କୁମ୍ଭୀରକୁ ନିଜ ଛୁଆ ପରି ପାଳନ କରି ଏବେ ଇଣ୍ଟରନେଟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଲୁଇ ତାଙ୍କ କୁମ୍ଭୀରକୁ ତାଙ୍କ ପିଲାଭଳି କୋଳରେ ଧରି ଏକ ରେଷ୍ଟୁରାଣ୍ଟ ଭିତରକୁ ପ୍ରବେଶ କରୁଥିବାର ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଟିକ୍‌ଟକ୍ ବ୍ୟବହାରକାରୀ ରାଚେଲ ବୋମ୍ୟାନ୍ ଲୁଇଙ୍କର ଏପରି ଏକ ଭିଜୁଆଲକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। କୁମ୍ଭୀରଟି ଏକ ହଳଦିଆ ରଙ୍ଗର ପୋଷାକ ବି ପିନ୍ଧିଛି। ଲୁଇଙ୍କର ଏହି କୁମ୍ଭୀରଟିର ନାଁ ହେଉଛି ସ୍ୱିଟି। ଛୋଟବେଳେ ଆହତ ଅବସ୍ଥାରେ ସ୍ୱିଟିକୁ ଉଦ୍ଧାର କରିଥିଲେ ଲୁଇ। ଏହା ପରଠାରୁ ସେ ତା'ର ଚିକିତ୍ସା କରି ତାକୁ ନିଜ ପାଖରେ ରଖିଥିଲେ। ସେହି ଦିନଠାରୁ ସେ ସ୍ୱିଟିକୁ ନେଇ ସବୁଆଡ଼େ ଯାଇଥାନ୍ତି। ଲୁଇଙ୍କ ମତରେ ସ୍ୱିଟି ବହୁତ ଶାନ୍ତ ଏବଂ ଭଲ ସ୍ୱଭାବର। ଛୋଟବେଳରୁ ସ୍ୱିଟି ସହିତ ତାଙ୍କର ଏକ ସ୍ୱତନ୍ତ୍ର ଭାବନାରେ ସେ ବାନ୍ଧି ହୋଇ ରହିଛନ୍ତି। ସ୍ୱିଟି ସହିତ ଲୁଇଙ୍କର ଏହି ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଲକ୍ଷ ଲକ୍ଷ ଲୋକ ଏହାକୁ ନେଇ ସୁନ୍ଦର କମେଣ୍ଟ ଦେଉଛନ୍ତି।



# ଆଣ୍ଟି କୋଭିଡ୍ ଭାକ୍ୟୁମ୍ କ୍ଲିନର

ଚଣ୍ଡିଗଡ଼: ଆବଶ୍ୟକତା ଉଦ୍ଭାବନର ଜନନୀ। ଏକଥାକୁ ପ୍ରମାଣିତ କରିଛନ୍ତି ପଞ୍ଜାବର ବୈଜ୍ଞାନିକ ସମ୍ରାଟ ଘୋଷ। ମୋହାଲିଠାରେ ଥିବା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚରେ ସେ ତିଆରି କରିଛନ୍ତି ଏକ ଆଣ୍ଟି କୋଭିଡ୍-୧୯ ଭାକ୍ୟୁମ କ୍ଲିନିଂ ସିଷ୍ଟମ। ଏହାକୁ ଘର, ଅଫିସ, ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନ, କାର ଆଦି ସବୁ ସ୍ଥାନରେ ସଫା କରିବା ପାଇଁ ବ୍ୟବହାର କରାଯାଇପାରିବ।

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସାନିଟାଇଜେସନ୍ ଏବଂ ସଫା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ସୋଫା, କୁସନ, ଡୋର ମ୍ୟାଟ, ବେଡ୍ ଏବଂ ଇଲେକ୍ଟ୍ରୋନିକ୍ ଜିନିଷ ଆଦିକୁ ସଫା କରି ହୋଇ ନ ଥାଏ। କିନ୍ତୁ ଏହି ଭାକ୍ୟୁମ କ୍ଲିନର ସାହାଯ୍ୟରେ ସବୁ ପ୍ରକାରର ଜିନିଷକୁ ସଫା କରିହେବ। ଏହାକୁ ସଫଳତାର ସହ ଟ୍ରାଏଲ ମଧ୍ୟ କରାଯାଇଛି ଏବଂ ଏହାର ମାନ୍ୟତା ନିମନ୍ତେ ସରକାରଙ୍କ ପାଖରେ ଆବେଦନ କରାଯାଇଛି।



ଘରକୁ ସମ୍ପୂର୍ଣ୍ଣଭାବେ ସାନିଟାଇଜ୍ କରି ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ବୈଜ୍ଞାନିକଜଣକ ଅନେକ ଦିନ ଚିନ୍ତା କରିବା ପରେ ଏଭଳି ଏକ ଉପକରଣ ତିଆରି କରିବାରେ ସଫଳ ହୋଇଛନ୍ତି। ଏହି ଭାକ୍ୟୁମ କ୍ଲିନରଟି ସାଧାରଣ ଭାକ୍ୟୁମ କ୍ଲିନର ଭଳି ଏବଂ ଏଥିରେ ୮୦୦ ୱାଟର ମୋଟର ଲାଗିଛି। ତେବେ ଏଥିରେ ଏକ ବିଶେଷ ଚାମ୍ବର ଲଗାଯାଇଛି, ଯେଉଁଥିରେ ଆଣ୍ଟି କୋଭିଡ୍-୧୯ କେମିକାଲ ଦିଆଯାଇଛି। ଏହା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଲିକ୍ ପ୍ରୁଫ୍। ତେଣୁ ବ୍ୟବହାର ସମୟରେ ବ୍ୟକ୍ତିର କୌଣସି ଅସୁବିଧା ହେବନି। ମୋହାଲିର ରିସର୍ଚ୍ଚ ସେଣ୍ଟରରେ ସମ୍ରାଟ ୨୫ ବର୍ଷ ହେଲାଣି ଗବେଷଣା କରୁଛନ୍ତି। ଏହା ପୂର୍ବରୁ ସେ ଆମେରିକା, ଜର୍ମାନୀ, ଫ୍ରାନ୍ସ, କାନାଡା ଭଳି ପ୍ରମୁଖ ଦେଶର ରିସର୍ଚ୍ଚ କାମରେ ପ୍ରମୁଖ ଭୂମିକା ନିଭାଇଛନ୍ତି। କିଛିଦିନ ତଳେ ସେ ଟୁ-ପିସ୍ ମାସ୍କ ବି ତିଆରି କରିଥିଲେ।

# ସ୍ୱାଦିଷ୍ଟ କଳା ପିଜୁଳି



ନୂଆଦିଲ୍ଲୀ: ପିଜୁଳି ବିଭିନ୍ନ ସାଇଜ୍‌ର ଥିବା ସମସ୍ତେ ପ୍ରାୟତଃ ଦେଖିଥିବେ। କିନ୍ତୁ କଳା ରଙ୍ଗର ପିଜୁଳି ଅଛି ଏକଥା କେହି ହୁଏତ ବିଶ୍ୱାସ କରିପାରୁ ନ ଥିବେ। ହେଲେ ଏଭଳି ଏକ ପିଜୁଳି ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦ ଏଭଳି ଏକ ପିଜୁଳିର ଫଟୋ ଶେୟାର କରିଛନ୍ତି। ଟୁଇଟରରେ ଏହି ଭିଜୁଆଲ ଶେୟାର କରିବା ପରେ ଏଭଳି ଏକ ପିଜୁଳି ଥିବା ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ପିଜୁଳିର ଫଟୋ ଦେଖିବା ପରେ ଏହା ବିଷୟରେ ଅଧିକ ଜାଣିବା ପାଇଁ ସମସ୍ତଙ୍କ ଆଗ୍ରହ ପ୍ରକାଶ କରିଛନ୍ତି। ଲୋକଙ୍କର ଆଗ୍ରହ ଅନୁସାରେ ସୁଶାନ୍ତ ମଧ୍ୟ ଟୁଇଟରରେ ଏହି କଳା ପିଜୁଳିର ବିଭିନ୍ନ ପ୍ରକାରର ଫଟୋ ଏମିତିକି ଗଛରେ ଫଳିଥିବା ଅବସ୍ଥାରେ ବି ଏକ ଫଟୋ ଶେୟାର କରିଥିଲେ। ଏହି ପିଜୁଳି ଦେଖିବାକୁ କଳା ହୋଇଥିଲେ ବି ଏହାର ସ୍ୱାଦ ବହୁତ ଭଲ। କଳା ପିଜୁଳି ଏକ ସ୍ୱତନ୍ତ୍ର କିସମର ପିଜୁଳି, ଯାହା ମୂଳତଃ ଲାଟିନ୍ ଆମେରିକାର କେତେକ ଅଞ୍ଚଳରେ ଦେଖା ଯାଇଥାଏ। ଏବେ ଏହାକୁ ଅନ୍ୟ କେତେକ ଅଞ୍ଚଳରେ ଚାଷ କରାଗଲାଣି। ଏହାର ସ୍ୱାଦ ବହୁତ ଭଲ ଏବଂ ଏହାକୁ ସିଧାସଳଖ ଖାଇବା ସହିତ କେକ୍, ଜାମ୍, ଜେଲି ଆଦିରେ ମଧ୍ୟ ବ୍ୟବହାର କରାଯାଇଥାଏ।



# ଅଛି ରଜ ନାହିଁ ମଉଜ

**ଆଜି ପହିଲି ରଜ। ହେଲେ ଏବର୍ଷ ନା ଅଛି ସେ ସଜବାଜ ନା ଏକାଠି ଦୋଳି ଖେଳ ଆଉ ବୁଲାବୁଲିର ମଉଜ...**


ସଂଯୁକ୍ତା


ସସ୍ମିତା


ତୃପ୍ତିମୟୀ


କୈଳାସ


ଗୁରୁକୃଷ୍ଣ

ବଢୁଥିବା କରୋନା ମହାମାରୀ ଲାଗି ବର୍ତ୍ତମାନ ଚାଲିଛି ପଞ୍ଚମ ପର୍ଯ୍ୟାୟ ଲକ୍‌ଡାଉନ୍ ଏବଂ ଓଡ଼ିଶାର କେତେକ ଜିଲାରେ ଏହି ମାସର ପ୍ରତି ଶନିବାର ଏବଂ ରବିବାର ରହିଛି ଶଟ୍‌ଡାଉନ୍। ଏମିତିରେ ବାହାରେ ବୁଲିବା, ସାମୂହିକ ରଜ ଉତ୍ସବ ପାଳିବା, ଏକାଠି ଦୋଳି ଖେଳିବାରେ ଲଗାଯାଇଛି କଟକଣା, ଯାହା କି ଫିକା କରିଦେଇଛି ସଭିଙ୍କ ବହୁ ପ୍ରତୀକ୍ଷିତ ରଜ ପର୍ବର ମଜାକୁ। ତେବେ ଏମିତି ଏକ ପରିସ୍ଥିତିରେ କିଭଳି ରଜ ପାଳନ କରିବେ ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ...

**କବାଡ଼ି ମ୍ୟାଚ୍ ଜିତିବାର ଜୋସ୍ ଫିକା ପଡ଼ିଗଲା:** ଏମିତିରେ ତ ଆମେ ଅନେକ ପର୍ବପର୍ବାଣି ପାଳିଥାଉ ହେଲେ ରଜପର୍ବ ସବୁଠୁ ଅଲଗା। ଏହି ତିନିଦିନ ନୂଆ ଡ୍ରେସ୍ ପିନ୍ଧି, ପୋଡ଼ ପିଠା ଆଉ ରଜପାନ ଖାଇ ସାଙ୍ଗମାନଙ୍କ ସହ ଗାଁରେ ଦୋଳି ଖେଳିବାର ମଜା ନିଆରା। ଯେଉଁଥିପାଇଁ ବାହାରେ ରହି ପାଠ ପଢୁଥିଲେ ମଧ୍ୟ ରଜକୁ ନିଶ୍ଚୟ ଗାଁକୁ ଚାଲିଆସେ। ହେଲେ କରୋନା ଲାଗି ସବୁଥରଠାରୁ ଏଥର ରଜ ପର୍ବ ଫିକା ପଡିଛି । ଆମ ଗାଁରେ ପ୍ରତିବର୍ଷ ରଜରେ କୁମାରୀମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ସେଥିରେ ଭାଗନେଇଥିବା ଝିଅମାନଙ୍କ ମଧ୍ୟରେ ଯିଏ ବାଜିମାତ୍ କରେ ତାକୁ ରଜ କମିଟି ପକ୍ଷରୁ ଆର୍ଥିକ ପୁରସ୍କାର ସହ ରଜ ଶାଢି ଉପହାର ମିଳେ। ଗତବର୍ଷ ପାଇନାଲ ମ୍ୟାଚରେ ହାରିଯାଇଥିଲି । ହେଲେ ଏଥର କବାଡି ମ୍ୟାଚ୍ ଯେମିତି ହେଉ ଜିତିବି ବୋଲି ମନରେ ଯେଉଁ ଜୋସ୍ ଥିଲା କରୋନା ପାଇଁ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିବାରୁ ତାହା ଆଶାରେ ରହିଗଲା ।

*–ତୃପ୍ତିମୟୀ ପ୍ରଧାନ, ତରାଗୋ, ଭଦ୍ରକ*

**ସାଂସ୍କୃତିକ କାର୍ଯ୍ୟକ୍ରମ ପରିବର୍ତ୍ତେ କରିବୁ ଅସହାୟଙ୍କୁ ସହାୟତା**
ଆମ ଯୁବକ ସଂଘ ପକ୍ଷରୁ ପ୍ରତିବର୍ଷ ରଜପର୍ବ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାଉ। ଦୋଳି ବନ୍ଧାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥାଉ। ଏହା ସହ ପଞ୍ଚାୟତର କୁନି କଳାକାରଙ୍କୁ ନେଇ ରଜଗୀତ ଉପରେ ପ୍ରତିଯୋଗିତା କରୁ ଓ ପୁରସ୍କୃତ କରିଥାଉ। ଏଥର କରୋନା ଲାଗି ଏତେ ଆଡମ୍ବରପୂର୍ଣ୍ଣ ଭାବେ ନ କରି ସାମାଜିକ ଦୂରତା ରକ୍ଷା ପୂର୍ବକ ଅଳ୍ପରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି କରିଥିଲୁ। ହେଲେ ଶେଷ ମୁହୂର୍ତ୍ତରେ ଜିଲାପାଳ ରଜରେ କୌଣସି ଦୋଳି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ବାଧ୍ୟରେ ସବୁକିଛି ବନ୍ଦ କରିବାକୁ ପଡିଲା। ହେଲେ ଏହି ସମସ୍ତ କାର୍ଯ୍ୟକ୍ରମ ଲାଗି ଖର୍ଚ୍ଚ ହେବାକୁ ଥିବା ଟଙ୍କାରେ ଆମେ ଅସହାୟ ଲୋକଙ୍କୁ ସହାୟତା କରିବାକୁ ନିଷ୍ପତ୍ତି ନେଇଛୁ।

*–କୈଳାସ ଚନ୍ଦ୍ର ବାରିକ, ଶାଳଣିଆଁ, କେନ୍ଦୁଝର*

**ଘରେ ରହି ଡିଜିଟାଲ୍ ଫର୍ମାଟ୍‌ରେ ପାଳିବୁ ରଜ:** ପ୍ରତିବର୍ଷ ଆମ ସାହିରେ ବେଶ୍ ଧୁମ୍‌ଧାମ୍‌ରେ ରଜ ଉତ୍ସବ ପାଳନ ହୋଇଥାଏ। ସବୁ ଝିଅ ମିଶି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରିଥାଉ। ଏହା ବ୍ୟତୀତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। ଏକାଠି ପାନ ଖାଇବା, ଦୋଳି ଖେଳିବା, ଗ୍ରୁପ୍ ଫଟୋ ଉଠାଇବା ଆଦିର ଭରପୂର ଆନନ୍ଦ ନେଇଥାଉ। ହେଲେ ବଢୁଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି ଏଥର ରଜରେ କୌଣସି ସାମୂହିକ ଉତ୍ସବ ପାଳନ ନ କରିବାକୁ ସରକାରଙ୍କ ପକ୍ଷରୁ କଟକଣା ରହିଛି। ତା'ଛଡା ସେମିତିରେ ପହିଲି ରଜରେ ଶଟ୍‌ଡାଉନ୍ ଥିବାରୁ ଘରୁ ବାହାରିବା ମନା। ତେଣୁ ଘରେ ଥାଇ ଡିଜିଟାଲ୍ ରଜ ପାଳିବୁ ଏବଂ ପରସ୍ପରକୁ ଅନ୍‌ଲାଇନ୍ ଶୁଭେଚ୍ଛା ଜଣାଇବୁ।

*–ସସ୍ମିତା ମହାପାତ୍ର, ଠେଙ୍ଗାହାଟ, ଖୋର୍ଦ୍ଧା*

**ହୋଇପାରିବନି ହଲ୍‌ରେ ଫିଲ୍ମ ଦେଖା:** ପ୍ରତିଟି ପର୍ବର ଭିନ୍ନ ଭିନ୍ନ ମଜାଥାଏ। ହେଲେ ସବୁ ଭିତରୁ ରଜ ପାଳିବାର ଚାର୍ମ ଟିକେ ସ୍ପେଶାଲ। କାରଣ ଏହା ତିନିଦିନ ଧରି ଚାଲେ ଏବଂ ଭଲ ଖାଇବା, ନୂଆ ପିନ୍ଧିବାଠୁ ଆରମ୍ଭ କରି ସାଙ୍ଗସାଥୀଙ୍କ ସହ ବୁଲାବୁଲି ପର୍ଯ୍ୟନ୍ତ ସବୁକିଛିର ଭରପୂର ମଜା ଉଠାଇ ହୁଏ। ତେବେ ୫ ବର୍ଷ ହେବ ଏହି ମଜାମସ୍ତି ଲିଷ୍ଟରେ ଆଉ ଗୋଟିଏ କାର୍ଯ୍ୟ ଆଡ୍ ହୋଇଛି ତାହା ହେଉଛି ଫିଲ୍ମ ହଲ୍ ଯାଇ ରଜ ପାଇଁ ନୂଆ ରିଲିଜ୍ ହୋଇଥିବା ଫିଲ୍ମ ଦେଖିବା। ହେଲେ ଚଳିତବର୍ଷ ସମସ୍ତଙ୍କ ଖୁସିର ଶତ୍ରୁ ପାଲଟିଛି ଏ କରୋନା ମହାମାରୀ, ଆଉ ସବୁ ଆନନ୍ଦକୁ ପାଣି ଫୋଟକା ପରି ମିଳେଇ ଦେଇଛି। ପହିଲି ରଜରେ ଶଟ୍‌ଡାଉନ୍ ଆଉ ବାକି ଦୁଇଦିନ ଲକ୍‌ଡାଉନ୍ ହୋଇଥିବାରୁ ଏଥର ରଜ ସମ୍ପୂର୍ଣ୍ଣ ଫିକା। ତଥାପି ଘରେ ଏହାକୁ ମଜାମସ୍ତିରେ ପାଳିବାକୁ ଯୋଜନା ରଖିଛୁ।

*–ଗୁରୁକୃଷ୍ଣ ସେନାପତି, ଫୁଲନଖରା, କଟକ*

**ଘର ଭିତରେ ରଜ ପାଳିବାରେ ନାହିଁ ସେ ଆନନ୍ଦ:** ରଜ ପର୍ବ ପାଖେଇ ଆସିଲେ ମନରେ ଉତ୍କଣ୍ଠା ବଢିଯାଏ। କାରଣ ପୂର୍ବରୁ ନୂଆ ଡ୍ରେସ୍ କିଣିବା ଲାଗି ମାର୍କେଟ୍ ଯିବାଠୁ ଆରମ୍ଭ କରି ସାଙ୍ଗସାଥୀ ଏକାଠି କିଭଳି ରଜ ପାଳିବୁ ତାକୁ ନେଇ ଚାଲେ ଜୋର୍ ପ୍ଲାନିଂ। ରଜରେ ପରସ୍ପର ପାଦରେ ଅଳତା, ହାତରେ ମେହେନ୍ଦୀ ଲଗାଇବା ସହ ସମସ୍ତେ ନିଜ ନିଜ ଘରେ ପ୍ରସ୍ତୁତ ପୋଡ଼ପିଠା ଏବଂ ରଜପାନ ଆଣି ଏକାଠି ଖାଉ। ଗୋଟିଏ ସ୍ଥାନରେ ଏକାଧିକ ଦୋଳି ବାନ୍ଧି ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖେଳର ଆନନ୍ଦ ନେଉ। ଏକାଠି ବିଭିନ୍ନ ସ୍ଥାନ ମଧ୍ୟ ବୁଲାବୁଲି କରୁ। ହେଲେ ଏବର୍ଷ କରୋନା ଲାଗି ସବୁ ପ୍ଲାନିଂ ଫିକା ପଡ଼ିଗଲା। ଯଦିଓ ଏହି ପର୍ବକୁ ଘର ଭିତରେ ପାଳିବାରେ ମଜା ନାହିଁ ତଥାପି କରୋନାରୁ ରକ୍ଷା ପାଇବା ଲାଗି ସାମାଜିକ ଦୂରତା ରକ୍ଷା ନିମନ୍ତେ ଏପରି କରିବାକୁ ବାଧ ହେବାକୁ ପଡୁଛି।

*– ସଂଯୁକ୍ତା ମାଝି, ବ୍ରହ୍ମଗିରି, ପୁରୀ*



## ଏ ସପ୍ତାହର ପ୍ରଶ୍ନ

୧– ............... ରାଜ୍ୟରେ ୮୦୦କି.ମି. ହର୍ବାଲ ରୋଡ ନିର୍ମାଣ କରାଯିବ ?
୨– ସେଣ୍ଟର ଫର୍ ଡିଏନ୍ଏ ଫିଙ୍ଗରପ୍ରିଣ୍ଟିଙ୍ଗ ଆଣ୍ଡ ଡାଇଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର ............. ଠାରେ ଅବସ୍ଥିତ ?
୩– ଭାରତର ପ୍ରଥମ ମହିଳା ଫ୍ଲାଇଟ୍ କମାଣ୍ଡର.................................. ?
୪– ଅର୍ଥଶାସ୍ତ୍ରର ଲେଖକ.................................. ?
୫– ଏଏଚ୍‌ଆର୍‌ସିର ଫୁଲ୍‌ଫର୍ମ.................................. ?

## ଗତ ଥରର ଉତ୍ତର

୧ ଇନ୍‌କେଭ୍ଟି
୨ ଉତ୍ତରାଖଣ୍ଡ
୩ ପ୍ରଧାନମନ୍ତ୍ରୀ ଆବାସ ଯୋଜନା
୪ ସିକିମ୍
୫ ବିଜୁ ପଟ୍ଟନାୟକ

## ଉତ୍ତରଦାତା


ଅରୂପାରାଣୀ ସାହୁ, ଗଞ୍ଜାମ


ସ୍ୱର୍ଣ୍ଣଲତା ସେନାପତି, ଭୁବନେଶ୍ୱର


ଭବାନୀ ମହାନ୍ତି, ଖୋର୍ଦ୍ଧା


ସୁଶ୍ରୀ ସମା ମିଶ୍ର ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

### ଯୁ|ଥ୍|ଆ|ଲ|ର୍ଟ

## ସେଲ୍ଫି ଓ ସ୍ୱାସ୍ଥ୍ୟ

ଆଜିର ଯୁବପିଢିଙ୍କ ସେଲ୍ଫି ଉଠାଇବା ଏବଂ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ନେଇ କ୍ରେଜ୍ କେତେ ତାହା ନ କହିବା ଭଲ । ଏହି ନିଶାରେ ପାହାଡ, ପାଣି, ଉଚ୍ଚା, ଟ୍ରେନ୍‌ଲାଇନ୍ ଭଳି ବିଭିନ୍ନ ବିପଜ୍ଜନକ ସ୍ଥାନରେ ଠିଆ ହୋଇ ସେଲ୍ଫି ନେଉଥିବା ସମୟରେ ଅନେକଙ୍କ ପ୍ରାଣହାନି ହୋଇଥିବା ଘଟଣାର ବି ନଜିର ରହିଛି। ରୋଗ। ଲଣ୍ଡନରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଏହି ମାନସିକ ସମସ୍ୟାର ଶିକାର ବର୍ତ୍ତମାନ ଯୁବପିଢି ଅଧିକ ହେଉଛନ୍ତି। ଫଟୋରେ ନିଜର ଆଖି, ନାକ, ଓଠ, କେଶ, ହସ ଆଦି ପରଫେକ୍ଟ ନ ହେବା ଯାଏ ସେମାନେ ବାରମ୍ବାର ସେଲ୍ଫି ନେଇଥାନ୍ତି। ଏହାଦ୍ୱାରା ଅଯଥାରେ ସମୟ ବି ନଷ୍ଟ ହୋଇଥାଏ। ଆଉ ଫଟୋ ଭଲ ନ



ତଥାପି ମଧ୍ୟ ଏଥିପ୍ରତି ସେମାନେ ସଚେତନ ନୁହନ୍ତି। କେବଳ ଏତିକି ନୁହେଁ ସେଲ୍ଫି ଯୋଗୁ କେତେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି। ଜାଣି ରଖନ୍ତୁ ସେ ସମ୍ପର୍କରେ...

– ସୁନ୍ଦର ଦେଖାଯିବା ଲାଗି ବିଭିନ୍ନ ପୋଜ୍‌ରେ ସେଲ୍ଫି ନେବାରେ ଯୁବପିଢି ବେଶ୍ ଆଗଭର। ହେଲେ ଇଚ୍ଛାମୁତାବକ ଲୁକ୍ ନ ମିଳିବା ଅନେକଙ୍କଠାରେ ମାନସିକ ପ୍ରଭାବ ପକାଇଥାଏ, ଯାହାକୁ ସେଲ୍ଫି ଡାଇସ୍ମୋର୍ଫିଆ ବୋଲି କୁହାଯାଇଥାଏ। ଯାହା କି ବଡି ଡାଇସ୍ମୋର୍ଫିକ୍ ଡିସ୍‌ଅର୍ଡର ନାମକ ଏକ ପ୍ରକାରର ମାନସିକ ହେଲେ ମନରେ ରାଗ ତଥା ବିରକ୍ତି ଭାବ ଆସିଥାଏ। ଏମିତି କି କେତେକ ଯୁବତୀଯୁବକ ବାସ୍ତବରେ ବିଭିନ୍ନ ଫଟୋ ଫିଲ୍ଟର ବ୍ୟବହାର କରି ନେଉଥିବା ସେଲ୍ଫି ଭଳି ଦେଖାଯିବା ଲାଗି କସ୍‌ମେଟିକ୍ ସର୍ଜରି କରିବାକୁ ବି ପଛାଉ ନାହାନ୍ତି।

– ବିଶେଷଜ୍ଞଙ୍କ କହିବା ମୁତାବକ ବାରମ୍ବାର ସେଲ୍ଫି ନେବା ଦ୍ୱାରା ସେଥିରୁ ଆସୁଥିବା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ରେଡିଏଶନ୍ ତ୍ୱଚାରେ ଥିବା ଡିଏନ୍ଏ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହି ରେଡିଏଶନ୍ ଯୋଗୁ ତ୍ୱଚାର ପୁନର୍ଗଠନ କ୍ଷମତା ହ୍ରାସ ପାଇଥାଏ। ଫଳରେ ଅଳ୍ପ ବୟସରୁ ତ୍ୱଚାରେ ରିଙ୍କଲ୍ ମାର୍କ ବା ଏଜ୍ ଲାଇନ୍ ଦେଖାଯାଇଥାଏ।



ଯୁଥ | ଫ୍ୟାଶନ

# ଜିନ୍ସରେ ଲାଗିବେ ଆଟ୍ରାକ୍ଟିଭ୍

**ଜିନ୍ସ ପିନ୍ଧିବାର ସଉକ ରଖିବା ଏବଂ ଏହାକୁ ନେଇ ଲାଟେଷ୍ଟ ଫ୍ୟାଶନ୍ ଆପଣେଇବାରେ ଯୁବପିଢି ବେଶ୍ ଆଗରେ। ହେଲେ ଜିନ୍ସକୁ ନିଜ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ଭାବେ ବାଛୁଥିଲେ କେତେକ ଦିଗ ପ୍ରତି ସଜାଗ ନ ରହିବା ଦ୍ୱାରା ଏହା ସମ୍ପୂର୍ଣ୍ଣ ଫ୍ୟାଶନକୁ ବିଗାଡ଼ି ଦେଇପାରେ। ଜାଣି ରଖନ୍ତୁ ସେ ସମ୍ପର୍କରେ...**





- ଜିନ୍ସ ପ୍ୟାଣ୍ଟ, ଶାର୍ଟ, ଜ୍ୟାକେଟ୍, ସ୍କର୍ଟ କିମ୍ବା ଅନ୍ୟ କୌଣସି ଡ୍ରେସ୍ ବାଛିବା ବେଳେ ପ୍ରଥମେ ଏହାର କ୍ୱାଲିଟି ଏବଂ କଲର ଉପରେ ଧ୍ୟାନ ଦିଅନ୍ତୁ। କାରଣ ବେଳେ ବେଳେ ଏହାର ସାମାନ୍ୟ ଭୁଲ୍ ଚୟନ ଫିଗରକୁ ଅଧିକ ବଙ୍କି ବା ମୋଟା ଲୁକ୍ ଦେଇଥାଏ। ଯଦି ଫିଗର ବାସ୍ତବରେ ଟିକେ ମୋଟା ହୋଇଥାଏ ତେବେ କୌଣସି ଲାଇଟ୍ କଲର ପରିବର୍ତ୍ତେ ଡିପ୍ ବ୍ଲୁ, ଡିପ୍ ଇଣ୍ଡିଗୋ କିମ୍ବା ବ୍ଲାକ୍ କଲର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହା କେବଳ ସ୍ଲିମ୍ ଲାଗି ନ ଥାଏ ବରଂ ସବୁ ପ୍ରକାର ଟପ୍ସ ଏବଂ ଟିଜ୍‌କୁ ମ୍ୟାଚ୍ ବି କରିଥାଏ।
- ଯଦି ଆପଣଙ୍କ ପେଟ ଏବଂ ଅଣ୍ଟା ପାଖ ମୋଟା ତେବେ ଲୋ ୱେଷ୍ଟ୍ ଜିନ୍ସ ପ୍ୟାଣ୍ଟ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏଭଳି ପ୍ୟାଣ୍ଟ ଆପଣଙ୍କ ଫ୍ୟାଟ୍‌କୁ ହାଇଲାଇଟ୍ କରିବ। ଏହା ବଦଳରେ ହାଇ ୱେଷ୍ଟ ପ୍ୟାଣ୍ଟ ବାଛିଲେ ତାହା ଫ୍ୟାଟ୍‌କୁ ଟାଇଟ୍ ଏବଂ ଟୋନ୍‌ଡ୍ ରଖିବାରେ ସାହାଯ୍ୟ କରିବ। ସେହିପରି ନ୍ୟାରୋ ଫିଟ୍ ଏବଂ ଫୁଲ୍ ଲେଙ୍ଥ ପ୍ୟାଣ୍ଟ ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ। ତେଣୁ ମୋଟାଳିଆ ଫିଗର ହୋଇଥିଲେ ଆଙ୍କେଲ ଲେଙ୍ଥ କିମ୍ବା ଶର୍ଟ ଜିନ୍ସ ବାଛନ୍ତୁ ନାହିଁ।
- ଜିନ୍ସର ଯେକୌଣସି ଆଉଟ୍‌ଫିଟ୍ ବିଶେଷ କରି ପ୍ୟାଣ୍ଟ ବ୍ୟବହାର କରୁଥିଲେ ଠିକ୍ ଫିଟିଙ୍ଗ୍ ଉପରେ ଧ୍ୟାନ ଦେଲେ ଅଧିକ ଷ୍ଟାଇଲିସ୍ ଲୁକ୍ ପାଇପାରିବେ। ଦେଖାଯାଏ ମୋଟା ଫିଗର ଥିବା ଅଧିକାଂଶ ଯୁବତୀଯୁବକ ଢିଲା ଜିନ୍ସ ବ୍ୟବହାର କରିଥାନ୍ତି। କିନ୍ତୁ ଜିନ୍ସରେ ଏକ ସ୍ଲିମ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ପାଇବା ଓଭର ସାଇଜ୍ ଜିନ୍ସ ବିକଳ୍ପ ନୁହେଁ। କାରଣ ଏହା ଫ୍ୟାଟ୍ ଲୁଚେଇବା ବଦଳରେ ଆପଣଙ୍କୁ ଅଧିକ ମୋଟା ଲୁକ୍ ଦେବ। ତେଣୁ ମୋଟା ଫିଗର ଲାଗି ଟାଇଟ୍ ସ୍କିନ୍ ଜିନ୍ସ, ଷ୍ଟ୍ରେଚେବଲ୍ ଜିନ୍ସ ଆଦି ବାଛିଲେ ଏହା ଆପଣଙ୍କୁ ଶେପ୍ ୱେୟାର୍ ଭାବେ କାମ କରିବ। ସେହିପରି ପତଳା ଫିଗର ହୋଇଥିଲେ ଢିଲା ପ୍ୟାଣ୍ଟ ଭଲ ଲାଗିଥାଏ। ପତଳା ଯୁବତୀମାନଙ୍କୁ ବୟଫ୍ରେଣ୍ଡ ଜିନ୍ସ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ।
- ଜିନ୍ସରେ ଆଟ୍ରାକ୍ଟିଭ୍ ଲୁକ୍ ପାଇବା ଲାଗି ଟି ଶାର୍ଟ, ଟପ୍ସ କିମ୍ବା କୁର୍ତ୍ତା ବାଛୁଛନ୍ତି ତେବେ ଏହା ସହ ମ୍ୟାଚ୍ କଲା ଭଳି ଜୁଏଲେରୀ ପିନ୍ଧନ୍ତୁ। ସେହିପରି ଜିନ୍ସ ସହିତ ଝିଅମାନେ ବିଭିନ୍ନ ଡିଜାଇନ୍‌ର ଚପଲ ପରିବର୍ତ୍ତେ ବୁଟ୍ କିମ୍ବା ହାଇ ହିଲ୍ ସୁଜ୍ ଏବଂ ପୁଅମାନେ ସ୍ୟାଣ୍ଡେଲ୍ କିମ୍ବା ଫର୍ମାଲ୍ ଜୋତା ସୁଜ୍ ବଦଳରେ କାଜୁଆଲ୍ ବା ସ୍ପୋର୍ଟ୍ସ ସୁଜ୍ ପିନ୍ଧିଲେ ଭଲ ଲାଗିଥାଏ।

## ବ୍ୟାଙ୍କ ଲୁଟ୍ ଉଦ୍ୟମ ପଣ୍ଡ

ମାହାଙ୍ଗା,(ସ୍ୱ.ପ୍ର.)- କଟକ ଜିଲା କୁମୁଡା ଜୟପୁର ଫାଣ୍ଡି ଅଧୀନ କୁଣ୍ଡୁଣ୍ଡା ପଞ୍ଚାୟତ କୋଠପଦା ବଜାର ନିକଟରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କ ନିକଟରେ ଥିବା ଓଲଡିଂ ଦୋକାନ ଭାଙ୍ଗି ସେଠାରୁ କଟର ମେଶିନ, ହାତୁଡି ଓ ଗଁଇତି ଚୋରି କରିଥିଲେ। ଏହାପରେ ବ୍ୟାଙ୍କ କାନ୍ଥକୁ କଟର ମେଶିନ ସାହାଯ୍ୟରେ କାଟି ଭିତରରେ ଥିବା ଲକ୍‌ର ଓ ଡ୍ର ଚାବି ଭାଙ୍ଗି ଦେଇଛନ୍ତି। ମାତ୍ର କିଛି ନେଇ ନ ପାରି ଫେରାର ହୋଇଯାଇଥିଲେ। ବ୍ୟାଙ୍କ କର୍ମଚାରୀ ଶନିବାର ସକାଳେ ଶାଖାରେ ଅବଗତ କରାଇବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆଇଆଇସି ରଞ୍ଜନ ପ୍ରଧାନ,ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି।

**ସଂକ୍ଷେପରେ**

## ପଜିଟିଭ ଚିହ୍ନଟ ପରେ ଶଟ୍‌ଡାଉନ୍ ଘୋଷଣା

### -ଖୋଜାଚାଲିଛି କଣ୍ଟାକ୍ଟ ଟ୍ରେସିଂ

ନିଶ୍ଚିନ୍ତକୋଇଲି,୧୩।୬(ସ୍ୱ.ପ୍ର.)-କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୩୯ ଜଣ ସରକାରୀ ସଙ୍ଗରୋଧ କେନ୍ଦ୍ର ଓ ୪ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହାକୁ ମିଶାଇ ବ୍ଲକରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୬ରେ ପହଞ୍ଚିଛି। ସଂକ୍ରମଣ ଆଶଙ୍କାରେ ବରଦା ଓ ଫେଗାଳ ପଞ୍ଚାୟତରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସରପଞ୍ଚ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏନେଇ ବରଦା ପଞ୍ଚାୟତ ସରପଞ୍ଚ ନୃସିଂହ ଚରଣ ବିଶ୍ୱାଳ ତୀରବିନ୍ଧା ଗ୍ରାମର ୪ ଓ ୧୩ ନମ୍ବର ୱାର୍ଡ ଏବଂ ଫେଗାଳ ସରପଞ୍ଚ ସ୍ୱର୍ଣ୍ଣଲତା ପୃଷ୍ଟି ପାଇକରାପୁର ଗ୍ରାମର ନଂ୮,୯ ୱାର୍ଡକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ଉଭୟ ବ୍ଲକରୁ ୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ହୋମ କ୍ୱାରାଣ୍ଟାଇନ୍‌ରେ ଥିବା ୪ଜଣଙ୍କ ମଧ୍ୟରୁ ବଡ଼କ୍ଷୀର ପଞ୍ଚାୟତର ୨ ଓ କଳମିଶ୍ରି ପଞ୍ଚାୟତର ୨ ଜଣ ଲେଖାଏ ରହିଥିବା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ଆକ୍ରାନ୍ତ ସମ୍ପର୍କରେ ଆସିଥିବା ବଡ଼କ୍ଷୀର ପଞ୍ଚାୟତର ୧୭ ଓ କଳମିଶ୍ରି ପଞ୍ଚାୟତର ଆକ୍ରାନ୍ତ ପରିବାର ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ତହସିଲଦାର ଜିତେନ୍ଦ୍ର ପାତ୍ର କହିଛନ୍ତି।

## ଜାମିନ ଖାରଜ, ଜେଲ ଗଲେ ହତ୍ୟା ଅଭିଯୁକ୍ତ

ଭୁବନେଶ୍ୱର,୧୩।୬(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ମଣ୍ଡପ ବସ୍ତିରେ ମଦ ନ ଦେବାରୁ ସାଙ୍ଗକୁ କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିଲେ ଜଣେ ଯୁବକ। ସେହି ଘଟଣାରେ ଗିରଫ ଅଭିଯୁକ୍ତଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଥାନା ମଣ୍ଡପ ବସ୍ତିର ସନାତନ ବେହେରା। ସୂଚନା ଅନୁଯାୟୀ, ଚନ୍ଦକା ଥାନା ଅଞ୍ଚଳର ରାହାସ ବେହେରା (୪୦) ଗାଡ଼କଣରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। ସନାତନ ଓ ରାହାସ ଭଲ ବନ୍ଧୁ। ଗୁରୁବାର ରାତି ୧୨ଟାରେ ସେମାନେ ମଣ୍ଡପବସ୍ତିରେ ମିଶି ମଦ ପିଉଥିଲେ। ନିଶା ହେବା ପରେ ମଧ ସନାତନ ଆହୁରି ମଦ ପିଇବାକୁ ଟଙ୍କା ମାଗିଥିଲେ। ରାହାସ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଏଥିରେ ଉତ୍କ୍ଷିପ୍ତ ହୋଇ ନିଶାସକ୍ତ ସନାତନ କାଠ ଫାଳିଆରେ ରାହାସଙ୍କ ମୁଣ୍ଡକୁ ପିଟିଚାଲିଥିଲେ। ଘଟଣାସ୍ଥଳରେ ହିଁ ରାହାସଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଉକ୍ତ ଜାଗାକୁ ସିଲ୍ କରିବା ସହ ଏ ନେଇ ଦଫା ୩୦୨ରେ କେସ୍ ନଂ-୧୯୩/୨୦ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସବୁକଥା ସ୍ୱୀକାର କରିଥିଲେ ସନାତନ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ବନ୍ଧୁକ ମୁନରେ ଲୁଟ୍

### ଘରେ ପଶି ମହିଳାଙ୍କଠାରୁ ଲୁଟିନେଲେ ଗହଣା, ଟଙ୍କା

ଭୁବନେଶ୍ୱର,୧୩।୬(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରିବିହାର ଅଞ୍ଚଳରୁ ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ରଖି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଦିନ ଦିପହରେ ସେମାନେ ଘରେ ପଶି ମହିଳାଙ୍କୁ ମାଡ଼ ମାରିବା ସହ ଲୁଟ୍ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିଳାଦ୍ରିବିହାର ସେକ୍ଟର-୨ ପ୍ଲଟ ନଂ-୧୫୨ରେ ପରିବାର ସହ ଲିପ୍ସା ମହାପାତ୍ର ରହୁଛନ୍ତି। ଗତ ୧୦ ତାରିଖ କେହି ବ୍ୟକ୍ତି ଅଜଣା ନମ୍ବରରୁ କଲ୍ କରି ତାଙ୍କୁ ମାରିଦେବାକୁ ଧମକାଇଥିଲେ। ଗୁରୁବାର ସନ୍ଧ୍ୟା ୫ଟାରେ କାର୍‌ରୁ ଜଣେ ପୁରୁଷ ଓ ମହିଳା ଓହ୍ଲାଇ ଘରକୁ ପଶିବା ପରେ ଲିପ୍ସାଙ୍କୁ ମାଡ଼ ମାରିଥିଲେ। ଏହାପରେ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ସୁନା ଗହଣା, ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ। ଲିପ୍ସା ଚିତ୍କାର କରିବାରୁ ସେମାନେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ଲିପ୍ସା ଥାନାରେ ଏତଲା ଦେବା ପରେ ପୋଲିସ ଦଫା ୩୪୧, ୩୨୩, ୨୯୪, ୩୭୯, ୫୦୬, ୩୪ ଓ ୨୫ ଆର୍ମସ ଆକ୍ଟ ଅନୁଯାୟୀ କେସ୍ ନଂ ୧୯୦/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଲିପ୍ସାଙ୍କ କେହି ସମ୍ପର୍କୀୟ ଏଭଳି ଲୁଟ୍ କରିଥିବା ପୋଲିସ ସନ୍ଦେହ କରୁଛି।

# ୬୦ କେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ନାହାନ୍ତି

**କଟକ ଜିଲା**
- ପ୍ରାଣୀଧନ କେନ୍ଦ୍ରଗୁଡ଼ିକରେ ମାନବ ସମ୍ବଳ ସଙ୍କଟ
- ୨୧୦ କେନ୍ଦ୍ରରୁ ୧୯୫ କେନ୍ଦ୍ରରେ ଆଟେଣ୍ଡାଣ୍ଟ ନାହାନ୍ତି
- ଟିକାକରଣ ଅଭିଯାନ, ପ୍ରବାସୀଙ୍କ ନିଯୁକ୍ତି ପାଇଁ ଭିତ୍ତିଭୂମି ଅଭାବ

କଟକ ଅଫିସ,୧୩।୬

କରୋନା ସ୍ଥିତି ମୁକାବିଲା ଉପରେ ସରକାରଙ୍କ ସମସ୍ତ ଧ୍ୟାନ କେନ୍ଦ୍ରିତ ହୋଇ ରହିଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବେ ଏକ ପ୍ରକାର ଅଣଦେଖାର ଶିକାର ହୋଇଛି। ସେହି ବିଭାଗ ଭିତରୁ ଗୋଟିଏ ହେଲା ପ୍ରାଣୀଧନ ବିଭାଗ। କଟକ ଜିଲାରେ ଥିବା ଅଧିକାଂଶ ପ୍ରାଣୀ ସହାୟକ କେନ୍ଦ୍ରରେ ମାନବ ସମ୍ବଳର ଘୋର ଅଭାବ ଦେଖାଦେଇଛି। ଜିଲାର ମୋଟ ୨୧୦ଟି ପ୍ରାଣୀ ସହାୟକ କେନ୍ଦ୍ର ମଧ୍ୟରୁ ପ୍ରାୟ ୧୯୫ଟି କେନ୍ଦ୍ରରେ ଆଟେଣ୍ଡାଣ୍ଟ ନାହାନ୍ତି। ସେହିପରି ୬୦ରୁ ଅଧିକ କେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡ଼ିଛି।

ବର୍ଷାଋତୁରେ ଗାଈଗୋରୁ ଓ ଛେଳିମେଣ୍ଢାଙ୍କୁ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ହେବାର ଆଶଙ୍କା ଥିବାରୁ ସରକାର ଟିକାକରଣ ଅଭିଯାନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ମାନବ ସମ୍ବଳ ଅଭାବରୁ କଟକ ଜିଲାରେ ଏହି ଅଭିଯାନ ପଛେଇଯାଇଛି। ଜଣେ କର୍ମଚାରୀ ପଶୁଙ୍କୁ ଏକୁଟିଆ ଟିକା ଦେବା କିମ୍ବା ଚିକିତ୍ସା କରିବା ସମ୍ଭବ ନୁହେଁ। ଘରେ ପୁରୁଷ ଲୋକ ନ ଥିଲେ ବାଧହୋଇ କର୍ମଚାରୀ ଜଣକ ଚିକିତ୍ସା ନ କରି ଫେରିଆସୁଛନ୍ତି। କଟକ ଜିଲାର ଅଧିକାଂଶ କେନ୍ଦ୍ରରେ ଆଟେଣ୍ଡାଣ୍ଟ ନାହାନ୍ତି। ଗାଁଗହଳିରେ ପ୍ରାଣୀ ଚିକିତ୍ସା ଓ ସର୍ଭେ କାର୍ଯ୍ୟରେ ଏହି ଆଟେଣ୍ଡାଣ୍ଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ପ୍ରାଣୀଧନ ନିରୀକ୍ଷକ ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଅଭାବ ପୂରଣ କରିଥାନ୍ତି। ମାନବ ସମ୍ବଳର ଏଭଳି ନିଅଣ୍ଟିଆ ସ୍ଥିତିରେ ସରକାର ପ୍ରାୟ ୨୦ ହଜାର ପ୍ରବାସୀଙ୍କ ଥଇଥାନ ପାଇଁ ଗୋପାଳନ, କୁକୁଡ଼ା ପାଳନ ଓ ମତ୍ସ୍ୟଚାଷ ଭଳି ଯୋଜନା କରିଛନ୍ତି। ଯଥେଷ୍ଟ ମାନବ ସମ୍ବଳ ନ ଥିଲେ ଏହାର ସଫଳ ରୂପାୟନ ସମ୍ଭବ ନୁହେଁ। କେତେଜଣ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି ଯେ ସରକାର ଚାହିଁଲେ ସ୍ୱାସ୍ଥ୍ୟ ବିଭାଗ ପରି ଏହି ବିଭାଗରେ ମଧ୍ୟ ଆଉଟସୋର୍ସିଂ ମାଧ୍ୟମରେ ଖାଲି ଥିବା ପଦବୀ ପୂରଣ କରିପାରିବେ। ଏହାଦ୍ୱାରା ଅନେକଙ୍କୁ କର୍ମସଂସ୍ଥାନ ମିଳିବା ସହ ପ୍ରାଣୀଧନ ଚିକିତ୍ସା ସେବାରେ ମଧ୍ୟ ସମସ୍ୟା ହେବନାହିଁ।



କଟକରେ ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ ଶନିବାର ଗୌରୀଶଙ୍କର ପାର୍କ ଅଞ୍ଚଳରେ ଶ୍ରୀଜୀଉଙ୍କ ପ୍ରତିମାରେ ରଙ୍ଗ ଭରୁଛନ୍ତି ଶିଳ୍ପୀ।

# ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ**

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ତମାଣ୍ଡୋ ଥାନା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ନିକଟରେ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଜଟଣୀ ତରାବୋଇ ଅଞ୍ଚଳର ସନାତନ ମିଶ୍ର(୨୫)। ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ଏ ନେଇ ପ୍ରାଥମିକ ଅବସ୍ଥାରେ ପୋଲିସ ୧୪/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମୃତ ସନାତନଙ୍କ ମା'ଙ୍କ ଅଭିଯୋଗ ମୁତାବକ, ସେ ତମାଣ୍ଡୋ ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ପ୍ରାୟ ୧୦ ବର୍ଷ ଧରି କାମ କରୁଥିଲେ। କିଛିଦିନ ତଳେ ମାଲିକଙ୍କ ସହ ମନୋମାଳିନ୍ୟ ହେବା ପରେ ୨ ମାସ ହେବ ଘରକୁ ଚାଲିଯାଇଥିଲେ। ଶନିବାର ସକାଳେ ସେ ପୁଣି ଉକ୍ତ ମାଲିକଙ୍କ ଘରକୁ ଯାଇଥିଲେ। ମାତ୍ର କିଛି ସମୟ ପରେ ଦିନ ପ୍ରାୟ ୧୦ଟାରେ ମାଲିକଙ୍କ ଘର ଲୋକ ତାଙ୍କୁ ଫୋନ୍‌ରେ ସନାତନ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ସନାତନ ଛାତ ଉପରକୁ ଯାଇ ଆଜବେଷ୍ଟସ୍ ଓରାରେ ଏକ ରଶିରେ ଝୁଲି ଆତ୍ମହତ୍ୟା କରିଥିବା ନେଇ କୁହାଯାଇଥିଲା। ଅନ୍ୟପକ୍ଷରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନାତନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ସନାତନଙ୍କ ଦେହରେ ଅନେକ ସ୍ଥାନରେ ମାଡ଼ ଓ କ୍ଷତ ଚିହ୍ନ ରହିଛି। ତାଙ୍କୁ ନିସ୍ଥୁକ ମାଡ ମରାଯିବା ପରେ ହତ୍ୟା କରି ରଶିରେ ଝୁଲାଇ ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ସନାତନଙ୍କ ମା' କହିଛନ୍ତି।



ମୃତକଙ୍କ ହାତରେ ମାଡର ଚିହ୍ନ।

ଏ ନେଇ ତଦନ୍ତକାରୀ ଅଧିକାରୀ ପ୍ରଣବ ଟୁଡୁ କୁହନ୍ତି, ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରିପୋର୍ଟ ମିଳିବା ପରେ ପ୍ରକୃତ ଘଟଣା ଜଣାପଡିବ। ଅପରପକ୍ଷରେ ଘରମାଲିକ କହିଛନ୍ତି, ମାନସିକ ଚାପରେ ଆସି ସନାତନ ଆତ୍ମହତ୍ୟା କରିଛନ୍ତି।

## ଓଟିଏମ୍‌ର ପୁନରୁଦ୍ଧାର ଦାବି

କଟକ ଅଫିସ,୧୩।୬:

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍‌ସ ଲିଃ (ଓଟିଏମ୍)ର ପୁନରୁଦ୍ଧାର ଦାବି କରିଛି ରାଷ୍ଟ୍ରୀୟ ମଜଦୁର ପରିଷଦ। ପରିଷଦ ପକ୍ଷରୁ ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ଓଟିଏମ୍ ଓଡ଼ିଶାର ଗୌରବ ବୃଦ୍ଧି କରୁଥିଲା। ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମିଲ୍ ୨୦୦୧ରୁ ବନ୍ଦ ପଡ଼ିଛି। ଇତିମଧ୍ୟରେ ସରକାର ତାକୁ ଚାଲୁ କରିବା ପାଇଁ ଅନେକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସବୁ ଯୋଜନା ବିଫଳ ହୋଇଛି। ୨୦୧୭ରେ ମଧ୍ୟ ସରକାର ଚୌଦ୍ୱାରରେ ଏକ ଟେକ୍ସଟାଇଲ ପାର୍କ କରିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଟେକ୍ସଟାଇଲ ପାର୍କ ଫାଙ୍କା ପ୍ରତିଶ୍ରୁତିରେ ପରିଣତ ହୋଇଛି। ରାଜ୍ୟ ସରକାର ଧାମରାଠାରେ ଏକ ଟେକ୍ସଟାଇଲ ହବ୍ କରିବା ପାଇଁ ନିଷ୍ପତ୍ତି ନେଇ ଚୌଦ୍ୱାର-କଟକବାସୀଙ୍କୁ ପ୍ରତାରିତ କରିଛନ୍ତି। ଓଟିଏମ୍‌କୁ ଖୁବଶୀଘ୍ର ଚାଲୁ କରିବାକୁ ଦାବି କରାଯାଇଛି।

## ପ୍ରଥମ ଘଣ୍ଟା ଫୌଜଦାରି, ଦେୱାନି ମାମଲାର ବିଚାର

କଟକ ଅଫିସ,୧୩।୬

କୋର୍ଟ କାର୍ଯ୍ୟର ପ୍ରଥମ ଏକ ଘଣ୍ଟା କେବଳ ଦେୱାନି ଏବଂ ଫୌଜଦାରୀ ମାମଲାଗୁଡ଼ିକର ଶୁଣାଣି ହେବ। ଶନିବାର ଏନେଇ ହାଇକୋର୍ଟ ପକ୍ଷରୁ ସମସ୍ତ ତଳ ଅଦାଲତକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହା କେବଳ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ଥିବା କୋର୍ଟଗୁଡ଼ିକ ପାଇଁ ଲାଗୁ ହେବ। ଆସନ୍ତା ୧୭ ତାରିଖରୁ ଜୁଲାଇ ୩ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ଶୁଣାଣି ବେଳେ ସାମାଜିକ ଦୂରତା ଏବଂ କରୋନା ଭୁତାଣୁ ସମ୍ପର୍କିତ ସରକାରଙ୍କ ସମସ୍ତ ନିୟମ ମାନିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛିମ୍।

# ଭୁବନେଶ୍ୱରରେ ପୁଣି ୩ ନୂଆ ପଜିଟିଭ୍

**ଆକ୍ରାନ୍ତଙ୍କ ସଂଖ୍ୟା ୧୦୬ ଛୁଇଁଲା**

ଭୁବନେଶ୍ୱର, ୧୩।୬ (ବ୍ୟୁରୋ)

ରାଜଧାନୀରେ ପୁଣି ୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ଓ ଅନ୍ୟଜଣେ ସ୍ଥାନୀୟ ଆକ୍ରାନ୍ତ ବୋଲି ବିଏମ୍‌ସି ସୂତ୍ରରୁ ଜଣାପଡିଛି। ଏମାନଙ୍କୁ ମିଶାଇ ଏବେ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୬ରେ ପହଞ୍ଚିଛି। ଚିହ୍ନଟ ନୂଆ ପଜିଟିଭ୍‌ଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରେ ଥିବା ଦୁଇଜଣ ହେଲେ ଭୀମପୁର ଅଞ୍ଚଳର ୨୭ ବର୍ଷର ଯୁବକ ଓ ସେ ନିକଟରେ ଦିଲ୍ଲୀରୁ ଫେରିଥିଲେ। ଅନ୍ୟଜଣେ ଭରତପୁର କଳିଙ୍ଗ ଷ୍ଟୁଡିଓ ଅଞ୍ଚଳର ୩୬ ବର୍ଷୀୟ ପୁରୁଷ। ସେ ମଧ୍ୟ ଦିଲ୍ଲୀ ଫେରନ୍ତା। ସ୍ଥାନୀୟ ଆକ୍ରାନ୍ତ ଜଣକ ହେଉଛନ୍ତି ଡୁମୁଡୁମା ଏଚ୍‌ବି କଲୋନୀ ଅଞ୍ଚଳର ୪୮ ବର୍ଷୀୟ ଯୁବକ। ସେ କିପରି ପଜିଟିଭ୍ ହେଲେ ସେନେଇ ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ନିକଟରେ ସେ ଗଞ୍ଜାମ ଜିଲାକୁ ଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ଜାଗମରା ଅଞ୍ଚଳର ଜଣେ ୩୫ ବର୍ଷୀୟ ପୁରୁଷ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଇତିମଧ୍ୟରେ ୬୦ଜଣ ସୁସ୍ଥ ହୋଇଯାଇଥିବା ବେଳେ ୩ଜଣଙ୍କର କରୋନାରେ ଓ ଅନ୍ୟଜଣେ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି ଏବଂ ୪୨ ସକ୍ରିୟ ସଂକ୍ରମିତ ରହିଛନ୍ତି। ତେବେ ସ୍ଥାନୀୟ ଆକ୍ରାନ୍ତଙ୍କୁ ନେଇ ଚିନ୍ତା ବଢ଼ିଛି। ବିଗତ ୧୦ ଦିନରେ ଭୁବନେଶ୍ୱରରେ ୧୦ ସ୍ଥାନୀୟ ମାମଲା ଚିହ୍ନଟ ହୋଇଛି। ସେମାନେ କ୍ୱାରାଣ୍ଟାଇନରେ ନ ଥିଲେ କି ସେମାନଙ୍କର ଗସ୍ତ ବିବରଣୀ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ଜାତୀୟସ୍ତରୀୟ ୱେବିନାର ଉଦ୍‌ଯାପିତ

କଟକ ଅଫିସ,୧୩।୬:

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚାଲିଥିବା 'କୋଭିଡ଼-୧୯ ପରବର୍ତ୍ତୀ ଶିକ୍ଷା ବ୍ୟବସ୍ଥା: ଆହ୍ୱାନ ଏବଂ ଅବସର' ଶୀର୍ଷକ ୱେବିନାର ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ଚନ୍ଦ୍ର ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିଟାଲ ଶିକ୍ଷା ପ୍ରଣାଳୀ ଦ୍ୱାରା କୋଭିଡ଼-୧୯ ପରବର୍ତ୍ତୀ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ। ଭୋପାଳସ୍ଥିତ ଆଞ୍ଚଳିକ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟବକ୍ତା ଓ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ଡ. ସୁଦର୍ଶନ ମିଶ୍ର, ଡ. ଉମାକାନ୍ତ ମିଶ୍ର, ଡ. ଶରତ ରାଉତ, ଡ. ଗୀତାଞ୍ଜଳି ମହାନ୍ତି, ଡ. ବିକଳି ଚରଣ ଦାସ ଉପସ୍ଥିତ ଥିଲେ।

# କଟକରେ ସର୍ବାଧିକ ସକ୍ରିୟ ଆକ୍ରାନ୍ତ

**ଖୋର୍ଦ୍ଧା ଦ୍ୱିତୀୟ, ଗଞ୍ଜାମ ଜିଲା ତୃତୀୟ**

କଟକ ଅଫିସ,୧୩।୬

କଟକ ଜିଲାରୁ ଶନିବାର ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ବାଙ୍କୀ ବ୍ଲକର ୨ଜଣ ଥିବାବେଳେ ସାଲେପୁର ବ୍ଲକର ୧୦ଜଣ ରହିଛନ୍ତି। ସମସ୍ତ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରୁ ବାହାରିଥିବା ପ୍ରଶାସନ ସୂଚନା ଦେଇଛି। ଏଥିସହ କଟକ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୨୩ରେ ପହଞ୍ଚିଛି। କିନ୍ତୁ ଜିଲାରେ ଏବେ ସର୍ବାଧିକ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଅନୁଯାୟୀ, ସକ୍ରିୟ ଆକ୍ରାନ୍ତ (ଆକ୍ଟିଭ୍ କେସ୍)ରେ କଟକ ଜିଲା ବର୍ତ୍ତମାନ ରାଜ୍ୟରେ ଶୀର୍ଷ ସ୍ଥାନରେ ରହିଛି। ମୋଟ ୩୨୩ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୮ ଜଣ ସୁସ୍ଥ ହୋଇଛନ୍ତି। ୧୯୪ ଜଣ ଚିକିତ୍ସିତ ହେଉଛନ୍ତି। ମାତ୍ର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ରାଜ୍ୟରେ କଟକ ପଛକୁ ରହିଛି ଖୋର୍ଦ୍ଧା ଜିଲା। ଏହି ଜିଲାରେ ସକ୍ରିୟ ଆକ୍ରାନ୍ତ ୧୧୫ ଜଣ ରହିଛନ୍ତି। ଗଞ୍ଜାମ ଜିଲା ୯୫ ସକ୍ରିୟ ଆକ୍ରାନ୍ତ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଶୁକ୍ରବାର ଚିହ୍ନଟ ହୋଇଥିବା ୯୨ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ଜଣେ କଟକ ସହରରୁ ଥିବା ମହାନଗର ନିଗମ ସୂଚନା ଦେଇଛି। ଆକ୍ରାନ୍ତ ଜଣକ ୩୭ ବର୍ଷୀୟ ପୁରୁଷ ଓ ତାଙ୍କ ଘର ଅରୁଣୋଦୟ ନଗର। ସେ ମୁମ୍ବାଇରୁ ଫେରିବା ପରେ ଗୃହ ସଙ୍ଗରୋଧରେ ଥିଲେ। ଏଥିସହ କଟକ ସହରରେ ପଜିଟିଭ ସଂଖ୍ୟା ୨୩ରେ ପହଞ୍ଚିଛି। ସେଥିରୁ ୧୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅପରପକ୍ଷେ ଶନିବାର ଓଡ୍ରାଫ୍‌ର ୧୩ ଜଣ କର୍ମଚାରୀଙ୍କଠାରେ କରୋନା ପଜିଟିଭ ବାହାରିଛି। ଏମାନଙ୍କୁ କଟକ ଜିଲାର ଆକ୍ରାନ୍ତ ତାଲିକାରେ ରଖାଯାଇନାହିଁ। ଏମାନେ ପଶ୍ଚିମବଙ୍ଗରେ ବାତ୍ୟା ଅମ୍ଫନ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ସାରି ଓଡ଼ିଶା ଫେରିଥିଲେ।

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା, ୨ ଗିରଫ

ପୁରୀ ଅଫିସ,୧୩।୬:

ଗତ ୧ ତାରିଖ ଷ୍ଟେଶନ-ରାମ ମନ୍ଦିର ରାସ୍ତାରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଘଣାମଲ୍ଲ ସାହିର ନାରାୟଣ ସାହୁ ଓ ବାଲିସାହିର ଲୋକନାଥ ପ୍ରଧାନ। ଉଲ୍ଲେଖଯୋଗ୍ୟ, ବାଲିସାହିର ଦେବ ବାରିକ ଜଣେ ସାଙ୍ଗଙ୍କ ସହିତ ଷ୍ଟେଶନ ପଟୁ ରାମ ମନ୍ଦିର ଆଡକୁ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ ହୋଇଥିଲା। ପୂର୍ବ ବିବାଦରୁ ଏହି ସଂଘବଦ୍ଧ ଆକ୍ରମଣ କରାଯାଇଥିଲା।

# କରୋନା ସମୟରେ ମାତିଛନ୍ତି ଲୁଟେରା

ଖୋର୍ଦ୍ଧା ଅଫିସ,୧୩।୬:

କରୋନା ମହାମାରୀ ଲାଗି ସରକାର ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଘୋଷଣା କରିଛନ୍ତି। ଏହା ସହିତ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାରକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ସୁଯୋଗରେ ଖୋର୍ଦ୍ଧା ସହର ଓ ୧୬ନଂ. ଜାତୀୟ ରାଜପଥରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। ବିଳମ୍ବିତ ରାତିରେ ଜାତୀୟ ରାଜପଥ ଏବଂ ନିଛାଟିଆ ସ୍ଥାନରେ ଲୋକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟ୍‌ପାଟ୍ କରୁଛନ୍ତି। ଫଳରେ ଲୋକେ ରାତିରେ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଯିବାକୁ ଭୟ କରୁଛନ୍ତି।

ସୂଚନାଥାଉ କି, ଗତ ବୁଧବାର ରାତିରେ ଗୁରୁଜଙ୍ଗ-ଖୋର୍ଦ୍ଧା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଦୁଇଜଣ ଯୁବକ ନୟାଗଡ ଜିଲା ରଣପୁର ଥାନା ଅଧୀନ କୋଟଗଡ଼ର ବ୍ୟବସାୟୀ ଗଣେଶ ଦୋରାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ୧ଲକ୍ଷ ୨୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଗୁରୁବାର ରାତିରେ ୧୬ନଂ. ଜାତୀୟ ରାଜପଥ ଏସ୍‌ପି ଅଫିସ ନିକଟରେ ଏକ ଟ୍ରକ ଡ୍ରାଇଭରଙ୍କୁ ୧୦ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରି ୪୦ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ସେହିପରି ଝାଁଳା ପଞ୍ଚାୟତ ତଳଖେତା ଛକ ଇନ୍‌ଫୋସିସ୍ ରାସ୍ତାରେ କଣ୍ଟେନର ଚାଳକଙ୍କୁ ୭ଜଣ ଦୁର୍ବୃତ୍ତ ଆକ୍ରମଣ କରି ୬ହଜାର ଟଙ୍କା, ମୋବାଇଲ ଫୋନ ଲୁଟି ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡରେ ସୁନା ବେପାର କରୁଥିବା ଦୁଇ ଭାଇ ଶେଖ ରୋହିଦ ଏବଂ ଶେଖ ରସିଦଙ୍କୁ ଲୋକେଶ୍ୱରପୁର ଛକରେ ଦୁଇଜଣ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରି ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଏ ନେଇ ଟାଉନ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ୧ଲକ୍ଷ ୨୦ହଜାର ଲୁଟ୍ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇଟି ଘଟଣାର ତଦନ୍ତ ଜାରି ରହିଛି। ରାତିରେ ସହରରେ ବିଭିନ୍ନ ସ୍ଥାନରେ ପୋଲିସ ଡ୍ୟୁଟି ରହୁଛି। ଏହାକୁ ଅଧିକ କଡାକଡି କରାଯିବ ବୋଲି ସେ କହିଛନ୍ତି।

# ଦୁଇ ଦୋକାନରେ କଳାକନା ବୁଲାଇଲେ

- ଗ୍ରସେରି ଦୋକାନରୁ ୧୨ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି
- ଜୋତା ଦୋକାନରୁ ୭୦ ହଜାର ଟଙ୍କା, ଅନ୍ୟ ସାମଗ୍ରୀ ଚୋରି

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଲକ୍‌ଡାଉନ୍‌ର ଦୁଇ ମାସ ମଧ୍ୟରେ ରାଜଧାନୀର ବିଭିନ୍ନ ଥାନାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଚୋରି ଅଭିଯୋଗ ହୋଇଛି। ପୋଲିସ ହାତଗଣତି ମାମଲାରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଗତ ଦୁଇଦିନରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ଥାନାରେ ଏତଲା ଦିଆଯାଇଛି।

ଖାରବେଳନଗର ପ୍ରେସ୍ କଲୋନୀସ୍ଥିତ ପ୍ଲଟ ନଂ-ଏ/୬୧ରେ କାଶୀନାଥ ବାରିକଙ୍କ ଗ୍ରସେରୀ ଦୋକାନ ରହିଛି। ଗୁରୁବାର ରାତି ୭ଟା ପରେ ସେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ଶୁକ୍ରବାର ସକାଳୁ ସେ ଦୋକାନ ଖୋଲିବା ପାଇଁ ପହଞ୍ଚିବା ବେଳେ ଶଟର୍ ତାଲା ତଡ଼ାଯାଇଥିବା ଦେଖିବାକୁ ପାଇଥିଲେ। ଭିତରୁ ନଗଦ ୧୨ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ଗ୍ରସେରୀ ସାମଗ୍ରୀ ଚୋରି ଯାଇଥିବା ଜାଣିବା ପରେ ସେ ଖାରବେଳନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସେହିଭଳି ମଞ୍ଚେଶ୍ୱର ଥାନା ଇଞ୍ଜଣା ଗାଁରେ ଥିବା ବ୍ରଜବନ୍ଧୁ ପରିଡ଼ାଙ୍କ ଜୋତା ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ ଶଟର ତାଡ଼ି ନଗଦ ୭୦ ହଜାର ଟଙ୍କା ଓ ଦୋକାନ ସାମଗ୍ରୀ ଚୋରି କରିନେଇଛନ୍ତି।

## ମହିଳାଙ୍କ ଠାରୁ ସୁନାଚେନ ଲୁଟ୍

ନିମାପଡ଼ା,୧୩।୬(ଡି.ଏନ୍.ଏ.):

ନିମାପଡ଼ା ଥାନା ନିକଟ ବଡ଼ବଜାର ମୁଦୁଲି ସାହିର ସୁନାମଣି ମୁଦୁଲିଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନାଚେନ ଲୁଟି ନେଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ସୁନାମଣି ଘର ଆଗରେ ଜଣେ ପାଉଁରୁଟି ବିକ୍ରେତାଙ୍କ ପାଖରୁ ବିସ୍କୁଟ ଓ ପାଉଁରୁଟି କିଣୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ହଠାତ୍ ସୁନାମଣିଙ୍କ ବେକରୁ ପ୍ରାୟ ୨୩ ଗ୍ରାମର ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

# ଶଟ୍‌ଡାଉନ୍ ବେଳେ ଲୁଟ୍: ୪ ଗିରଫ



ଜବତ ହୋଇଥିବା ଟଙ୍କା, ସୁନା ଓ ରୁପା ଅଳଙ୍କାର ଏବଂ ମୋବାଇଲ।

**୬୯,୮୦୦ ଟଙ୍କା, ୧୨୫ ଗ୍ରାମ ସୁନା ଅଳଙ୍କାର, ରୁପା ସାମଗ୍ରୀ ଜବତ**

କଟକ ଅଫିସ,୧୩।୬

ରାଣୀହାଟ ଶଗଡ଼ିଆ ସାହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ସୁନା ଅଳଙ୍କାର ଲୁଟ୍ ହେବା ଘଟଣାରେ ମଙ୍ଗଳାବାଗ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବିଶ୍ୱନାଥ ସାହୁ, ଆଶୁତୋଷ ନାଟିଆ, ଦେବାଶିଷ ସ୍ୱାଇଁ ଓ ସନ୍ତୋଷ କୁମାର ସାମଲ। ଏମାନଙ୍କ ଘର ମଙ୍ଗଳାବାଗ ଅଞ୍ଚଳରେ। ଅଭିଯୁକ୍ତଙ୍କଠାରୁ ଗୋଟିଏ ଅଟୋ (ଓଡି୦୫ ଏଟି ୧୯୯୩) ସମେତ ୬୯,୮୦୦ ଟଙ୍କା, ୧୨୫ ଗ୍ରାମର ସୁନା ଅଳଙ୍କାର, ରୁପା ସାମଗ୍ରୀ ଓ ଠାକୁରଙ୍କ ପିତ୍ତଳ ପ୍ରତିମୂର୍ତ୍ତି ଜବତ ହୋଇଛି। ଆଇପିସି ୩୮୦ ଅନୁଯାୟୀ ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୭ ତାରିଖ ଶଟ୍‌ଡାଉନ୍ ଚାଲିଥିବା ସମୟରେ ଶଗଡ଼ିଆ ସାହିର ମନୋଜ କୁମାର ସାହୁ ନିଜ ଘରୁ ଲୁଟ୍ ହୋଇଥିବା ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ଦୁର୍ବୃତ୍ତମାନେ ରାତିରେ ତାଙ୍କ ଘରେ ପଶି କଳାକନା ବୁଲାଇ ଦେଇଥିଲେ। ସୁନା ଅଳଙ୍କାର ରଖାଯାଇଥିବା ଟ୍ରଙ୍କ ଭଙ୍ଗା ଯାଇଥିବା ବେଳେ ଠାକୁର ଘରର ଅଳଙ୍କାର ସାମଗ୍ରୀ ମଧ୍ୟ ଗାଏବ ଥିଲା। ଏ ନେଇ ମଙ୍ଗଳାବାଗ ଥାନାରେ କେସ୍ ନଂ ୧୪୫/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରିପାରିଛି।

## ସଂକ୍ଷେପରେ

### ଥାନାଧିକାରୀଙ୍କ କ୍ୱାର୍ଟର୍ସରୁ ଚୋରି

**ପୁରୀ ଅଫିସ,୧୩।୬:** ପୁରୀରେ ପୁଣି ସକ୍ରିୟ ହୋଇଛନ୍ତି ଚୋର ଗ୍ୟାଙ୍ଗ। ଶୁକ୍ରବାର କ୍ଲର୍କ ରୋଡରେ ଥିବା କାକଟପୁର ଥାନାଧିକାରୀ ସୁଜିତ ଦାସଙ୍କ କ୍ୱାର୍ଟରରୁ ଚୋରି ହୋଇଛି। ଲକ୍‌ଡାଉନ ଯୋଗୁ ସୁଜିତ ଓ ତାଙ୍କ ପରିବାର ଏବେ କାକଟପୁରରେ ରହୁଛନ୍ତି। ଏହାର ସୁଯୋଗ ନେଇ ରାତିରେ କେତେଜଣ ଚୋର ତାଙ୍କ ଘରେ ପଶିଥିଲେ। ଆଲମାରି ଭାଙ୍ଗି ସୁନାଗହଣା ଏବଂ ଟଙ୍କା ଲୁଟ୍ କରିଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ଡଗ୍ ସ୍କ୍ୱାଡ୍ ଏବଂ ସାଇଣ୍ଟିଫିକ୍ ଟିମ୍ ମଧ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଛନ୍ତି। ଏ ନେଇ କୁମ୍ଭାରପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ ତଦନ୍ତ ପରିସରକୁ ଅଣାଯିବ ବୋଲି ପୋଲିସ କହିଛି।

### ଆହତ ହରିଣ ଉଦ୍ଧାର

**ଖୁଣ୍ଟୁଣୀ,୧୩।୬(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ପାନିଆମା ଗ୍ରାମରୁ ଶନିବାର ଏକ ୭ବର୍ଷର ଅଣ୍ଡିରା ଆହତ ହରିଣକୁ ଗ୍ରାମବାସୀ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସ୍ଥାନୀୟ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ଗ୍ରାମ ମଧକୁ ପଶି ଆସିଥିବା ଏହି ବଡ଼ ହରିଣଟିକୁ ଗ୍ରାମର କେତେକ ବୁଲା କୁକୁର ଗୋଡ଼ାଇବାରୁ ସେ ସ୍ଥାନୀୟ ଏକ ଘର ଭିତରକୁ ପଶି ଆସିଯାଇଥିଲା। ଗ୍ରାମର କେତେଜଣ ଯୁବକ କୁକୁରଙ୍କୁ ଘଉଡାଇବା ସହ ଆହତ ହୋଇଥିବା ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ପହଞ୍ଚି ହରିଣଟିକୁ ନେଇ ଝରଣ ନିକଟ ରାଣୀ ବଣିଆ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ଭାଙ୍ଗିଲା ପ୍ରାଚୀନ ଛାପା ପରମ୍ପରା



ବାଲି ହରଚଣ୍ଡୀ ପୀଠରେ ଅସ୍ଥାୟୀ ତମ୍ବୁଘର।

**ବ୍ରହ୍ମଗିରି,୧୩।୬(ଡି.ଏନ.ଏ)**

- ବାଲି ହରଚଣ୍ଡୀ ପୀଠରେ ୧୪୪
- ୪ ଦିନ ପାଳନ ହୁଏ ରଜ
- ପୀଠରେ ଜମେ ଭୋଜି, କ୍ରୀଡ଼ା ପ୍ରଦର୍ଶନ

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ବ୍ରହ୍ମଗିରିସ୍ଥିତ ବାଲି ହରଚଣ୍ଡୀ ପୀଠରେ ଲାଗିଛି ୧୪୪ ଧାରା। ଏହା ଶନିବାର ମଧ୍ୟରାତ୍ରରୁ ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ଫଳରେ ଏଠାରେ ରଜ ଉତ୍ସବ ବନ୍ଦ ସହ ଜନସମାଗମକୁ ବାରଣ କରାଯାଇଛି। ଏହି ପୀଠରେ ହେଉଥିବା ଛାପା(ଅସ୍ଥାୟୀ ତମ୍ବୁଘର) ପରମ୍ପରା ଭାଙ୍ଗିଯାଇଛି। ରଜ ହେଉଛି ଓଡ଼ିଶାର ଏକ ଗଣପର୍ବ। ଏହା ପ୍ରତ୍ୟେକ ପୁରପଲ୍ଲୀ ସହ ଶକ୍ତି ପୀଠଗୁଡ଼ିକରେ ମହାଆଡ଼ମ୍ବରରେ ପାଳନ ହୁଏ। ଏଥିମଧ୍ୟରୁ ବ୍ରହ୍ମଗିରି ବାଲି ହରଚଣ୍ଡୀ ପୀଠ ଅନ୍ୟତମ। ଓଡ଼ିଶାର ପ୍ରତ୍ୟେକ ଶକ୍ତି ପୀଠରେ ୩ଦିନ ଧରି ରଜ ଉତ୍ସବ ପାଳନ ହେଉଥିବାବେଳେ ଉକ୍ତ ପୀଠରେ ୪ଦିନ ପାଳନ ହୋଇଥାଏ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂଇଁଦହନ ଓ ଚତୁର୍ଥ ଦିନ ବସୁମତୀ ସ୍ନାନ କୁହାଯାଏ। ଜଣେ ରଜସ୍ୱଳା ନାରୀର ସମସ୍ତ ପରମ୍ପରା ଭଳି ବାଲି ହରଚଣ୍ଡୀ ପୀଠରେ ମା'ଙ୍କର ଏହି ନୀତି ପାଳନ କରାଯାଇଥାଏ। ଏହି ରଜ ଉତ୍ସବ ପାଳନ ପାଇଁ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ ସଦରର ପ୍ରାୟ ୧୦୦ ଖଣ୍ଡ ଗ୍ରାମର ଲୋକେ ଉକ୍ତ ପୀଠରେ ଛାପା(ଅସ୍ଥାୟୀ ତମ୍ବୁ ଘର) ପକାଇ ୪ ଦିନ ଉକ୍ତ ପୀଠରେ ରହି ଆମୋଦ କରିଥାନ୍ତି। ପ୍ରତ୍ୟେକ ଦିନ ଆମିଷ ଭୋଜିର ଆସର ହୋଇଥାଏ। ସାଧାରଣତଃ ବ୍ରହ୍ମଗିରି ପାଇକ ବୀରମାନଙ୍କ ଅଞ୍ଚଳ ଓ କୃଷକମାନେ ଥିବାରୁ ରଜ ୪ ଦିନ ସେମାନେ ତାଙ୍କର ଅବସର ବିନୋଦନ ଓ କ୍ରୀଡ଼ାନୈପୁଣ୍ୟ ଦେଖାଇବା ପାଇଁ ପ୍ରକୋଷ୍ଠ ସମୟ ଥାଏ। ଏଣୁ ଏହି ପୀଠରେ ପ୍ରତ୍ୟେକ ଅଞ୍ଚଳରୁ ଲୋକଙ୍କ ସମାଗମ ହୋଇଥାଏ। ଏହି ପରମ୍ପରା ବହୁପୁରାତନ। କିନ୍ତୁ କରୋନା ସଂକ୍ରମଣ ଯୋଗୁ ଏଠାରେ ୧୪୪ ଧାରା ଲାଗୁ ହୋଇଥିବାରୁ ଏସବୁ ବନ୍ଦ ହୋଇଯାଇଛି। କେବଳ ସେବାୟତଙ୍କୁ ନେଇ ମା'ଙ୍କ ପୀଠରେ ରଜ ନୀତିକାନ୍ତି କରାଯିବାକୁ ଥିବାବେଳେ ପ୍ରାଚୀନକାଳରୁ ଚାଲିଆସୁଥିବା ଏହିପରମ୍ପରା ଭାଙ୍ଗି ଯାଇଛି।

### ଏମାନେ ଯାହା କୁହନ୍ତି...



"ବ୍ରହ୍ମଗିରି ହେଉଛି ପାଇକମାନଙ୍କ ଗଡ଼। ଏଠାରେ ଥିବା ପାଇକମାନେ ରଜ ୪ଦିନ ଅବସର ସମୟରେ ସେମାନେ ତାଙ୍କର କଳାକୌଶଳ ମା'ଙ୍କ ପାଖରେ ପ୍ରଦର୍ଶନ କରିଥାନ୍ତି। ୪ଦିନ ମା'ଙ୍କୁ ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ନେଇଥାନ୍ତି। ଏହି ପରମ୍ପରା ବହୁ ପ୍ରାଚୀନ। କରୋନା ଯୋଗୁ ସରକାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଦିଆଯାଇ ଏହି ପୀଠରେ ୧୪୪ ଧାରାକୁ ମାନିଛୁ। କେବଳ ମା'ଙ୍କ ନୀତିକାନ୍ତି କରାଯିବ।"

**- ନୀଳମଣି ସୁଆର, ସେବାୟତ**



"ରଜ ପର୍ବ ବ୍ରହ୍ମଗିରି ପାଇଁ ଏକ ଗଣ ପର୍ବ। ଯେହେତୁ ବ୍ରହ୍ମଗିରି ଏକ କୃଷି ପ୍ରଧାନ ଅଞ୍ଚଳ। ତେଣୁ ଏ ସମୟରେ ଚଷାପୁଅ ଚାଷ କାର୍ଯ୍ୟରୁ ନିବୃତ୍ତ ରହି ୪ ଦିନ ଏହି ପୀଠରେ ଛାପା ପକାଇ ଆମୋଦ ପ୍ରମୋଦ କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଛାପା ଓଡ଼ଶାରେ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ। ଏହା ଏହି ପୀଠର ସ୍ୱତନ୍ତ୍ର ଓ ବହୁ ପୁରାତନ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ୧୪୪ ଧାରା ଲାଗୁ ହୋଇଛି। ଫଳରେ ଛାପା ପରମ୍ପରା ଭାଙ୍ଗିଯାଇଛି। ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ମନରେ କଷ୍ଟ ହେଲେ ମଧ ମାନିବାକୁ ବାଧ ହେଉଛୁ।"

**- ନିରଞ୍ଜନ ନାୟକ, ସ୍ଥାନୀୟ ବାସିନ୍ଦା**



# ପୁରୀ ଜିଲାରେ ଫିକା ପଡ଼ିଲା ରଜ

**ପୁରୀ ଅଫିସ,୧୩।୬**

- ଗତବର୍ଷ ଫନୀ, ଏଥର କରୋନା
- ଶୁଣିବାକୁ ମିଳୁନି ବନସ୍ତେ ଡାକିଲା ଗଜ...

ରବିବାର ପହିଲି ରଜ। ଓଡ଼ିଶାର ଏହି ମହାନ ଗଣପର୍ବ ଆସିଛି ସିନା ହେଲେ କେଉଁଠି ଉତ୍ସାହ ନାହିଁ କି ରଜ ପର୍ବକୁ ନେଇ ଆଦର ନାହିଁ। ରଜ ପର୍ବକୁ ଫିକା କରିଦେଇଛି ମହାମାରୀ କରୋନା। ରଜପର୍ବ ଅବ୍ୟବହିତ ପୂର୍ବରୁ ଓଡ଼ିଶାର ପୁରପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳେ। ରଜ ପର୍ବର ଖାସ୍ ଆକର୍ଷଣ ପୋଡ଼ପିଠା ଆଉ ରଜପାନ ଖାଇ ରଜଦୋଳିର ମଜା ନିଅନ୍ତି କୁମାରୀମାନେ। ପିଠାପଣାର ମହକରେ ମହକିଯାଏ ଗାଁଠୁ ସହର। ହେଲେ ଏବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଓଡ଼ିଶାର ସବୁ ଜିଲାରେ ଆତଙ୍କ ଖେଳାଇଛି କରୋନା। କେତେକ ଜିଲାରେ ରଜ ଉତ୍ସବ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। କିନ୍ତୁ ପୁରୀ ଜିଲାରେ ଲଗାତର ଦ୍ୱିତୀୟ ବର୍ଷ ପାଇଁ ରଜ ମଉଜ ଫିକା ପଡିଛି। ଗତବର୍ଷ ଫନୀ ଏବଂ ଏଥର କରୋନା ସାଜିଛି ବାଧକ।

ସାଧାରଣତଃ କୁମାରୀମାନେ ରଜକୁ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାନ୍ତି। ଗାଁ ଗଣ୍ଡା ହେଉ ଅବା ସହର ରଜ ପାଇଁ ଉତ୍ସବମୁଖର ହୋଇଥାଏ। କୁମାରୀମାନେ ରଜ ତିନିଦିନ ଯାକ କୌଣସି କାମଧନ୍ଦା କରନ୍ତି ନାହିଁ। ପୋଡ଼ପିଠା ଆଉ ରଜ ପାନ ଖାଇ ରଜଦୋଳିରେ ମଜା ନେଇଥାନ୍ତି। ସହର ଅପେକ୍ଷା ଗାଁରେ ରଜ ପର୍ବ ଧୁମ୍‌ଧାମରେ ପାଳନ କରାଯାଏ। ଗାଁର ଆମ୍ବତୋଟା ହେଉ କିମ୍ବା ଅନ୍ୟ କୌଣସି ବଡ଼ ବଡ଼ ଗଛ ଡାଳରେ ଦୋଳି ଲଗାଯାଇଥାଏ। ଗୋଟିଏ ଜାଗାରେ ବହୁ ସଂଖ୍ୟାରେ କୁମାରୀ ଏକାଠି ହୋଇ ଦୋଳି ଖେଳନ୍ତି। ରଜଦୋଳି ଗୀତରେ ପରିବେଶ ମୁଖରିତ ହୋଇପଡ଼େ। ବିଶେଷକରି ଉପକୂଳବର୍ତ୍ତୀ ପୁରୀ ଜିଲାରେ ରଜ ପର୍ବ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। କେତେକ ସ୍ଥାନରେ ଏହି ସମୟରେ ବିଭିନ୍ନ ପ୍ରତିଯୋଗିତା ମଧ କରାଯାଏ। ହେଲେ ଗତବର୍ଷ ପୁରୀ ଜିଲାରେ ରଜ ପର୍ବର ଚମକ ଦେଖିବାକୁ ମିଳି ନ ଥିଲେ। ରଜର ଠିକ୍ ଅବ୍ୟବହିତ ପୂର୍ବରୁ ବାତ୍ୟା ଫନୀରେ ଜିଲାର ପ୍ରାୟ ସବୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। ଅନେକ ଲୋକ ମୁଣ୍ଡ ଗୁଞ୍ଜିବାକୁ ରାହା ଖୋଜୁଥିଲେ। ସେହିପରି ରଜର ଖାସ୍ ଆକର୍ଷଣ ରଜ ଦୋଳି ଖେଳିବା ଲାଗି ସେମିତି ଗଛ ଡାଳ ବି ନ ଥିଲା। ବାତ୍ୟାରେ ବହୁ ବଡ଼ ବଡ଼ ଗଛ ଭାଙ୍ଗିପଡିଥିଲା। ଏଥର ବି କରୋନା ଯୋଗୁ ଜିଲାରେ ରଜର ମଉଜ ଦେଖିବାକୁ ମିଳିନି। ଶନିବାର ଥିଲା ସଜବାଜ। ହେଲେ ଧର୍ମାନୁଷ୍ଠାନ ପ୍ରବେଶ ଉପରେ ଥିବା କଟକଣା ଏବଂ ଶଟ୍‌ଡାଉନ ଯୋଗୁ କୌଣସି କୁମାରୀ ସାହିଗଳିରେ ବୁଲୁଥିବା ଦେଖିବାକୁ ମିଳି ନ ଥିଲା। କେହି କେହି ବିଧି ରକ୍ଷା ପାଇଁ ଘର ଭିତରେ ନୂଆ ଡ୍ରେସ୍ ପିନ୍ଧି ସଜେଇ ହୋଇଥିଲେ ସିନା କିନ୍ତୁ ସେମାନଙ୍କ ମୁହଁରେ ରଜ ପର୍ବକୁ ନେଇ ଉତ୍ସାହ ଦେଖିବାକୁ ମିଳି ନ ଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ରଜ ଉତ୍ସବ ପାଳନ କରାଯାଇଥାଏ। ହେଲେ ଏ ବର୍ଷ ଏସବୁ ବନ୍ଦ ରହିଛି। କେଉଁଠି ବି ରଜଦୋଳି ଦେଖିବାକୁ ମିଳୁ ନ ଥିବାବେଳେ କୁମାରୀମାନେ ପାନ ଖାଇ ପାଟି ନାଲି କରି ବୋଲୁ ନାହାନ୍ତି ରଜଦୋଳି ଗୀତ । ଶୁଣିବାକୁ ମିଳୁନି ରଜର ଖାସ୍ ଆକର୍ଷଣ ବନସ୍ତେ ଡାକିଲା ଗଜ... ।

# ଗାଁରେ ଶୁଭିବନି ରଜଗୀତ, ଝୁଲିବନି ଦୋଳି

**ଗୋପ,୧୩।୬(ଡି.ଏନ.ଏ.)**

ଗୋପ ଅଞ୍ଚଳର ବିଭିନ୍ନ ଗାଁରେ ଚଳିତବର୍ଷ ରଜ ପର୍ବରେ ଆଉ ଶୁଭିବନି ରଜ ଗୀତ କି ଝୁଲିବନି ରଜ ଦୋଳି। ଏହି କରୋନା ମହାମାରୀ ରଜ ପର୍ବକୁ ଫିକା ପକାଇ ଦେଇଛି। ଗାଁରେ ଥିବା କୁଆଁରୀମାନେ ଆଉ ରଜମଉଜ କରି ପାରିବେନି। ଓଡ଼ିଶାର ପ୍ରତିଟି ଘରେ ରଜ ପର୍ବ ଏକ ସ୍ୱତନ୍ତ୍ର ପର୍ବ ଭାବେ ପାଳନ ହୋଇଥାଏ। ଏହି ପର୍ବରୁ ଗାଁର ଚାଷୀ ପୁଅ ନିଜର କୃଷି କାର୍ଯ୍ୟ ଆରମ୍ଭ କରିଥାଏ। ରଜ ୩ଦିନ ହେଉଥିବାରୁ ଗାଁଗହଳିର ଝିଅମାନେ ନୂଆ ବସ୍ତ୍ର ପରିଧାନ କରି ସଜବାଜ ହେବା ସହ ପ୍ରତିଟି ଘରେ ପିଠାପଣାର ଆସର ଜମିଥାଏ। ଓଡ଼ିଆ ଘରର ଏହାକୁ ସଂସ୍କୃତି ପରମ୍ପରା ପର୍ବ କୁହାଯାଉଥିବାବେଳେ କୁଆଁରୀମାନେ କଉଡି, ପୁଚି, ଦୋଳି ଖେଳୁଥିବାବେଳେ ପୁରୁଷ ମାନେ ଲୁଡୁ, ତାସ, କବାଡ଼ି ଆଦି ଖେଳିଥାନ୍ତି। ବିଶେଷ କରି ଝିଅମାନେ ରଜଗୀତ ବୋଲି ଦୋଳି ଖେଳିବା ସହ ରଜପାନ ଖାଇବାର ଏକ ନିଆରା ପରମ୍ପରା ରହିଛି। କିନ୍ତୁ ଏଥର ନାଁ ଗୋପରେ ଦୋଳି ଲାଗିବ ନାଁ ଝିଅମାନେ ଏକାଠି ହୋଇ ଖେଳିପାରିବେ। ଏହିସବୁ ପାଇଁ ସରକାର କଟକଣା ଜାରି କରି ବାରଣ କରିଦେଇଛନ୍ତି।



ଶନିବାର ମୌସୁମୀ ବର୍ଷା ଯୋଗୁ ଭୁବନେଶ୍ୱର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ବର୍ଷା ଓ ନର୍ଦ୍ଦମା ଜଳ ଲହଡ଼ି ମାରୁଛି।

# ବାଡ଼ିଆ ହେଲା ରଷିପଟା

**ପୁରୀ ଅଫିସ,୧୩।୬**



ରଥଖଳାରୁ...

ଦିନ ଯେତେ ଗଡୁଛି ରଥଯାତ୍ରାକୁ ନେଇ ସାଧାରଣରେ ଉତ୍କଣ୍ଠା ସେତେ ବଢ଼ିବାରେ ଲାଗିଛି। ରଥଯାତ୍ରା ହେବ ନା ନାହିଁ ଏଯାବତ କିଛି ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ପ୍ରସ୍ତୁତି ଆଗେଇ ଚାଲିଛି। ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୨ଦିନ ବିଳମ୍ବରେ କାମ ଆରମ୍ଭ ହୋଇଥିଲେ ହେଁ ରଥ ନିର୍ମାଣ ସମ୍ପୃକ୍ତ ସେବକଙ୍କ ପାଇଁ ଏବେ କାମ ଆଗେଇ ଯାଇଛି। ଶନିବାର ରଷିପଟା ବାଡ଼ିଆ ଯାଇଛି। ଏହା ରଥର ତୃତୀୟ ଭୂଇଁ ଉପରେ ଏବଂ ପୋଟଳର ତଳ ଭାଗରେ ସ୍ଥାପିତ ହୋଇଛି। ପ୍ରତିରଥର ୪ଟି ଲେଖାଏ ଦୁଆର ବେଢ଼ା ତିଆରି ସରିଛି। ସେହିପରି ତିନିରଥରେ ପଟା ବାଡ଼ିଆ କାମ ଜାରି ରହିଛି। ରଥଖଳାରେ ତିନିରଥର ପ୍ରଭା ଏବଂ ବିଜେ ଆସନ ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ପ୍ରଭାରେ ରାହୁ ରୂପ ଏବଂ ମଗର ଖୋଦେଇ କାମ ରୂପକାର ସେବକ କରିବେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକର ସେବକ ରଥର ପାର୍ଶ୍ୱ ଦେବୀଦେବ, ସଖୀ ଆଦିରେ ରଙ୍ଗ ଦେଉଛନ୍ତି। ଏଥିସହ ତିନିରଥର କଳସରେ କୁମ୍ଭ ଚିତ୍ର ରଙ୍ଗ ସମ୍ପୂର୍ଣ୍ଣ ହୋଇଛି। ନାଟଗୋଡ଼ରେ ରାହୁରୂପରେ ରଙ୍ଗ କାମ ସରିଛି। ରଥ ଚତୁଃପାର୍ଶ୍ୱ ରଙ୍ଗ ଚାଲିଛି। ଦର୍ଜି ସେବକମାନେ ରଥକନା କାମ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ ଶାଳରେ ଓଝା ସେବକମାନେ ୟୁ କ୍ଲାମ୍ପ, ଏଲ୍ କ୍ଲାମ୍ପ, ସ୍ୱୋକ କ୍ଲାମ୍ପ, ପଇ କ୍ଲାମ୍ପ, ଅର କ୍ଲାମ୍ପ ଆଦି ତିଆରି କରୁଛନ୍ତି। ଅନ୍ୟପକ୍ଷରେ ନୀଳାଦ୍ରି ଭକ୍ତ ନିବାସ ପରିସରରେ ଚାଲିଥିବା ୫ ଦିନିଆ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ଗରାବଡୁ ସେବାୟତ ନିଯୋଗର ୧୫୯ ପରିବାରକୁ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଲାଗି ହୋମିଓପାଥି ଔଷଧ ପ୍ରଦାନ କରାଯାଇଥିଲା। ଏହି ୫ ଦିନରେ ମୋଟ ୧୧୮୭ ପରିବାରକୁ ଔଷଧ ଦିଆଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

# ଦଇତାପତି ସେବକଙ୍କ ଘରକୁ ଆସନ୍ତିନି ବନ୍ଧୁବାନ୍ଧବ

**ପୁରୀ ଅଫିସ,୧୩।୬**

### ଅଣସର ସମୟର ନିଷିଦ୍ଧ ନିୟମ

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କର ଅଣସର ଘରେ ଚାଲିଛି ଗୁପ୍ତସେବା। ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଗୋଷ୍ଠୀଗତ ଭାବେ ଲାଗିପଡ଼ିଛନ୍ତି ଦଇତାପତି ସେବକ। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ରହୁଛନ୍ତି। ତେବେ ଠାକୁର ଅଣସରରେ ଥିବାବେଳେ ଦଇତାପତି ସେବକଙ୍କ ପରିବାରରେ କେତେକ ନିଷିଦ୍ଧ ନିୟମ ରହିଛି। ପ୍ରତ୍ୟେକ ପରିବାର ଏହାକୁ ପାଳନ କରିଥାନ୍ତି।

ଏ ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଅଣସର ୧୫ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୁତ ଭାବେ ରୁହନ୍ତି। ପବିତ୍ର ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ସଫା କରାଯିବା ସହ ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୁଆ ହୋଇ ଧଉଳା ଯାଏ। ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟିହାଣ୍ଡିରେ ପଡ଼ିବା ପରେ ହବିଷାନ୍ନ ତିଆରି ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟ ଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷାନ୍ନ ତିଆରି କରିଥାନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନ ଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷାନ୍ନ ପ୍ରସ୍ତୁତ କରନ୍ତି, ଯାହାର କାଠ ଚୁଲି ନାହିଁ ସେମାନେ ନୂଆ ଗ୍ୟାସ୍ ଚୁଲାରେ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ପ୍ରସ୍ତୁତ ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଆନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷାନ୍ନ ସେବନ କରନ୍ତି। ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ ପିଅନ୍ତି ନାହିଁ। ତେବେ ଏହି ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ ଆସି ନ ଥାନ୍ତି। ଭିକାରିଙ୍କୁ ବି ଭିକ୍ଷା ଦିଆଯାଇ ନ ଥାଏ। ଅଣସର ୧୫ଦିନ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି କିଛି ବି ବ୍ୟବହାର କରୁ ନ ଥିବାରୁ ଦଇତା ପରିବାରରେ ମଧ ଏହା ବ୍ୟବହାର ହୋଇ ନ ଥାଏ। ମୋଟାମୋଟି ସମସ୍ତେ ବିଳାସ ବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥାନ୍ତି ବୋଲି ଦାସମହାପାତ୍ର କହିଛନ୍ତି।

# ସପ୍ତାହରେ ୨ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହାୟତାରେ ଭର୍ଚୁଆଲ ସଂସ୍କୃତିର ବିବିଧ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରତି ଶନିବାର ଏବଂ ରବିବାର ଟିଭିରେ ପ୍ରସାରଣ ହେବ। ପ୍ରଥମ ସନ୍ଧ୍ୟାରେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ରବିବାର ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଦ୍ୱାରା 'ତାଳ ବାଦ୍ୟ' ପରିବେଷିତ ହେବ। ୨୦ ତାରିଖରେ ଗୁରୁ ରାମହରି ସାହୁ ଓ ଗୁରୁ ବିଜୟ ଜେନାଙ୍କ ଦ୍ୱାରା 'କଣ୍ଠସଙ୍ଗୀତ', ୨୧ରେ ବିଷ୍ଣୁମୋହନ କବିଙ୍କ ଦ୍ୱାରା 'ସୁଗମ ସଙ୍ଗୀତ', ୨୭ ଓ ୨୮ ତାରିଖରେ ଡ. ଚିତ୍ତରଞ୍ଜନ ଶତପଥୀ ଏବଂ ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା 'ଜଗନ୍ନାଥାୟନ' ଓ 'ସୁଗମ ସଙ୍ଗୀତ' ପରିବେଷିତ ହେବ। ଜୁଲାଇ ୪ ଓ ୫ରେ ଶିବ ତ୍ରିପାଠୀଙ୍କ ରଚିତ ଏକକ ନାଟକ 'ବଞ୍ଚିବାକୁ ଚାହେଁ' ପରିବେଷିତ ହେବ ବୋଲି ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି।

# ମଞ୍ଚର ସ୍ଥାନ ନେବ ଡିଜିଟାଲ ପ୍ଲାଟ୍‌ଫର୍ମ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

### ରାଜ୍ୟ ପାଳିବ ୨ୟ ଲୋକକଳା ଦିବସ

କରୋନା ପାଇଁ ଚଳିତବର୍ଷ ଭର୍ଚୁଆଲ୍ ତଥା ଡିଜିଟାଲ୍ ପ୍ଲାଟଫର୍ମରେ ପାଳନ ହେବ ରାଜ୍ୟ ଲୋକକଳା ଦିବସ। ଦ୍ୱିତୀୟଥର ପାଇଁ ପାଳନ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଦିବସକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଡିଜିଟାଲ ମାଧ୍ୟମରେ ପାଳନ କରିବ।

ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଅବସରରେ ୨୦୧୯ ଫେବୃୟାରୀ ୨୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣାକ୍ରମେ ପ୍ରତିବର୍ଷ ରଜରେ ଏହି ଦିବସକୁ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଡିଜିଟାଲ ମିଡ଼ିଆରେ ରାଜ୍ୟର ୪ ପାରମ୍ପରିକ ଲୋକକଳାର ପ୍ରସାରଣ ହେବ। ସମ୍ବଲପୁରୀ ନୃତ୍ୟ 'ରସରକେଲୀ', ଗଞ୍ଜାମର ସନ୍ତୋଷ ପାଢ଼ୀଙ୍କ ଦ୍ୱାରା 'ଭାରତଲୀଳା', କଟକର ଉତ୍ସବ ଚରଣ ଦାସ ଓ ସାଥୀଙ୍କ ଦ୍ୱାରା 'ଚଇତିଘୋଡ଼ା', ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ ପକ୍ଷରୁ 'ସିଂହାରୀ ନୃତ୍ୟ' ପରିବେଷଣ କରାଯିବ। ସମସ୍ତ କାର୍ଯ୍ୟକ୍ରମକୁ ଦୂରଦର୍ଶନ ଓ ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ପ୍ରସାରଣ କରାଯିବ।

ଅନ୍ୟପକ୍ଷରେ ରାଜ୍ୟର ୩୦ ଜିଲାର ୪୭୧ ଲୋକକଳାକୁ ସଂରକ୍ଷିତ କରାଯାଇପାରିଛି। ୬୨ ପ୍ରକାରର ଜନଜାତି ରହିଥିବା ବେଳେ ସେମାନଙ୍କର ବିଭିନ୍ନ ନୃତ୍ୟ ମଧ ଏଥିରେ ସାମିଲ ହୋଇଛି। ସଂସ୍କୃତି ବିଭାଗର ତଥ୍ୟ ଅନୁସାରେ ରାଜ୍ୟରେ ୭୪୮୨ଟି ଲୋକକଳା ଦଳ ଏବଂ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ କଳାକାର ଅଛନ୍ତି। ସଂସ୍କୃତି ବିଭାଗ ଦ୍ୱାରା ୮ ବର୍ଷ ହେଲା ଲୋକନୃତ୍ୟ ମହୋତ୍ସବର ଆୟୋଜନ କରାଯାଉଛି। ୨୦୧୧ରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଲୋକକଳାକୁ ସରକାରୀ ମାନ୍ୟତା ଦେବା ପରେ ବ୍ଲକ୍ ଓ ଜିଲା କଳାସଂସ୍କୃତି ସଂଘ ଗଠନ ଦ୍ୱାରା ଏହା ଅଧିକ କ୍ରିୟାଶୀଳ ହୋଇଥିଲା। ଲୋକକଳା ଗ୍ରାମ, ନାଟ୍ୟ ମଣ୍ଡପ, ଲୋକକଳା ମହୋତ୍ସବ ମାଧ୍ୟମରେ ପଞ୍ଚାୟତରୁ ଆରମ୍ଭକରି ରାଜଧାନୀ ପର୍ଯ୍ୟନ୍ତ କଳା ଓ କଳାକାରଙ୍କ ପ୍ରଗତିର କ୍ରମବିକାଶ ଧାରା ସୃଷ୍ଟି କରିଛି ବୋଲି ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି କରି କଳାକାରମାନେ ଆର୍ଥିକସ୍ତରକୁ ସମୃଦ୍ଧ କରିଛନ୍ତି। ରାଜ୍ୟ, ଜିଲା, ବ୍ଲକ ଓ ନଗର କଳା ସଂସ୍କୃତି ସଂଘ ମାଧ୍ୟମରେ ଗଞ୍ଜାମର ଯୋଡ଼ିଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, ମୟୂରଭଞ୍ଜର ଛଉ, ସମ୍ବଲପୁରର ସମ୍ବଲପୁରୀ, ଜଗତସିଂହପୁରର ଘଣ୍ଟପାଟୁଆ, ନୟାଗଡର ସିଂହ ବାଦ୍ୟ, କେନ୍ଦୁଝରର ଚାଙ୍ଗୁ ନୃତ୍ୟ, ଗଜପତିର ସଉରା ନାଚ, ବାଲେଶ୍ୱରର ଚଢ଼େୟା-ଚଢ଼େୟାଣୀ, ଦେବଗଡ଼ର କରମା ନାଚ, ନୂଆପଡ଼ାର ଗନାବାଜା, ଝାରସୁଗୁଡ଼ାର ଡାଲଖାଇ ନୃତ୍ୟ ପୁଣିଥରେ ଲୋକପ୍ରିୟତା ହାସଲ କରିଛି।

# ବିଏମ୍‌ସିର ବେପରୁଆ ପାଇଁ ବ୍ୟାପିବ ସଂକ୍ରମଣ

**ଭୁବନେଶ୍ୱର, ୧୩।୬ (ବ୍ୟୁରୋ)**

### ବୁଲୁଛନ୍ତି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ସାଲିଆସାହିର ବହୁ ବ୍ୟକ୍ତି

- କ୍ୱାରାଣ୍ଟାଇନ୍ ଷ୍ଟିକର ମାରି ଦାୟିତ୍ୱ ସାରିଲେ ଅଧିକାରୀ

ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଦିନକୁ ଦିନ ଅଧିକରୁ ଅଧିକ ସ୍ଥାନୀୟ ଲୋକ ସଂକ୍ରମିତ ହେଉଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ନ ମାନି ସଂକ୍ରମିତମାନେ ବାହାରେ ବୁଲାବୁଲି କରୁଥିବାରୁ ସଂକ୍ରମଣ ଆହୁରି ବଢ଼ିଯିବା ଆଶଙ୍କା ପ୍ରକାଶ ପାଇଛି। ସାଲିଆସାହିରୁ ଚିହ୍ନଟ ଜଣେ ପଜିଟିଭ୍ ମହିଳାଙ୍କ ସଂସ୍ପର୍ଶରେ ଆସିଥିବା ୪୪ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିଥିଲା ବିଏମ୍‌ସି। ଉତ୍ତର ଜୋନ୍‌ର ଜୋନାଲ ଅଧିକାରୀଙ୍କୁ ତଦାରଖ କରିବା ଦାୟିତ୍ୱ ଦିଆଯାଇଥିବାବେଳେ ବେପରୁଆ ଓ ଖାମଖିଆଲ କାର୍ଯ୍ୟକଳାପ ପାଇଁ ଆଗାମୀ ଦିନରେ ଭୁବନେଶ୍ୱରରେ ଗୋଷ୍ଠୀ ସଂକ୍ରମଣ ବ୍ୟାପିପାରେ ବୋଲି ମତ ପ୍ରକାଶ ପାଇଛି। ଏନେଇ ସାଲିଆସାହିରେ ରହୁଥିବା ରଘୁରଞ୍ଜନ ବାରିକ କହିଛନ୍ତି, ବିଏମ୍‌ସି ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖି ଚୁପ୍ ବସିଛି। ସମ୍ପୃକ୍ତ ଲୋକମାନେ କିନ୍ତୁ ଘରେ ସଙ୍ଗରୋଧରେ ନ ରହି ଆଇଡି ମାର୍କେଟ୍‌ଠାରୁ ଆରମ୍ଭ କରି ସହରର ବିଭିନ୍ନ ସ୍ଥାନରେ ବୁଲୁଛନ୍ତି। ସେମାନଙ୍କ ନମୁନା ଓ ସ୍ୱାସ୍ଥ୍ୟ ପରୀକ୍ଷା ହେଉନି। ତେଣୁ ଏହି ବସ୍ତିରେ ଯଦି ସଂକ୍ରମଣ ବ୍ୟାପିବ, ଆଗାମୀ ସ୍ଥିତିଅଣାୟତ୍ତ ହୋଇ ପଡ଼ିବ ବୋଲି ବିଏମ୍‌ସି ଅଧିକାରୀ ଜାଣୁଥିବା ସତ୍ତ୍ୱେ ମଧ କିଛି ବି ପଦକ୍ଷେପ ନେଉ ନ ଥିବା ସେ କହିଛନ୍ତି।

ଶ୍ରମିକନେତା ଅଞ୍ଜନ ନାଥ କହିଛନ୍ତି, ବିଏମ୍‌ସି ଓ ଅଗ୍ନିଶମ ବିଭାଗ ପକ୍ଷରୁ ସାଲିଆସାହି ଅଞ୍ଚଳର କେବଳ ମୁଖ୍ୟ ରାସ୍ତାକୁ ବିଶୋଧନ କରାଗଲା। ବସ୍ତି ଅଞ୍ଚଳରେ ବହୁ ଗଳି ରାସ୍ତା ଥିଲେ ମଧ ତାହା ଏଯାଏ ବିଶୋଧନ ହୋଇନି। କେତେଜଣ ସ୍ଥାନୀୟ ଯୁବକଙ୍କ ସହଯୋଗରେ ସାଲିଆସାହିକୁ ବିଶୋଧନ କରାଯାଇଥିଲା। ଏହାପରେ ଚିହ୍ନଟ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ୪୪ ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖି ବିଏମ୍‌ସି ଦାୟିତ୍ୱ ସାରିଦେଲା। ହେଲେ ପରବର୍ତ୍ତୀ ଦାୟିତ୍ୱ ଭୁଲିଯିବାରୁ ବସ୍ତିବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇବା ପରେ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ତଦାରଖ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଦାୟିତ୍ୱରେ ଥିବା ଉତ୍ତ ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନି।

# ସପ୍ତାହାନ୍ତ ଶଟ୍‌ଡାଉନ୍



ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀମାନେ ଖାଉଛନ୍ତି।




ୟୁନିଟ-୨ସ୍ଥିତ ମାର୍କେଟ ବିଲ୍‌ଡିଂ।



ଦମିଖାଲ-ଶହୀଦନଗର ଓଭରବ୍ରିଜ୍।

## ସଚେତନ ଜନତା, ସତର୍କ କଲା ବର୍ଷା

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ଚଳିତ ମାସର ଦ୍ୱିତୀୟ ଦୁଇଦିନିଆ ସପ୍ତାହନ୍ତ ଶଟ୍‌ଡାଉନ୍‌ର ଶନିବାର ଥିଲା ବେଶ୍ ସ୍ୱାଭାବିକ। ୧୧ ଜିଲାର ଗାଁଠୁ ସହର, ସାହି ରାସ୍ତାଠୁ ରାଜପଥ ସବୁଠି ବାରିହୋଇ ପଡିଥିଲା କରୋନାକୁ ନେଇ ଲୋକଙ୍କ ମନରେ ଥିବା ସଚେତନତା। ପୂର୍ବଭଳି ବାଟଓଗାଳିବା ପାଇଁ ପୋଲିସ ସେମିତି ଜଗି ରହି ନ ଥିଲେ ମଧ୍ୟ ଲୋକେ କିନ୍ତୁ ନିଜେ ସଚେତନ ରହି ଘରୁ ବାହାରି ନ ଥିଲେ। ଅତି ଜରୁରୀ କାର୍ଯ୍ୟରେ କେହି କେହି ଗାଡ଼ି ଧରି ଯାଉଥିବାବେଳେ ଅଧିକାଂଶ ଗାଡିବାହାରୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ନେଇ ଯିବାଆସିବା କରୁଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥରେ ମାଲ୍‌ବାହୀ ଗାଡ଼ି ଗଡୁଥିଲା। ତେବେ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା ଭଳି ପ୍ରମୁଖ ସହର ଓ ଛକର କେତେକ ସ୍ଥାନରେ ପୋଲିସ ଟିମ୍ ଯାଞ୍ଚ ଚଳାଇଥିଲା। କେତେକ ସ୍ଥାନରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ପୋଲିସ ଜରିମାନା ଆଦାୟ କରିଥିଲା। ହେଲେ ଏହି ସମୟରେ ଲୋକେ ଦସ୍ତଖତ କରିବା ପାଇଁ ପୋଲିସର ପେନ୍ ମାଗିନେଉଥିବାରୁ ସଂକ୍ରମଣ ଭୟ ଘାରିଥିଲା। ସେହିପରି ପିସିଆର୍ ପାଟ୍ରୋଲିଂ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଥିଲା। ବିଶେଷକରି ସବୁ ଜିଲାରେ ଶନିବାର ଶଟ୍‌ଡାଉନ୍ ଚିତ୍ର ନିଆରା ଥିଲା। ଛୋଟ ବଡ଼ ଦୋକାନ ସବୁ ବନ୍ଦ ରହିଥିବାବେଳେ କେବଳ ଔଷଧ ଦୋକାନ ଖୋଲା ରହିଥିଲା। ଅନ୍ୟପକ୍ଷରେ ଶଟ୍‌ଡାଉନ୍‌ରେ ସତର୍କ କରିଥିଲା ମୌସୁମୀ ବର୍ଷା। କହିବାକୁ ଗଲେ ପୋଲିସ ପାଇଁ ବେଶ୍ ସହାୟକ ହୋଇଥିଲା ବର୍ଷା। ସାଧାରଣ ଜନତାଙ୍କୁ ବାହାରକୁ ବାହାରିବାକୁ ସୁଯୋଗ ଦେଇ ନ ଥିଲା। ହେଲେ ବର୍ଷା ଛାଡିଯିବା ପରେ ସନ୍ଧ୍ୟାରେ ପୋଲିସର ଯାଞ୍ଚରେ ଟିକେ ଢିଲା ହୋଇଥିଲା। ଫଳରେ କିଛି ଲୋକ ବାହାରକୁ ବାହାରିଥିବା ଦେଖିବାକୁ ମିଳିଥିଲା।



କଟକ ମାଲ୍‌ଗୋଦାମ ବେହେରାସାହିରେ ଖୋଲିଥିବା ଏକ ଦୋକାନକୁ ପୋଲିସ ବନ୍ଦ କରୁଛି।



ଶୂନ୍‌ଶାନ୍ ଚୌଧୁରୀ ବଜାର ରାସ୍ତା।



ମାର୍କେଟ ବିଲ୍‌ଡିଂର ସମସ୍ତ ଦୋକାନରେ ତାଲା ଝୁଲୁଛି।



ବରମୁଣ୍ଡା ଓଭରବ୍ରିଜ୍।



ସିଆର୍‌ପି ଛକରେ ଲୋକଙ୍କୁ ଯାଞ୍ଚ କରାଯାଉଛି।




ପୁରୀ ସହରରେ ଦୋକାନବଜାର ବନ୍ଦ।



ରାଜମହଲରୁ ଏଜି ଛକ ଶୂନ୍‌ଶାନ୍।



ପୁରୀ ବଡ଼ଦାଣ୍ଡ ଖାଁ ଖାଁ।

## ଜଗତ୍‌ସିଂହପୁରରେ ଆଉ ୧୩ କରୋନା ପଜିଟିଭ୍ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୧୩।୬: ଜଗତ୍‌ସିଂହପୁର ଜିଲାରେ ପୁଣି ୧୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବାଲିକୁଦା ବ୍ଲକରେ ୭, ତିର୍ତ୍ତୋଲ ବ୍ଲକରେ ୪ ସମେତ ନାଉଗାଁ ଓ ପାରାଦୀପ ପୌର ପରିଷଦ ଜଣେ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱର ଓ ପାରାଦୀପ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୩ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୮୬ ଜଣ ଚିକିତ୍ସା ପରେ ସୁସ୍ଥ ହୋଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୮ ଆହତ

ବିଞ୍ଝାରପୁର,୧୩।୬(ଡି.ଏନ.ଏ.): ଟିପ୍ପର ବୋଝେଇ ଗାଡ଼ି ଯିବାକୁ ନେଇ ବିଞ୍ଝାରପୁର ଥାନା ଅଧୀନ ସୟଦପୁର ପଞ୍ଚାୟତର ପିର ମହଲ୍ଲା ଓ ମୋଗଲ ମହଲ୍ଲାରେ ଶନିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୮ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୟଦପୁର ପଞ୍ଚାୟତ ମୋଗଲ ମହଲ୍ଲା ଗ୍ରାମର ହାରୁନ୍ ଖାଁଙ୍କ ଘର କାମ ପାଇଁ ଏକ ଟିପ୍ପର ଗାଡି ଆସିଥିଲା। ସେ ପିର ମହଲ୍ଲା ରାସ୍ତାରେ ତାଙ୍କ ଘର ନିକଟକୁ ଟିପ୍ପର ଗାଡି ନେଇଥିଲେ। ଗାଡି ଯିବାଦ୍ୱାରା ପିର ମହଲ୍ଲା ରାସ୍ତା ଦବିଯାଇଥିଲା। ଏହାକୁ ନେଇ ପିର ମହଲ୍ଲା ଗ୍ରାମବାସୀ ଓ ହାରୁନଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ହାରୁନ ଖାଁ ଓ ଗ୍ରାମବାସୀଙ୍କ ପକ୍ଷରୁ ପୁନମ୍ ପରତ୍ୱିନ୍ ଥାନାରେ ଅଭିଯୋଗ କରିଛନ୍ତି।

### ୪ କରୋନା ଆକ୍ରାନ୍ତ, ଜଣେ ସୁସ୍ଥ

କେନ୍ଦ୍ରାପଡ଼ା ଅଫିସ, ୧୩।୬: କେନ୍ଦ୍ରାପଡା ଜିଲାରେ ଶୁକ୍ରବାର ସୁଦ୍ଧା ୧୭୧ କରୋନା ଆକ୍ରାନ୍ତ ହୋଇଛନ୍ତି । ଶନିବାର ଏଥିରେ ୪ ନୂତନ ଆକ୍ରାନ୍ତ ଯୋଡି ହୋଇଛନ୍ତି। ତେବେ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଏମାନଙ୍କ ସଂଖ୍ୟା ୧୭୩ରେ ପହଞ୍ଚିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ନୂତନ ଆକ୍ରାନ୍ତଙ୍କୁ ମିଶାଇ ୧୨ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ନୂତନ ଚିହ୍ନଟ ସଙ୍ଗରୋଧ କେନ୍ଦ୍ରରେ ରହୁଥିବାରୁ ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ।

### ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଧମକ ନେଇ ମାମଲା

ମାର୍ଶାଘାଇ,୧୩।୬ (ଡି.ଏନ.ଏ.): ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ଭବାନି ଶଙ୍କର ଦାସଙ୍କୁ ଶନିବାର ଦୁଇ ଯୁବକ ଆକ୍ରମଣ କରିବା ସହିତ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ପରେ ମାର୍ଶାଘାଇ ପୋଲିସ ଏକ ମାମଲା ରୁଜୁ କରିଛି। ଦାସ କାର୍ଯ୍ୟାଳୟରେ ଥିବା ବେଳେ ତାଳସଙ୍ଗା ପଞ୍ଚାୟତର ବିବେକାନନ୍ଦ ଜେନା ଓ ବିଦ୍ୟାଧର ଦାସ ପହଞ୍ଚି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଣିକପୁର ଖେଳ ପଡିଆ ନିର୍ମାଣର ବିଲ୍ କରିବାକୁ କହିଥିଲେ। ଏଥିସହ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଦାସ ଏ ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ବିଡିଓ ମାର୍ଶାଘାଇ ଥାନାକୁ ଅଭିଯୋଗପତ୍ର ଦେବା ପରେ ପୋଲିସ ମାମଲା (ନଂ.୧୩୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବଧୂ ହତ୍ୟା ଘଟଣାରେ ଶାଶୁ ଗିରଫ

ବାଲିଆ/ବିରିଡ଼ି,୧୩।୬(ଡି.ଏନ୍.ଏ.): ବିରିଡ଼ି ଥାନା ଦଣ୍ଡିଲୋ ଗ୍ରାମର ଧରିତ୍ରୀ ସ୍ୱାଇଁଙ୍କ ମୃତ୍ୟୁ ଘଟଣାରେ ଶାଶୁ ବାସନ୍ତୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଦଣ୍ଡିଲୋର ଦିଲୀପ ସ୍ୱାଇଁଙ୍କ ସହ ଜୁନ୍ ୨୦୧୯ରେ ଧରିତ୍ରୀଙ୍କ ବିବାହ ହୋଇଥିଲା। ବିବାହ ସମୟରେ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଏକ ଲକ୍ଷ ଟଙ୍କା ଓ ବାଇକ୍ ଦାବି କରି ଶାଶୁଘର ପକ୍ଷରୁ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଶେଷରେ ତାଙ୍କୁ ମାରିଦିଆଯାଇଥିବା ୨ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ପୂର୍ବରୁ ଦିଲୀପଙ୍କୁ ଗିରଫ କରିଥିଲା।

# ବନ ବିଭାଗ କାମ କରୁଛି ଏସ୍‌ଟିଏଫ୍

ନୟାଗଡ଼ ଅଫିସ,୧୩।୬

■ଜବତ ହେଲାଣି ୪ ବାଘ ଛାଲ
■୨ ବନଖଣ୍ଡରେ ସଙ୍କଟରେ ବାଘ ବଂଶ

କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ସପ୍ତାହକ ମଧ୍ୟରେ ନୟାଗଡ ଓ ଖୋର୍ଦ୍ଧା ବନଖଣ୍ଡର ଦୁଇ ଜଙ୍ଗଲରୁ ୪ଟି ବାଘଛାଲ ଜବତ କରିବା ପରେ ବନ ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ କାର୍ଯ୍ୟ ଏସ୍‌ଟିଏଫ କରୁଥିବା ଏଠାରେ ଆଲୋଚନା ହେଉଛି। ଏହି ଘଟଣା ପରେ ୨ ବନଖଣ୍ଡରେ ବାଘବଂଶ ସଙ୍କଟରେ ରହିଛି।

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଗିରିପୂଜା ଜଙ୍ଗଲରୁ ଗତ ୬ ତାରିଖରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ୨ଟି କଲରାପତରିଆ ବାଘ ଓ ୨ଟି ଚିତା ହରିଣ ଛାଲ ଜବତ କରିଥିଲା। ଏହି ଛାଲ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବାର ମସୁଧା ଚାଲିଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ ପରେ ଜେଲ ପଠାଯାଇଥିଲା। ସେହିପରି ବାଘଛାଲ ଓ ହାଡ ଜବତ ଘଟଣାରେ ଶନିବାର ଖୋର୍ଦ୍ଧା ବନଖଣ୍ଡ ଜାମୁଗଣ୍ଡ ଗାଁରୁ ଶନିବାର ଗିରଫ ହୋଇଥିବା ବନ୍ଧମୁଣ୍ଡା ସମିତି ସଭ୍ୟ ଲକ୍ଷ୍ମୀଧର ନାୟକ ରଣପୁର ସବ୍‌ଜେଲକୁ ଯାଇଛନ୍ତି। ଦଶପଲ୍ଲା ଓ ରଣପୁର ଅଞ୍ଚଳରୁ ବାଘ ଛାଲ ଜବତ ହେବା ପରେ ନୟାଗଡ ଓ ଖୋର୍ଦ୍ଧା ବନଖଣ୍ଡରେ ଏକ ର୍ୟାକେଟ କାର୍ଯ୍ୟ କରୁଥିବା ଜଣାପଡିଛି। ରଣପୁର ରେଞ୍ଜ ଅଞ୍ଚଳରେ ଏକାଧିକ କଲରାପତରିଆ ବାଘ ଥିବା କୁହାଯାଉଛି। ଜଣେ ବନ କର୍ମଚାରୀଙ୍କ ସୂଚନା ଅନୁସାରେ ରଣପୁର ରେଞ୍ଜ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ କଲାରାପତରିଆ ବାଘ ଅଛନ୍ତି। ହେଲେ ଏ ଖବର ପ୍ରକାଶ କରାଯାଉନି। କିଛି ଲୋକ ରଣପୁର ରେଞ୍ଜରରେ କଲରାପତରିଆ ବାଘକୁ ମଧ୍ୟ ଦେଖିଛନ୍ତି। ତେବେ ନୟାଗଡ ଓ ଖୋର୍ଦ୍ଧା ବନଖଣ୍ଡରୁ ୪ ବାଘ ଛାଲ ଜବତ ହେବା ଘଟଣା ବାଘ ବଂଶକୁ ବିପଦରେ ପକାଇଛି। ଏସ୍‌ଟିଏଫ୍ ଦୁଇଟି ଯାକ କେସ୍‌କୁ ନେଇ ନ ଥିଲେ ଏହି ଘଟଣା ଲୁଚି ଯାଇଥାନ୍ତା ବୋଲି କୁହାଯାଇଛି। ଏ ନେଇ ଖୋର୍ଦ୍ଧା ଡିଏଫଓ ସୁଦୀପ୍ତ ନାୟକ କୁହନ୍ତି, ଏସ୍‌ଟିଏଫ ବାଘ ଛାଲ ଓ ହାଡ ଜବତ କରିବା ପରେ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରେ ବାଘ ଶିକାର ହୋଇଛି ନା ଅନ୍ୟ କେଉଁଠାରୁ ଅଣାଯାଇଛି ଅନୁସନ୍ଧାନ କରାଯାଉଛି। ଏସ୍‌ଟିଏଫ ଆମ ବିଭାଗକୁ ଅବଗତ କରାଇ ନ ଥିଲେ ମଧ୍ୟ ଆମଆଡୁ ତଦନ୍ତ ଆରମ୍ଭ ହୋଇଛି। ତେବେ ରଣପୁର ରେଞ୍ଜରେ କେତେ ବାଘ ଅଛନ୍ତି ରିପୋର୍ଟ ନ ଦେଖିଲେ କହିହେବ ନାହିଁ।

# ରୋଟର ତଳେ ଚାପି ହୋଇ ଛାତ୍ର ଗୁରୁତର

ରସୁଲପୁର,୧୩।୬(ଡି.ଏନ.ଏ.)

ରୋଟର ତଳେ ଚାପି ହୋଇ ଶନିବାର ଜଣେ ୯ମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମ ମଠସାହିର ଅର୍ଜ୍ଜୁନ ସାମଲଙ୍କ ୧୪ବର୍ଷର ପୁଅ ଆକାଶ। ଧାନ ବୁଣିବା ପାଇଁ ବାପାଙ୍କ ସହ ଆକାଶ ବିଲକୁ ଯାଇଥିଲେ। ଗାଁପାଟ ବିଲରେ ରୋଟର ସହାୟତାରେ ହଳ କରାଯାଉ ଥିଲା। ନିକଟରେ ଆକାଶ ଛିଡା ହୋଇଥିଲେ। ରୋଟର ବୁଲିବା ବେଳେ ସେ ଛିଡ଼ା ହୋଇଥିବା ସ୍ଥାନରୁ ଦୂରେଇ ଯିବାକୁ ଉଦ୍ୟମ କରି ପଡି ଯାଇଥିଲା। ଫଳରେ ସେ ରୋଟର ଲଙ୍ଗଳରେ ଗୁଡେଇ ହୋଇ ଯାଇଥିଲେ। ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କ ଜୀବନ ବଞ୍ଚିଯାଇଛି। ମାତ୍ର ତାଙ୍କର ଗୋଟିଏ ଗୋଡ ଏକପ୍ରକାର ଛିଡ଼ି ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଅନ୍ୟକ ଏକ ଗୋଡ଼ ଭାଙ୍ଗିଯାଇଛି। ଶରୀରରୁ ଅତ୍ୟଧିକ ରକ୍ତ ବୋହିବାରୁ ଛାତ୍ର ସଂଜ୍ଞାହୀନ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ଲୋକେ ଗ୍ୟାସ କଟର ସହାୟତାରେ ଲଙ୍ଗଳ ଲୁହାକୁ କାଟି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଛାତ୍ରଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ଆର୍ଥିକ ସମ୍ବଳ ନାହିଁ। ତେଣୁ ଗୁରୁତର ଛାତ୍ରଙ୍କୁ ସରକାର ଚିକିତ୍ସା ସହାୟତା ଯୋଗାଇବାକୁ ତାଙ୍କ ବାପାଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି। କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପହଞ୍ଚି ଛାତ୍ରଙ୍କୁ ଡାକ୍ତରଖାନାକୁ ନେବା ବ୍ୟବସ୍ଥା କରାଇଥିଲେ।

# ହାଇୱା ଜାଳିଦେଲେ ଯୁବକ




ଜଳୁଥିବା ହାଇୱା।

ଆଳି,୧୩।୬(ଡି.ଏନ.ଏ.)

ଶନିବାର କେନ୍ଦ୍ରାପଡା ଜିଲା ଆଳି ବଜାରରେ ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ସେ ଦୁର୍ଗା ମଣ୍ଡପ ଛକଠାରେ ପେଟ୍ରୋଲ ଢାଳି ଏକ ହାଇୱା ଜାଳି ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଳି ଥାନା ଲୋକାପଡା ଗ୍ରାମର ଶ୍ରୀଧର ପରିଡା ଚଣ୍ଡିଖୋଲରୁ ଟିପ୍ପ ବୋଝେଇ କରି ଆସୁଥିବା ଏକ ହାଇୱାକୁ ଦୁର୍ଗାମଣ୍ଡପ ଛକରେ ଅଟକାଇଥିଲେ। ପରେ ସେ ଶଟ୍‌ଡାଉନ ସମୟରେ ଗାଡି ଚଳାଇବା ପାଇଁ ଚାଳକଙ୍କୁ ଅନୁମତିପତ୍ର ମାଗିଥିଲେ। ଚାଳକ କାଗଜ ଦେଖାଇଥିଲେ ମଧ୍ୟ ସେ ତାହାକୁ ଚିରି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୦୩/୨୦) ରୁଜୁ କରିଛି।

# ୪ ଗାଁ ୯୬ ଘଣ୍ଟା ଶଟ୍‌ଡାଉନ

ନୟାଗଡ଼ ଅଫିସ/ରଣପୁର/ଖଣ୍ଡପଡ଼ା/ନୂଆଗାଁ,୧୩।୬(ସ୍ୱ.ପ୍ର./ଡି.ଏନ୍.ଏ.)

ନୟାଗଡ଼ ଜିଲାର ନୂଆଗାଁ, ଭାପୁର ଓ ରଣପୁର ବ୍ଲକ ଅଞ୍ଚଳରୁ ୭ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ଆକ୍ରାନ୍ତ ସଂଖ୍ୟା ୧୧୧ରେ ପହଞ୍ଚିଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ କହିଛନ୍ତି। ତେବେ ରଣପୁର ବ୍ଲକ ରାଜସୁନାଖଳାରେ ଶୁକ୍ରବାର ରାତିରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗୋଷ୍ଠୀ ସଂକ୍ରମଣ ଏଡାଇବା ପାଇଁ ରାଜସୁନାଖଳା ସରପଞ୍ଚ ସସ୍ମିତା ସାହୁ ୧୨ ତାରିଖ ରାତି ୧୨ଟାରୁ ୧୬ ତାରିଖ ରାତି ୧୨ ପର୍ଯ୍ୟନ୍ତ ରାଜସୁନାଖଳା, କୋଟଗଡ, ରମାବିଲ, ନୃସିଂହପୁର ଟାଙ୍ଗିସାହି ଗ୍ରାମ ସମେତ ଦୁର୍ଗାବଜାରକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ଭାପୁର ବ୍ଲକ କଇଁଫୁଲିଆ ସଙ୍ଗରୋଧ କେନ୍ଦ୍ରରୁ ୨ଜଣ, ନୂଆଗାଁ ବ୍ଲକର ବାହାଡାଖୋଲା, ମହୀପୁରର କରସିଂ, ଷଣ୍ଢମରା ଓ ସମ୍ପଡା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି।

# ଜଳିଗଲା ୨ ବଖରା, ଗାଈ ସହ ୨ ବାଛୁରୀ ଦଗ୍ଧ

ଜେନାପୁର,୧୩।୬(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଶୁକ୍ରବାର ରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର କୃଷ୍ଣ ପରିଡ଼ାଙ୍କ ୨ ବଖରା ସମେତ ଏକ ଗୁହାଳ ଜଳିଯାଇଛି। ପରିବାର ଲୋକେ କୋଠାଘରେ ଶୋଇଥିଲେ। ଚାଳଘର ଜଳୁଥିବା ପଡ଼ୋଶୀ ଦେଖି କୃଷ୍ଣଙ୍କ ପରିବାରକୁ ଡାକ ପକାଇଥିଲେ। ପରେ ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କୃଷ୍ଣଙ୍କ ପୁଅ ପ୍ରଫୁଲ୍ଲ ଆହତ ହୋଇଛନ୍ତି। ଏଥିସହିତ ଅଗ୍ନିକାଣ୍ଡରେ ଗୋଟିଏ ଗାଈ, ୨ଟି ବାଛୁରୀ ଦଗ୍ଧ ହୋଇଛନ୍ତି। ଅନ୍ୟ ଏକ ଗାଈ ଅର୍ଦ୍ଧଦଗ୍ଧ ହୋଇଛି। ସେହିପରି ୨ଟି ଟ୍ରକ୍ ଟାୟାର, ଏକ ବାଇକ୍ ଓ ଆସବାବପତ୍ର ଆଦି ଜଳିଯାଇଛି। ଶନିବାର ଆରଆଇ ସୁନୀଲ ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଏକ ଜରି ପାଲ ପ୍ରଦାନ କରିଥିଲେ। ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି।

# ୨ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ

ଖଣ୍ଡପଡ଼ା,୧୩।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଞ୍ଚଳରେ ପାଣି ପାଇପ୍‌ଲାଇନ କାର୍ଯ୍ୟକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ୨ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରାତି ପ୍ରାୟ ୨ଟାରେ ମର୍ଦ୍ଦରାଜପୁର ନୂଆସାହି ଗ୍ରାମକୁ ପାଣି ପାଇପ୍‌ଲାଇନ ସଂଯୋଗ ପାଇଁ ଗ୍ରାମବାସୀ କାମ କରୁଥିଲେ। ଏହି ସମୟରେ ବରକୋଳି ଗ୍ରାମର କେତେକ ବ୍ୟକ୍ତି ପହଞ୍ଚି ଏହାକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ। ମାତ୍ର ନୂଆସାହି ବାସିନ୍ଦା ନ ଶୁଣିବାରୁ ବରକୋଳି ଗ୍ରାମର କେତେକ ଲୋକ ପହଞ୍ଚି ସେମାନଙ୍କ ଉପରକୁ ଟେକା ପଥର ମାଡ କରିଥିଲେ। ଏଥିରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଘରର ଆଜବେଷ୍ଟସ୍ ଛପର କଣା ହୋଇଯାଇଛି। ନୂଆସାହି ବାସିନ୍ଦାଙ୍କ ପ୍ରତିଆକ୍ରମଣରେ ବରକୋଳି ଗ୍ରାମର କେତେକ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ନୂଆସାହି ବାସିନ୍ଦାଙ୍କ ଅଭିଯୋଗକ୍ରମେ ପୋଲିସ ବରକୋଳି ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା (ନଂ.୧୫୨/୨୦) ରୁଜୁ କରିଛି। ସେହିପରି ବରକୋଳି ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ନୂଆସାହିର ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା (ନଂ.୧୫୩/୨୦) ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ। ଏହାକୁ ନେଇ ଉତ୍ତେଜନା ଲାଗିରହିଥିବାରୁ ନୟାଗଡ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜଗତ୍‌ସିଂହପୁରରେ ରଜ କଟକଣା

ଜଗତ୍‌ସିଂହପୁର ଅଫିସ, ୧୩।୬

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ରଜ ପର୍ବ ଉପଲକ୍ଷେ ୩ ଦିନ କଟକଣା ଜାରି କରାଯାଇଛି। ସର୍ବସାଧାରଣ ସ୍ଥାନରେ ୭ରୁ ଊର୍ଦ୍ଧ୍ୱ ଲୋକ ଏକାଠି ହେବା ଉପରେ ରୋକ ଲାଗିଛି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ରଖାଯାଇଛି । ଏଥିରେ ବ୍ୟତିକ୍ରମ ଘଟିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭିଡିଓ ଜାରି କରିଛନ୍ତି। ଗାଁ ଗହଳିରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଏସ୍‌ପିଙ୍କୁ ଅନୁରୋଧ କରାଯାଇଥିବା ଜିଲାପାଳ କହିଛନ୍ତି।

# ମୌସୁମୀ ବର୍ଷା ସକ୍ରିୟ: ଚାଷୀଙ୍କ ପାଖରେ ବିହନ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୧୩।୬

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷା ସକ୍ରିୟ ହୋଇଛି। ଚାଷୀ କ୍ଷେତରେ ତିନିଓଡ଼ ହଳ କରି ବିହନ ଅପେକ୍ଷାରେ ଅଛି। କେତେକ ଚାଷୀ ବାହାର ବ୍ୟବସାୟୀଙ୍କ ନିକଟରୁ ଧାନ, ନଳିତା, ଧଣିଚା ଆଦି ବିହନ କିଣୁଥିବା ବେଳେ କେତେକ ଚାଷୀଙ୍କୁ ପାରମ୍ପରିକ ବିହନ ଉପରେ ନିର୍ଭର କରିବାକୁ ପଡୁଛି। ଅକ୍ଷୟ ତୃତୀୟା ପୂର୍ବରୁ ବିହନ ଯୋଗାଣ ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ହେଲେ ଅଦ୍ୟାବଧି ଡିଲର ପଏଣ୍ଟରେ ବିହନ ପହଞ୍ଚିପାରି ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। କଂସାର ଗ୍ରାମର ଚାଷୀ ନିତ୍ୟାନନ୍ଦ ସ୍ୱାଇଁ କୁହନ୍ତି, ସରକାରୀ ବିହନ କୁଇଣ୍ଟାଲ ପିଛା ୨୫୨୨ ଟଙ୍କା ହୋଇଥିବା ବେଳେ ଏଥିରେ ସବ୍‌ସିଡି ଅଛି। ଏଥିସହ ପିଣ୍ଡ ବିହନକୁ ବିଶୁଦ୍ଧୀକରଣ କରାଯାଉଥିବାରୁ ଶତପ୍ରତିଶତ ଗଛ ଉଧେଇବା ଆଶା ରଖାଯାଇଥାଏ। ତେଣୁ ବ୍ୟବସାୟୀଙ୍କ ନିକଟରୁ ୩୦୦୦ରୁ ୩୨୦୦ ଟଙ୍କାରେ କିଣିବାକୁ ପଡୁଛି । ଚଳିତ ବର୍ଷ ସେ ୨୩ ଏକର ଜମିରେ ଚାଷ କରିବେ ବୋଲି ପ୍ରକାଶ କରିଛନ୍ତି। ପକ୍ଷୋଟ ଗ୍ରାମର ଚାଷୀ ଉମାକାନ୍ତ ସାହୁ କୁହନ୍ତି, ରାଜ୍ୟ ସରକାରଙ୍କ ବିହନ ଯୋଗାଣ ପ୍ରଣାଳୀ ଚାଷୀଙ୍କ ପାଇଁ କାଳ ହୋଇଛି। ଉପଯୁକ୍ତ ସମୟ ଓ ପରିମାଣର ବିହନ ପ୍ୟାକ୍ସରେ ପହଞ୍ଚି ନ ଥିବା ବେଳେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ନିଜର ଜମି ନ ଥିବାରୁ ସେ ଭାଗ ଚାଷ କରୁଥିବା ବେଳେ ଚାଷ ପାଇଁ ଜମି କାଗଜ ଏବେ କାଳ ହୋଇଛି। କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, କେନ୍ଦ୍ରାପଡା ଜିଲାର ଅର୍ଥନୈତିକ ବିକାଶ କୃଷି ଭିତ୍ତିକ। ଏଠାରେ କୃଷି ପାଇଁ ଭିତ୍ତିଭୂମି ଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଚାଷୀ ଉପଯୁକ୍ତ ସମୟରେ ବିହନ ପାଉ ନାହାନ୍ତି । ଜଳ ପରିଚାଳନା, ଉନ୍ନତ କୃଷି ତାଲିମ, ସରକାରୀ ପ୍ରୋତ୍ସାହନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିପୂରଣ ଆଦିକୁ ଉପେକ୍ଷା କରାଯାଉଛି। ସାମୁଦ୍ରିକ ଝଡ ଅମ୍ଫନ୍ କ୍ଷତି ଆକଳନ ସରି ନ ଥିବା ବେଳେ ଗତବର୍ଷ ମେ ମାସରେ ହୋଇଥିବା ଫନୀ ବାତ୍ୟାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳି ନାହିଁ। ତୁରନ୍ତ ଖରିଫ ଧାନ, ନଳିତା, ଧଣିଚା ବିହନ, ସାର, କୀଟନାଶକ ଆଦି ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଅଶୋକ କୁମାର ମହାସୁଆର କୁହନ୍ତି, ଚଳିତ ବର୍ଷ ୧୫ ହଜାର କୁଇଣ୍ଟାଲ ଖରିଫ ଧାନ ବିହନ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ଜିଲାକୁ ୭ ହଜାର କୁଇଣ୍ଟାଲ ବିହନ ଆସିଛି। ବିଭିନ୍ନ ବିହନ ବିକ୍ରୟ କେନ୍ଦ୍ରରେ ପହଞ୍ଚିବା ପାଇଁ ଚିହ୍ନଟ ସମିତିକୁ ଏ ନେଇ ଜଣାଇ ଦିଆଯାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ସମସ୍ତ ବିକ୍ରୟ କେନ୍ଦ୍ରରେ ଧାନ ବିହନ ସହିତ ରାସାୟନିକ ସାର ଓ ଔଷଧ ପହଞ୍ଚିବ।

# କ୍ୟାବିନରେ ରହୁଥିବା ବୃଦ୍ଧାଙ୍କୁ ମିଳିଲା ସହାୟତା



କଳିଙ୍ଗ ଯୁବକ ସଂଘ ପକ୍ଷରୁ ବୃଦ୍ଧାଙ୍କ ଭଙ୍ଗା କ୍ୟାବିନରେ ପାଲ ପକାଯାଉଛି।

ରସୁଲପୁର,୧୩।୬(ଡି.ଏନ.ଏ.)

**'ଧରିତ୍ରୀ' ପ୍ରଭାବ**

ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତର ୨୦ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୁରୁସାହିର ଏକ କ୍ୟାବିନରେ ୧୮ବର୍ଷ ଧରି ଜୀବନ ବିତାଉଥିବା ଜାନକୀ ଦାସ(୮୨)ଙ୍କ ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଶନିବାର ଏହି ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ଯୁବକ ସଂଘ ପକ୍ଷରୁ ବୃଦ୍ଧାଙ୍କୁ ସହାୟତା କରାଯାଇଛି। ସଂଘ ପକ୍ଷରୁ ବୃଦ୍ଧାଙ୍କ ଭଙ୍ଗା କ୍ୟାବିନକୁ ପଲିଥିନରେ ଘୋଡାଇ ଦିଆଯାଇଛି। ଏଥିସହ ତାଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଛି। ଉକ୍ତ କାର୍ଯ୍ୟକୁ କ୍ଲବ ସଭାପତି ଶିଶିର ପଣ୍ଡା ଓ ତାଙ୍କ ସାଥୀ ପରିଚାଳନା କରିଥିଲେ। ମାସୁମ୍ ଗ୍ରୁପ୍ ଅଧ୍ୟକ୍ଷ ମଣ୍ଟୁ ଦାସ ପହଞ୍ଚି ବୃଦ୍ଧାଙ୍କ ସ୍ଥିତି ସମ୍ପର୍କରେ ଜିଲା ସାମାଜିକ ନିରାପତ୍ତା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ଏକ ପତ୍ର ଜରିଆରେ ଅବହେଳିତ ବୃଦ୍ଧାଙ୍କୁ ଥଇଥାନ କରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମଙ୍ଗଳପୁର ଥାନା ଅଧୀନ ଦୁହୁଡି ସାହିର ଜାନକୀଙ୍କୁ ପୁଅ ବୋହୂ ଘରୁ ତଡ଼ିଦେଲା ପରେ ସେ ଆସି ଏଠାରେ ଏକ କ୍ୟାବିନରେ ମୁଣ୍ଡ ଗୁଞ୍ଜିଛନ୍ତି। ଖାଇବା ପିଇବା କଥା ସମ୍ପର୍କୀୟା ଝିଆରୀ ବୁଝୁଛନ୍ତି।

# ରାସ୍ତା ପାର୍ଶ୍ୱରୁ ମୃତଦେହ ଉଦ୍ଧାର

ଜଗତ୍‌ସିଂହପୁର ଅଫିସ, ୧୩।୬

ଜଗତ୍‌ସିଂହପୁର ଥାନା ସେକ୍‌ପାଟଣା ନିକଟ ରାସ୍ତା ପାର୍ଶ୍ୱରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ସେ ହେଲେ ବୋରିକିନା କାଠିକୋଲର ସଲମ ଅଲି ଖାଁ। ଏ ସମ୍ପର୍କରେ ତରିକୁନ୍ଦର ରିଜୱାନ ଅଲି ଖାଁ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୭୪/୨୦ ) ରୁଜୁ କରିଛି। ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ହତ୍ୟା କି ଦୁର୍ଘଟଣାଜନିତ ମୃତ୍ୟୁ ସ୍ପଷ୍ଟ ହୋଇନାହିଁ। ମାତ୍ର ସଲମଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ନେଇ ପରିବାର ଅଭିଯୋଗ କରିଛନ୍ତି । ପ୍ରାଥମିକ ତଦନ୍ତ ଅନୁସାରେ, ୮ବର୍ଷ ପୂର୍ବେ ତରିକୁନ୍ଦସ୍ଥିତ ନୂଆଦାରେ ସଲମ ବିବାହ କରିଥିଲେ। ପରେ ସେ ତାଙ୍କ ଶାଳକଙ୍କ ସହ ହାଇଦ୍ରାବାଦ ଯାଇ କାମ କରୁଥିଲେ। ଏହି ସମୟରେ ସ୍ତ୍ରୀ ବାପଘରକୁ ଫେରିଯାଇଥିଲେ। କିଛି ଦିନ ପୂର୍ବରୁ ହାଇଦ୍ରାବାଦରୁ ଫେରି ଶଶୁର ଘରକୁ ଯାଇଥିଲେ। ଶୁକ୍ରବାର ରାତିରେ ସେ ମୋବାଇଲ ସଜାଡ଼ିବାକୁ ନୂଆପୋଲ ବଜାରକୁ ଯାଇ ଆଉ ଫେରି ନଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ମିଶ୍ର କହିଛନ୍ତି।

# ଜିଲାପାଳଙ୍କ ଅନୁରୋଧକୁ ଏମ୍‌ଏମ୍‌ଟିସିର ଅଗ୍ରାହ୍ୟ

ଯାଜପୁର ଅଫିସ,୧୩।୬

**ନୀଳାଚଳ କର୍ମଚାରୀ, ଶ୍ରମିକଙ୍କୁ ଦରମା ପ୍ରଦାନ ପ୍ରସଙ୍ଗ**

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍)ର କର୍ମଚାରୀ ଓ ଶ୍ରମିକଙ୍କୁ ୧ ମାସର ଦରମା ପ୍ରଦାନ ଏବଂ କାରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ କମ୍ପାନୀର ମୁଖ୍ୟ ଅଂଶୀଦାର ଏମ୍‌ଏମ୍‌ଟିସି(ମେଟାଲ ଆଣ୍ଡ ମିନେରାଲ୍‌ସ ଟ୍ରେଡିଂ କର୍ପୋରେଶନ)କୁ ଅନୁରୋଧ କରିଥିଲେ। ତାହାକୁ ଏମ୍‌ଏମ୍‌ଟିସି ଶୁକ୍ରବାର ଅଗ୍ରାହ୍ୟ କରିଦେଇଛି। ଏନେଇ ଏମ୍‌ଏମ୍‌ଟିସି ସିଜିଏମ୍ ଅଶ୍ୱିନୀ କପୁର ପତ୍ର ଜରିଆରେ ଜିଲାପାଳଙ୍କୁ ଜଣାଇ ଦେଇଛନ୍ତି। ପତ୍ରରେ ସିଜିଏମ୍ କପୁର ଦର୍ଶାଇଛନ୍ତି ଯେ, କର୍ମଚାରୀମାନଙ୍କୁ ଦରମା ଦେବାର ଦାୟିତ୍ୱ ଏନ୍‌ଆଇଏନ୍‌ଏଲର। ତେଣୁ ଏନ୍‌ଆଇଏନ୍‌ଏଲ ତା'ର ନିଜ ଦାୟିତ୍ୱରୁ ପଛେଇବା ଉଚିତ ନୁହେଁ। ଏନ୍‌ଆଇଏନ୍‌ଏଲରେ ୨୦୧୯ ଜୁଲାଇରୁ ଉତ୍ପାଦନ ବନ୍ଦ ହେଲାଣି ଏବଂ ୨୦୨୦ ଏପ୍ରିଲ ପ୍ରଥମରୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ ହୋଇସାରିଛି। ଏଥିପାଇଁ ଏନ୍‌ଆଇଏନ୍‌ଏଲକୁ ଠିକା ଶ୍ରମିକ ନିୟୋଜନ ସଂଖ୍ୟା କମାଇବା ଓ ଖର୍ଚ୍ଚ କାଟ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ମାନିନାହାନ୍ତି। ତେଣୁ ବର୍ତ୍ତମାନ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏମ୍‌ଏମ୍‌ଟିସି ଆଇନଗତ ଭାବେ ଏନ୍‌ଆଇଏନ୍‌ଏଲଠାରୁ ସମ୍ପୂର୍ଣ୍ଣ ଅଲଗା। ତେଣୁ କର୍ମଚାରୀମାନଙ୍କ ଦରମା ଏମ୍‌ଏମ୍‌ଟିସି ଦେବାକୁ ବାଧ୍ୟ ନୁହେଁ। ଅନ୍ୟପକ୍ଷରେ ୨୦୧୮-୧୯ ଅଡିଟ ରିପୋର୍ଟ ଅନୁସାରେ ଏମ୍‌ଏମ୍‌ଟିସିକୁ ଏନ୍‌ଆଇଏନ୍‌ଏଲ ପ୍ରାୟ ୨୫୯୨ କୋଟି ଟଙ୍କା ଫେରାଇବା କଥା। ତେଣୁ ଏହି ସବୁକୁ ଦୃଷ୍ଟିରେ ରଖି ଏମ୍‌ଏମ୍‌ଟିସି କୌଣସି ପ୍ରକାରେ କର୍ମଚାରୀମାନଙ୍କ ଦରମା ଦେଇପାରିବ ନାହିଁ ବୋଲି ଜିଲାପାଳଙ୍କୁ ସୂଚିତ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଦରମା ପ୍ରଦାନ ଏବଂ କମ୍ପାନୀ କାର୍ଯ୍ୟକ୍ଷମ କରିବାକୁ ଏନ୍‌ଆଇଏନ୍‌ଏଲର ଶ୍ରମିକ ଓ କର୍ମଚାରୀମାନେ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇ ଆସିଛନ୍ତି। ଏହାକୁ ପ୍ରଶମିତ କରିବାକୁ ଯାଇ ଗତ ୯ ତାରିଖରେ ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ଏନ୍‌ଆଇଏନ୍‌ଏଲ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, କାରଖାନା କର୍ମଚାରୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ରଜ ପୂର୍ବରୁ ୧ ମାସର ଦରମା ଓ କାରଖାନାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଏମ୍‌ଏମ୍‌ଟିସିକୁ ଜିଲାପାଳ ଅନୁରୋଧ କରିଥିଲେ। କିନ୍ତୁ ଏହିସବୁ ଉଦ୍ୟମ ଫସର ଫାଟିଛି।

# ସରିପାରୁନି ବରୀ-ବିଞ୍ଝାରପୁର ରାସ୍ତା କାର୍ଯ୍ୟ

ବରୀ,୧୩।୬(ସ୍ୱ.ପ୍ର.)

**ବରୀ ବ୍ଲକ**
■୧୮ ବର୍ଷରେ ଖର୍ଚ୍ଚ ହେଲାଣି ୧୫ କୋଟି
■ଲୋକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
■ଶୀଘ୍ର କାମ ସାରିବାକୁ ଦାବି

ଯାଜପୁର ଜିଲାର ବରୀ ବ୍ଲକ ସହିତ ବିଞ୍ଝାରପୁର ବ୍ଲକକୁ ସଂଯୋଗୀକରଣ ପାଇଁ ୧୮ ବର୍ଷ ହେଲା ଏକ ରାସ୍ତା ନିର୍ମାଣ ଚାଲିଛି। ହେଲେ ତାହା ଏପର୍ଯ୍ୟନ୍ତ ସରି ପାରୁନାହିଁ। ରାସ୍ତା ପାଇଁ ଏହାରି ମଧ୍ୟରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ତେବେ କାର୍ଯ୍ୟ ସରି ପାରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ରାସ୍ତା ସମ୍ପୂର୍ଣ୍ଣ କେବେ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାର ରତଳାଙ୍ଗ ଗ୍ରାମ ନିକଟ ଚିଙ୍ଗୁଡିଆ ନାଳରେ ପୋଲ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ଯାତାୟାତ କରୁଛନ୍ତି। ଏହି ବାଟ ଦେଇ ଦୈନିକ ଶହଶହ ବାଇକ ଆରୋହୀ ବିପଦପୂର୍ଣ୍ଣଭାବେ ଯାତାୟାତ କରୁଛନ୍ତି। ବାଲୁଙ୍ଗା ପାଟିଆ ନଦୀରେ ପୋଲ ନିର୍ମାଣ ସରିଥିଲାବେଳେ ସଂଯୋଗୀକରଣ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ଏହି ପୋଲ ନିକଟରେ ସଂଯୋଗୀକରଣ ରାସ୍ତା ନ ଥିବାରୁ ଦୈନିକ ଛୋଟମୋଟ ଦୁର୍ଘଟଣା ଘଟୁଛି। ତେଣୁ ଶୀଘ୍ର ଏହି ରାସ୍ତା ଓ ପୋଲ କାମ ସାରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି।



ଚିଙ୍ଗୁଡିଆ ନାଳରେ ପୋଲ ନିର୍ମାଣ ସରି ନ ଥିବାରୁ ଲୋକେ ବାଉଁଶ ପୋଲରେ ଯାତାୟାତ କରୁଛନ୍ତି।

ସୂଚନା ଅନୁସାରେ, ବରୀ-ବିଞ୍ଝାରପୁର ରାସ୍ତା ନିର୍ମାଣ ପାଇଁ ୧୯୯୨ରେ ନକ୍ସା ପ୍ରସ୍ତୁତ କରାଯାଇଥିଲା। ୨୦୦୨ରୁ କାମ ଆରମ୍ଭ ହୋଇଥିଲା। ବରୀରୁ ବିଞ୍ଝାରପୁର ମାତ୍ର ୧୦ କି.ମି. ରାସ୍ତା ନିର୍ମାଣ ଚାଲିଥିଲାବେଳେ ୫ଟି ଛୋଟ ବଡ଼ ପୋଲ ନିର୍ମାଣ ସରିଛି। ଚିଙ୍ଗୁଡିଆ ନାଳରେ ନିର୍ମାଣାଧୀନ ପୋଲ ଅଧାପନ୍ତରିଆ ହୋଇ ରହିଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ରାସ୍ତା ନିର୍ମାଣ ପାଇଁ ପୃଥକ୍ ଭବେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ନାବାର୍ଡ ଜରିଆରେ କୋଟି କୋଟି ଟଙ୍କା ଆସିଥିଲାବେଳେ ଠିକାଦାର, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟମାନେ ମିଳିମିଶି ଲୁଟୁଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ହେଲେ ବିଭାଗୀୟ ଅଧିକାରୀ ତଦନ୍ତ କରି ରିପୋର୍ଟକୁ ନାଲି ଫିତା ତଳେ ବାନ୍ଧି ରଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣରେ ଜମି ଅଧିଗ୍ରହଣକୁ ନେଇ ବିଭିନ୍ନ ସମୟରେ ବିବାଦ ଦେଖାଦେଇଛି। ଲୋକେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏହି ରାସ୍ତା ନିର୍ମାଣ ହୋଇ କେତେକ ସ୍ଥାନରେ ମରାମତି ମଧ୍ୟ ହୋଇଥିବା ଜଣାପଡ଼ିଛି। ଉଦୟନାଥପୁର ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଢଳେଇ ରାସ୍ତା କରାଯାଇଛି। ଏହି ରାସ୍ତା ବରୀ-ବିଞ୍ଝାରପୁର ରାସ୍ତା ଯୋଜନାରେ ଆସିଥିବାରୁ ଠିକାଦାରଙ୍କ ବିଲ ବନ୍ଦ ରହିଥିବା ସୂଚନା ମିଳିଛି। ପ୍ରତି ବର୍ଷ ବରୀ-ବିଞ୍ଝାରପୁର ରାସ୍ତା ନାଁରେ ଅର୍ଥ ଆସୁଛି। ତେବେ ଯନ୍ତ୍ରୀ, ଠିକାଦାରଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ରାସ୍ତା ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ଯନ୍ତ୍ରୀ ପ୍ରକାଶ ବଳଙ୍କୁ ପଚାରିବାରୁ ସେ କହିଛନ୍ତି, ବରୀ- ବିଞ୍ଝାରପୁର ରାସ୍ତା କାମ ତ୍ୱରାନ୍ୱିତ ହେଉଛି। ଖୁବ୍‌ଶୀଘ୍ର ଏହା ଶେଷ ହେବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ ଶେଷ ହେଉଛି।

## ସଂକ୍ଷେପରେ

### କାଠ ବୋଝେଇ ପିକ୍ଅପ୍ ଜବତ, ଚାଳକ ଗିରଫ



**ବଡ଼ବିଲ, ୧୩।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ବନବିଭାଗ ଶୁକ୍ରବାର ରାତିରେ ଏନ୍ଏଚ୍ ୫୨୦ଦେଇ ଚୋରା ଚାଲାଣ ହେଉଥିବା ୧୫ଖଣ୍ଡ ପିଆଶାଳ କାଠ ଗଣ୍ଡି ବୋଝେଇ ପିକଅପକୁ ଗୁଆଲି ନିକଟରୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚମ୍ପୁଆ ଅଞ୍ଚଳର ଏମ୍‌ଡ଼ି ଇଶାକ। ଏକ ପିକଅପ୍‌ରେ ସୁନ୍ଦରଗଡ଼ ଜିଲା କୋଇଡ଼ାରୁ ପିଆଶାଳ କାଠଗଣ୍ଡି ବୋଝେଇ କରି ଝାଡ଼ଖଣ୍ଡ ରାଜ୍ୟ ମଝିଗାଁକୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରାଚାଲାଣ ହେଉଥିଲା। ବଡ଼ବିଲ ବନବିଭାଗ ଏନଏଚ ୫୨୦ର ଗୁଆଲି ନିକଟରେ ଏକ ପିକଅପ୍(ନଂ.ଜେ ଏଚ ୦୫ ସି ଏମ ୮୪୧୦) କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ବନ ବିଭାଗର ସୂଚନା ଅନୁଯାୟୀ ଜବତ ହୋଇଥିବା ୧୫ ଖଣ୍ଡ ପିଆଶାଳ କାଠ ଗଣ୍ଡି (୬୧ ସିଏଫଟି) ର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ।

### ୧୦୦ ଫୁଟ ତଳକୁ ଖସିଲା ଟ୍ରେଲର, ୨ ଗୁରୁତର

**କେନ୍ଦୁଝର, ୧୩।୬(ସ୍ୱ.ପ୍ର.):** ନରଣପୁରରୁ ହରିଚନ୍ଦନପୁର ଦେଇ ଡୁବୁରୀ ଯାଇଥିବା ରାସ୍ତାର କୁଆଝରଣ ଘାଟିରେ ଭାରସାମ୍ୟ ହରାଇ ଏକ ଟ୍ରେଲର ଦୁର୍ଘଟଣା ଗ୍ରସ୍ତ ହୋଇ ଘାଟି ତଳକୁ ଖସିବା ଫଳରେ ଚାଳକଙ୍କ ସହ ଜଣେ ମେସିନ ଅପରେଟର ଗୁରୁତର ଆହତ ହୋଇଥିବା ଜଣାପଡିଛି। ହିଟାଚି ମେସିନ ବୋହି ଉକ୍ତ ଟ୍ରେଲରଟି କେନ୍ଦୁଝରରୁ ଭୁବନେଶ୍ୱରକୁ ଯାଉଥିବା ବେଳେ ଶନିବାର ଅପରାହ୍ଣରେ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ୧୦୦ଫୁଟ ତଳକୁ ଖସି ଯାଇଥିଲା। ଘଟଣା ଘଟିବା ପରେ ଉକ୍ତ ରାସ୍ତା ଦେଇ ଆସୁଥିବା ଲୋକମାନେ ଖବର ଦେବା ପରେ ହରିଚନ୍ଦନପୁର ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଟ୍ରେଲର ଚାଳକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଅଣ ଓଡ଼ିଆ ବୋଲି ଜଣାପଡ଼ିଛି । ଘଟଣାର ଖବର ପାଇ ହରିଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଦୁଇ ପଞ୍ଚାୟତ ଶଟ୍‌ଡାଉନ

**ଖୁଣ୍ଟା, ୧୩।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକରେ ପ୍ରଥମ ଥର ପାଇଁ ବଡଫେଣି ଓ ଡୁକୁରା ପଞ୍ଚାୟତରେ ଦୁଇଜଣ କରୋନା ରୋଗୀ ଚିହ୍ନଟ ହେବା ପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବଡଫେଣି ପଞ୍ଚାୟତର ସରପଞ୍ଚ ଶ୍ରୀନିବାସ ନାଏକ ପଞ୍ଚାୟତ ଅଧିନ ବଡ଼ଫେଣି, ରତ୍ନାସାହି ଓ ଡାହିସାହି ଗ୍ରାମକୁ ଶନିବାରଠାରୁ ୭ଦିନ ଶଟଡାଉନ ଘୋଷଣା କରିଛନ୍ତି। ଡୁକୁରା ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାଏକ ଡୁକୁରା, ଚୁନଡିହା ଓ ଅଙ୍ଗାରକୁଣ୍ଡିଆ ଗ୍ରାମକୁ ଶନିବାର ସକାଳଠାରୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବଡଫେଣି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ସ୍ୱାବ ରିପୋର୍ଟ ପଜିଟିଭ ଥିବା ଶୁକ୍ରବାର ଜଣାପଡିବା ପରେ ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚି ତାଙ୍କୁ ବାରିପଦାସ୍ଥିତ କୋଭିଡ ହସ୍ପିଟାଲକୁ ପଠାଇଛନ୍ତି। ତାଙ୍କ ପରିବାରକୁ ହୋମ କ୍ୱାରାଣ୍ଟାଇନ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଡୁକୁରା ପଞ୍ଚାୟତର ଜଣେ ୧୨ବର୍ଷୀୟ ବାଳକ କରୋନା ପଜିଟିଭ ଜଣାପଡିବା ପରେ ତାଙ୍କୁ କୋଭିଡ ହସ୍ପିଟାଲକୁ ପଠାଯାଇଛି ।

### ଜିଲାପାଳଙ୍କ ଆବସିକ କାର୍ଯ୍ୟାଳୟରୁ ସାପ ଉଦ୍ଧାର

**ବାରିପଦା ଅଫିସ, ୧୩।୬:** ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଆବାସିକ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ସନ୍ଧ୍ୟାରେ ଏକ ବିରଳ ତମ୍ବାମୁଣ୍ଡିଆ ଟ୍ରିଙ୍କେଟ ପ୍ରଜାତିର ବିରାଟକାୟ ସାପ ଉଦ୍ଧାର କରାଯାଇଛି। ସନ୍ଧ୍ୟାରେ କର୍ମଚାରୀମାନେ କାର୍ଯ୍ୟାଳୟରେ ସାପକୁ ଦେଖି ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। କିଛି ସମୟ ପରେ ସାପ ଧରାଳି କୃଷ୍ଣଚନ୍ଦ୍ର ଗୋଚ୍ଛାୟତ ଆସି ସାପକୁ ଉଦ୍ଧାର କରିଥିଲେ।

# ତଥାପି ମଉଳିନି ଆଶା

(ପ୍ରଦୀପ ଦାସ)
**ଭୋଗରାଇ, ୧୩।୬**

- ସବୁ ସ୍ୱପ୍ନ ଧୂଳିସାତ୍ କରିଦେଲା 'ଅମ୍ଫନ'
- କଠିନ ପରିଶ୍ରମ କରି ଆଗକୁ ବଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ଦୁଇବନ୍ଧୁ

ଚାକିରି ପଛରେ ନ ଧାଇଁ ଆତ୍ମନିର୍ଭରଶୀଳ ହେବାକୁ ସ୍ୱପ୍ନ ଦେଖିଥିଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହରିପୁର ଗ୍ରାମର ପ୍ରଶାନ୍ତ ତ୍ରିପାଠୀ ଓ ବାଟଗ୍ରାମ ଗ୍ରାମର ଆଲୋକ ସାହୁ। ସେମାନେ ଦୁଇ ବନ୍ଧୁ। ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସାଙ୍ଗ ହୋଇ ବିଏ ପଢୁଥିଲେ। ପାଠ ପଢିବା ବେଳରୁ ୨ଜଣ ସଫଳ ଚାଷୀ ହେବା ଲାଗି ମନୋବଳ ଦୃଢ଼ କରିଥିଲେ। ବିଏ ପାସ୍ କରିବା ପରେ ଉନ୍ନତ ପ୍ରଣାଳୀରେ ଅମୃତଭଣ୍ଡା ଚାଷ କରି ଆତ୍ମନିର୍ଭରଶୀଳ ହେବା ସହ ବାଲେଶ୍ୱର ଜିଲାରେ ଭଲ ଚାଷୀ ହେବାକୁ ଲକ୍ଷ୍ୟ ରଖିଥିଲେ। ସେହି ଅନୁସାରେ କାମ ମଧ୍ୟ ଆରମ୍ଭ କରିଥିଲେ। ହେଲେ ଅମ୍ଫନ ବାତ୍ୟା ସେମାନଙ୍କ ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଲା। ତଥାପି ଯୁବକଦ୍ୱୟ ଆଶା ଛାଡ଼ିନାହାନ୍ତି। ସେମାନେ କୁହନ୍ତି ବିକଳ୍ପ ଚାଷ କରିବୁ। କଠିନ ପରିଶ୍ରମ କରିବୁ। ଆଗକୁ ବଢ଼ିବୁ।



ଅମୃତଭଣ୍ଡା ବଗିଚାରେ ପ୍ରଶାନ୍ତ ଓ ଆଲୋକ।

ପ୍ରଶାନ୍ତ ଓ ଆଲୋକ ପ୍ରଥମେ କୁକୁଡ଼ିଆ ଗ୍ରାମର ବଳରାମ କରଙ୍କ ବଗିଚାକୁ ବର୍ଷକୁ ୨୦ହଜାର ଟଙ୍କାରେ ଲିଜ୍ ସୂତ୍ରରେ ନେଇଥିଲେ। ଭୁବନେଶ୍ୱର ଏକ ନର୍ସରୀରୁ ଉନ୍ନତ କିସମର ଅମୃତଭଣ୍ଡା ଚାରା ଗୋଟାକୁ ୨୫ଟଙ୍କା ଦାମ୍‌ରେ କିଣି ୧ ଏକର ଚାଷ କରିଥିଲେ। ଗୋଟିଏ ଗଛରେ ଏକ କୁଇଣ୍ଟାଲ ଫଳ ଅମଳ ହେବାର ନର୍ସରୀ ବିଶେଷଜ୍ଞମାନେ ପ୍ରତିଶ୍ରୁତି ଦେବା ପରେ ଦୁଇବନ୍ଧୁଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ୯ଶହ ଚାରାରୋପଣରେ ତାଙ୍କର ୧ଲକ୍ଷ ୩୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ତିନିମାସରେ ଭଲ ଗଛ ହୋଇ ଫଳ ଧରିବା ଆରମ୍ଭ କରିଥିଲା। କିନ୍ତୁ 'ଅମ୍ଫନ' ବାତ୍ୟା ଯୁବକଦ୍ୱୟଙ୍କ ଆଶାକୁ ମାଟିରେ ମିଶାଇ ଦେଲା। ଅମୃତଭଣ୍ଡା ଗଛଗୁଡ଼ିକ ଭାଙ୍ଗିଯାଇଥିବା ବେଳେ ହଠାତ୍ ପତ୍ରପୋଡ଼ାଜନିତ ରୋଗ ହୋଇ ଫଳନ୍ତି ଗଛଗୁଡ଼ିକ ଝାଉଁଳି ମରିଯାଉଛି। ସେମାନେ ନର୍ସରୀ ଓ ଉଦ୍ୟାନ ବିଭାଗର ପରାମର୍ଶ ଓ ପରୀକ୍ଷା ପାଇଁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଭୋଗରାଇ ଉଦ୍ୟାନ କୃଷି ବିଭାଗକୁ ଦୁଇ ଯୁବକ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ କରି ନୟାନ୍ତ ହୋଇପଡିଲେଣି। ଏହି ବିଭାଗ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହୋଇଛି। ମୃତ୍ତିକା ପରୀକ୍ଷା କିମ୍ବା କେଉଁ ରୋଗ କାରଣରୁ ଏପରି ହେଉଛି ତାହା ସ୍ପଷ୍ଟ ଜାଣିବାକୁ ଚହିଁବାରୁ ବିଭାଗୀୟ କର୍ମଚାରୀ କିଛି କହିପାରିବେନି ବୋଲି କହିଛନ୍ତି। ଏନେଇ ଦୁଇ ଯୁବକ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ଅନନ୍ତ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।





ମା' ଭୂଧାରଚଣ୍ଡୀଙ୍କ ପୀଠ।

# ଫିକା ପଡ଼ିଲା ଭୂଧାରଚଣ୍ଡୀଙ୍କ ପୀଠରେ ରଜ

**ସଜନାଗଡ଼, ୧୩।୬(ଡି.ଏନ.ଏ.)**

**ବିନା ଭକ୍ତରେ ଅନୁଷ୍ଠିତ ହେବ ନିଆଁପାଟ, ଉଡ଼ା ପର୍ବ**

ବାଲେଶ୍ୱର ଜିଲା ନୀଳଗିରି ବଜାରଠାରୁ ୫ କି.ମି. ଦୂର ସଜନାଗଡ଼ ଗ୍ରାମର ଆମ୍ରକୁଞ୍ଜ ମଧ୍ୟରେ ପ୍ରତିଷ୍ଠିତ ଦେବୀ ମା' ଭୂଧାର ଚଣ୍ଡୀଙ୍କ ପୀଠରେ କାହିଁ କେଉଁ ଆବହମାନ କାଳରୁ ରଜ ସଂକ୍ରାନ୍ତିରେ ଉଡ଼ା ଯାତ୍ରା ପାଳିତ ହୋଇଆସୁଛି। ଏହି ଉଡ଼ା ପର୍ବ ଲାଗି ଜୁନ୍ ୯ତାରିଖରୁ ପ୍ରସ୍ତୁତି ଆରମ୍ଭ ହୋଇ ୧୪ତାରିଖରେ ନିଆଁପାଟ, ୧୫ତାରିଖ ରାତିରେ ଆରମ୍ଭ ହୋଇଥାଏ ଉଡ଼ା ପର୍ବ। ଏଥିରେ ନୀଳଗିରି ବ୍ଲକ ସମେତ ମୟୂରଭଞ୍ଜ ଜିଲାର ହଜାର ହଜାର ଭକ୍ତ ମା'ଙ୍କ ପୀଠପ୍ରାଙ୍ଗଣକୁ ବୁଲି ଆସିଥାନ୍ତି। କିନ୍ତୁ କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ଏହି ପାରମ୍ପରିକ ଉତ୍ସବ ସମ୍ପୂର୍ଣ୍ଣ ଫିକା ପଡ଼ିଛି। ଏତଦ୍‌ବ୍ୟତୀତ ଲକ୍‌ଡାଉନ୍ ଯୋଗୁ ଲୋକଙ୍କର ରୋଜଗାର ନାହିଁ। ତେଣୁ ଇଚ୍ଛା ଥିଲେ ବି ଲୋକେ ଏଥର ରଜପର୍ବକୁ ପାଳନ କରିପାରୁନାହାନ୍ତି। ପ୍ରଶାସନ ପକ୍ଷରୁ ସଜନାଗଡ଼ ଉଡ଼ା କମିଟିକୁ ବିନା ଶ୍ରଦ୍ଧାଳୁରେ କେବଳ ରୀତିନୀତି ଅନୁଯାୟୀ ସାମାଜିକ ଦୂରତ୍ୱ ମଧ୍ୟରେ ପାଳନ କରିବାକୁ କୁହାଯାଇଛି। ତେଣୁ ବିନା ଶ୍ରଦ୍ଧାଳୁରେ ମା'ଙ୍କ ନୀତିକାନ୍ତି ହେବ।

# କାଳିଆବେଡ଼ାରେ ପଶିଲେ ହାତୀପଲ



- ଉଜାଡିଲେ ଫସଲ
- ଲୋକେ ଭୟଭୀତ

**କେନ୍ଦୁଝର, ୧୩।୬(ଡି.ଏନ.ଏ./ସ୍ୱ/ପ୍ର.):** କିଛିଦିନର ବ୍ୟବଧାନ ପରେ କେନ୍ଦୁଝର ଜିଲାରେ ପୁଣି ହାତୀପଲ ଉପଦ୍ରବ ଚଳାଇଛନ୍ତି। ଶନିବାର ସକାଳୁ ହାତୀପଲ ସଦର ରେଞ୍ଜ ଅନ୍ତର୍ଗତ କାଳିଆବେଡା ଗ୍ରାମ ମଧ୍ୟକୁ ପଶି ଆସିଥିଲେ। ଏହି ପଲରେ ୮ଟି ହାତୀ ରହିଛନ୍ତି। ଦୁଇଟିଦନ୍ତା ହାତୀ ସହ ୩ଛୁଆ ହାତୀ ଏବଂ ତିନିବୟସ୍କ ହାତୀ ଅଛନ୍ତି । ଦେଓବନ୍ଧ ଅଞ୍ଚଳରୁ ଆସି ଏହି ହାତୀପଲ ପ୍ରଥମେ ଖଡିଆଡିହା ଗାଁ ଭିତରେ ପଶି ଚାଷୀଙ୍କର ବ୍ୟାପକ ପରିମାଣର ପନିପରିବା ନଷ୍ଟ କରିବା ପରେ କାଳିଆବେଡା ଗାଁ ଭିତରକୁ ପଶିଥିଲେ। ସ୍ଥାନୀୟ ଲୋକେ ହାତୀପଲଙ୍କୁ ଚାରିପାଖରେ ଘେରି ରହିବାରୁ ଗାଁ ମଝିରେ ଥିବା ୟୁକାଲିପଟାସ ଜଙ୍ଗଲ ମଧ୍ୟରେ ସେମାନେ ଡେରା ପକାଇଥିଲେ। ଘଟଣାସ୍ଥଳରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀପଲଙ୍କ ଉପରେ ତୀକ୍ଷ୍ଣ ନଜର୍ ରଖିଛନ୍ତି। ଏହି ହାତୀପଲଙ୍କୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

କେନ୍ଦୁଝର ଜିଲାରେ ଦିନକୁ ଦିନ ଯେଉଁଭଳି ବନ୍ୟସମ୍ପଦ ନଷ୍ଟ ହେବାରେ ଲାଗିଛି ଏହାଦ୍ୱାରା ଜଙ୍ଗଲରେ ରହୁଥିବା ହାତୀଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି । ଫଳରେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହାତୀ ଜନବସତି ଅଞ୍ଚଳକୁ ମାଡି ଆସୁଛନ୍ତି ଏବଂ ପନିପରିବା, ଧାନଫସଲ ଯାହା ପାଉଛନ୍ତି ଖାଉଛନ୍ତି ଏବଂ ନଷ୍ଟ କରୁଛନ୍ତି । ଏପରିକି ଘରଦ୍ୱାର ନଷ୍ଟ କରିବା ସହ ସମ୍ମୁଖରେ ଜୀବନହାନି ମଧ୍ୟ କରୁଛନ୍ତି। ଏହା ଜିଲାବାସୀଙ୍କ ପାଇଁ ଏକ ବଡ ସମସ୍ୟା ଭାବେ ଛିଡା ହୋଇଛି। ରଘୁନାଥପୁର ବିଟ ଫରେଷ୍ଟର ସୁବ୍ରତ ପାତ୍ର ଅନ୍ୟକର୍ମଚାରୀମାନେ ହାତୀମାନଙ୍କୁ ନିକଟସ୍ଥ ଜଙ୍ଗଲକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

# ଜାମା ମସ୍‌ଜିଦ୍ ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେବ ୧ କୋଟି

**ଭଦ୍ରକ ଅଫିସ,୧୩।୬**

ଭଦ୍ରକ ପୁରୁଣାବଜାର ସ୍ଥିତ ସର୍ବପୁରାତନ ଜାମା ମସଜିଦ୍‌ର ଉନ୍ନତିକରଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଏଥି ନିମନ୍ତେ ରାଜ୍ୟ ସରକାର ୧କୋଟି ଟଙ୍କା ମଞ୍ଜୁର କରିଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ତ୍ତ ବିଭାଗର ଏସ୍‌ଡ଼ିଓ ପ୍ରଭାତ ସାହୁ, ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ଓ ଅନ୍ୟାନ୍ୟ ଅଧିକାରୀମାନେ ଜାମା ମସ୍‌ଜିଦରେ ପହଞ୍ଚି କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ଜାମା ମସଜିଦର ସଭାପତି ଶେଖ ଏନାମ ମହମ୍ମଦ, ସମ୍ପାଦକ ଗୋଲାମ ମହିଉଦ୍ଦିନ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ମସ୍‌ଜିଦକୁ ଆକର୍ଷଣୀୟ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି ଓ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ସୂଚନା ଦେଇଥିଲେ। ୨ମାସ ପୂର୍ବେ ଭୁବନେଶ୍ୱରର ଏକ ଆର୍କିଟେକଚର ସଂସ୍ଥା ମସଜିଦରେ ପହଞ୍ଚି ଏହାର ନୂତନ ରୂପରେଖ ସମ୍ପର୍କରେ ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହା ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମଲ୍ଲିକ କହିଥିଲେ। ବସ୍ତିର ସର୍ଦ୍ଦାର କୌଶର ଅଲୀ, ମୁସଲିମ ଜମାତର ମିଡିଆ ସେଲ ସଂଯୋଜକ ସେଖ ଅନୱାର, ଇସଲାମ ଖାନ, ଏମାମ ସାହେବ, ମୌଜନ ସାହେବ ବିଧାୟକ ଓ ଅନୁଧ୍ୟାନକାରୀ ଦଳର ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁସିଲମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ଯୁଗ୍ମ ସମ୍ପାଦକ ଅବଦୁଲ ମୁକିତ ଖାଁ, ଶେଖ ସିରାଜୁଦ୍ଦିନ, ହାଜି ଅନୱାର ହେସେନ, ଶେଖ ସମଦାନୀ, ଜାମା ମସଜିଦ କମିଟିର ସଦସ୍ୟ ଇସାର ଅଲ୍ଲୀ, ଖେଖ ବୁଧିଆ ପ୍ରମୁଖ ଉପସ୍ଥିତ ରହି ମସ୍‌ଜିଦର ଉନ୍ନତିକରଣ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ।



ଜାମା ମସ୍‌ଜିଦ୍‌ରେ ବିଧାୟକ ଓ ଅନ୍ୟାନ୍ୟ ଅଧିକାରୀମାନେ।

# ଧୂଳିଧୂଆଁରେ ଅତିଷ୍ଠ



**ଯୋଡ଼ା, ୧୩।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଏକାଧିକ ଖଣି ଥିବା ଜୁରୁଡି ଅଞ୍ଚଳବାସୀ ଧୂଳିଧୂଆଁରେ ଅତିଷ୍ଠ ହୋଇପଡିଥିବା ବେଳେ ଖାଦ୍ୟପଦାର୍ଥରେ ଧୂଳି ଜମି ଯାଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ଖଣି କମ୍ପାନୀ ଖଣିଜ ଉତ୍ତୋଳନ ଓ ପରିବହନ କରୁଥିବାରୁ ଅଞ୍ଚଳର ବାୟୁମଣ୍ଡଳ ଧୂଳିଧୂଆଁରେ ଆଚ୍ଛାଦିତ ହୋଇଛି। ଏପରିକି ବାମେବାରୀ-ଜୁରୁଡି ୨ନଂ ରାଜ୍ୟ ରାଜପଥ ଜରାଜୀର୍ଣ୍ଣ ହୋଇପଡିଥିବାରୁ ସ୍ଥାନୀୟବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜରାଜୀର୍ଣ୍ଣ ରାସ୍ତାରେ ଟ୍ରକ ଡମ୍ପର ଚଳାଚଳ ବେଳେ ପ୍ରବଳ ମାତ୍ରାରେ ଧୂଳି ଉଡୁଥିବାରୁ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ରାସ୍ତା ମରାମତି କାର୍ଯ୍ୟ ଚାଲୁଥିଲେ ହେଁ, ଜଳସିଞ୍ଚନ ବ୍ୟବସ୍ଥା କରାଯାଉ ନାହିଁ। ଲୋକେ ରାସ୍ତାରୋକୋ ଆନ୍ଦୋଳନ କରିବାରୁ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ବିଭିନ୍ନ ଖଣି କମ୍ପାନୀକୁ ଖଣିମଣ୍ଡଳ ରାସ୍ତାରେ ପାଣି ସିଞ୍ଚନର ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ଜଳସିଞ୍ଚନର ବ୍ୟବସ୍ଥା କାଁ ଭାଁ ହେଉଛି। ଏନେଇ ସ୍ଥାନୀୟ ଲୋକେ ଅନେକ ଥର ରାସ୍ତାରୋକୋ କଲେ ଦିନେ ଦୁଇଦିନ ପର୍ଯ୍ୟନ୍ତ ରାସ୍ତାରେ ପାଣି ପକାଇ ପୁଣି ବନ୍ଦ କରି ଦିଆଯାଉଛି । ଏଣୁ ଅଞ୍ଚଳରେ ଧୂଳିଧୂଆଁ ଜନିତ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରୁନାହିଁ। ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଅତିଷ୍ଠ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# କାନ୍ତକବିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସରକାରଙ୍କ ପ୍ରୟାସକୁ ସ୍ୱାଗତ

**ଭଦ୍ରକ ଅଫିସ, ୧୩।୬**

କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରେରଣାଦାୟୀ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବାକୁ ପରାମର୍ଶ ଦେଇଥିଲେ। ସେଦିନ କେବଳ ଓଡିଶାରେ ନୁହେଁ ବରଂ ସମଗ୍ର ଭାରତ ଓ ଭାରତ ବାହାରେ ଥିବା ପ୍ରତ୍ୟେକ ପ୍ରବାସୀ ଓଡ଼ିଆ ଏହି କାଳଜୟୀ ସଙ୍ଗୀତକୁ ଗାନ କରି ନିଜକୁ କୃତାର୍ଥ ମନେ କରିଥିଲେ। ପରେ ଗତ ୭ ତାରିଖରେ କ୍ୟାବିନେଟ ବୈଠକରେ ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇଥିଲା। ଏଥିସହିତ ସରକାର କାନ୍ତକବିଙ୍କ ନିଜ ଜନ୍ମମାଟିରେ ତାଙ୍କର ସ୍ମୃତିରକ୍ଷା ଲାଗି ଦେଢକୋଟି ଟଙ୍କାର ପ୍ୟାକେଜ ମଧ୍ୟ ଇତିମଧ୍ୟରେ ଘୋଷଣା କରି ସାରିଛନ୍ତି। କାନ୍ତକବିଙ୍କ ସ୍ମୃତିରକ୍ଷା ନେଇ ସରକାରଙ୍କ ଏସବୁ ସାମଗ୍ରୀକ ପ୍ରୟାସକୁ ଭଦ୍ରକ ବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।



ମଞ୍ଚାସୀନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଏହି ପରିପ୍ରେକ୍ଷୀରେ ଭଦ୍ରକ କାନ୍ତକବି ମଞ୍ଚ ପକ୍ଷରୁ ଭାଗବତ କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମଞ୍ଚର ଆବାହକ ଲକ୍ଷ୍ମୀଧର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ବକ୍ତବ୍ୟରେ ରାଜ୍ୟ ସଙ୍ଗୀତର ସ୍ରଷ୍ଟାଙ୍କ ସ୍ମୃତିରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉଦ୍ୟାନ ଓ ନାଟମଣ୍ଡପ ତିଆରି ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ସେହିପରି ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ତାଙ୍କ ବକ୍ତବ୍ୟରେ କାନ୍ତକବିଙ୍କ ସ୍ମୃତିରକ୍ଷା ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ପ୍ରାଧାପିକା ରାଧାରଣୀ ମହାପାତ୍ର, ପ୍ରାଧାପକ ପବିତ୍ର ପାଣିଗ୍ରାହୀ, ଶିଳ୍ପି ଓ କବି ଅଶୋକ ମହାନ୍ତି, ହରିହର ନାୟକ, ରୋଟାରିଆନ ଶିଶିର ମିଶ୍ର, ବିଏସଏସ୍‌ର ସଞ୍ଜୀତ ନାୟକ ଓ କବି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଆଶାକର୍ମୀ, ପ୍ରବାସୀଙ୍କୁ ରଜ ଭେଟି



ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କୁ ସରପଞ୍ଚ ରଜଭେଟି ପ୍ରଦାନ କରୁଛନ୍ତି।

**ଭଣ୍ଡାରିପୋଖରୀ, ୧୩।୬ (ଡ଼ି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ସଙ୍ଗରୋଧ କେନ୍ଦ୍ରରେ ଥିବା ଅନ୍ତେବାସୀ ଓ ପଞ୍ଚାୟତରେ କାର୍ଯ୍ୟରତ ଆଶାକର୍ମୀମାନଙ୍କୁ ରଜ ଉପଲକ୍ଷେ ଶନିବାର ସରପଞ୍ଚଙ୍କ ପକ୍ଷରୁ ଆମ୍ବ, ଶାଢୀ ଓ ଡ୍ରେସ ଦିଆଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିଜୟ ସାହୁ , ସରପଞ୍ଚ ସଙ୍ଗୀତା ଖଣ୍ଡାଇ, ସଂଗରୋଧ କେନ୍ଦ୍ର ନୋଡାଲ ଅଧିକାରୀ ଚିନ୍ମୟ ସେନାପତି, ସରପଞ୍ଚ ପ୍ରତିନିଧି ରାଜେନ୍ଦ୍ର ଖଣ୍ଡାଇ, ଶିକ୍ଷକ ରମାକାନ୍ତ ନାୟକ, ମନୋଜ ଦାସ, ରାଧାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂରଭଞ୍ଜରେ ଆଉ ୯ ପଜିଟିଭ

**ବାରିପଦା ଅଫିସ, ୧୩।୬**

- ଆକ୍ରାନ୍ତଙ୍କ ସଂଖ୍ୟା ୧୦୮
- ୨୭ ସୁସ୍ଥ, ୮୧ ଚିକିତ୍ସାଧୀନ
- ୧୯ଟି ବ୍ଲକକୁ ଛୁଇଁଲା କରୋନା



ମୟୂରଭଞ୍ଜ ଜିଲାରେ ଶନିବାର ଆଉ ୯ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮କୁ ବୃଦ୍ଧି ପାଇଛି। ୯ଜଣଙ୍କ ମଧ୍ୟରୁ ୫ଜଣ ପ୍ରଶାସନ ପକ୍ଷରୁ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪ଜଣ ଲୋକାଲ କେଶ୍। ବାରିପଦା, ରରୁଆଁ, ଶୁଳିଆପଦା, କୁଲିଅଣା ଓ ମୋରଡ଼ା ବ୍ଲକରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଖୁଣ୍ଟା ଓ ବଡ଼ସାହି ବ୍ଲକରୁ ୨ ଜଣ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ୫ଜଣ ବାହାର ରାଜ୍ୟରୁ ଆସିବା ପରେ ପ୍ରଶାସନ ପକ୍ଷରୁ ହୋଇଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରହି ଆସୁଥିଲେ। ଅନ୍ୟ ୪ ପଜିଟିଭଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କର ସ୍ୱାବ ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ଚିକିତ୍ସା ପାଇଁ ଏମାନଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିଭଳି ଶନିବାର ଜିଲାର ୭ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୧୦୮ ଜଣ ଆକ୍ରାନ୍ତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୭ ଜଣ ସୁସ୍ଥ ହୋଇଥିବା ବେଳେ ୮୧ ଜଣ ଚିକିତ୍ସାଧିନ ରହିଛନ୍ତି।

ଜିଲାର ୨୬ଟି ବ୍ଲକରୁ ୧୯ଟି ବ୍ଲକରେ କରୋନା ପ୍ରଭାବ ଦେଖାଇଥିବା ବେଳେ ୭ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା କରୋନା ପ୍ରବେଶ କରିପାରିନାହିଁ। ତାମିଲନାଡୁ, ଗୁଜୁରାଟ, କର୍ଣ୍ଣାଟକ, ମହରାଷ୍ଟ୍ର ଆଦି ବିଭିନ୍ନ ରାଜ୍ୟରୁ ବର୍ତ୍ତମାନ ସୁଦ୍ଧା ୧୦ହଜାରରୁ ଅଧିକ ପ୍ରବାସୀ ଜିଲାକୁ ଫେରିଲେଣି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦୦୦ ପ୍ରବାସୀଙ୍କ ସ୍ୱାବ ଟେଷ୍ଟ କରାଯାଇଛି।

### ଭଦ୍ରକରେ ଆକ୍ରାନ୍ତ ସଂଖ୍ୟା ୧୫୬

**ଭଦ୍ରକ ଅଫିସ, ୧୩।୬**

ଭଦ୍ରକ ଜିଲାରେ ଶନିବାର ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଏବେ ଜିଲାରେ ୧୫୬ରେ ପହଞ୍ଚିଛି ଆକ୍ରାନ୍ତଙ୍କ ସଂଖ୍ୟା। ଏମାନେ ସମସ୍ତେ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଥିବା କୁହାଯାଇଛି। ଏମାନେ ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଫେରନ୍ତା ବୋଲି ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୩।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ସମା ଗ୍ରାମରେ ପୋଖରୀରେ ବୁଡି ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଙ୍ଗିତା ବେହେରା (୨୧)। ଏନେଇ ମୃତ ମହିଳାଙ୍କ ସ୍ୱାମୀ ଭାସ୍କର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ନଂ.୧୯/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ପାତ୍ରପୁରରେ ତିନି କରୋନା ପଜିଟିଭ, ୬ ଦୋକାନ ସିଲ

ପାତ୍ରପୁର,୧୩।୬(ଡି.ଏନ୍.ଏ.): ପାତ୍ରପୁର ଗ୍ରାମରେ ଦୁଇ ଓ ସାମନ୍ତରାପୁର ପଞ୍ଚାୟତ କନ୍ଧ ଗୋବିନ୍ଦପୁର ଗ୍ରାମର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କେତେଜଣ ଦୋକାନୀଙ୍କ ସ୍ୱାବ୍ ପରୀକ୍ଷା ପରେ ୨ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଶନିବାର ପାତ୍ରପୁର ବସଷ୍ଟାଣ୍ଡର ଉକ୍ତ ଦୋକାନ ସମେତ ଆଖପାଖ ୬ ଦୋକନକୁ ତହସିଲଦାର ଡ଼. ଶ୍ରୀନିବାସ ବେହେରା ୨୧ ତାରିଖ ପର୍ଯ୍ୟନ୍ତ ସିଲ୍ କରିଛନ୍ତି। ସେମାନଙ୍କ ପରିବାରକୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ସାମନ୍ତରାପୁର ପଞ୍ଚାୟତ କନ୍ଧ ଗୋବିନ୍ଦପୁର ଗ୍ରାମର ଜଣେବ୍ୟକ୍ତି ଝାରସୁଗୁଡ଼ାରୁ ଆସି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କର ମଧ ରିପୋର୍ଟ ପଜିଟିଭ ଆସିଛି। ୩ ଜଣଙ୍କୁ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ପାତ୍ରପୁର ବସ୍‌ଷ୍ଟାଣ୍ଡକୁ ମଧ ସାନିଟାଇଜ୍ କରାଯାଇଛି।

### ହୋମ୍ କ୍ୱାରାଣ୍ଟାଇନ୍‌ରେ ୪ ପୋଲିସ କର୍ମଚାରୀ

ଗୋପାଳପୁର,୧୩।୬(ଡି.ଏନ୍.ଏ.): ଜଣେ ଅଭିଯୁକ୍ତଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନାର ୪ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେ'୨୫ରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗୋଳନ୍ଥରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ଗତ ୪ ତାରିଖରେ ଉକ୍ତ ତାଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ ଆସିଥିଲା। ନଂ.୧୪୨/୨୦ରେ ମାମଲା ରୁଜୁ କରି ୫ ତାରିଖ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। ସେଠାରେ ୯ ତାରିଖରେ ପୁଣି ତାଙ୍କର ସ୍ୱାବ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଓ କୋର୍ଟକୁ ନେଇଥିବା ୨ କନଷ୍ଟେବଲ ଏବଂ ଭ୍ୟାନ ଚାଳକଙ୍କୁ ୭ ଦିନିଆ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଅଗ୍ନିଶମ ବାହିନୀ ଥାନାକୁ ସାନିଟାଇଜ୍ କରିଛି।

### ଦକ୍ଷିଣାଞ୍ଚଳରେ ଯୁକ୍ତ ୨ ଇ-ମୂଲ୍ୟାୟନ ଆରମ୍ଭ

ବ୍ରହ୍ମପୁର ଅଫିସ, ୧୩।୬: ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଅଧୀନ ୮ ଜିଲାରେ ଯୁକ୍ତ ୨ ଇ-ମୂଲ୍ୟାୟନ ଓ ମାନୁଆଲ ମୂଲ୍ୟାୟନ ଆରମ୍ଭ ହୋଇଛି। ଗଞ୍ଜାମ ଓ ରାୟଗଡ଼ା ଜଲାର ତିନିଟି ଜୋନ୍‌ରେ ୧୧ ତାରିଖରୁ ଅନ୍‌ଲାଇନ ମୂଲ୍ୟାୟନ ଆରମ୍ଭ ହୋଇଥିବା ବେଳେ କୋରାପୁଟ ଓ କନ୍ଧମାଳର ଦୁଇଟି ଜୋନ୍‌ରେ ଗତ ୬ ତାରିଖରୁ ଇ-ମୂଲ୍ୟାୟନ ଆରମ୍ଭ ହୋଇଛି। ଗଞ୍ଜାମ ଜିଲା ଶିକ୍ଷ ତାଲିମ ସଂସ୍ଥାରେ ହେବାକୁ ଥିବା ଇ-ମୂଲ୍ୟାୟନ ଆରମ୍ଭ ହୋଇପାରି ନ ଥିବା ବେଳେ ଶନିବାରରୁ ଦକ୍ଷିଣାଞ୍ଚଳର ଅନ୍ୟ ୬ ଜୋନ୍‌ରେ ମାନୁଆଲ ମୂଲ୍ୟାୟନ ଆରମ୍ଭ ହୋଇଛି। ସୋମବାରରୁ ଗଞ୍ଜାମ ଜିଲାର ୫ ଜୋନ୍‌ରେ ମାନୁଆଲ ମୂଲ୍ୟାୟନ ଆରମ୍ଭ ହେବ ବୋଲି ମାଧମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ କୁଳମଣି ଓଝା ସୂଚନା ଦେଇଛନ୍ତି।

### ମାନବ ଅଧିକାର ପରିଷଦ ଅଧକ୍ଷ ମନୋନୀତ

ବ୍ରହ୍ମପୁର ଅଫିସ, ୧୩।୬: ରାଷ୍ଟ୍ରୀୟ ମାନବ ଅଧିକାର ପରିଷଦ ବ୍ରହ୍ମପୁର ନଗର ଅଧକ୍ଷ ଭାବେ ବ୍ରହ୍ମପୁରର ସତ୍ୟଚେତନ ପରିଡା ମନୋନୀତ ହୋଇଛନ୍ତି। ଜାତୀୟ ମାନବ ଅଧିକାର କେନ୍ଦ୍ରୀୟ ଅଧକ୍ଷ ଦେବ ପ୍ରସାଦ ଯୋଗୀ ସତ୍ୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିବା ଜଣାପଡିଛି। ଏହି ଅବସରରେ ନଗର ଅଧକ୍ଷ ଭାବେ ଯୋଗଦେବା



ପରେ ଅବହେଳିତ ହୋଇ ରହିଥିବା କାର୍ଯ୍ୟ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଗରିବ ନିଷ୍ପେସିତଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଉପରେ ପ୍ରାଧାନ୍ୟତା ଦେବାକୁ ଥିବା ସତ୍ୟ କହିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଶା ପ୍ରଦେଶ ଅଧକ୍ଷ ଡା. ଭବାନୀ ଶଙ୍କର ଦାଶ, ରାଜ୍ୟ ଅଧକ୍ଷା ବବିତା ପାତ୍ର, ଓଡିଶା ପ୍ରଦେଶ ଉପସଭାପତି ଲିଙ୍ଗରାଜ ସେନ, ଅଜୟ ଦ୍ୱିବେଦୀ, ରାଜ୍ୟ ସାଧାରଣ ସମ୍ପାଦକ ରଶେଶ ଚନ୍ଦ୍ର ରଥ ପ୍ରମୁଖ ସତ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନରେନ୍ଦ୍ରପୁର ପଞ୍ଚାୟତ, ଘଡ଼ଘଡ଼ାପଲ୍ଲି ଶଟ୍‌ଡାଉନ୍

## ଛତ୍ରପୁର ବ୍ଲକ: ୪ କରୋନା ଆକ୍ରାନ୍ତ ଚିହ୍ନଟ



ଗାଁ ପ୍ରବେଶ ପଥ ସିଲ୍।

ଛତ୍ରପୁର,୧୩।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକରୁ ଶନିବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଘଡ଼ଘଡ଼ାପଲିର ୩ ରହିଥିବା ବେଳେ ନରେନ୍ଦ୍ରପୁରର ଜଣେ ରହିଛନ୍ତି। ଉକ୍ତ ୪ ଆକ୍ରାନ୍ତ ଚିହ୍ନଟ ହେବା ପରେ ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗାଁରେ ଅଧିକ ସଂକ୍ରମଣ କିପରି ନ ବ୍ୟାପିବ ସେ ନେଇ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ରେବତୀ ପ୍ରଧାନ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଘଡ଼ଘଡ଼ାପଲି ଗାଁକୁ ୫ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ନରେନ୍ଦ୍ରପୁର ପଞ୍ଚାୟତକୁ ମଧ ସେଠାକାର ସରପଞ୍ଚ ଶନିବାରରୁ ୫ ଦିନ ପାଇଁ ଅର୍ଥାତ୍ ୧୭ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। କୌଣସି ଲୋକ ବାହାରକୁ ଯାଇପାରିବେ ନାହିଁ କିମ୍ବା ବାହାର ଲୋକ କେହି ଗାଁକୁ ପ୍ରବେଶ କରିପାରିବେନି ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଉଭୟ ଗାଁର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି ।

## ଗଞ୍ଜାମରେ ୧୧ କରୋନା ଯୋଦ୍ଧା ପଜିଟିଭ

### ୧୦୦ ଆକ୍ରାନ୍ତଙ୍କ ଚାଲିଛି ଚିକିତ୍ସା

ଗଞ୍ଜାମ ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରେ ୧୧ କରୋନା ଯୋଦ୍ଧା ତଥା ସରକାରୀ ଷ୍ଟାଫ୍ ଅଛନ୍ତି। ସେମାନେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଶନିବାର ଅପରାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ୍‌ରେ ଥିବା ବୁଗୁଡ଼ା ବ୍ଲକର ଜଣେ ସୁରଟ ଫେରନ୍ତା, ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ପାତ୍ରପୁର ବ୍ଲକର ଜଣେ ରହିଛନ୍ତି। ଏଥିସହ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବା ଛତ୍ରପୁର ବ୍ଲକର ୪, ପାତ୍ରପୁର ବ୍ଲକର ୨, ଚିକିଟି, ଭଞ୍ଜନଗର ଓ ଆସିକା ବ୍ଲକର ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ଜିଲାରେ ଆଉ ୨୦ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୩ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୬୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୫୫୬ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଏବେ ଜିଲାରେ ୧୦୦ କରୋନା ଆକ୍ଟିଭ ଅଛନ୍ତି ।




ଜିଲାପାଳଙ୍କ ଟୁଇଟ୍।

## ଗୌଡ଼ସାହି କଣ୍ଟେନମେଣ୍ଟ ଜୋନ ଘୋଷଣା

- କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କଲା ପ୍ରଶାସନ
- ଜେଲ ଲିଙ୍କ୍ ସନ୍ଦେହ

ବ୍ରହ୍ମପୁର ଅଫିସ,୧୩।୬

କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ଲାଠୀ ଗ୍ରାମ ଗୌଡ଼ ସାହିକୁ ଶନିବାର ବିଡିଓ ଗଦାଧର ପାତ୍ର ସିଲ୍ କରିବା ସହ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗତ ୬ ତାରିଖରେ ଲାଠୀ ଗୌଡ଼ ସାହିର ଜଣେ ଯୁବକ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ୩ ଦିନ ତଳେ ସେ ଜାମିନରେ ଫେରିଥିଲେ। ଶୁକ୍ରବାର ରାତିରେ ପ୍ରଶାସନ ତାଙ୍କୁ ପାରଳା ମହାରାଜା କୋଭିଡ୍ ହସ୍ପିଟାଲକୁ ପଠାଇଥିଲା ବୋଲି ବିଡ଼ିଓ ପାତ୍ର ସୂଚନା ଦେଇଛନ୍ତି। ଏଣୁ ଯୁବକ ଜଣଙ୍କ ଜେଲ ଲିଙ୍କ୍ ରହିଥିବା ପ୍ରଶାସନ ସନ୍ଦେହ କରୁଛି ବୋଲି ବିଡ଼ିଓ କହିଛନ୍ତି। ଶନିବାର ସକାଳେ ବିଡ଼ିଓ ପାତ୍ର, ଅତିରିକ୍ତ ତହସିଲଦାର ଅମିତ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ସାହିରାସ୍ତା ସିଲ୍ କରାଯାଇଛି। ଲୋକେ ବାହାରକୁ ଯାଇପାରିବେ ନାହିଁ କି କେହି ଉକ୍ତ ସାହି ଭିତରକୁ ପ୍ରବେଶ କରିପାରିବେ ନାହିଁ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଗାଁର ଦୋକାନ ବଜାର ବନ୍ଦ ରଖିବା ସହ ପ୍ରତ୍ୟେକ ପରିବାର ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବକଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି।

## ପଜିଟିଭ୍ ଚିହ୍ନଟ ପରେ ସିଲ୍ ହେଲା ପାଥୋଲାବ୍

ବୁଗୁଡ଼ା,୧୩।୬(ଡି.ଏନ.ଏ)

ବୁଗୁଡ଼ା ବ୍ଲକ ବେତାରସିଙ୍ଗିର ସୁରଟ ଫେରନ୍ତା ଜଣେ ଯୁବକ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ଶନିବାର ତାଙ୍କ କରୋନା ରିପୋର୍ଟ ପଜିଟିଭ ଆସିଛି। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ସେ ବିଭିନ୍ନ ସ୍ଥାନ ବୁଲିଥିଲେ। ଜ୍ୱର ହେବାରୁ ଏକ ଘରୋଇ କ୍ଲିନିକ୍‌ରେ ମଧ ଚିକିତ୍ସିତ ହୋଇଥିଲେ। ସୁସ୍ଥ ନ ହେବାରୁ ୪ ଦିନ ତଳେ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଯାଇ ପରୀକ୍ଷା କରିବାରୁ ପଜିଟିଭ ବାହାରିଥିଲା। ତେଣୁ ତାଙ୍କୁ ଟାଟା କୋଭିଡ୍ ହସ୍ପିଟାଲରେ ଶନିବାର ଭର୍ତ୍ତି କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସେ ଚିକିତ୍ସିତ ହୋଇଥିବା ନମିତା ପାଥୋଲାବ ଓ କ୍ଲିନିକ୍‌କୁ ସିଲ୍ କରାଯାଇଛି। ତାଙ୍କ ପରିବାରକୁ ମଧ ତାଳଶାକର ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଛି।

## କନ୍ଧମାଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୬ରେ ପହଞ୍ଚିଲା

ଫୁଲବାଣୀ ଅଫିସ,୧୩।୬

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି। ଗୁରୁବାର ଗୋଟିଏ ଦିନରେ ସର୍ବାଧିକ ୧୫ ଜଣଙ୍କ ପରେ ପୁଣି ଶନିବାର ଆଉ ୧୪ ଜଣ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କ ବୟସ ୨୦ରୁ ୫୬ ମଧ୍ୟରେ। ସଂକ୍ରମିତଙ୍କ ମଧ୍ୟରେ ୧୧ ଜଣ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। ସମସ୍ତ ଆକ୍ରାନ୍ତ ପ୍ରବାସୀ ଓଡିଆ। ସେମାନଙ୍କ ମଧ୍ୟରୁ ୫ ଜଣ ତାମିଲନାଡୁ, ୪ ଜଣ କେରଳ, ୨ ଜଣ ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ରରୁ ଜଣେ ଲେଖାଏ ଫେରିଥିଲେ। ଏମାନଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୨୫ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୪୧ ଜଣଙ୍କ ଚିକିତ୍ସା ଚାଲିଛି। ଗତ ଶୁକ୍ରବାର ସୁଦ୍ଧା ଜିଲାକୁ ୮୨୪୭ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୩୮୩୩ କ୍ୱାରାଣ୍ଟାଇନ୍ ସମୟସୀମା ସାରି ଘରକୁ ଫେରିଛନ୍ତି। ବାକି ୪୪୧୪ ଜଣଙ୍କୁ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସେହିପରି ପରୀକ୍ଷା ପାଇଁ ଯାଇଥିବା ୨୦୧୩ ସ୍ୱାବ ନମୂନା ମଧ୍ୟରୁ ୧୮୧୦ର ରିପୋର୍ଟ ହସ୍ତଗତ ହୋଇଛି। ସେଥିମଧ୍ୟରୁ ୬୬ ପଜିଟିଭ ଥିବାବେଳେ ୧୭୪୪ ନେଗେଟିଭ୍ ରହିଛି।

## ଟ୍ୟୁଶନ ଶିକ୍ଷକଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୧୩।୬

କୁକୁଡାଖଣ୍ଡି ବ୍ଲକ ଲାଠୀ ଗ୍ରାମରେ ଜଣେ ଯୁବକଙ୍କ କୋଭିଡ୍-୧୯ ପଜିଟିଭ ପରେ ଗ୍ରାମର ଏକ ସାହିକୁ ବ୍ଲକ ପ୍ରଶାସନ ଶନିବାର ସିଲ୍ କରିଥିଲା। ଏହି ସମୟରେ ଲାଠୀ ଗ୍ରାମରେ କୁକୁଡାଖଣ୍ଡି ବିଡ଼ିଓ ଗଦାଧର ପାତ୍ର ଉପସ୍ଥିତ ଥିଲେ। ଲାଠୀ ନେଳିଆବନ୍ଧ ଛକରେ କୋଭିଡ୍ -୧୯ ନିୟମ ଉଲ୍ଲଂଘନ କରି ସମୀର ଭୂୟାଁ ନାମକ ଯୁବକ ଟ୍ୟୁଶନ କରୁଥିବା ଖବର ପାଇ ବିଡ଼ିଓ ପହଞ୍ଚିଥିଲେ। ଟ୍ୟୁଶନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାସହ ୫ ଶହ ଟଙ୍କା ଜରିମାନା କରିଛନ୍ତି।

## ଗଞ୍ଜାମ ଓକିଲ ସଂଘର ଅନ୍ତରୀଣ କମିଟି ମନୋନୀତ

ବ୍ରହ୍ମପୁର ଅଫିସ,୧୩।୬

କରୋନା ଯୋଗୁ ଚଳିତ ବର୍ଷ ମାର୍ଚ୍ଚ ୨୮ରେ ହେବାକୁ ଥିବା ଗଞ୍ଜାମ ଓକିଲ ସଂଘ ନିର୍ବାଚନକୁ ଓଡିଶା ବାର୍ କାଉନ୍‌ସିଲ ବନ୍ଦକରି ଦେଇଥିଲା। ଗଞ୍ଜାମ ଓକିଲ ସଂଘ ପରିଚାଳନା ପାଇଁ ଓଡିଶା ବାର୍ କାଉନସିଲ ତରଫରୁ ଏକ ଅନ୍ତରୀଣ କମିଟି ମନୋନୀତ କରାଯାଇଛି। ଏଥିରେ ଅଧକ୍ଷ ଭାବେ ଗଞ୍ଜାମ ବାର୍ ପୂର୍ବତନ ସଭାପତି ଭଗବାନ ସାହୁଙ୍କୁ ମନୋନୀତ କରାଯାଇଛି। ଏହାସହିତ ୮ ଆଇନଜୀବୀଙ୍କୁ ସଭ୍ୟ ଭାବେ ମନୋନୀତ କରାଯାଇଛି। ସେମାନେ ହେଲେ ସୁଧାଂଶୁ ଶେଖର ପଣ୍ଡା, ବଂଶୀଧର ପାଳ, ପି. ନରସିଂହ ପାତ୍ର, ନାରାୟଣ ପଣ୍ଡା, ମନୋଜ ପଟ୍ଟନାୟକ, ଜନାର୍ଦ୍ଦନ ସୁବୁଦ୍ଧି, ଲଲାଟେନ୍ଦୁ ପାଣିଗ୍ରାହୀ ଓ ରବୀନ୍ଦ୍ର କୁମାର ଦେଓ। ପୂର୍ବରୁ ଗଠିତ ହୋଇଥିବା କମିଟି ଓଡିଶା ବାର୍ କାଉନସିଲ ଗାଇଡ୍‌ଲାଇନ ଅନୁସାରେ ହୋଇ ନ ଥିବାରୁ ତାହାକୁ ରଦ୍ଦ କରାଯାଇ ନୂତନ କମିଟି ମନୋନୀତ କରାଯାଇଛି ବୋଲି ଗଞ୍ଜାମ ବାର୍ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

## ଇ.ଡେଙ୍ଗାପଦରକୁ ଶଟ୍‌ଡାଉନ୍ ଘୋଷଣା କଲେ ସରପଞ୍ଚ



ଲୋକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

କବିସୂର୍ଯ୍ୟନଗର,୧୩।୬(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆପଡ଼ା ପଞ୍ଚାୟତ ଇ.ଡେଙ୍ଗାପଦରର ଜଣେ ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିଥିଲା। ସେ ପୋଲସରା ତହସିଲରେ କାର୍ଯ୍ୟରତ ଥିବାବେଳେ ଇ.ଡେଙ୍ଗାପଦର ଗ୍ରାମରେ ବହୁବର୍ଷ ହେଲା ରହୁଛନ୍ତି। ପରିବାର ଓ ଗ୍ରାମବାସୀଙ୍କ ସଂସ୍ପର୍ଶରେ ଆସିଥିବାରୁ ପ୍ରଶାସନର ଚିନ୍ତା ବଢ଼ିଛି। ନନ୍ଦିଆପଡା ସରପଞ୍ଚ ଚକ୍ରପାଣି ବେହେରା ୩ ଦିନ ଅର୍ଥାତ୍ ଶନିବାର, ରବିବାର ଓ ସୋମବାର ପଞ୍ଚାୟତକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଘୋଷଣା କରିଛନ୍ତି। କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଶାନ୍ତ କୁମାରଙ୍କ ତତ୍ତ୍ୱାବଧାନରେ ଏକ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚିଥିଲେ। ଡାକ୍ତର ବସନ୍ତ ସାହୁ, ଡାକ୍ତର ପ୍ରିୟମ୍ବଦା ଜେନା, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ କାର୍ତ୍ତିକ ନାହାକ, ଶୁଭସ୍ୱିନୀ ପାତ୍ର, ଏଏନ୍‌ଏମ ମିନାକ୍ଷୀ ଗୁମନ୍ ସିଂ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଏମ. କୃତ୍ତିବାସ ଆଚାରୀ ପ୍ରମୁଖ ଗ୍ରାମବାସୀଙ୍କ ଥର୍ମାଲ ସ୍କ୍ରିନିଂ ସହ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି।

## ଶଟ୍‌ଡାଉନ୍‌ର ପ୍ରଥମ ଦିନ: ଜୀବନଯାତ୍ରା ପ୍ରଭାବିତ, ରଜ ଫିକା

ବ୍ରହ୍ମପୁର ଅଫିସ,୧୩।୬

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଜୁନ ପ୍ରତି ସପ୍ତାହର ଶେଷ ଦୁଇ ଦିନ ଅର୍ଥାତ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଶଟଡାଉନ୍‌ର ପ୍ରଥମ ଦିନ ବ୍ରହ୍ମପୁର ମହାନଗରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ମେଡିକାଲ କିମ୍ବା କୌଣସି ଜରୁରୀ କାମ ବ୍ୟତୀତ ଘରୁ କେହି ବାହାରୁ ନାହାନ୍ତି। ସହରରେ ଥିବା ସମସ୍ତ ଦୋକାନ ବଜାର, ମାର୍କେଟ କମ୍ପ୍ଲେକ୍ସ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିଲା। ଦୁଇ ଦିନିଆ ଶଟଡାଉନ୍ ଯୋଗୁ ଶନିବାର ରାସ୍ତାଘାଟ ଶୁନଶାନ୍ ରହିଥିବା ବେଳେ ବିଭିନ୍ନ ଛକରେ ପୋଲିସ ମୁତୟନ ରହିଥିଲା। ଏପରିକି ସହରର ବିଭିନ୍ନ ଗଳିରେ ପୋଲିସ ପାଟ୍ରୋଲିଂ କରିବା ସହ ଲୋକମାନଙ୍କୁ ଘରୁ ଜରୁରୀ କାମ ବିନା ବାହାରକୁ ନ ବାହାରିବାକୁ ସଚେତନ କରିଥିଲା। ଶଟଡାଉନ୍ ବେଳେ ମେଡିକାଲ, କ୍ଲିନିକ, ପେଟ୍ରୋଲ ପମ୍ପ, ଔଷଧ ଦୋକାନ ଭଳି କିଛି ଜରୁରୀ ସେବା ଖୋଲା ରହିବା ପାଇଁ ଅନୁମତି ରହିଥିଲା। ଦୁଇ ଦିନ ଶଟ୍‌ଡାଉନ୍ ରଜ ମଉଜକୁ ଫିକା କରିଦେଇଛି।



ଶୁନଶାନ ରାସ୍ତା।

## ଲକ୍‌ଡାଉନ୍‌ରେ ଗଞ୍ଜେଇ ଚାଲାଣ: ୨ ଗିରଫ



ଜବତ ବୁଲେଟ, ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ପାଟପୁର,୧୩।୬

ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଖପରାବାଡ଼ ନିକଟରେ ଶନିବାର ଭୋର ପ୍ରାୟ ୪ ଟାରେ ପାଟପୁର ପୋଲିସ ତରଫରୁ ଚଢ଼ାଉ କରି ଏକ ବାଇକ୍ ସହ ୨୯ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆସିକା ଥାନା ପୁଡୁଗେଶ୍ୱରପଲ୍ଲୀର ଆଦିତ୍ୟ ନାହାକ ଓ ସନ୍ତୋଷୀ ମନ୍ଦିର ସାହିର ଆଲୁଆ ଶର୍ମା। ଏନେଇ ପାଟପୁର ପୋଲିସ ନଂ.୧୩୮/୨୦ରେ ମାମଲା ରୁଜୁକରି ଶନିବାର କୋର୍ଟ ଚାଲାଣ କରିଛି।

## କୃଷକ ବିରୋଧୀ ଅଧାଦେଶ ପ୍ରତ୍ୟାହାର ଦାବି

### ୧୫ରେ କ୍ରାନ୍ତିକାରୀ କୃଷକ ସଭାର ଦାବି ଦିବସ

ବ୍ରହ୍ମପୁର ଅଫିସ, ୧୩।୬

କେନ୍ଦ୍ର ସରକାର ଠିକା ଚାଷ, ଅତ୍ୟାବଶ୍ୟକ ସାମଗ୍ରୀ, କୃଷିଜାତ ଦ୍ରବ୍ୟ ଅଧିନିୟମ ଭଳି ୩ ଅଧାଦେଶ ପ୍ରତ୍ୟାହାର କରିବାକୁ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ଦାବି କରିଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ଦାବି ଦିବସ ପାଳନ କରିବ କ୍ରାନ୍ତିକାରୀ କୃଷକ ସଭା। ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ଜାତୀୟ ପରିଷଦ ଡାକରାରେ ଏହି ଦିବସ ପାଳନ କରିବାକୁ ଥିବା ନେଇ ସଂଗଠନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଏହି ଦାବି ଦିବସରେ କେନ୍ଦ୍ର ସରକାରଙ୍କ ଉପରୋକ୍ତ ୩ ଅଧାଦେଶ ପ୍ରତ୍ୟାହାର ସହ ଜିଡିପି ଅପେକ୍ଷା ଜୀବନକୁ ପ୍ରାଧାନ୍ୟ ଦେବା, କୋଭିଡ୍ -୧୯ ମୁକାବିଲା ପାଇଁ ଜିଡିପିର ୫ ପ୍ରତିଶତ ଖର୍ଚ୍ଚ କରିବା, ପ୍ରତ୍ୟେକ ପରିବାରକୁ ୪୦ କେଜି ଚାଉଳ ସହ ଜରୁରୀ ରାଶନ ସାମଗ୍ରୀ, ଅଭାବୀ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା, ମୃତ ପ୍ରବାସୀ ଶ୍ରମିକ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, କୃଷି କ୍ଷେତ୍ରରେ କର୍ପୋରେଟ କମ୍ପାନୀ ପ୍ରବେଶକୁ ନିଷିଦ୍ଧ କରିବା, ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ଦରକୁ ସୁନିଶ୍ଚିତ କରିବା, କୃଷି କାର୍ଯ୍ୟ ସହ ଏମ୍‌ଜିଏନ୍‌ଆର୍‌ଏସ୍‌କୁ ଯୋଡି ପ୍ରତ୍ୟେକ ପରିବାରକୁ ଅତିକମରେ ୨୦୦ ଦିନର କାମ ଯୋଗାଇବା ସର୍ବନିମ୍ନ ଦୈନିକ ମଜୁରୀ ୩୦୦ ଟଙ୍କାକୁ ବୃଦ୍ଧି କରିବା, ସମସ୍ତ କୃଷି ଋଣ ଛାଡ କରି ଚାଷୀଙ୍କୁ ଋଣ ବୋଝରୁ ମୁକ୍ତ କରିବା, ବିଦ୍ୟାର୍ଥୀଙ୍କ ଫିସ୍ ଛାଡ କରି ଭବିଷ୍ୟତ ନିର୍ମାଣରେ ସହଯୋଗ କରିବା, ଜୋର ଜବରଦସ୍ତ ଋଣ ଓ ସୁଧ ଆଦାୟ କରୁଥିବା ମାଇକ୍ରୋଫାଇନାନ୍ସ କମ୍ପାନୀମାନଙ୍କୁ ଜବତ କରିବା ପ୍ରଭୃତି ଉପରେ ଦାବି ଦିବସରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଥିବା ନେଇ ରାଜ୍ୟ ସମ୍ପାଦକ ଶଙ୍କର ସାହୁ ସୂଚାଇଛନ୍ତି ।

## ଆୟୁଷ ଡାକ୍ତରଙ୍କୁ ବୀମାଭୁକ୍ତ ଦାବି

### ଜିଲାପାଳ, ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ଜି.ଉଦୟଗିରି,୧୩।୬(ଡି.ଏନ.ଏ.)

କରୋନାକୁ ନେଇ ଲଢେଇ ଜାରି ରହିଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଆଗ ଧାଡ଼ିର ଯୋଦ୍ଧା ଭାବେ ପରିଗଣିତ ହେଉଛନ୍ତି। ଏଥିରୁ କିନ୍ତୁ ବାଦ ପଡିଛନ୍ତି ଆୟୁଷ ଡାକ୍ତର। ଏମାନଙ୍କୁ ନା ବୀମା ଅନ୍ତର୍ଭୁକ୍ତ କରାଯାଇଛି ନା ଆଗ ଧାଡ଼ିର ଯୋଦ୍ଧା ଭାବେ ଘୋଷଣା କରାଯାଇଛି। କରୋନା ମୁକାବିଲାରେ ଯଥେଷ୍ଟ ଭୂମିକା ଥିଲେ ମଧ ଅଣଦେଖାର ଶିକାର ହୋଇଛନ୍ତି। ଯେତେବେଳେ ରାଜ୍ୟରେ କରୋନା ପ୍ରାଥମିକ ପର୍ଯ୍ୟାୟରେ ଥିଲା ବା ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଥିଲା ସେହି ସମୟରେ ପ୍ରଥମେ ଆୟୁଷ ଡାକ୍ତରଙ୍କୁ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କ ଯାଞ୍ଚ ପାଇଁ ଏୟାରପୋର୍ଟରେ ଡ୍ୟୁଟି କରୁଥିଲେ। ବର୍ତ୍ତମାନ ପ୍ରବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ରେସ୍‌ପନ୍ସ ଟିମ୍‌ରେ ନିୟୋଜିତ କରାଯାଇ ପ୍ରବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। କରୋନା ମୁକାବିଲାରେ ପ୍ରମୁଖ ଭୂମିକା ଥିବା ସବୁ କର୍ମଚାରୀଙ୍କୁ ସରକାର ବିଭିନ୍ନ ପ୍ରକାର ସୁବିଧା ଯୋଗାଇଥିବା ବେଳେ ଆୟୁଷ ଡାକ୍ତରଙ୍କୁ ଅବହେଳା କରାଯାଉଛି। ଏଥିଯୋଗୁ ସେମାନଙ୍କ ମନୋବଳ ହ୍ରାସ ପାଉଛି। ସମସ୍ତ ଆୟୁଷ ଡାକ୍ତରଙ୍କୁ ବୀମା ଅନ୍ତର୍ଭୁକ୍ତ କରିବା, ପ୍ରୋତ୍ସାହନ ଯୋଗାଇବା, ସମାନ କାମକୁ ସମାନ ଦରମା ଏବଂ ଆଗ ଧାଡ଼ିର ଯୋଦ୍ଧା ଭାବେ ଘୋଷଣା କରିବାକୁ କନ୍ଧମାଳ ଜିଲା ଆୟୁଷ ଡାକ୍ତର ସଂଘ ପକ୍ଷରୁ ଦାବି କରାଯିବା ସହ ଏନେଇ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଥିବା ଆୟୁଷ ଡାକ୍ତର ସଂଘ ଜିଲା ସଭାପତି ସ୍ନେହାଶିଷ ଗିରି, ମାନସ ରଂଜନ ସାହୁ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଡ଼ା. କୁମୁଦ ମେହେର, ଡ଼ା. ଉଷାରାଣୀ ବିଶ୍ୱାଳ, ଡ଼ା. ତାପସ ପାଢ଼ୀଙ୍କ ସମେତ ସମସ୍ତ ଆୟୁଷ ଡାକ୍ତର ଉପସ୍ଥିତ ଥିଲେ।




ଆୟୁଷ ଡାକ୍ତର।

## ସଂକ୍ଷେପରେ

### କଲଭର୍ଟ ତଳକୁ ଖସି ୨ ବାଇକ ଆରୋହୀ ମୃତ

ସୁନ୍ଦରଗଡ଼, ୧୩।୬ (ଡି.ଏନ୍.ଏ.): ସୁନ୍ଦରଗଡ଼ ସଦର ଥାନା ଅଲେଇକେରା ନିକଟରେ ଶନିବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ବାଇକ୍ କଲଭର୍ଟ ତଳକୁ ଖସିପଡିବାରୁ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କିଞ୍ଜିରିକେଲା ଥାନା ଅନ୍ତର୍ଗତ ବାଙ୍କିବାହାଲର ଦୀପକ ମାଝି(୨୩) ଓ ଶଶିରାମ ରୋହିଦାସ (୨୨)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଛାତ୍ର ବିଦେଶୀ ପ୍ରଧାନ (୨୦) ଗୁରୁତର ହୋଇଛନ୍ତି । ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ୩ ଜଣ ବାଇକ ଯୋଗେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା ।

### ଶିଶୁ ଶ୍ରମିକ ବିରୋଧୀ ଦିବସ

ସମ୍ବଲପୁର, ୧୩।୬ (ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଗୋପବନ୍ଧୁ ଛକଠାରେ ଆର୍ନ୍ତଜାତୀୟ ଶିଶୁ ଶ୍ରମିକ ବିରୋଧୀ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା କଲ୍ୟାଣ ସମିତିର ମମତା ଶୁକ୍ଲାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କିଶୋର ନ୍ୟାୟବୋର୍ଡର ପୂର୍ବତନ ସଦସ୍ୟ ପ୍ରଶାନ୍ତ ପାଢ଼ୀ, ଶିକ୍ଷକ ଅମରେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁର ବଞ୍ଚିବା, ଶିକ୍ଷା, ନିରାପତ୍ତା ଅଧିକାର ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା । ଜୟନ୍ତ ପାଣିଗ୍ରାହୀ, ସଂଯୁକ୍ତା ଦାଶ, ସୁକାନ୍ତି ସୁନା, ନିରଣି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କରୋନା ମୁକାବିଲା କରିବେ ଏସ୍ଏଚ୍‌ଜି ମହିଳା

ଅମରପାଲି, ୧୩।୬ (ଡି.ଏନ.ଏ): କରୋନା ମହାମାରୀର ମୁକାବିଲା ପାଇଁ ଆଗକୁ ଆସିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା । ଏମାନେ ଗାଁଗାଁ ଯାଇ ଲୋକଙ୍କୁ ସଚେତନ କରିବେ । ଏହିକ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର ୭୫ ଜଣ ଏମବିକେ ଓ ସିଆରପିଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଦିଆଯାଇଥିବା ତାଲିମ ଶୁକ୍ରବାର ଶେଷ ହୋଇଛି । ଓଡିଶା ଜୀବିକା ମିଶନ ପକ୍ଷରୁ ଏହି ତାଲିମ ଦିଆଯାଇଥିଲା । ବିପିଏମ ଜ୍ୟୋତ୍ସ୍ନାରାଣୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ହୋତା, ଶେଷଦେବ ବାରିକ ତାଲିମ ଦେଇଥିଲେ ।

### ଟ୍ରେନ୍‌ରେ ଆସିଲେ ୯୮୯ ପ୍ରବାସୀ ଶ୍ରମିକ

ବରଗଡ଼ ଅଫିସ୍,୧୩।୬: ଶନିବାର ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ବରଗଡ଼ ସମେତ ପଡ଼ୋଶୀ ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସମ୍ବଲପୁରର ପ୍ରାୟ ୯୮୯ ଜଣ ପ୍ରବାସୀ ଶ୍ରମିକ ଆସିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲାର କେବଳ ୨୧୪ ଜଣ ଏଠାକୁ ଆସିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି।

### ମିଳିଲାନି ସରକାରୀ ଚିକିତ୍ସା, ଆଖି ବୁଜିଲେ କିଡ୍‌ନୀ ଆକ୍ରାନ୍ତ

ଅମରପାଲି, ୧୩।୬ (ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିର ଜଣେ ବ୍ୟକ୍ତିଙ୍କ କିଡ୍‌ନୀଜନିତ ରୋଗରେ ମୃତ୍ୟୁ ଘଟିଛି। ସେ ହେଲେ ନାରଦ ବିଶି (୭୦)। ଆଜିକୁ ୨ ବର୍ଷ ହେଲା ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ସୋନପୁର, ସମ୍ବଲପୁର ଓ ବୁର୍ଲା ଭିମସାରକୁ ଚିକିତ୍ସା ପାଇଁ ଯାଇଥିଲେ ମଧ କୌଣସି ସ୍ଥାନରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳି ନ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିଜ ଖର୍ଚ୍ଚରେ କଟକ ଯାଇ ଚିକିତ୍ସିତ ହୋଇଥିଲେ। ମାତ୍ର ସରକାରୀ ସହାୟତା ନ ମିଳିବାରୁ ଅଧିକ ଚିକିତ୍ସିତ ହୋଇ ପାରି ନ ଥିଲେ। ଲକ୍‌ଡାଉନ ଯୋଗୁ ଗାଡି ମୋଟର ଚଳାଚଳ ବନ୍ଦ ହେତୁ ଆଉ କଟକ ଯାଇପାରି ନ ଥିଲେ। ଶେଷରେ ସେ ଆଖି ବୁଜିଛନ୍ତି।

# ଉନ୍ନତ ବିଦ୍ୟୁତ୍ ସେବା ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

ସୁନ୍ଦରଗଡ଼,୧୩।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ବିଦ୍ୟୁତ୍ ସେବାର ଉନ୍ନତି ପାଇଁ ଅଣ୍ଟାଭିଡିଛି ଜିଲା ପ୍ରଶାସନ। ଜିଲାପାଳ ନିଖିଳପବନ କଲ୍ୟାଣଙ୍କ ତତ୍ତ୍ୱାବଧାନରେ ଜିଲାରେ ସହରାଞ୍ଚଳରୁ ଗ୍ରାମାଞ୍ଚଳ ଯାଏ ବିଦ୍ୟୁତ୍ ସେବାର ବିକାଶ ହେବ। ଭିତ୍ତିଭୂମିର ଉନ୍ନତି ସହିତ ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ୨୧ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିପାଇଁ ୧୦କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ମଧ୍ୟରୁ ୧୦ ପ୍ରକଳ୍ପ କାମ ଇତିମଧ୍ୟରେ ଶେଷ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଉପରୋକ୍ତ ୨୧ ପ୍ରକଳ୍ପ ପରିଦର୍ଶନ କରି କାମର ଅଗ୍ରଗତି ଓ ମାନ ଅନୁଧ୍ୟାନ କରିଛନ୍ତି। ସମସ୍ତ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଜିଲାରେ ଥିବା ପର୍ଯ୍ୟଟନ କ୍ଷେତ୍ରରେ ବିଦ୍ୟୁତ୍ ସେବାର ଉନ୍ନତି ପାଇଁ ୧୩କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଲେଫ୍ରିପଡା ବ୍ଲକର ସରଫଗଡ଼ ଇକୋ ଟୁରିଜମ ପାଇଁ ୧.୯୫ କୋଟି ଓ ବଣାଇଁ ବ୍ଲକସ୍ଥିତ ଖଣ୍ଡାଧାର ଇକୋ ଟୁରିଜମ ପାଇଁ ୨.୩୯ କୋଟି ବ୍ୟୟ ଅଟକଳରେ ବିଦ୍ୟୁତ୍ ଯୋଗାଣ କରାଯିବ। ଏଥିସହିତ ଜିଲାର ବିଭିନ୍ନ ଅଞ୍ଚଳକୁ କିଭଳି ନିରବଚ୍ଛିନ୍ନ ଉନ୍ନତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ବିଜୁ ସହରାଞ୍ଚଳ ବିଦ୍ୟୁତ୍ ଯୋଜନାରେ ରାଉରକେଲା ମହାନଗର ନିଗମର ୭୦ଟି ସ୍ଥାନ ପାଇଁ ୯୨.୯୬ଲକ୍ଷ ଖର୍ଚ୍ଚ କରାଯିବ। ସେହିପରି ସୁନ୍ଦରଗଡ଼ ପୌରାଞ୍ଚଳର ୧୫ ସ୍ଥାନ ଲାଗି ୩୯.୧୭ଲକ୍ଷ, ରାଜଗାଙ୍ଗପୁର ପୌରାଞ୍ଚଳର ୨୦ ସ୍ଥାନ ପାଇଁ ୪୭.୮୫ଲକ୍ଷ ,ବୀରମିତ୍ରପୁର ପୌରାଞ୍ଚଳର ୧୮ ସ୍ଥାନ ପାଇଁ ୪୪.୩୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଛି। ବିଜୁଗ୍ରାମ ଜ୍ୟୋତି ଯୋଜନାରେ ଟାଙ୍ଗରପାଲି ବ୍ଲକର ୧୩ ସ୍ଥାନ ପାଇଁ ୪୩.୨୨ଲକ୍ଷ ଟଙ୍କା, ହେମଗିର ବ୍ଲକର ୧୦ ସ୍ଥାନ ପାଇଁ ୪୦.୬୯ ଲକ୍ଷ , ସବ୍‌ଡେଗା ବ୍ଲକର ୧୨ଟି ସ୍ଥାନ ପାଇଁ ୫୧.୦୬ ଲକ୍ଷ, ଲେଫ୍ରିପଡ଼ା ବ୍ଲକର ୧୩ ସ୍ଥାନ ପାଇଁ ୪୮.୪୪ ଲକ୍ଷ, ବାଲିଶଙ୍କରା ବ୍ଲକ ୧୩ ସ୍ଥାନ ପାଇଁ ୪୭ଲକ୍ଷ, ବଡ଼ଗାଁ ବ୍ଲକର ୧୦ ସ୍ଥାନ ପାଇଁ ୪୧.୨୭ ଲକ୍ଷ, କୁତ୍ରା ବ୍ଲକର ୧୨ ସ୍ଥାନ ପାଇଁ ୩୯ଲକ୍ଷ, ରାଜଗାଙ୍ଗପୁର ବ୍ଲକର ୧୨ ସ୍ଥାନ ପାଇଁ ୪୧.୯୨ ଲକ୍ଷ, କୁଆଁରମୁଣ୍ଡା ବ୍ଲକର ୧୩ ସ୍ଥାନ ପାଇଁ ୩୯.୪୭ ଲକ୍ଷ, ନୂଆଗାଁ ବ୍ଲକର ୧୪ ସ୍ଥାନ ପାଇଁ ୩୯.୭୭ ଲକ୍ଷ, ଲାଠିକଟା ବ୍ଲକର ୧୫ ସ୍ଥାନ ପାଇଁ ୪୭.୧୫ ଲକ୍ଷ, ବିଶ୍ରା ବ୍ଲକର ୧୨ ସ୍ଥାନ ପାଇଁ ୪୮.୫୯ ଲକ୍ଷ, ବଣାଇଁ ବ୍ଲକର ୧୨ ସ୍ଥାନ ପାଇଁ ୪୬.୦୯ ଲକ୍ଷ, ଲହୁଣୀପଡ଼ା ବ୍ଲକର ୧୩ ସ୍ଥାନ ପାଇଁ ୪୭.୦୧ ଲକ୍ଷ, ଗୁରୁଣ୍ଡିଆ ବ୍ଲକର ୧୧ ସ୍ଥାନ ପାଇଁ ୪୮.୮୬ ଲକ୍ଷ ଓ କୋଇଡ଼ା ବ୍ଲକର ୧୧ଟି ସ୍ଥାନ ପାଇଁ ୪୬.୫୯ଲକ୍ଷ ବ୍ୟୟ ଅଟକଳରେ ବିଦ୍ୟୁତ୍‌ସେବା ଯୋଗାଇ ଦେବା ଲାଗି କାମ ଆରମ୍ଭ ହୋଇଛି।



ପିଡି ଭୈରବ ସିଂ ପଟେଲ ଜିଲାର ଏକ ବିଦ୍ୟୁତ୍ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

- ବିଜୁ ସହରାଞ୍ଚଳ ଓ ଗ୍ରାମ ଜ୍ୟୋତି ଯୋଜନାରେ କାର୍ଯ୍ୟକାରୀ ହେବ ୨୧ ପ୍ରକଳ୍ପ
- ୧୦ କୋଟି ବ୍ୟୟ ବରାଦ
- ଖଣ୍ଡାଧାର,ସରଫଗଡ଼ ଇକୋ ଟୁରିଜମ ପାଇଁ ବିଦ୍ୟୁତ୍ ସେବା ମିଳିବ

# ଧାନବସ୍ତାରୁ ଗଜା ବାହାରିଲାଣି


ଲରମ୍ବା ମଣ୍ଡିରେ ଚାଷୀଙ୍କ ଧାନ ବର୍ଷା ଯୋଗୁ ଗଜା ହୋଇଛି ।

ଅତାବିରା, ୧୩।୬ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଆର୍‌ଏମ୍‌ସି ଅଧୀନ ୧୯ଟି ମାର୍କେଟ ୟାର୍ଡ ଓ ୧୦ କ୍ରୟକେନ୍ଦ୍ରକୁ ବର୍ତ୍ତମାନ ସୁଦ୍ଧା ୫୭ ଲକ୍ଷ ୧୧ ହଜାର ପ୍ୟାକେଟ ଆସିଛି। ଏଥିରୁ ୫୧ଲକ୍ଷ ୫୭ହଜାର ପ୍ୟାକେଟ ଧାନ ବିକ୍ରି ହୋଇଛି। ଆହୁରି ୪ଲକ୍ଷରୁ ଅଧିକ ବସ୍ତା ଧାନବସ୍ତା ବିକ୍ରି ନ ହୋଇ ପଡ଼ି ପଡିରହିଛି। ଗୁରୁବାରଠାରୁ ବର୍ଷା ହେଉଥିବାରୁ ମଣ୍ଡିରେ ଥିବା ଧାନବସ୍ତାରୁ ଗଜା ବାହାରିଲାଣି। ତଳି ଟାମ୍ପରସରା ଗ୍ରାମର ଭାଗ ଚାଷୀ ନିରଞ୍ଜନ ସେଟ ଲରମ୍ବା ମଣ୍ଡିକୁ ନେଇଥିବା ୩ ହଜାର ବସ୍ତା ଧାନ ପଡ଼ି ରହିଛି। ଲରମ୍ବା ମଣ୍ଡି ପରି ଅନେକ ମଣ୍ଡିରେ ପଡ଼ିଥିବା ଧାନ ବର୍ଷାରେ ଭିଜି ଗଜା ଧରିଲାଣି। ଚାଷୀମାନେ ଅଭିଯୋଗ କରୁଛନ୍ତି ଯେ, ରାଇସ୍ ମିଲ୍ ମାଲିକମାନେ ବିଭିନ୍ନ ଆଳ କରି ସେମାନଙ୍କୁ ଠକୁଛନ୍ତି। କଟନୀ ଛଟନୀ କରି ଶୋଷଣ କରାଯାଉଛି। ମଣ୍ଡିକୁ ଆସୁଥିବା ଧାନବସ୍ତା ୪ରୁ ୫ ଦିନ ରହିବା ପରେ ଅନ୍‌ଲୋଡ୍ କରାଯାଉଛି। ହେଲେ ଚାଷୀଙ୍କଠାରୁ ଅଣ୍ଡରରେଟରେ ଧାନ କିଣି ରାଇସମିଲର ଏଜେଣ୍ଟ ଭାବରେ କାମ କରୁଥିବା ବେପାରୀ ଯଦି ରାଇସ୍ ମିଲ୍‌କୁ ଧାନ ଆଣଛି ତେବେ ତତ୍‌କ୍ଷଣାତ ଅନ୍‌ଲୋଡ୍ କରାଯାଉଛି। ରାଇସ ମିଲ୍ ମାଲିକ, ଧାନ ବେପାରୀ, ପ୍ୟାକ୍ସ ଓ ମଣ୍ଡି କର୍ମଚାରୀଙ୍କ ମଧ୍ୟରେ କମିଶନ କାରବାରରେ ହିଁ ଧାନ କିଣାବିକା ଚାଲିଛି। ଅନ୍ୟପକ୍ଷେ ଦୁଇ ଦିନ ବର୍ଷା ହେଉଥିବାରୁ ଚାଷୀମାନେ ବାଧ ହୋଇ ଧାନ ବେପାରୀଙ୍କୁ ୧ ହଜାରରୁ ୧୧ ଶହ ମଧ୍ୟରେ କମଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି।

# ପ୍ୟାକ୍ସ କାର୍ଯ୍ୟାଳୟ ତାଲା ଖୋଲିଲା, ୭ ଟ୍ରକ୍‌ରେ ଉଠିଲା ଧାନ

ବିନିକା,୧୩।୬(ଡି.ଏନ୍.ଏ.)

## ଅସନ୍ତୁଷ୍ଟ ଧାନଚାଷୀଙ୍କୁ ମନାଇଲା ପ୍ରଶାସନ



ବିନିକା ବ୍ଲକ ଅଧୀନ ଶଙ୍କରା ସମବାୟ ସମିତି ଧାନମଣ୍ଡିରୁ ଶନିବାର ୭ଟି ଟ୍ରକରେ ସ୍ଥାନୀୟ ଚାଷୀମାନଙ୍କର ୨୪ ଶହରୁ ଅଧିକ ପ୍ୟାକେଟ୍ ଧାନ ଉଠିଛି। ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିବା ପ୍ରତିବାଦରେ ଚାଷୀମାନେ ଗତ ଗୁରୁବାର ଠାରୁ ପ୍ୟାକ୍ସ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଧାନ ନ ଉଠିଲେ ତାଲା ଖୋଲିବ ନାହିଁ ବୋଲି ଚାଷୀମାନେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ସୁବର୍ଣ୍ଣପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କେରକେରା ,ବିନିକା ତହସିଲଦାର ଅଲେଖ ଘୁଟା ,ଅତିରିକ୍ତ ଯୋଗାଣ ଅଧିକାରୀ ସୁବାଷ ହୋତା, ତ୍ରିନାଥ ଭୋଇ ଓ ଯୋଗାଣ ନିରୀକ୍ଷକ ଦିବ୍ୟ ସିଂ ବଡମାଳୀ ପ୍ୟାକ୍ସରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରି ମନାଇବା ପରେ ତାଲା ଖୋଲା ଯାଇଥିଲା।

ପ୍ରକାଶ ଯେ, ଗତ ୨୦ଦିନ ଧରି ଚାଷୀଙ୍କ ଧାନ ଟାର୍ଗେଟ ନ ଆସିବା ବାହାନାରେ ଧାନ ଉଠୁ ନ ଥିଲା। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଥିଲା। ଫଳସ୍ୱରୁପ ଚାଷୀମାନେ ଗତ ୧୧ ତାରିଖ ଦିନ ବିନିକା ଥାନାର ଦ୍ୱାରସ୍ଥ ହେବା ସହ ଶଙ୍କରା ପ୍ୟାକ୍ସ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏଥିଯୋଗୁ ପ୍ୟାକ୍ସ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ଅପରାହ୍ନ ୪ଟାରେ ଚାଷୀନେତା , ସମବାୟ ଅଧିକାରୀ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ଚାଷୀଙ୍କୁ ମନାଇବାକୁ ପ୍ରୟାସ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ପରଦିନ ରାତିରେ ଏ ନେଇ ପ୍ରଶାସନିକ ଅଧିକାରୀ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଦୈନିକ ୭ଟି ଟ୍ରକ୍ ମଣ୍ଡିରେ ଧାନ ଉଠାଣ ପାଇଁ ପହଞ୍ଚିବ ଏବଂ ୨୬ ଶହ ପ୍ୟାକେଟ୍ ଧାନ ବିକ୍ରୟ ପାଇଁ ମଣ୍ଡିରୁ ଉଠିବ । ଫଳରେ ୪-୫ ଦିନ ମଧ୍ୟରେ ମଣ୍ଡିରେ ପଡିଥିବା ସାତ ହଜାର ପ୍ୟାକେଟ୍ ଧାନ ସହଜରେ ବିକ୍ରି ହୋଇଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାତି ୧୦ଟା ପରେ ପ୍ୟାକ୍ସ କାର୍ଯ୍ୟାଳୟରୁ ଚାଷୀମାନେ ତାଲା ଖୋଲି ଦେଇଥିଲେ।

# ଜମି ଜବରଦଖଲ

ଦେବଗଡ଼,୧୩।୬(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ତାଳକୁଦରରେ ଜଙ୍ଗଲ ଜମିରେ ପଳସମା ସୀମାନ୍ତରୁ ଉଟୁଣିଆଁ ପର୍ଯ୍ୟନ୍ତ ଫରେଷ୍ଟ ନର୍ସରୀ ତରଫରୁ ଗଛ ଲଗାଯାଇଥିଲା। କିନ୍ତୁ ଗ୍ରାମର ୨ ଭାଇ ଉକ୍ତ ଜମିକୁ ସଫାକରି ସେଥିରେ ଗୁହାଳ ଘର ତିଆରି କରିଛନ୍ତି। ଗ୍ରାମବାସୀ ସ୍ଥାନୀୟ ଖଇରପାଲି ଫାଣ୍ଡିକୁ ଜଣାଇଥିଲେ। ଗ୍ରାମରକ୍ଷୀ ଲାଲ ପତାକା ମାରି ଜମିକୁ ସିଜ୍ କରିଥିଲେ। ହେଲେ ଜବରଦଲଖକାରୀ ସେହି ପତକାକୁ ଫିଙ୍ଗି ଦେଇଥିଲେ। ଫଳରେ ତାଳକୁଦରର ଶତାଧିକ ଗ୍ରାମବାସୀ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କୁ ସାକ୍ଷାତ କରି ଉକ୍ତ ଜମିରେ ପୁନଃ ଗଛ ଲଗାଯାଉ ଏବଂ ଜବରଦଖଲକାରୀଙ୍କୁ ହଟାଯାଉ ବୋଲି ଦାବିପତ୍ର ପ୍ରଦାନ କରିଥିଲେ।

# ସୁବର୍ଣ୍ଣପୁର ଜିଲା ହେଲା କରୋନା ମୁକ୍ତ

ସୋନପୁର,୧୩।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କରୋନାମୁକ୍ତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ଏହା କହିଛନ୍ତି। ଆଇଟିଆଇସ୍ଥିତ ଜିଲା ଅସ୍ଥାୟୀ କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ୪ଆକ୍ରାନ୍ତ ସୁସ୍ଥ ହେବା ପରେ ଶନିବାର ଡିସ୍‌ଚାର୍ଜ ହୋଇଛନ୍ତି। ବୁଧବାର ୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଜିଲାର ସମସ୍ତ ୨୯ସଂକ୍ରମିତ ସୁସ୍ଥ ହୋଇଥିବାରୁ କୋଭିଡ ହସ୍ପିଟାଲର ୨୦୦ ଶଯ୍ୟା ଏବେ ଖାଲି ପଡିଛି। ଏହି ଜିଲାରେ ମେ ୨୬ ତାରିଖରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧରେ ୨୬ ବର୍ଷୀୟ ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିଲା। ଗୋଟିଏ ଦିନ ପରେ ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାର ଏକସପ୍ତାହ ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରବାସୀ ଶ୍ରମିକଙ୍କ ସହିତ ଡାକ୍ତର, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ବି ଥିଲେ। ଜିଲା ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ତେବେ ସମସ୍ତ ଆକ୍ରାନ୍ତ ଜିଲା କୋଭିଡ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହେବା ଖୁସି ଖବର ବୋଲି କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡା। ଜିଲା କରୋନା ମୁକ୍ତ ହୋଇ ଥିବାରୁ କୋଭିଡ ହସ୍ପିଟାଲର ପ୍ରାଧିକୃତ ଅଧିକାରୀ, ପ୍ରଶାସନିକ ଅଧିକାରୀ, ବିଶେଷଜ୍ଞ, ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, ନର୍ସ ଓ ଫାର୍ମାଶିଷ୍ଟମାନଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

# ନିୟମ ପାଳନକାରୀଙ୍କୁ ପ୍ରଶଂସା, ଅମାନିଆଙ୍କୁ ଜରିମାନା

ରାଉରକେଲା ଅଫିସ,୧୩। ୬

କରୋନା କଟକଣା ଉଲ୍ଲଂଘନ ନେଇ ବିଭିନ୍ନ ସ୍ତରରେ ସମାଲୋଚନା ପରେ ରାଉରକେଲା ପ୍ରଶାସନ ଶନିବାରଠୁ କଡା ଆଭିମୂଖ୍ୟ ଆପଣାଇଛି। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ନିୟମକୁ ବଜାୟ ରଖିବା ନେଇ ସହରର ବିଭିନ୍ନ ଛକରେ ଯାଞ୍ଚ ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ସକାଳୁ ରାଉରକେଲା ମହାନଗର ନିଗମ(ଆରଏମସି) କମିଶନର ଦିବ୍ୟଜ୍ୟୋତି ପରିଡା, ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରୱେଣେ, ଆରଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇ, ଅତିରିକ୍ତ ତହସିଲଦାର ଅଭିଜିତ ମହନ୍ତ ଏବଂ ଆରଡିଏ ଓଏସଡି ଜିତେନ୍ଦ୍ର ମହାକୁଡ ପ୍ରମୁଖ ସହରସାରା ବୁଲି ଲୋକଙ୍କୁ ମାସ୍କ ପରିଧାନ କରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିବେଦନ କରିଥିଲେ। କରୋନା ସଂକ୍ରମଣକୁ ପ୍ରତିରୋଧ କରିବାକୁ ସହରବାସୀଙ୍କ ସମ୍ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟବସାୟୀ ଗୋଷ୍ଠୀ ମାସ୍କ ପରିଧାନ ସହ ଗ୍ରାହକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। କୋଭିଡ୍ ସତର୍କତା ନେଇ ଦୋକାନ ସମ୍ମୁଖରେ ଫଳକ ଲଗାଇବାକୁ କହିଥିଲେ। ନିୟମ ପାଳନକାରୀଙ୍କୁ ସାଧୁବାଦ ଜଣାଇବା ସହ ପ୍ରଶଂସା କରାଯାଇଥିଲା। ଖୋଲାଖୋଲି ନିୟମ ଉଲ୍ଲଂଘନ କରି ସହରରେ ବୁଲୁଥିବା ଅମାନିଆ ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଜିଲା ପୋଲିସ ସହାୟତାରେ ଆରମ୍ଭ କରାଯାଇଥିବା ଏହି ଅଭିଯାନର ପ୍ରଥମ ଦିନରେ ୪୩ ହଜାର ୫ ଶହ ଜରିମାନା ଆଦାୟ କରାଯାଇଛି। ଏଠାରେ ସୂଚନାଯୋଗ୍ୟ, ଯେ ଗତ କିଛି ଦିନ ହେବ ସହରରେ କୋଭିଡ୍ ନିୟମର ଖୋଲାଖୋଲି ଉଲ୍ଲଂଘନ ନେଇ ଜିଲା ପ୍ରଶାସନ ସାମାଲୋଚନାର ଶିକାର ହୋଇ ଆସୁଛି। ହାଟ ବଜାରଠୁ ନେଇ ସାଧାରଣ ପଥଚାରୀ ଆଦୌ ନିୟମ ପାଳନ କରୁ ନାହାନ୍ତି। ମାସ୍କ ପରିଧାନ ଓ ସାମାଜିକ ଦୂରତା ପ୍ରହସନ ପାଲଟିଛି। କରୋନା ସମୟରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ପକ୍ଷରୁ ହଜାର ହଜାର ଲୋକଙ୍କ ଖୋଲା ଶୋଭାଯାତ୍ରା ମଧ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାକୁ ନେଇ ଶନିବାରଠୁ ଜିଲା ପ୍ରଶାସନ ଏଭଳି କଡା ଆଭିମୂଖ୍ୟ ଆପଣାଇଛି।

# ହତ୍ୟା ଅଭିଯୋଗ ପରେ ସରପଞ୍ଚ ଫେରାର

ସୋନପୁର,୧୩।୬(ନି.ପ୍ର.)

## ମାୟାବାର୍ହା ଟିଏମ୍‌ସିରେ ନାବାଳିକାଙ୍କ ମୃତ୍ୟୁ ଘଟଣା

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରିବାଞ୍ଜି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଜଣେ ଦଳିତ ଯୁବତୀଙ୍କୁ ପଞ୍ଚାୟତର ସରପଞ୍ଚ ଅସଦାଚରଣ ମାମଲାରେ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ସେହି ବ୍ଲକ ମାୟାବାର୍ହା ଟିଏମ୍‌ସିରେ ଜଣେ ୧୪ ବର୍ଷୀୟା ବାଳିକାଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ମୃତ ନାବାଳିକାଙ୍କ ମାମୁଁ ପ୍ରେମରାଜ ନାଗ ଏହା ଏକ ହତ୍ୟା ଘଟଣା ବୋଲି ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସରପଞ୍ଚ ରମେଶ ଭୋଇ ଫେରାର ହୋଇ ଯାଇଛନ୍ତି।

ପ୍ରକାଶ ଯେ, ମାୟାବାର୍ହା ପଞ୍ଚାୟତ ସାରସମାଲ ଗ୍ରାମର ବବିତା ଦୀପ(୧୪) ମା ଚନ୍ଦ୍ରକାନ୍ତି, ୮ ବର୍ଷର ଭଉଣୀ ଓ ମାମୁଁ ପ୍ରେମରାଜଙ୍କ ସହିତ ତେଲେଙ୍ଗାନାରୁ ଗତ ୫ ତାରିଖରେ ଫେରି ଉକ୍ତ ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ଥିଲେ। କେନ୍ଦ୍ରରେ ଥିବା ବେଳେ ବୁଧବାର ଅପରାହ୍ନରେ ବବିତାଙ୍କ ଦେହ ଅସୁସ୍ଥ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ପଡିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ସନ୍ଧ୍ୟାରେ ସ୍ୱାସ୍ଥ୍ୟବସ୍ଥା ପୁଣି ଗୁରୁତର ହେବାରୁ ସରପଞ୍ଚ ଭୋଇଙ୍କୁ ଖବର ଦିଆଯାଇଥିଲା। ରାତିରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆସି ବବିତାଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ଏହି ଘଟଣା ପରେ ସରପଞ୍ଚ ଓ ଅନ୍ୟାନ୍ୟ କର୍ମଚାରୀ ଟିଏମ୍‌ସି ଛାଡି ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାତିରେ ରାମପୁର ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ ଓ ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ ଟିଏମ୍‌ସିରେ ପହଞ୍ଚି ଥିଲେ। ଏପରି କି ସରପଞ୍ଚଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ବିଡିଓ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ତେବେ ବବିତାଙ୍କ ମାମୁଁ ପ୍ରେମରାଜ ତାଙ୍କ ଭାଣିଜୀଙ୍କୁ ସରପଞ୍ଚ ହତ୍ୟା କରିଛନ୍ତି ବୋଲି ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ପତ୍ରରେ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଥିବା କେତେକ ଅନ୍ତେବାସୀ ମଧ ସ୍ୱାକ୍ଷର କରିଛନ୍ତି। ଥାନା ଅଧିକାରୀ ଯାଦବଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ। ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ ବୋଲି ସେ କହିଛନ୍ତି। ଏହି ଘଟଣାରେ ସରପଞ୍ଚଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ରାମପୁର ଆଇଆଇସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ରାମପୁର ମଣ୍ଡଳ ସଭାପତି ବୈଶାଖୁ ମିର୍ଦ୍ଧା, ନାରାୟଣ ପୁରୋହିତ, ଦାଶରଥି ମହାନନ୍ଦ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଠକେଇ ଅଭିଯୋଗ, ଜଣେ ଗିରଫ

ସୁନ୍ଦରଗଡ, ୧୩।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଠକେଇ ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛନ୍ତି ଗଞ୍ଜାମ ଜିଲା ଗୋପାଳପୁର ଥାନା ପଥରା ଗ୍ରାମର ହନନ ନାୟକ।

# ବଲାଙ୍ଗୀର ଶଟ୍‌ଡାଉନ: ରାସ୍ତାଘାଟ ଶୂନ୍‌ଶାନ

ବଲାଙ୍ଗୀର ଅଫିସ, ୧୩।୬

ବଲାଙ୍ଗୀର ଜିଲାରେ ଦୁଇଜଣ କରୋନା ଯୋଦ୍ଧା ସଂକ୍ରମିତ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଏହି ଦୁଇ କରୋନା ଯୋଦ୍ଧା କର୍ତ୍ତବ୍ୟରତ ଥିବାବେଳେ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବଲାଙ୍ଗୀରର ଓ ଅନ୍ୟ ଜଣେ ସଇଁତଳାର ବୋଲି କୁହାଯାଇଛି। ଦୁଇ କରୋନ ଯୋଦ୍ଧାଙ୍କ ବ୍ୟତୀତ ଟିଟିଲାଗଡ଼ ବ୍ଲକ ପରାସରା ପଞ୍ଚାୟତର ୪ଜଣ, ସିହିନି ଓ ସମିଆପଦାର ଦୁଇଜଣ, ବେଲପଡା ବ୍ଲକ ଡୁଙ୍ଗୁରିପାଲି ସଲଣ୍ଡି ଓ ଉଡିଙ୍ଗ ସଲଣ୍ଡିର ଦୁଇଜଣ, ପାଟଣାଗଡ ଏନ୍‌ଏସିର ଜଣେ ଓ ଦେଓଗାଁ ବ୍ଲକ କୁମୁରିଆର ଜଣେ ସଂକ୍ରମିତ ବୋଲି ଚିହ୍ନଟ କରାଯାଇଛି। ପରାସରାର ୪ ସଂକ୍ରମିତଙ୍କ ମଧ୍ୟରୁ ୩ଜଣ ଚେନ୍ନାଇରୁ ଓ ଜଣେ ରାୟପୁରରୁ ଫେରି କ୍ୱାରାଣ୍ଟାଇନ୍ ସାରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସିହିନୀ ସଂକ୍ରମିତ ଚେନ୍ନାଇରୁ ଓ ସମିଆପଦାର ସଂକ୍ରମିତ ମୁମ୍ବାଇରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ସାରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ବେଲପଡାର ଦୁଇ ସଂକ୍ରମିତ ତେଲଙ୍ଗାନାରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ପାଟଣାଗଡ ସଂକ୍ରମିତ ତେଲଙ୍ଗାନାରୁ ଓ କୁମୁରିଆ ସଂକ୍ରମିତ ଦିଲ୍ଲୀରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଗୋଟିଏ ଦିନରେ ୧୨ସଂକ୍ରମିତ ଚିହ୍ନଟ ପରେ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୪୨ସକ୍ରିୟ ଓ ୯୯ ସୁସ୍ଥ ହୋଇଛନ୍ତି।


ଶଟ୍‌ଡାଉନର ପ୍ରଥମ ଦିନ ଶନିବାର ବଲାଙ୍ଗୀର ସହର ଶୂନଶାନ ହୋଇଯାଇଛି ।

# ଦୁଇ କରୋନା ଯୋଦ୍ଧା ସଂକ୍ରମିତ

ବଲାଙ୍ଗୀର ଅଫିସ, ୧୩।୬

ବଲାଙ୍ଗୀର ଜିଲାରେ ଦୁଇଜଣ କରୋନା ଯୋଦ୍ଧା ସଂକ୍ରମିତ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଏହି ଦୁଇ କରୋନା ଯୋଦ୍ଧା କର୍ତ୍ତବ୍ୟରତ ଥିବାବେଳେ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବଲାଙ୍ଗୀରର ଓ ଅନ୍ୟ ଜଣେ ସଇଁତଳାର ବୋଲି କୁହାଯାଇଛି। ଦୁଇ କରୋନ ଯୋଦ୍ଧାଙ୍କ ବ୍ୟତୀତ ଟିଟିଲାଗଡ଼ ବ୍ଲକ ପରାସରା ପଞ୍ଚାୟତର ୪ଜଣ, ସିହିନି ଓ ସମିଆପଦାର ଦୁଇଜଣ, ବେଲପଡା ବ୍ଲକ ଡୁଙ୍ଗୁରିପାଲି ସଲଣ୍ଡି ଓ ଉଡିଙ୍ଗ ସଲଣ୍ଡିର ଦୁଇଜଣ, ପାଟଣାଗଡ ଏନ୍‌ଏସିର ଜଣେ ଓ ଦେଓଗାଁ ବ୍ଲକ କୁମୁରିଆର ଜଣେ ସଂକ୍ରମିତ ବୋଲି ଚିହ୍ନଟ କରାଯାଇଛି। ପରାସରାର ୪ ସଂକ୍ରମିତଙ୍କ ମଧ୍ୟରୁ ୩ଜଣ ଚେନ୍ନାଇରୁ ଓ ଜଣେ ରାୟପୁରରୁ ଫେରି କ୍ୱାରାଣ୍ଟାଇନ୍ ସାରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସିହିନୀ ସଂକ୍ରମିତ ଚେନ୍ନାଇରୁ ଓ ସମିଆପଦାର ସଂକ୍ରମିତ ମୁମ୍ବାଇରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ସାରିହୋମ୍‌କ୍ୱାରାଣ୍ଟାଇନରେ ରହିଥିଲେ। ବେଲପଡାର ଦୁଇ ସଂକ୍ରମିତ ତେଲଙ୍ଗାନାରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ପାଟଣାଗଡ ସଂକ୍ରମିତ ତେଲଙ୍ଗାନାରୁ ଓ କୁମୁରିଆ ସଂକ୍ରମିତ ଦିଲ୍ଲୀରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଗୋଟିଏ ଦିନରେ ୧୨ସଂକ୍ରମିତ ଚିହ୍ନଟ ପରେ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୪୨ସକ୍ରିୟ ଓ ୯୯ ସୁସ୍ଥ ହୋଇଛନ୍ତି।

# ମଣ୍ଡିରେ ଭିଜିଲା ଚାଷୀଙ୍କ ଧାନ

ପର୍ଲା, ୧୩ା୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଦଣ୍ଡପାଟସ୍ଥିତ ଖୁଣ୍ଟିଆ ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଛି ଶହଶହ କୁଇଣ୍ଟାଲ ଧାନ। ଗତ ଶୁକ୍ରବାରର ଲଘୁଚାପଜନିତ ବର୍ଷା ସାଙ୍ଗକୁ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବାରୁ ଚିନ୍ତାରେ ପଡିଯାଇଛି ଚାଷୀ। ମଣ୍ଡିରେ ପଡିରହିଥିବା ଧାନ ବର୍ଷାରେ ଭିଜିଯାଇଛି। ଏହି ପରିସ୍ଥିତିରେ ଚଳିତ ରବିଧାନ ଫସଲରେ ବେଶ୍ ଦୁଇପଇସା ପାଇବାର ଆଶା ରଖିଥିବା ଚାଷୀ ଆଶଙ୍କା ମଧ୍ୟକୁ ଟାଣି ହୋଇଯାଇଛି। ଚାଷୀଙ୍କ ରବି ଧାନ ବିକ୍ରି ପାଇଁ ଖୁଣ୍ଟିଆରେ ପ୍ରଶାସନ ମଣ୍ଡି ଖୋଲିଛନ୍ତି। ମିର୍ଜାପୁରର କସ୍ତୁରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳିଛି ମଣ୍ଡି ଦାୟିତ୍ୱ। ଏଠାରେ ୧୩୯ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସରକାର ଏହି ମଣ୍ଡି ମାଧ୍ୟମରେ ୬୯୦୦ କୁଇଣ୍ଟାଲ ଧାନକ୍ରୟ କରିବା ବ୍ୟବସ୍ଥା ରଖିଛନ୍ତି। ଏଥିପାଇଁ ଦୁଇଟି ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୬୬ଜଣଙ୍କ ୩୯୦୦ କୁଇଣ୍ଟାଲ ଧାନ କ୍ରୟ ହୋଇସାରିଛି।

## କୋକସରା ବ୍ଲକ


ମଣ୍ଡିରେ ଗଦା ହୋଇ ରହିଥିବା ଧାନ।

- ଅବ୍ୟବସ୍ଥାରେ ଚାଲିଛି ଖୁଣ୍ଟିଆ ଧାନ ମଣ୍ଡି
- ଟ୍ୟାଗ୍ ହୋଇଥିବା ଦୁଇ ମିଲର୍ସଙ୍କ ମଧ୍ୟରୁ ଜଣେ ଧାନ ଉଠାଉଛନ୍ତି
- ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ପାଇଁ ଆରଏମ୍‌ସି ପକ୍ଷରୁ ବ୍ୟବସ୍ଥା ନାହିଁ
- ୫୦୦ କୁଇଣ୍ଟାଲ ଧାନ ଉଠି ନ ପାରି ମଣ୍ଡିରେ ଖୋଲା ଆକାଶ ତଳେ ପଡିରହିଛି

ଏବେ ୧୧ ଚାଷୀଙ୍କ ପ୍ରାୟ ୫୦୦ କୁଇଣ୍ଟାଲ ଧାନ ଉଠି ନ ପାରି ମଣ୍ଡିରେ ଖୋଲା ଆକାଶ ତଳେ ପଡିରହିଛି। ଲଘୁଚାପଜନିତ ବର୍ଷାରେ କେତେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ତେବେ ମଣ୍ଡିକୁ ଆଣିଥିବା ଚାଷୀଙ୍କ ଧାନର ସୁରକ୍ଷା ଆରଏମ୍‌ସି ମାଧ୍ୟମରେ ଯୋଗାଇ ଦେବା ବ୍ୟବସ୍ଥା ଥିଲେ ହେଁ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଏପରି କି ମିଲର୍ସଙ୍କ ମନମୁଖି କାର୍ଯ୍ୟ ଯୋଗୁ ଧାନ ଉଠି ପାରୁନାହିଁ। ଦୁଇ ମିଲର୍ସଙ୍କ ମଧ୍ୟରୁ ଜଣେ ଧାନ ଉଠାଉଥିବା ଜଣାପଡିଛି । ଇତିମଧ୍ୟରେ ବର୍ଷା ଆରମ୍ଭ ହେଲାଣି । ଗୋଟାଏ ପଟେ ବର୍ଷା, ଅନ୍ୟପକ୍ଷେ ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ନେଇ ଆଶଙ୍କା ଭିତରେ ସେମାନେ ଛନ୍ଦି ହୋଇ ପଡିଥିବା ଚାଷୀ ନେତ୍ର ଧରୁଆ, ସନ୍ତୋଷ ରାଉତ, ଡମ୍ବରୁ ହାତୀ, ଜଙ୍ଗଲସାଇ ଧରୁଆ, ଭୀମ ପୋଟା, ଚନ୍ଦ୍ର ମାଝି, କୃପାସିନ୍ଧୁ ଧରୁଆ, ଥବୀର ଛତ୍ରିଆ, ଅଗସ୍ତି ରଣା, ପଦ୍ମନ ରଣା ପ୍ରମୁଖ ପ୍ରକାଶ କରଛନ୍ତି। ଧର୍ମଗଡ଼ ଉପଖଣ୍ଡ କୃଷକ ମଞ୍ଚ ସଭାପତି ଦିଗାମ୍ବର ଦୁରିଆ ସରକାରୀ ଅବ୍ୟବସ୍ଥାକୁ ନିନ୍ଦା କରିଛନ୍ତି । ଏ ନେଇ କୋକସରା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସଙ୍କୁ ପଚାରିବାରୁ ଚାଷୀଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଶ୍ରୀ ଦୁର୍ଗାଦେବୀଙ୍କ ନବକଳେବର


ମା’ ଦୁର୍ଗାଦେବୀ

ମନମୁଣ୍ଡା, ୧୩ା୬ (ଡି.ଏନ.ଏ.)

ମନମୁଣ୍ଡା ଅଞ୍ଚଳର ବହୁ ପୁରାତନ ଦୁର୍ଗାଦେବୀ ମନ୍ଦିରରେ ମା’ଙ୍କ ନବ କଳେବର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପିତଳ, ରୁପା, ସୁନା ଇତ୍ୟାଦି ବିଭିନ୍ନ ଧାତୁରେ ନିର୍ମିତ ମା’ ଦୁର୍ଗା ଦେବୀଙ୍କ ଶ୍ରୀମୁଖ ସ୍ଥାପନ କରାଯାଇଛି । ଏଥିପାଇଁ ଗ୍ରାମର ଅଧିଷ୍ଠାତ୍ରୀ ମା’ କଙ୍କାଳୀ ତେଲନଦୀ ଘାଟରୁ ପୂର୍ଣ୍ଣ କଳସୀ ଜଳ ଅଣାଯାଇଥିଲା । ସକାଳେ ମନ୍ଦିର ପୂଜକ କୁନା ମିଶ୍ର ମା’ଙ୍କ ନୀତିକାନ୍ତି କରି ସାରିବା ପରେ ବ୍ରାହ୍ମଣ ହାଡିବନ୍ଧୁ ଆଚାର୍ଯ୍ୟ ଦେବୀ ପୂଜା, ହୋମଯଜ୍ଞ ଇତ୍ୟାଦି ପୂଜାପାଠ କରିଥିଲେ । ସନ୍ଧ୍ୟା ସମୟରେ ମହାଆଳତି କରିଥିଲେ। ସନ୍ଧ୍ୟା ସମୟରେ ସିଂହଦ୍ୱାର କବାଟ ଖୋଲା ଯାଇଥିଲା । ଭକ୍ତମାନେ ମନ୍ଦିର ପାଚେରି ବାହାରେ ଥାଇ ଜଣ ଜଣ କରି ସାମାଜିକ ଦୂରତା ରଖି ମା’ଙ୍କ ଦର୍ଶନ କରିଥିଲେ । ସମସ୍ତ କାର୍ଯ୍ୟ ଶୋଭାଗିନୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ

### ପଣସ ଗଛରୁ ପଡି ଯୁବକ ମୃତ

ଲହୁଣୀପଡା, ୧୩ା୬ (ଡି.ଏନ.ଏ.): ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କେବଲାଙ୍ଗ ଗ୍ରାମର ଜଣେ ଯୁବକ ଗଛରେ ଚଢ଼ି ପଣସ ତୋଳୁଥିବା ବେଳେ ପଡିଯିବାରୁ ମୃତ୍ୟୁ ଘଟିଛି। ଏହି ଯୁବକ ଜଣକ ହେଲେ କେବଲାଙ୍ଗ ଗ୍ରାମର ରଞ୍ଜନ ମୁଣ୍ଡା (୨୩)। ଗଛ ତଳେ ଥିବା ସିମେଣ୍ଟ ଚଟାଣରେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫିଟି ହୋଇଯାଇଥିଲା। ପରିବାର ଲୋକେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଣେଇ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ସେ ଆଖି ବୁଜିଥିଲେ। ଖବର ପାଇ କେବଲାଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ୨ ଗିରଫ

ଲଖନପୁର, ୧୩ା୬ (ଡି.ଏନ୍.ଏ.): ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ବାଘମୁଣ୍ଡା-ସିଂହାରପୁର ରାସ୍ତାରେ ଏକୁଟିଆ ଚାଲି ଚାଲି ଯାଉଥିବା ଜଣେ ୨୩ବର୍ଷର ଯୁବତୀ ବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲସ ସିଂହାରପୁର ଗାଁର ୨ ଜଣଙ୍କୁ ଗିରଫ କରଛି। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବତୀ ଓ ଅଭିଯୁକ୍ତ ଦ୍ୱୟଙ୍କ ଡାକ୍ତରୀ ମାଇନା କରାଯାଇଛି। ପୋଲିସ କହିଛି ଯେ, ଏହି ଯୁବତୀ ଜଣକ ରାସ୍ତାରେ ଏକାକି ଚାଲି ଚାଲି ଯାଉଥିବାବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ । ଯୁବତୀଙ୍କ ମାଆ, ବାପା ନ ଥିବାବେଳେ ସେ ବନ୍ଧବାହାଲରେ ଜଣେ ଇଞ୍ଜିନିୟରଙ୍କ ଘରେ କାମ କରୁଥିଲେ । ଘର ମାଲିକଙ୍କ ଅଭିଯୋଗକୁ ଭିତ୍ତିକରି ଲଖନପୁର ଥାନାରେ ଏକ ମାମଲା (ନଂ.୯୯/୨୦) ରୁଜୁ ହୋଇଛି। ଏହାର ଅଧିକ ତଦନ୍ତ ଚାଲିଛି। ଏବେ କିନ୍ତୁ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ ମନା କରିଛନ୍ତି।

# ଧାନମଣ୍ଡି ଖୋଲିବା ପାଇଁ ଦାବିପତ୍ର

ଜୁନାଗଡ, ୧୩ା୬ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚିଁଗୁଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ନୂଆଗୁଡା ଗ୍ରାମରେ ଧାନ ମଣ୍ଡି ଖୋଲିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଖରିଫ ଋତୁରୁ ନୂଆଗୁଡାରେ ମଣ୍ଡି ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜୁନାଗଡ ବ୍ଲକ ଚିଚିଁଗୁଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ନୂଆଗୁଡା ଗ୍ରାମରେ ଚଳିତବର୍ଷ ଧାନ ବିକ୍ରି କରିବା ପାଇଁ ସ୍ଥାନୀୟ ପ୍ୟାକ୍ସରେ ୧୬୧ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବର୍ଷକୁ ୨ଟି ଋତୁ ଯଥା ଖରିଫ ଓ ରବି ସମୟରେ ନୂଆଗୁଡା ଗ୍ରାମର ୧୬୧ଜଣ ଚାଷୀ ପ୍ରାୟ ୨୨ହଜାର କୁଇଣ୍ଟାଲ ଧାନ ଚିଚିଁଗୁଡା ମଣ୍ଡିରେ ବିକ୍ରି କରିଥାନ୍ତି। ଧାନ ବିକ୍ରି କରିବା ପାଇଁ ଗ୍ରାମବାସୀଙ୍କୁ ୩ କିମି ଦୂର ଚିଚିଁଗୁଡା ମଣ୍ଡିକୁ ନେବାକୁ ପଡିଥାଏ। ତେବେ ମଣ୍ଡିରେ ପହଞ୍ଚିବା ପୂର୍ବରୁ ସେଠାରେ ଧାନ ରଖିବା ପାଇଁ ଆଉ ସ୍ଥାନ ନ ଥାଏ। ଫଳରେ ଚାଷୀମାନେ ରାସ୍ତାକଡରେ ଧାନ ରଖିଥାନ୍ତି। ସାମାନ୍ୟ ବର୍ଷା ହେଲେ ଧାନ ଭିଜିଯାଇ ନଷ୍ଟ ହୋଇଥାଏ। ନୂଆଗୁଡାରେ ପର୍ଯ୍ୟାପ୍ତ ପରିମାଣରେ ସରକାରୀ ସ୍ଥାନ ଓ ଭିତ୍ତିଭୂମି ରହିଥିବାରୁ ଏଠାରେ ଏକ ମଣ୍ଡି ଖୋଲିବା ପାଇଁ ଗ୍ରାମବାସୀ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଏହାର ଏକକିତା ନକଲ ଗ୍ରାମବାସୀ ଜୁନାଗଡ ଆରଏମସି ସମ୍ପାଦକ, ତହସିଲଦାର, ଧର୍ମଗଡ ଉପଜିଲାପାଳ, ଜିଲାପାଳ, ଓଡିଶା ବିଧାନ ସଭାର ବିରୋଧୀ ଦଳ ନେତାଙ୍କୁ ପ୍ରେରଣ କରିଥିବା ଜଣାପଡିଛି।

# ତରଭାରେ ବିଦ୍ୟୁତ୍‌ର ଲୁଚକାଳି ଖେଳ

ତରଭା, ୧୩ା୬ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଦିନକୁ ୮ରୁ ୧୦ ଥର ଲାଇନ୍ କଟୁଛି । କରୋନା ମହାମାରୀ ଯୋଗୁ ଲୋକେ ଏବେ ବାହାରେ ନ ବୁଲି ଅଧିକ ସମୟ ଘରେ ରହିବାକୁ ଉଚିତ୍ ମନେ କରୁଛନ୍ତି । ଏପଟେ ଗତ କିଛି ଦିନ ହେବ ଗୁଳୁଗୁଳି ଅନୁଭୂତ ହେଉଛି। ଏଭଳି ପରିସ୍ଥିତିରେ ଘନ ଘନ ବିଦ୍ୟୁତ୍ କାଟ ଲୋକଙ୍କୁ ଅତିଷ୍ଠ କରିଛି । ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ବିଭାଗୀୟ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଭୂଆଁ ବୁଲାଇ ଚାଲିଥିବା ବେଳେ ଜନ ଅସନ୍ତୋଷ ଆଗାମୀ ଦିନରେ ଆନ୍ଦୋଳନର ରୂପ ନେବା ପାଇଁ ଦାନା ବାନ୍ଧିବାରେ ଲାଗିଛି ।

ତରଭା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସଦାସର୍ବଦା ଅବ୍ୟାହତ ରହିବା ପାଇଁ ସୋନପୁରରୁ ତରଭା ପର୍ଯ୍ୟନ୍ତ ବିପୁଳ ଅର୍ଥ ବ୍ୟୟ କରାଯାଇ ସରୁ ତାର ବଦଳରେ ମୋଟା ତାର ଲଗାଯାଇ ମରାମତି କରାଯାଇଥିଲା । ଏଥିପାଇଁ ଦୀର୍ଘ ୨ ମାସ ଧରି ଦୈନିକ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ କରାଯାଇଥିଲା । ଏହାସତ୍ତ୍ୱେ ଅଞ୍ଚଳବାସୀ କୌଣସି ସୁବିଧା ପାଇନାହାନ୍ତି । ପୂର୍ବରୁ ଯେପରି ଭାବେ ବିଦୁତ୍ କାଟ ହେଉଥିଲା ମରାମତି କାର୍ଯ୍ୟ ପରେ ମଧ୍ୟ ବିଦ୍ୟୁତ୍‌ର ଲୁଚକାଳି ଖେଳ ଚାଲିଛି । ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ପଚାରିଲେ କେତେବେଳେ ଟ୍ରିପ ଯାଉଛି ବୋଲି କହୁଥିବା ବେଳେ ଆଉ କେତେବେଳେ ୧୩୩ ଲାଇନରୁ ଖରାପ ଅବା ଗଛ ପଡିଛି ବୋଲି କହୁଛନ୍ତି । ଅନେକ ସମୟରେ ଅର୍ଜୁନପୁର ଜଙ୍ଗଲ ଦେଇ ଯାଇଥିବା ତାର ଛିଣ୍ଡୁଥିବା କହି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଛି । ବିଦ୍ୟୁତ୍ ନ ଥିବା ବେଳେ କାରଣ ପଚାରିବା ପାଇଁ ଯୋଗାଯୋଗ କରିବାକୁ ଚାହିଁଲେ କେହି ଫୋନ ଉଠାଉନାହାନ୍ତି। ଅପରପକ୍ଷରେ ବିଭାଗ ଦ୍ୱାରା ତରଭା ସହରର ଗଳିକନ୍ଦିରେ କେବୁଲ ତାର ପରିବର୍ତ୍ତନ କରାଯାଇଥିବା ଏବଂ ଲାଇନ୍ ନ ଯିବାକୁ ନୂଆ ବିଦ୍ୟୁତ୍ ସରଞ୍ଜାମ ଲଗା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । କହିବାକୁ ଗଲେ ମରାମତି ନାଁରେ ତାଳିପକା କାମ କରାଯାଇ ଏ ବାବଦରେ ଆସିଥିବା ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଆକାରରେ ଜଣାଇଥିଲେ ତାହା ସରକାରୀ ନାଳି ଫିତା ତଳେ ଚାପି ହୋଇ ରହିଯାଉଛି । ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ଅଭିଯୋଗ କଲେ ଶୁଣିବାକୁ କେହି ନାହାନ୍ତି

# ଅସହାୟ ଡମ୍ବରୁଙ୍କୁ ମିଳିଲା ଭତ୍ତା

କୋକସରା, ୧୩ା୬ (ଡି.ଏନ.ଏ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଭିର୍କାପଡାରେ ରହୁଥିବା ବୃଦ୍ଧ ଡମ୍ବରୁଧର ସେଠୀ ଦମ୍ପତି ଅତି ଅସହାୟ ସ୍ଥିତିରେ ଭଙ୍ଗା ଦଦରା କୁଡ଼ିଆରେ ରହୁଥିବା ବେଳେ ଆହା କରିବାକୁ କେହି ନାହାଁନ୍ତି । ବଳ ବୟସ ଥିବା ସମୟରେ ସେ ନିଜର କୌଳିକ ବୃତ୍ତି କରି ପେଟପଟଣା କରି ଚଳି ଯାଉଥିଲେ । ଗତ ୨ ମାସ ହେବ ଡମ୍ବରୁଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସହ ସେ ଶଯ୍ୟାଶାୟୀ ହୋଇ ପଡିରହିଲେ । ତାଙ୍କ ସ୍ତ୍ରୀ ପାଖ ପଡ଼ୋଶୀଙ୍କ ଠାରୁ ମାଗି ଯାଚି ଚଳୁଥିଲେ। କିଛି ଦିନ ତଳେ ଡମ୍ବରୁଙ୍କ ଅସହାୟତାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଉକ୍ତ ଅସହାୟ ଦମ୍ପତିଙ୍କ ଉପରେ ପ୍ରଶାସନର ଦୃଷ୍ଟି ପଡିଥିଲା। କୋକସରା ବିଡ଼ିଓ ମନୀଷା ଦାସ ଏକ ମେଡ଼ିକାଲ ଟିମ୍ ପଠାଇ ଡମ୍ବରୁଙ୍କ ଚିକିତ୍ସା ପାଇଁ ଭବାନୀପାଟଣାକୁ ପଠାଇଥିଲେ।


ପ୍ରଶାସନ ପକ୍ଷରୁ ଡମ୍ବରୁଙ୍କୁ ଭତ୍ତା ଦିଆଯାଉଛି ।

କୋକସରା ବ୍ଲକ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ ଶନିବାର ଡମ୍ବରୁଙ୍କ ଘରେ ପହଞ୍ଚି ତିନି ମାସର ଭତ୍ତା ବାବଦକୁ ୧୫୦୦ ଟଙ୍କା ଦେବା ସହିତ ଆବାସ ଯୋଜନାରେ ଘର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଟ୍ରକ୍ କ୍ୟାବିନରୁ ଚାଳକଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା, ୧୩ା୬ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଏନଏଚ-୧୪୩ର କିସାନ ପେଟ୍ରୋଲ ପମ୍ପ ନିକଟରେ ଏକ କୋଇଲା ଗୁଣ୍ଡ ବୋଝେଇ ଟ୍ରକ୍ (ଓଡି୦୫ଏକ୍ସ/୯୮୧୫) କ୍ୟାବିନରୁ ଶନିବାର ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାମ ସୁରେନ୍ଦ୍ର କୁମାର ଭୂୟାଁ ଓ ଘର ଖୋର୍ଦ୍ଧା ଅଞ୍ଚଳରେ ବୋଲି ପୋଲିସ କହିଛି। ଟ୍ରକଟି ପାରାଦୀପରୁ କୁଆଁରମୁଣ୍ଡା ଟିପିଏସ୍‌ଏଲ୍ କାରଖାନାକୁ କୋଇଲା ଗୁଣ୍ଡ ଆଣିଥିଲା। ହେଲେ କାରଖାନାକୁ ନ ଯାଇ ୨ କି.ମି. ପୂର୍ବରୁ ଗାଡି ଛିଡ଼ା ହୋଇ କ୍ୟାବିନ ଭିତରେ ୫ ଦିନ ହେଲା ଚାଳକ ବସି ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

# ଅଟୋ ଚାଳକ ରଶ୍ମିରେଖାଙ୍କୁ କୋଭିଡ୍-୧୯ ସଂଗ୍ରାମୀ ସମ୍ମାନ

ବରଗଡ଼ ଅଫିସ୍, ୧୩ା୬

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ଗ୍ରାମର ଉଚ୍ଚଶିକ୍ଷିତା ଝିଅ ରଶ୍ମିରେଖା ବାଗ ନିଜେ ଅଟୋ ଚଳାଇ ପାଠ ପଢ଼ିବା ସହିତ ସେଥିରେ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି । କ୍ଷୀରେଶ୍ୱରୀ ବାଗ ଓ ଜନ୍ମେଜୟ ବାଗଙ୍କ ଝିଅ ରଶ୍ମିରେଖାଙ୍କ ଏଭଳି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ରଶ୍ମିରେଖାଙ୍କୁ ଘେଁସରେ କୋଭିଡ୍-୧୯ ସଂଗ୍ରାମୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଭରସା ପରିବାରର ମୁଖ୍ୟ ଉପଦେଷ୍ଟା ନିହାଲ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡଃ ହଳଧର ନାଗ, ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ପ୍ରମୁଖ ଯୋଗଦେଇ ରଶ୍ମିରେଖାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଙ୍ଗଠନର ସଭ୍ୟ ଚୈତନ ମୁନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ରଶ୍ମିରେଖା ସ୍ନାତକ ଶେଷବର୍ଷ ଛାତ୍ରୀ । ସେ ଅଟୋ ଚଳାଇ ନିଜ ପଢ଼ା ଖର୍ଚ୍ଚ ସହିତ ପରିବାର ଗୁଜୁରାଣ ମେଣ୍ଟାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।


ଅଟୋ ଚଳାଉଥିବା ରଶ୍ମିରେଖା ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

ମନମୁଣ୍ଡା, ୧୩ା୬ (ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ସାତଚାଙ୍ଗୁଡି ଗ୍ରାମରେ ଥିବା ନଳକୂପ ଏକ ମାସ ହେଲା ଅଚଳ ହୋଇପଡିଛି। ଫଳରେ ପାଣି ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଆଦିବାସୀ ବହୁଳ ଉକ୍ତ ଗ୍ରାମର ଲୋକେ ଏହି ନଳକୂପରୁ ପାଣି ନେଇ ପିଇବା ସହ ରୋଷେଇ କରିଥାନ୍ତି। ଆବଶ୍ୟକ ପଡିଲେ ସେଠାରେ ଗାଧୋଇ ଥାନ୍ତି। ଦୀର୍ଘ ଦିନ ଧରି ନଳକୂପ ଖରାପ ରହିବାରୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ଅଭିଯୋଗର ୧୦ ଦିନ ପରେ ବିଭାଗୀୟ କର୍ମଚାରୀ ଆସି କାମ ଅଧାପନ୍ତରିଆ କରି ପକାଇ ଦେଇଛନ୍ତି। ନଳକୂପର ଯନ୍ତ୍ରାଂଶ ଓ ପାଇପ ଖୋଲିପକାଇ ଦେଇଛନ୍ତି। ଗ୍ରାମବାସୀ ଏ ନେଇ ପଚାରିବାରେ ବ୍ଲକରୁ ସରଞ୍ଜାମ ଆସିଲେ କାମ ହେବ ବୋଲି କହି ସମୟ ଗଡାଇ ଚାଲିଛନ୍ତି। ଫଳରେ ଗାଁ ଲୋକେ ଦୂରକୁ ଯାଇ ପାଣି ଆଣୁଛନ୍ତି। ଗ୍ରାମର ଗଙ୍ଗାଧର ମଳିକ, ଲାଲବିହାରୀ ମଳିକ, ବୃନ୍ଦାବନ ଭୋଇ, ଷଣ୍ଢେଶ୍ୱର ମଳିକ, ସୁଦାମ ଝାଙ୍କର ପ୍ରମୁଖ ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାର ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ତାର ବ୍ୟତିକ୍ରମ ଦେଖାଦେଇଛି। ତୁରନ୍ତ ଉକ୍ତ ନଳକୂପ ମରାମତି କରିବାକୁ ବରଗୋଛାର ସାମାଜିକ କର୍ମୀ ତନ୍ମୟ କୁମାର ସାହୁ ଦାବି କରିଛନ୍ତି ।

### ମାସେ ହେଲା ନଳକୂପ ଅଚଳ


ନଳକୂପ ପାଇପ ପଡିରହିଛି।

# ଅନ୍‌ଲାଇନ୍ ଖାଦ୍ୟ ଡେଲିଭରିର ଚାହିଦା ବଢ଼ିଛି

ଝାରସୁଗୁଡ଼ା ଅଫିସ, ୧୩ା୬

କରୋନା ମହାମାରୀ ଯୋଗୁ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ଏହି କଟକଣା ପାଳନ ନ କଲେ ଜରିମାନା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାର ପ୍ରଭାବ ହୋଟେଲ ଶିଳ୍ପ ଉପରେ ପଡିଛି। ଆରମ୍ଭରୁ ହୋଟେଲଗୁଡିକ ବନ୍ଦ ଥିଲା। ପରବର୍ତ୍ତୀ ସମୟରେ ହୋଟେଲରେ ନ ଖାଇ କେବଳ ଗ୍ରାହକଙ୍କୁ ପାର୍ସଲ ଦେବାକୁ ସରକାର ଅନୁମତି ଦେଇଛନ୍ତି। ଏଥିଯୋଗୁ ହୋଟେଲକୁ ଲୋକଙ୍କ ଆସିବା ପୂର୍ବାପେକ୍ଷା କମିଛି। ହେଲେ ଅନ୍‌ଲାଇନରେ ଅର୍ଡର କଲେ ଲୋକଙ୍କ ଘରେ ଖାଦ୍ୟ ପହଞ୍ଚାଇବା ଚାହିଦା ବଢ଼ିଛି । କରେନା କଟକଣା ଯୋଗୁ ବିଭିନ୍ନ ସଂସ୍ଥା କର୍ମଚାରୀ ଛଟେଇ କରୁଥିବା ବେଳେ ଅନ୍‌ଲାଇନ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଅଧିକ କର୍ମଚାରୀ ନିଯୁକ୍ତି କରୁଛନ୍ତି। ଝାରସୁଗୁଡା ସହରରେ ଏଭଳି ଖାଦ୍ୟ ଯୋଗାଣକାରୀ ସଂସ୍ଥାର ଚାହିଦା ପୂର୍ବାପେକ୍ଷା ବଢ଼ିଛି। ଲୋକଙ୍କ ଏହି ଚାହିଦାକୁ ଦେଖି ଚାକିରି ଛାଡି ଅନ୍‌ଲାଇନ୍ ବ୍ୟବସାୟକୁ ଆପଣେଇ ଆତ୍ମନିର୍ଭର ହୋଇଥିବା ‘ଅର୍ଡର ପ୍ଲିଜ୍’ର ମାଲିକ ସନତ କୁମାର ଦାସ(୩୬) ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

### ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ସନତ


ସନତ କୁମାର ଦାସ ଓ ତାଙ୍କ ସହଯୋଗୀ ରିତେଶ କୁମାର ଶର୍ମା।

ଝାରସୁଗୁଡା ସହର କକ୍ସ କଲୋନୀର ବାସିନ୍ଦା ସନତ। ସେ ୨୦୦୯ରେ ଭୁବନେଶ୍ୱରରୁ ଏମ୍‌ସିଏ ଓ ୨୦୧୧ରେ ବେଙ୍ଗାଲୁରୁରେ ଏମ୍‌ବିଏ ପାସ୍ କରିଛନ୍ତି। ଏହାପରେ ସନତ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିଲେ। ହେଲେ ଆତ୍ମନିର୍ଭରଶୀଳ ହୋଇ ନିଜର ବ୍ୟବସାୟ ଆରମ୍ଭ କରିବା ନିଶା ତାଙ୍କୁ ଘାରିଥିଲା। ସେ ୨୦୧୪ରେ ଝାରସୁଗୁଡ଼ା ଫେରିଆସିଥିଲେ। ପାଖରେ ଆବଶ୍ୟକ ଟଙ୍କା ନ ଥିବାରୁ କିଛି ଭଲ ବ୍ୟବସାୟ ଆରମ୍ଭ କରିପାରି ନ ଥିଲେ। ପରିବାରର ଆର୍ଥିକ ସ୍ଥିତିକୁ ଦେଖି ମା’ ବାପା ସନତଙ୍କୁ ବ୍ୟବସାୟ କରିବାକୁ ବାରଣ କରୁଥିଲେ। କୌଣସି ସଂସ୍ଥାରେ ପୁଅ ଚାକିରୀ କରୁ ବୋଲି ସେମାନେ ଚାହିଁ ଥିଲେ । ଏହା ଭିତରେ ଝାରସୁଗୁଡ଼ା ସରବାହାଲ ଅଞ୍ଚଳର ସ୍କୁଲ ସାଙ୍ଗ ରିତେଶ କୁମାର ଶର୍ମାଙ୍କ ସହିତ ସନତଙ୍କ ଦେଖା ହୋଇଥିଲା। ଉଭୟେ ବ୍ୟବସାୟ କରିବା ନେଇ ଯୋଜନା କରିଥିଲେ। ଅନଲାଇନରେ ଅର୍ଡର ନେଇ ହୋଟେଲ ଖାଦ୍ୟ ଲୋକଙ୍କ ଘରେ ପହଞ୍ଚାଇବା କାମ ସେମାନେ ପ୍ରଥମେ ଆରମ୍ଭ କରିଥିଲେ। ଏଥିପାଇଁ ପ୍ରଥମେ ମାତ୍ର ୩ଟି ହୋଟେଲ ଏହି ପ୍ରସ୍ତାବରେ ରାଜି ହୋଇଥିଲେ। ନିଜ ପାଖରେ ଥିବା ୫୦ ହଜାର ଟଙ୍କା ଖର୍ଚ୍ଚ କରି ସନତ ଓ ରିତେଶ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କ ସହିତ ସହରର ୩୫ଟି ହୋଟେଲ ଅନୁବନ୍ଧିତ ହୋଇଛନ୍ତି। ନିଜ ସଂସ୍ଥାରେ ୧୦ ଜଣ କର୍ମଚାରୀ କାମ କରୁଛନ୍ତି। ପ୍ରତିଦିନ ଅତି କମ୍‌ରେ ୧୫୦ ଲୋକ ଖାଦ୍ୟ ପାଇଁ ଅର୍ଡର ଦେଉଛନ୍ତି। ଏହି ଲକ୍‌ଡାଉନ ସମୟରେ ଅନଲାଇନ ଅର୍ଡର ପୂର୍ବାପେକ୍ଷା ବଢ଼ିଛି ବୋଲି ସନତ କହିଛନ୍ତି। ଯୁବ ଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ଏପରି ବ୍ୟବସାୟ କଲେ ଲାଭବାନ ହୋଇପାରିବେ ବୋଲି ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଦିନକରେ ୭ ଆକ୍ରାନ୍ତ, ୧୦ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୩।୬:** ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଶନିବାର ଗୋଟିଏ ଦିନରେ କଙ୍କଡ଼ାହାଡ଼ ବ୍ଲକର ୭ ପ୍ରବାସୀଙ୍କ ନମୁନା ପଜିଟିଭ୍ ବାହାରିଛି। ସମସ୍ତେ ମହାରାଷ୍ଟ୍ର ଫେରନ୍ତା। ସେମାନେ ଚନ୍ଦନପୁର, କୋଇ, ବିରିବୋଲେଇ, ସୁନ୍ଦରମୁଣ୍ଡା ସଙ୍ଗରୋଧ କେନ୍ଦ୍ରରେ ଥିଲେ। ୧୨ତାରିଖ ଅପରାହ୍ନରେ ଆସିଥିବା ରିପୋର୍ଟରେ ସମ୍ପୃକ୍ତ ପ୍ରବାସୀ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସେହିପରି ସଙ୍ଗରୋଧ କେନ୍ଦ୍ରଗୁଡ଼ିକୁ ବିଶୋଧନ କରାଯିବା ସହ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନ୍ୟପଟେ ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୧୦ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକର ୭ ଏବଂ ହିନ୍ଦୋଳ ବ୍ଲକର ୩ଜଣ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୯ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୨୮ଜଣ ଚିକିତ୍ସାଧୀନ ଅଛନ୍ତି।

### ୨ ଅଧିକାରୀ ମାର୍‌ପିଟ୍, ମାମଲା ରୁଜୁ

**ବଅଁରପାଳ, ୧୩।୬(ଡି.ଏନ.ଏ.):** ନାଲ୍‌କୋ ସିପିପି ଡିଏମ୍ ପ୍ଲାଣ୍ଟ ପରିସରରେ ଶନିବାର ୨ ଅଧିକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଘଟଣାକୁ ନେଇ ନାଲ୍‌କୋ ଥାନାରେ ନଂ. ୭୧/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ସକାଳେ ସ୍ୱରୂପ କୁମାର ବାସ୍କେ ନାମକ ଜଣେ ନାଲ୍‌କୋ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ପରିସରରେ ଥିବାବେଳେ କର୍ମଚାରୀ ଗୟା ପ୍ରସାଦ ବାରିକ କୌଣସି କାମକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାପରେ ଗୟା ଉତ୍ତେଜିତ ହୋଇ ସ୍ୱରୂପଙ୍କୁ ମାଡ଼ ମାରିଥିଲେ। ଆହତ ଅବସ୍ଥାରେ ସ୍ୱରୂପଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନା ଓ ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସ୍ୱରୂପଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିବା ସୂଚନା ଦେଇଛନ୍ତି।

### ଝିଅ ଘରକୁ ଯିବାବେଳେ ଦୁର୍ଘଟଣା, ବାପା ମୃତ

**କଣିହାଁ, ୧୩।୬(ଡି.ଏନ.ଏ.):** ରଜ ପାଇଁ ଝିଅ ଘରକୁ ଯାଉଥିବାବେଳେ ଏକ ଦୁର୍ଘଟଣାରେ ଅନୁଗୋଳ ଜିଲା କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମର ବୁଦ୍ଧୁ ସେଠୀ (୭୦)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଝିଅ ଘରଠାରୁ ମାତ୍ର ୨ କିମି ପୂର୍ବରୁ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ମୁତାବକ, ବୁଦ୍ଧୁ କାକୁଡିଆ ପଞ୍ଚାୟତ ଚାଙ୍ଗୁଡିଆ ଗ୍ରାମସ୍ଥିତ ତାଙ୍କ ଝିଅ ଘରକୁ ଜଙ୍ଗଲିଆ ରାସ୍ତାରେ ଯାଉଥିବାବେଳେ ଏକ ନମ୍ବର ବିହୀନ ଗୋବର ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଚାଳକ ହରି ସେଠୀଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୧୧/୨୦ରେ ମାମଲା ରୁଜୁ ହୋଇଛି।

### ସଂଗ୍ରାମୀ ପବିତ୍ର ମୋହନଙ୍କୁ ଶ୍ରଦ୍ଧାଞ୍ଜଳି



**କଣିହାଁ, ୧୩।୬(ଡି.ଏନ.ଏ.):** ସ୍ୱାଧୀନତା ସଂଗ୍ରାମୀ, ଗଡଜାତ ଆନ୍ଦୋଳନର ମହାନାୟକ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ୩୩ତମ ପୁଣ୍ୟତିଥି ଶନିବାର ପାଳନ କରାଯାଇଛି। କଣିହାଁ ବ୍ଲକସ୍ଥିତ ପବିତ୍ରମୋହନ ହାଇସ୍କୁଲରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ସ୍ଥାନୀୟ ଶିକ୍ଷାବିତ୍‌ମାନେ ଉପସ୍ଥିତ ରହି ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସାନ୍ତ୍ରିବିଡା, କାକୁଡିଆ, ଟାକୁଆ, ପବିତ୍ରନଗର ସମେତ ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଂଗ୍ରାମୀଙ୍କ ସ୍ମୃତିଚାରଣ କରାଯାଇଥିଲା।

# କୋମାରେ ହେଲ୍ପ ଡେସ୍କ

**ଅନୁଗୋଳ ଅଫିସ, ୧୩।୬**




ଜିଲା ଚିକିତ୍ସାଳୟର ହେଲ୍ପ ଡେସ୍କ।

**ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ**
- ତଥ୍ୟ ଦେଉନାହାନ୍ତି କର୍ତ୍ତୃପକ୍ଷ
- ରୋଗୀଙ୍କ ପଞ୍ଜୀକରଣ ହେଉନି
- ସଂଗ୍ରହ କରାଯାଉନି ଫିଡ୍‌ବ୍ୟାକ୍
- ୫-ଟି ବିଭାଗକୁ ଦିଆଯାଉନି ସୂଚନା

ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ଚିକିତ୍ସାଳୟର ମାନ ବଢାଇବାକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବା ମେଡିକାଲ ହେଲ୍ପଡେସ୍କ ଏବେ କୋମାରେ। ଦୀର୍ଘ ୫ ମାସ ହେଲା ଏହା ଏକ ପ୍ରକାର ଅକାମୀ ହୋଇପଡିଥିବା ନେଇ ବାରମ୍ବାର ଅବଗତ କରାଯାଉଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଫେବୃୟାରୀରୁ ଏପରି ଅବହେଳା ଜାରିଥିବାରୁ ରୋଗୀ, ସମ୍ପର୍କୀୟ ତଥା ଜିଲାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ହେଲ୍ପ ଡେସ୍କ ଖୋଲାଯାଇଛି। ଏଠାରେ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୧ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରତି ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଲେଖାଏ ମ୍ୟାନେଜର ଓ ୬ ଜଣ ଲେଖାଏ ଭଲ୍ୟୁଣ୍ଟରଙ୍କୁ ମିଶାଇ ଜିଲାରେ ମୋଟ ୩୩ କର୍ମଚାରୀ ରହିଛନ୍ତି। ହେଲେ ଏତେ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ସତ୍ତ୍ୱେ ଡେସ୍କ ଏହାର ଦାୟିତ୍ୱ ତୁଲାଉ ନ ଥିବା ଅଭିଯୋଗ ଆସିଛି। ଡେସ୍କର ମୁଖ୍ୟ କାର୍ଯ୍ୟ ହେଉଛି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବା। ମେଡିକାଲରେ ରୋଗୀଙ୍କୁ କିପରି ସେବା ଯୋଗାଯାଉଛି ସେ ନେଇ ସରକାରଙ୍କୁ ଅବଗତ କରାଇବା। ସେହିପରି ଚିକିତ୍ସାଳୟରେ ସନ୍ତୋଷଜନକ ସେବା ମିଳୁଛି କି ନାହିଁ ସେ ବାବଦରେ ଉଭୟ ବହିର୍ବିଭାଗ ଓ ୱାର୍ଡରେ ଚିକିତ୍ସାଧୀନ ରୋଗୀଙ୍କ ନିକଟରୁ ଫିଡ୍‌ବ୍ୟାକ ବା ମତାମତ ସଂଗ୍ରହ କରି ପ୍ରତିଦିନ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମେତ ୫-ଟି ବିଭାଗକୁ ଜଣାଇବା। ଏହାଦ୍ୱାରା ଚିକିତ୍ସାଳୟର ତ୍ରୁଟି ସରକାର ସୁଧାରିବେ। ହେଲେ ଡେସ୍କ କର୍ମଚାରୀ ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁନାହାନ୍ତି। ଏପରିକି ବହିର୍ବିଭାଗକୁ ଆସୁଥିବା ରୋଗୀଙ୍କ ପଞ୍ଜୀକରଣ ମଧ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ମେଡିକାଲକୁ କେତେ ରୋଗୀ ଆସୁଛନ୍ତି, କେତେ ଜଣ ଚିକିତ୍ସାଧୀନ ଅଛନ୍ତି ତାହା ଜଣାପଡୁନି। ବିଭିନ୍ନ ବିଭାଗ ତଥା ଚିକିତ୍ସା ସୁବିଧା ବିଷୟରେ ଅବଗତ ନ ଥିବା ରୋଗୀଙ୍କୁ ଡେସ୍କ କର୍ମଚାରୀ ସାହାଯ୍ୟ ଯୋଗାଇଦେବା କଥା। ଏଥିରେ ମଧ୍ୟ ଅବହେଳା ହେଉଥିବା ଜଣାଯାଇଛି।

ଏ ସମ୍ପର୍କରେ ସିଡିଏମ୍‌ଓ ପ୍ରତାପ ବେହେରାଙ୍କୁ ପଚାରିବାରେ କହିଛନ୍ତି, କରୋନା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏଥିପ୍ରତି ସେ ଦୃଷ୍ଟି ଦେଇପାରୁ ନାହାନ୍ତି। ତେବେ ଏହି କାର୍ଯ୍ୟ ମେଡିକାଲ ମ୍ୟାନେଜର ଓ ଏଡିଏମ୍‌ଓ (ମେଡିକାଲ) ତଦାରଖ କରିବା କଥା। ଏବେ ଏଡିଏମ୍‌ଓ ପଦବୀ ଖାଲି ରହିଛି। ହେଲେ ଏତେ ଦିନ ହେଲା କାହିଁକି ରିପୋର୍ଟ ପ୍ରଦାନ କରାଯାଇ ନାହିଁ ତାହାର ଅନୁଧ୍ୟାନ କରାଯିବ। ଏଣିକି କିପରି ପ୍ରତିଦିନ ରିପୋର୍ଟ ସରକାରଙ୍କ ନିକଟକୁ ପଠାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସିଡିଏମଓ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ବ୍ଲାକ୍ ମେଲିଂ ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୩।୬**

### ତମାଣ୍ଡୋରୁ ଅଭିଯୁକ୍ତ ଦମ୍ପତି ଗିରଫ

ସୋସିଆଲ ମିଡିଆ ମାଧ୍ୟମରେ ଜଣେ ଶିକ୍ଷୟିତ୍ରୀଙ୍କୁ ବ୍ଲାକ୍ ମେଲିଂ କରୁଥିବା ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗବିହାର ଅଞ୍ଚଳର ଏକ ଦମ୍ପତିଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମର ଅଭିଯୋଗକାରୀ ଶିକ୍ଷୟିତ୍ରୀ ସପରିବାର ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡ୍ ଅଞ୍ଚଳରେ ରୁହନ୍ତି। ତାଙ୍କ ସ୍ୱାମୀ ବ୍ରହ୍ମପୁରସ୍ଥିତ ଆଇଆରବି ବାଟାଲିୟନରେ କନଷ୍ଟେବଳ ଭାବେ କାର୍ଯ୍ୟରତ। ହ୍ୱାଟ୍ସଆପ୍‌ରେ 'ଅଲୱେଜ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟ' ନାମକ ଏକ ଗ୍ରୁପ୍‌ରେ ସମ୍ପୃକ୍ତ ଦମ୍ପତି ଏବଂ ଶିକ୍ଷୟିତ୍ରୀ ମେମ୍ବର ଥିଲେ। କୌଣସି କାରଣରୁ ଗ୍ରୁପ୍‌ରୁ ଅଭିଯୁକ୍ତ ସ୍ୱାମୀଙ୍କୁ ବାହାର କରିଦିଆଯାଇଥିଲା। ଏହାପରେ ଶିକ୍ଷୟିତ୍ରୀଙ୍କୁ ସେ ଅଶ୍ଳୀଳ ମେସେଜ୍ କରିଥିଲେ। ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଏହା ଜାଣିବା ପରେ ଘଟଣାର ପ୍ରତିବାଦ କରିଥିଲେ। ଏହାପରେ ଅଭିଯୁକ୍ତ ଦମ୍ପତି ସୋସିଆଲ ମିଡିଆରେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଜାରି ରଖିଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ତୀବ୍ର ହୋଇଥିଲା। ଏହାପରେ ଶିକ୍ଷୟିତ୍ରୀ, ତାଙ୍କ ସ୍ୱାମୀ ଏବଂ ତାଙ୍କର ଜଣେ ସମ୍ପର୍କୀୟାଙ୍କୁ ଟାର୍ଗେଟ୍ କରିଥିଲେ ଅଭିଯୁକ୍ତ। ଶିକ୍ଷୟିତ୍ରୀଙ୍କ ଅଭିଯୋଗ ପରେ ଏ ନେଇ ନଂ. ୭୪/୨୦, ଦଫା ୫୦୫, ୫୦୬, ୫୦୭, ୩୮୫ (ଆଇପିସି), ୬୭ ଏବଂ ୬୭ (ଏ) ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ନେତୃତ୍ୱରେ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ଶୁକ୍ରବାର ରାତିରେ କଳିଙ୍ଗବିହାର ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାଧିକାରୀ କୁହନ୍ତି, ଅଭିଯୁକ୍ତ ସ୍ତ୍ରୀ, ସ୍ୱାମୀଙ୍କ ମୋବାଇଲ ଯାଞ୍ଚ କରାଯାଇଛି। ସେମାନଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି।

# ଆଳତୁମା ରଜ ମହୋତ୍ସବ ବନ୍ଦ

### କମିଟି ନିଷ୍ପତ୍ତିକୁ ସ୍ୱାଗତ କଲେ ଅଞ୍ଚଳବାସୀ

**କାମାକ୍ଷାନଗର, ୧୩।୬(ଡି.ଏନ.ଏ.)**



ଆଳତୁମା ରଜ ମହୋତ୍ସବ ପଡ଼ିଆ।

ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ପର୍ବପର୍ବାଣି ଉପରେ ପଡ଼ିଛି କରୋନା ଚଡ଼କ। କଟକଣା ଯୋଗୁ ଉତ୍ସବ, ଯାନିଯାତ୍ରା, ମେଳା ମହୋତ୍ସବ ସବୁ ବନ୍ଦ ହୋଇଯାଇଛି। ଏଥିରୁ ବାଦ୍ ପଡ଼ିନି 'ରଜ'। କୋଭିଡ୍-୧୯ ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ଚଳିତବର୍ଷ ଢେଙ୍କାନାଳ ଜିଲା କାମାକ୍ଷାନଗର ଆଳତୁମାର ପ୍ରସିଦ୍ଧ 'ରଜ ମହୋତ୍ସବ' ବନ୍ଦ ରଖାଯାଇଛି। ଏହାକୁ ସଚେତନ ନାଗରିକ, ବୁଦ୍ଧିଜୀବୀ ଏବଂ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

ରଜ ମହୋତ୍ସବ ବନ୍ଦ ହେବାପରେ ଆଳତୁମା ରଜ ପଡ଼ିଆରେ ଏବେ ନୀରବତା ରାଜୁତି କରୁଛି। କରୋନା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ନାହିଁ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଏକାଠି ହୋଇ ରଜ ମହୋତ୍ସବ ପାଳନ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଆଳତୁମା ରଜ ମହୋତ୍ସବ କମିଟିର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଉତ୍ସବ ବନ୍ଦ ରଖାଯାଇଛି। ଓଡ଼ିଆ ଘରର ପରମ୍ପରାକୁ ଆଗକୁ ନେବାକୁ ବାର୍ଷିକ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଦୀର୍ଘ ୧୧ବର୍ଷ ହେଲା ପାଳିତ ହୋଇଆସୁଥିଲା ରଜ ମହୋତ୍ସବ। କେବଳ ଦୋଳି ଖେଳ ନୁହେଁ, ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ନୃତ୍ୟ, ସଙ୍ଗୀତ, ପୁଚି, ରଙ୍ଗୋଲି, ପୋଡ଼ପିଠା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ୩ଦିନ ଧରି ପାଳିତ ହେଉଥିବା ଏହି ମହୋତ୍ସବରେ ଆକର୍ଷଣ ସାଜୁଥିଲେ ରାଜ୍ୟର ପ୍ରତିଷ୍ଠିତ କଳାକାର। ହେଲେ ଚଳିତବର୍ଷ କରୋନା ସବୁ ବିଗାଡ଼ି ଦେଇଛି।

ଏ ନେଇ କମିଟିର ସଦସ୍ୟ ନିରଞ୍ଜନ ସାହୁ କୁହନ୍ତି, ଚଳିତବର୍ଷ ରଜ ମହୋତ୍ସବ ଧୁମ୍‌ଧାମ୍‌ରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। କେତେକ ସାଂସ୍କୃତିକ ଅନୁଷ୍ଠାନକୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା। ମାତ୍ର କରୋନା ପାଇଁ ଚଳିତବର୍ଷ ମହୋତ୍ସବକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥିର କରାଯାଇଛି। ପରିସ୍ଥିତି ସ୍ୱାଭାବିକ ହେଲେ ଆରବର୍ଷକୁ ଧୁମ୍‌ଧାମରେ ରଜ ଉତ୍ସବ ପାଳନ କରାଯିବ ବୋଲି ସେ କହିଛନ୍ତି।

### ଏକାଠି ହୋଇପାରିବେନି ୫ ଜଣ

**ଢେଙ୍କାନାଳ ଅଫିସ, ୧୩।୬**

ରଜ ମହୋତ୍ସବରେ ଜନସମାଗମ ଏଡ଼ାଇବା ଲାଗି ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କଟକଣା ଜାରି କରିଛନ୍ତି। ଘର ଏବଂ ବାହାରେ ରଜ ଉତ୍ସବ ପାଳନ ଉପରେ ରୋକ୍ ଲଗାଯାଇଛି। ସର୍ବସାଧାରଣ ସ୍ଥାନରେ ଦୋଳି, ମେଳା, ମହୋତ୍ସବ, ଭୋଜିଭାତ ଏବଂ ପାରମ୍ପରିକ କ୍ରୀଡ଼ା ହେବନାହିଁ। ଗୋଟିଏ ସ୍ଥାନରେ ୫ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। ମଦ, ପାନ, ଗୁଟ୍‌ଖା ଖାଇବା ଏବଂ ଛେପ ପକାଇବା ଘଟଣା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାର୍କେଟ କମ୍ପ୍ଲେକ୍ସ ସମେତ ଅନ୍ୟ ସ୍ଥାନରେ ପରସ୍ପର ମଧ୍ୟରେ ୬ ଫୁଟ ଦୂରତ୍ୱ ରଖିବା, ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି। ରଜ ପାଇଁ ଜାରି କରାଯାଇଥିବା କଟକଣାକୁ କଡ଼ାକଡ଼ି ପାଳନ କରିବାକୁ ଏସ୍‌ପି, ଡିଡି ଡିଆରଡିଏ, ସିଡିଏମ୍‌ଓ, ଜନସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ଉପଜିଲାପାଳ, ତହସିଲଦାର, ବିଡିଓ, ପୌରସଂସ୍ଥା ଓ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି।

# ମଉଜ ବିଗାଡ଼ିଛି ମହାମାରୀ

**ଅନୁଗୋଳ ଅଫିସ, ୧୩।୬**

ରଜ ଆସିଛି, ପାଗ ବି ଭଲ ଅଛି। କିନ୍ତୁ ଉତ୍ସବ ପାଳିବାକୁ ଲୋକଙ୍କ ଭିତରେ ଉତ୍ସାହ ନାହିଁ। ମହାମାରୀ କରୋନା ଯୋଗୁ ସବୁଠି କମିଛି କୋଳାହଳ, ବିଗିଡିଯାଇଛି ରଜ ମଉଜ। ତେଣୁ କେବଳ ଘରେ ରହି ପରିବାର ସହ ରଜ ପାଳିବାକୁ ସ୍ଥିର କରିଛନ୍ତି ଅନୁଗୋଳବାସୀ। ସବୁବର୍ଷ ପରି ଚଳିତ ବର୍ଷ କୌଣସି ପ୍ରତିଯୋଗିତା ଆୟୋଜନ ହେବନି। ସାମାଜିକ ଦୂରତ୍ୱ ନିୟମ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରୁ ଲୋକେ ଦୂରେଇ ରହିବେ। ଏକାରଣରୁ ପର୍ବପାଳନ ପାଇଁ କାହା ମନରେ ଉତ୍ସାହ ନାହିଁ। କଟକଣା ଯୋଗୁ ଗ୍ରାମାଞ୍ଚଳରେ ମଧ୍ୟ ରଜ ପର୍ବ ଫିକା ପଡ଼ିଛି। ଅନ୍ୟପକ୍ଷରେ ରଜ ପାଇଁ କୌଣସି ସ୍ଥାନରେ ଏକଜୁଟ ହେବା, ଭୋଜି, ପ୍ରତିଯୋଗିତା, ଖେଳ ଆଦି ଆୟୋଜନ ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ସେହିପରି ବିଭିନ୍ନ ମନ୍ଦିର ତଥା ଧାର୍ମିକ ଅନୁଷ୍ଠାନକୁ ମଧ୍ୟ କଟକଣା ଅନ୍ତର୍ଭୁକ୍ତ କରାଯାଇଛି। ହାଟ, ବଜାରରେ ଭିଡ ଉପରେ ଅଙ୍କୁଶ ଲଗାଯାଇଛି। ବାହାରକୁ ଗଲେ ମାସ୍କ ପିନ୍ଧିବା, ସର୍ବସାଧାରଣରେ ପାନ ଛେପ ନ ପକାଇବାକୁ ଜିଲାପାଳ ମନୋଜ କୁମାର ମହାନ୍ତି ଶନିବାର ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

### ଅନୁଗୋଳରେ ଆଉ ଜଣେ ପଜିଟିଭ୍

**ଅନୁଗୋଳ ଅଫିସ, ୧୩।୬**

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଶନିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୫ ବର୍ଷୀୟ ଯୁବକ ଜଣକ ତେଲଙ୍ଗାନା ଫେରନ୍ତା ବୋଲି ଜଣାପଡ଼ିଛି। ସେ ଗତ ୬ ତାରିଖରୁ ସଙ୍ଗରୋଧରେ ଥିଲେ। କରୋନା ଲକ୍ଷଣ ନ ଥିଲେ ମଧ୍ୟ ତାଙ୍କ ନମୁନା ପଜିଟିଭ୍ ବାହାରିଛି। ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୩।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଲଳିତା ନାଏକଙ୍କୁ ତାଙ୍କ ପଡୋଶୀ ରମା ନାଏକ ଶୁକ୍ରବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଲଳିତା ଓ ରମାଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଲଳିତା ଘର ସାମ୍ନାରେ ବସିଥିବାବେଳେ ରମା ତାଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ. ୧୧୭/୨୦ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ଲଳିତା ଏବଂ ତାଙ୍କ ସ୍ୱାମୀ ରାଜୁ ନାଏକ ମାଡ଼ ମାରିଥିବା ନେଇ ରମା ଶନିବାର ପାଲଟା ଅଭିଯୋଗ ଆଣିଛନ୍ତି। ଏ ନେଇ ନଂ. ୧୧୯/୨୦ରେ ମାମଲା ରୁଜୁ କରିଛି।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ



**ଅନୁଗୋଳ ଅଫିସ, ୧୩।୬**

### ମାରଣାସ୍ତ୍ର ସହ ଗାଡ଼ି ଜବତ

ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜକିଶୋରପଡ଼ାର ଦୀପୁ ନାଏକ (୨୨), ଅମଲାପଡ଼ାର ଅନିଶ୍ ଶେଖ (୨୨), ଗାନ୍ଧୀ ଛକର ଗୌରୀଲାଲ୍ ଗୁପ୍ତା (୪୦), ପଞ୍ଚମହଲାର ସୋନୁ ଗୁପ୍ତା (୨୪), ମୂଷାପାପୁଲିର କାଳିଆ ନାଏକ (୨୦) ଏବଂ ଜଳନ୍ଧର ନାଏକ (୨୨)। ସେମାନଙ୍କଠାରୁ ମାରଣାସ୍ତ୍ର ସହ ଗାଡ଼ି ଜବତ କରାଯାଇଛି। ଘଟଣାସ୍ଥଳରୁ ଆଉ ୫ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ପଞ୍ଚମହଲାର ଏକ ଆମ୍ବତୋଟାରେ ୧୧ଜଣ କରଡ଼ାଗାଡ଼ିଆରେ ଥିବା ପେଟ୍ରୋଲ ପମ୍ପରୁ ଡକାୟତି ପାଇଁ ଯୋଜନା କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଅନୁଗୋଳ ଥାନା ଏସ୍‌ଆଇ ବିପ୍ଳବ ସାହୁ ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ସଦଳବଳ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ପରେ ଦୁର୍ବୃତ୍ତମାନେ ଫେରାର ହେବାକୁ ଚେଷ୍ଟା କରିଥିବାବେଳେ ୬ ଜଣ ଧରାପଡିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଜେରା ବେଳେ ଡକାୟତି ଯୋଜନା ବିଷୟରେ ଜଣାପଡିଛି। ସେମାନଙ୍କଠାରୁ ୨ଟି କଟୁରି, ୩ଟି ଲୁହା ଛଡ଼, ଗୋଟିଏ ଛୁରି, ୩ଟି ବାଇକ୍ ଓ ଗୋଟିଏ ଭ୍ୟାନ୍ ଜବତ ହୋଇଛି। ଶନିବାର ସନ୍ଧ୍ୟାରେ ଗିରଫ ଅଭିଯୁକ୍ତଙ୍କୁ ଅନୁଗୋଳର ଥାନା ଏସ୍‌ଆଇ ତୁଷାର ମହାନ୍ତି କୋର୍ଟଚାଲାଣ କରିଛନ୍ତି। ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୨ ପାଇପ୍ ବୋଝେଇ ଟ୍ରକ୍ ଜବତ, ୩ ଗିରଫ

**ଛେଣ୍ଡିପଦା, ୧୩।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ନୂଆପଡ଼ାରୁ ମୂଲ୍ୟବାନ ପାଇପ୍ ଚୋରି ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଜଳଯୋଗାଣ ଲାଗି ଉଦ୍ଦିଷ୍ଟ ପାଇପ୍‌ଗୁଡ଼ିକୁ ନୂଆପଡ଼ାରେ ରଖାଯାଇଥିଲା। ସେଠାରେ ନିୟୋଜିତ ରାତ୍ର ଜଗୁଆଳିଙ୍କୁ ଭୟଭୀତ କରାଇ ଗତ ୬ ତାରିଖରେ ଅଭିଯୁକ୍ତମାନେ ୭୯ଟି ପାଇପକୁ ଟ୍ରକ୍‌ରେ ବୋଝେଇ କରି ନେଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପୁନର୍ବାର ଉକ୍ତ ସ୍ଥାନରୁ ଅଭିଯୁକ୍ତମାନେ ୨ଟି ଟ୍ରକରେ ପାଇପ୍ ବୋଝେଇ କରି ନେଇଯାଇଥିଲେ। ଜଗୁଆଳି ମାଲିକଙ୍କୁ ଜଣାଇବା ପରେ ପୋଲିସ ଚଢ଼ାଉ କରି ଗୋଟିଏ ଟ୍ରକ୍‌କୁ ଧରିଥିଲା। ତେବେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଉକ୍ତ ଟ୍ରକ୍‌ରୁ ୫୫ଟି ପାଇପ୍ ଜବତ ହୋଇଛି। ଏ ନେଇ ନଂ. ୧୯୫ରେ ଏକ ମାମଲା ରୁଜୁ କରାଯାଇଛି।

ସେହିପରି ଅନ୍ୟ ଟ୍ରକ୍‌କୁ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ସହାୟତାରେ ମହିତଳାରୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ତାଳଚେର ଅଞ୍ଚଳର ଫୌଜଦାର ନିଶାଦ, କଟକ ଜଗତପୁରର ରାମସେବକ ଯାଦବ ଏବଂ ଅନୁଗୋଳ ହେମସୁରପଡାର ସନୁ ଜେନାଙ୍କୁ ପୋଲିସ ଗିରଫ କରିଛି। ଗାଡ଼ିରୁ ୧୧୩ ପାଇପ୍ ଏବଂ ଅଭିଯୁକ୍ତଙ୍କ ନିକଟରୁ ୬ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୧୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ରଥନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ଅନୁଗୋଳକୁ ମୌସୁମୀ ଛୁଇଁବାପରେ ଶନିବାର ବର୍ଷାରେ ଦୁଇଜଣ ବାଇକ୍ ଆରୋହୀ ଯାଉଛନ୍ତି। (ଫଟୋ-ଗୁଡ୍ଡୁ)

## ଆତ୍ମନିର୍ଭର ଭାରତ ଅଭିଯାନ ସମ୍ପର୍କିତ କର୍ମଶାଳା

ମାଲକାନଗିରି,(ଡି.ଏନ୍.ଏ.)- ସରକାରଙ୍କ ପକ୍ଷରୁ ନୂତନ ଭାବେ ଆରମ୍ଭ ହୋଇଛି ଆତ୍ମନିର୍ଭର ଭାରତ ଅଭିଯାନ । ଏଥିପାଇଁ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କୁଶଳୀ ଶ୍ରମିକଙ୍କୁ କିଭଳି ସ୍ୱତନ୍ତ୍ର ତାଲିମ ଦେଇ ଜିଲାରେ ଥିବା ବିଭିନ୍ନ ଶିଳ୍ପକେନ୍ଦ୍ରଗୁଡ଼ିକରେ ଥଇଥାନ କରାଯିବ ସେନେଇ ଆଲୋଚନା ହୋଇଥିଲା । ପୂର୍ବରୁ ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକ ଋଣ ନେଇ ଶୁଝି ନ ପାରି ସେମାନଙ୍କ ଶିଳ୍ପ ବନ୍ଦ କରି ଦେଇଥିଲେ ସେମାନଙ୍କୁ ପୁନଃ ପ୍ରୋତ୍ସାହନ ପାଇଁ କେନ୍ଦ୍ର ସରକାରଙ୍କ କ୍ଷୁଦ୍ର ଓ ଅଣୁ କ୍ଷୁଦ୍ର ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ଋଣ ପ୍ରଦାନ ବ୍ୟବସ୍ଥା ହୋଇଛି ।

### ସଂକ୍ଷେପରେ

## ୨ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

କୋଷାଗୁମୁଡ଼ା,୧୩।୬(ଡି.ଏନ୍.ଏ.)- କୋଷାଗୁମୁଡ଼ା-ନବରଙ୍ଗପୁର ରାସ୍ତା ନୂଆବନ୍ଧ ନିକଟରେ ଶନିବାର ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଟେମରା ଗ୍ରାମର ଜଳନ୍ଧର ମାଳୀ (୨୧) ଓ ତାଙ୍କ ଝିଆରୀ ଦୁଲ୍ଲାରୀ ମାଳୀ ଦୁହେଁ କୋଡିଙ୍ଗା ପଟୁ ନିଜ ଗାଁକୁ ବାଇକରେ ଆସୁଥିଲେ। ବିପରୀତ ଦିଗରୁ ସରଗୀଗୁଡା ଗ୍ରାମର ୨ ଜଣ ବାଇକରେ ଆସୁଥିବା ବେଳେ ନୂଆବନ୍ଧ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଳନ୍ଧରଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ବାଇକରେ ଥିବା ୨ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ କୋଷାଗୁମୁଡ଼ା ଥାନାରେ ନଂ .୭୭/୨୦ରେ ମାମଲା ରୁଜୁ କରାଯାଇଛି ।

## ଗୋଟିଏ ଦିନରେ ୧ ଲକ୍ଷ ୧ ହଜାର ୬୦ ଶ୍ରମ ଦିବସ ସୃଷ୍ଟି

ନବରଙ୍ଗପୁର,୧୩।୬(ବି.ପ୍ର.)-ଶ୍ରମିକମାନଙ୍କୁ ରୋଜଗାର ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବିଭିନ୍ନ ପ୍ରକଳ୍ପରେ ନିୟୋଜିତ କରାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଅଧିକ ଶ୍ରମଦିବସ ସୃଷ୍ଟି କରାଯାଉଛି । ନବରଙ୍ଗପୁର ଜିଲାର ୧୦ଟି ବ୍ଲକରେ ଶୁକ୍ରବାର ଗୋଟିଏ ଦିନରେ ୧ ଲକ୍ଷ ୧ ହଜାର ୬୦ ଜଣ ଶ୍ରମିକ କାମ ପାଇଛନ୍ତି। ୨୦୧୯ ଜୁନ ୧୨ ରେ ୩୬ ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିଥିଲା। ଏହାକୁ ତୁଳନା କଲେ ଜିଲାରେ ଶୁକ୍ରବାର ରେକର୍ଡ ସଂଖ୍ୟକ ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି । ପଞ୍ଚାୟତିରାଜ ବିଭାଗର ଏଥିପାଇଁ ୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ୫-ଟି ସଚିବ ଓ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ସମସ୍ତ କର୍ମଜୀବୀଙ୍କୁ ନିଜର ଜୀବନ ଜୀବିକା ପାଇଁ କାମ ଯୋଗାଇ ଦେବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲାର ୧୦ଟି ବ୍ଲକର କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନ ସହଯୋଗରେ ଏପରି ରେକର୍ଡ ସଂଖ୍ୟକ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ।

## ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲା ସଭାପତିଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି,୧୩।୬(ଡି.ଏନ.ଏ)-ନବରଙ୍ଗପୁର ଜିଲା ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି କାଜମ ମଦାନୀ ଚନ୍ଦାହାଣ୍ଡି ବ୍ଲକର ମୋହରା ଓ ବେହେରାମୁଣ୍ଡା ମସ୍‌ଜିଦ ଶନିବାର ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ମୁସଲମାନ ସମ୍ପ୍ରଦାୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କିଭଳି ଭାବେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରାଛାତ୍ର ଜାତିଗତ ପ୍ରମାଣପତ୍ର ପାଇବା ସହ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ଯୋଜନାର ଲାଭ ଉଠାଇପାରିବେ ସେନେଇ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ଏହାପରେ ସେ ଚନ୍ଦାହାଣ୍ଡି ସ୍ଥିତ ଚର୍ଚ୍ଚ ପରିଦର୍ଶନ କରି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସରଫ ରାଜ, ମହମ୍ମଦ ୟୁନୁସ, ଅବଦୁଲ କୟୁମ,ହୁସେନ ଅଲ୍ଲୀ, ରଜତ ଜଗତ,ସଦାନନ୍ଦ ଜଗତ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲ ତଳକୁ ଖସିଲା ବାଇକ,୨ ମୃତ



କାଳିମେଳା,୧୩।୬(ଡି.ଏନ୍.ଏ.): ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଅଧୀନ ଏମ୍‌ଭି-୪୧ ଗ୍ରାମ ନିକଟରେ ଶନିବାର ଏକ ବାଇକ୍ ପୋଲ ତଳକୁ ଖସିପଡିଛି। ଫଳରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଭୀମା ମାଡକାମି ଓ ପେଟା ବେଟ୍ଟି। ଆହତଙ୍କ ନାମ ଦେବା ବେଟ୍ଟି ବୋଲି ଜଣାପଡିଛି। ଉଣ୍ଡୁକୋଣ୍ଡା ପଞ୍ଚାୟତ ପାଡଗାନପାଲି ଗ୍ରାମର ପେଟା ମାନ୍ୟମକୋଣ୍ଡା ପଞ୍ଚାୟତର କାଲୁଗୁଡ଼ା ଗ୍ରାମର ଭୀମାଙ୍କୁ ସାଙ୍ଗରେ ନେଇ ସାନଭାଇ ଦେବାଙ୍କୁ ଦେଖା କରିବା ପାଇଁ କାଲୁଗୁଡ଼ା ଯାଇଥିଲେ। ଫେରିବା ସମୟରେ ଦେବା ମଧ ସାଙ୍ଗରେ ଆସିଥିଲେ। ଗୋଟିଏ ବାଇକ୍‌ରେ ୩ଜଣ ପାଡଗାନପାଲି ଫେରୁଥିବାବେଳେ ଏମ୍‌ଭି-୪୧ ଗ୍ରାମ ନିକଟରେ ପୋଲ ତଳକୁ ବାଇକ୍ ଭାରସାମ୍ୟ ହରାଇ ଖସିପଡ଼ିଥିଲା। ଏଥିରେ ପେଟା ଏବଂ ଭୀମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ଦେବା ଆହତ ହୋଇଛନ୍ତି। ତାଙ୍କୁ କାଳିମେଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଫେଲ୍

- ଜଳାଶୟଗୁଡ଼ିକ ପୂର୍ଣ୍ଣ ନେଇ ଚାଷୀଙ୍କ ମନରେ ଆଶା ସଞ୍ଚାର
- ଜିଲାପାଳଙ୍କୁ ଭେଟିଲେ ଯନ୍ତ୍ରୀ, ଠିକାଦାର
- ୬୧ ପଏଣ୍ଟରୁ କାମ କରୁଛି ମାତ୍ର ୭ଟି

କାଶୀନଗର,୧୩।୬(ଡି.ଏନ୍.ଏ.):


ବୃହତ ଉଠାଜଳସେଚନ ପ୍ରକଳ୍ପ ପମ୍ପ ହାଉସ୍ ।

ଗଜପତି ଜିଲା କାଶୀନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ୨୦୧୯ରେ ମେଗା ଉଠାଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ୩ଶହ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ପାଇପଲାଇନ ବିଛାଯାଇଥିଲା । ତେଣୁ କାଶୀନଗର ଅଞ୍ଚଳରେ ଜଳସେଚନ ସମସ୍ୟା ଦୂରହେବ ବୋଲି ଲୋକେ ଆଶା କରିଥିଲେ । ତେବେ ବ୍ଲକ୍‌ର ଅଲଡ଼ା ଓ ସିଆଳି ପଞ୍ଚାୟତରେ ପାଇପଲାଇନ ବିଛା ନ ଯିବାକୁ କେନ୍ଦ୍ରକରି ସେ ସମୟରେ ଜନ ଅସନ୍ତୋଷ ବଢ଼ିଥିଲା । ଉକ୍ତ ୨ ପଞ୍ଚାୟତରେ ପାଇପ୍ ବିଛାଇବା ପାଇଁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ତାହା ହୋଇପାରି ନ ଥିବା ଜଣାପଡ଼ିଛି। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାମ ସରିଥିବା ନେଇ ସମ୍ପୃକ୍ତ ଠିକାଦାର ଓ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଉଥିଲେ ମଧ ଚାଷୀମାନେ ପାଣି ପାଉ ନ ଥିବା କହିଛନ୍ତି। ୬୧ଟି ପଏଣ୍ଟ ମଧ୍ୟରୁ ମାତ୍ର ୭ରୁ ୭ଟି ପଏଣ୍ଟ କାମ କରୁଥିବାବେଳେ ତାହା ମଧ ସନ୍ତୋଷଜନକ ନ ଥିବା ଚାଷୀମାନେ କହିଛନ୍ତି। କିଛିଦିନ ତଳେ ଚାଷୀ ଏବଂ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଖୁରିଗାଁଠାରେ ଆୟୋଜିତ ଏକ ସମାବେଶରେ ଯନ୍ତ୍ରୀ ଅତିଥିଭାବେ ଯୋଗଦେଇ ଅବଶିଷ୍ଟ କାମ ଖୁବ୍ ଶୀଘ୍ର ସାରି ସମସ୍ତ ପଏଣ୍ଟ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ କାମ ନ ହେବାରୁ ଚାଷୀମାନେ ଏ ନେଇ ଦାବିପତ୍ର ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ପୂର୍ବରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମୟରେ ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଖନନ କରାଯାଇଥିବା ଜଳାଶୟଗୁଡ଼ିକରେ ଜଳପୂର୍ଣ୍ଣ କରିବା ପାଇଁ ସେମାନେ ଦାବି କରିଥିଲେ। ତେବେ ଏହି ଜଳାଶୟଗୁଡ଼ିକରେ ଜଳପୂର୍ଣ୍ଣ କରାଯାଇପାରିବ କି ନାହିଁ ତାହାର ଯାଞ୍ଚ କରିବାକୁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ମେଗା ଲିଫ୍ଟ ପ୍ରକଳ୍ପର ପିଡି ଏବଂ ସିଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ବିଭାଗର ଚିଠିକୁ ନେଇ ଗଜପତି ଜିଲାପାଳଙ୍କ ସହ ଆଲୋଚନା ମଧ କରାଯାଇଥିବା ଜଣାପଡ଼ିଛି। ଶୁକ୍ରବାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଓ ଠିକାଦାର ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ତେଣୁ କୃଷ୍ଣସାଗର, ଖୁରିଗାଁ ପୋଖରୀ, ବିଏଲ୍‌ପୁର ବନ୍ଧ, ଗୋରିବନ୍ଧ, ଗୁଡ୍‌ଲାଓ୍ୱାରି ଜଳାଶୟରେ ଜଳ ପୂର୍ଣ୍ଣହେବା ନେଇ ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି । ତେବେ ନିକଟ ଭବିଷ୍ୟତରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କର୍ତ୍ତୃପକ୍ଷ ସକାରାତ୍ମକ ପଦକ୍ଷେପ ନ ନେଲେ କାଶୀନଗରରେ ଚାଷୀ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି ।

# ୨ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଖରିଫ ଚାଷ

ଜୟପୁର, ୧୩।୬ (ନି.ପ୍ର.)

କୋରାପୁଟକୁ ମୌସୁମୀ ବର୍ଷା ଆସିଛି। ଏହାକୁ ନେଇ ଖରିଫ ଚାଷ ପାଇଁ ଚାଷୀ ଓ ପ୍ରଶାସନ ତତ୍ପରତା ପ୍ରକାଶ କରିଛନ୍ତି। ଖରିଫ ଋତୁରେ ଜିଲା କୃଷି କାର୍ଯ୍ୟାଳୟ ଧାନଚାଷ ସହ ତୈଳବୀଜ ଓ ଡାଲିଜାତୀୟ ଫସଲ ଲାଗି ଯୋଜନା ରଖିଛି । ଖରିଫ ଋତୁରେ ୨ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଲାଗି ବିଭାଗ ଆକଳନ କରିଛି। ଧାନଚାଷ ୯୯ ହଜାର ହେକ୍ଟର ଜମିରେ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମକା ୨୧ ହଜାର ୧୦୦ ହେକ୍ଟର, ଯଅ ୪୯୦ ହେକ୍ଟର, ବାଜରା ୧୧୧ ହେକ୍ଟର, ମାଣ୍ଡିଆ ୫୮ ହଜାର ୩୫୦ ହେକ୍ଟର, ଛୋଟ ଶସ୍ୟ ୧୨ ହଜାର ୧୧୦ ହେକ୍ଟର, ଶସ୍ୟ ୭୧୦୬୧ ହେକ୍ଟର,ଡାଲି ଜାତୀୟ ଫସଲ ୨୧ ହଜାର ୫୯୦ ଶହ ହେକ୍ଟର, ୧୯ ହଜାର ୪୪୦ ହେକ୍ଟର ତୈଳବୀଜ ଜାତୀୟ ଫସଲ, ଝୋଟ ୧୪୨୨ ହେକ୍ଟର, ପନିପରିବା ୪୬ ହଜାର ୪୨୪ ହେକ୍ଟର, ମସଲା ଜାତୀୟ ୮ ହଜାର ୮ ଶହ ହେକ୍ଟର, ଆଖୁ ୭ ହଜାର ୨୯୫ ହେକ୍ଟର, ମରିଚ, ହଳଦୀ ଓ ଅଦା ୯ ହାଜର ୩୦ ହେକ୍ଟର, ଲେମନ ଗ୍ରାସ ୯ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଖରିଫଋତୁରେ ଚାଷୀଙ୍କୁ ୨୦୮ ଡିଲର ଓ ୨୦ଟି ଲ୍ୟାମ୍ପ୍‌ସ ଜରିଆରେ ଧାନ ବିହନ ୧୬୬୭୦ କୁଇଣ୍ଟାଲ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଫସଲ ନିମନ୍ତେ ୩୦ ହଜାର ୨ ଶହ ମେଟ୍ରିକ ଟନ ନାଇଟ୍ରୋଜେନ, ଫସ୍‌ଫରସ, ପଟାସ ଆଦି ସାର ଯୋଗାଇଦେବାକୁ ସ୍ଥିର ହୋଇଛି। ୨୦୨୦ ଖରିଫଋତୁରେ ୯୪ ହଜାର ୧୫୩ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ରହିଛି। ଅନ୍ୟ ଜମି ବର୍ଷା ଜଳ, ଝରଣା, ନଳକୂପ, ଗଭୀର କୂପ, ଉଠା ଜଳସେଚନ ଉପରେ ନିର୍ଭର କରେ। ୪୨ ହଜାର ୪୫୬ ହେକ୍ଟର ଜମି ବୃହତ୍ ଜଳସେଚନ ଅଧୀନରେ ଆସୁଥିବା ବେଳେ ୫.୫ହଜାର ହେକ୍ଟର ଜମି ପାଇଁ କ୍ଷୁଦ୍ର ଜଳସେଚନ ସୁବିଧା ରହିଛି। ୨୦ ହଜାର ହେକ୍ଟର ଜମିକୁ ଉଠା ଜଳସେଚନ ଜରିଆରେ ଜଳ ଯୋଗାଣ ହେଉଛି। ଚଳିତ ବର୍ଷ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି । ଜିଲାର ୧୪ଟି ବ୍ଲକର ୨୨୬ ପଞ୍ଚାୟତ ଓ ୨୦୨୮ ଗ୍ରାମରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ଖରିଫ ଚାଷ ପାଇଁ ଧାର୍ଯ୍ୟ ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରୁ ଉଚ୍ଚା ଜମି ୧୮୩ ୯୯୦ ହେକ୍ଟର, ମଧ୍ୟମ ଜମି ୭୮.୫୩୦ ହେକ୍ଟର ଓ ଖାଲ ଜମି ୩୩.୪୮୦ ହେକ୍ଟର ରହିଛି। ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗରେ ଥିବା ୧୩୬୬ଟି ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ୨୧୭ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ଫଳରେ ୪ ହଜାର ୩ ଶହ ୪୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବନି ବୋଲି ଜଣାଯାଇଛି । ଏ ସମ୍ପର୍କରେ ଜିଲା ଉପ କୃଷି ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାରେ ୩୦ ପ୍ରକାର ଚାଷ ହେବାକୁ ନିଷ୍ପତ୍ତି ହୋଇଛି। ଏନେଇ ବିହନ,ସାର, କୀଟନାଶକ ଯୋଗାଣ ସବୁ ବ୍ୟବସ୍ଥା କରାଯାଇଛି।

# ଜୟପୁରରେ ହେବ ନାହିଁ ରଥଯାତ୍ରା

ଜୟପୁର ୧୩।୬ (ଡି.ଏନ.ଏ.)


ମନ୍ଦିରରେ ରଥଯାତ୍ରାନୀତି ସମ୍ପର୍କରେ ବୁଦ୍ଧିଜୀବୀଙ୍କୁ ନେଇ ବସିଥିବା ବୈଠକ ।

କୋରାପୁଟ ଜିଲା ଜୟପୁରରେ ଚଳିତ ବର୍ଷ ରଥଯାତ୍ରା ହେବନାହିଁ। ଜିଲାପାଳ ମଧୁସୂଦନ ମିଶ୍ର ଏନେଇ ଚିଠି ମାଧ୍ୟମରେ ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ତଥା ଦେବୋତ୍ତର ଅଧିକାରୀଙ୍କ ନିକଟକୁ ନିର୍ଦ୍ଦେଶ ଆସିଛି। ଜୟପୁର ଦେବୋତ୍ତର ବିଭାଗ ରଥଯାତ୍ରା କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ଶନିବାର ତାହାର ଉତ୍ତର ଏପରି ଆସିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ପରିସରରେ କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ସାମାଜିକ ଦୂରତା ରକ୍ଷା ସହ ସାନିଟାଇଜର ବ୍ୟବହାର କରି କେବଳ ନୀତିକାନ୍ତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରେ ଦେବତ୍ତୋର ବିଭାଗର ଆହ୍ୱାନରେ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଜୟପୁର ଜଗନ୍ନାଥ ମନ୍ଦିର ପରିସରରେ ବିଧି ଅନୁଯାୟୀ ଛୋଟ ରଥ ନିର୍ମାଣ କରାଯାଇ ଉପସ୍ଥିତ ଦୈଇତାପତି ଏବଂ ସେବାୟତଙ୍କ ଦ୍ୱାରା ଟଣାଯିବ । ଏହିରଥର ଜଗନ୍ନାଥଙ୍କ ପ୍ରତୀକ ଭାବେ ଅନନ୍ତଶୟନଙ୍କ ଛୋଟ ମୂର୍ତ୍ତି ରଥାରୁଢ ହେବେ । ସେହିପରି ବାହୁଡାଯାତ୍ରା ବେଳେ ମାଉସୀମା ମନ୍ଦିର ଭାବେ ମନ୍ଦିର ପରିସରରେ ଥିବା ଭଗବତୀ ମନ୍ଦିର ସମ୍ମୁଖରେ ପ୍ରତୀକ ରଥ ରଖାଯିବ। ପୋଡପିଠା ଭୋଗ ମଧ ହେବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ମୁଖ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ବଲ୍ଲଭନାରାୟଣ ମନ୍ଦିର ପରିସରରେ ଥିବା ପୁରାତନ ଜଗନ୍ନାଥ ମନ୍ଦିରର ଦ୍ୱିତୀୟ କକ୍ଷକୁ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପ ଭାବେ ଠାକୁର ମାନଙ୍କୁ ବିଜେ କରାଯିବ। ସେଠାରେ ବାହୁଡା ପର୍ଯ୍ୟନ୍ତ ରହି ପ୍ରଭୁ ଦଶାବତାର ବେଶ ଧାରଣ କରିବେ। ପରମ୍ପରା ଅନୁଯାୟୀ ଦ୍ୱାଦଶୀରେ ପୁନଃ ନିଳାଦ୍ରୀ ବିଜେ କରାଯିବ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମିଟିର ସଭାପତି ଲାଲମୋହନ ମିଶ୍ର, ଶ୍ୟାମସୁନ୍ଦର ରଥ, ଯୁଗଳ ରଥ, ଜ୍ୟୋତିରଞ୍ଜନ ପୂଜାରୀ, ପୁଜକ ଡମ୍ବୁର ପଣ୍ଡା, ଜଗନ୍ନାଥ ତ୍ରିପାଠୀ, ଗଣେଶ ମିଶ୍ର, ବିକ୍ରମ ବିଶ୍ୱାସରାୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଫେରିଲେ ୭୭୬ ପ୍ରବାସୀ ଶିଶୁକନ୍ୟା ଜନ୍ମଦେଲେ ପ୍ରବାସୀ ମହିଳା

ରାୟଗଡ଼ା ଅଫିସ,୧୩।୬:

ଦକ୍ଷିଣ ଭାରତରେ ଫସିଥିବା ପ୍ରବାସୀ ଓଡ଼ିଆମାନେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଫେରିଛନ୍ତି। ଶୁକ୍ରବାରଠାରୁ ଶନିବାର ସକାଳ ସୁଦ୍ଧା ୬ଟି ଟ୍ରେନ୍‌ରେ ୭୭୬ ଶ୍ରମିକ ରାୟଗଡ଼ାରେ ଓହ୍ଲାଇଛନ୍ତି। ଏଥିରେ ନବରଙ୍ଗପୁର ରାୟଗଡ଼ାର, କନ୍ଧମାଳ, କୋରାପୁଟ ଜିଲାର ପ୍ରବାସୀ ରହିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପ୍ରବାସୀଙ୍କୁ ସେମାନଙ୍କ ଜିଲାକୁ ପଠାଇବା ବ୍ୟବସ୍ଥା କରିଥିଲେ। ତେବେ ଟ୍ରେନ୍‌ରେ ଆସିଥିବା ଜଣେ ପ୍ରବାସୀ ଗର୍ଭବତୀ ରାୟଗଡ଼ା ଷ୍ଟେଶନରେ ପହଞ୍ଚିବା ପରେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ଜାଣିବା ପରେ ସେଠାରେ ଥିବା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳକୁ ପଠାଇଥିଲେ। ସେଠାରେ ମହିଳା ଜଣକ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି।

# ସହାୟତା ପାଇଁ ଆଗେଇ ଆସିଲା ପ୍ରଶାସନ

ଦଶମନ୍ତପୁର,୧୩।୬ (ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ମାଣ୍ଡିଆଗୁଡ଼ା ଗ୍ରାମରେ ଜଣେ ନାବାଳିକା ହଠାତ୍ ଜ୍ୱରରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ଗ୍ରାମର ସମ୍ବରୁ ସାଉନ୍ତାଙ୍କ ଝିଅ ଅମ୍ବଲ ସାଉନ୍ତା (୧୨)ଙ୍କୁ ନେଇ ମାଆବାପା ଚିନ୍ତାରେ ଥିଲେ। ମାଛପୁଟ ସେବାଶ୍ରମରେ ୭ମଶ୍ରେଣୀରେ ପଢୁଥିବା ଅମ୍ବଲ ଖରାଛୁଟିରେ ଘରକୁ ଆସିଥିଲେ। ମାସେ ତଳେ ତାଙ୍କୁ ହଠାତ୍ ଜ୍ୱର ହୋଇଥିଲା। ପରେ ଶରୀର ବ୍ୟଥା ହେବ ସହ ହାତଗୋଡ଼ ଝିମା ଲାଗିଥିଲା। ମାଆବାପା ଝିଅର ଚିକିତ୍ସା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଅଧିକ ଚିକିତ୍ସା ଲାଗି ପାଖରେ ସମ୍ବଳ ନ ଥିଲା। ଏ ସମ୍ପର୍କରେ ଧରିତ୍ରୀରେ 'ପ୍ରଶାସନ ସହାୟତା କଲେ ଝିଅ ଭଲ ହୋଇଯିବ'ଶୀର୍ଷକ ଖବର ଶନିବାର ପ୍ରକାଶ ପାଇବା ପରେ ଏହି ଖବରକୁ ସାମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଅବଗତ କରିଥିଲେ। ଫଳରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ହୋଇଛି। ତାଙ୍କୁ ସହାୟତା କରିବାକୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ବାଲ୍ ସୁରକ୍ଷା କାର୍ଯ୍ୟକ୍ରମର ଏକ ଟିମ୍ ଆଗେଇ ଆସିଛନ୍ତି। ଶନିବାର ସ୍ଥାନୀୟ ଚିକିତ୍ସା ଅଧିକାରୀ ଡାକ୍ତର ଅବିନାଶ ବାରିକଙ୍କ ନେତୃତ୍ୱରେ ଟିମ୍ ମାଣ୍ଡିଆଗୁଡ଼ା ଗ୍ରାମରେ ପହଞ୍ଚି ଅମ୍ବଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ଜଣାପଡ଼ିଛି।

# ଅଜଣା ରୋଗର କାରଣ ଖୋଜା: କେନ୍ଦୁଗୁଡାରେ ପୂର୍ବତନ ଏମ୍‌ପି, ବିଧାୟକ

ମାଲକାନଗିରି,୧୩।୬ (ଡି.ଏନ୍.ଏ.)


କେନ୍ଦୁଗୁଡା ଗ୍ରାମରେ ଡାକ୍ତରୀଦଳ ଅଜଣା ରୋଗର ସ୍ଥିତି ଅନୁଧାନ କରୁଛନ୍ତି ।

ମାଲକାନଗିରି ଜିଲା ସଦର ବ୍ଲକ ପେଡାକୋଣ୍ଡା ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ଅଜଣା ରୋଗ ସମ୍ପର୍କରେ ଜାଣିବା ପରେ ପୂର୍ବତନ ଏମପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ସଂଜୟ ସରକାର, ସରପଞ୍ଚ ମମତା ମାଡକାମି, ଅଶୋକ ବୈଦ୍ୟ ପ୍ରମୁଖ ଏକ ଟିମ୍ କେନ୍ଦୁଗୁଡା ଗ୍ରାମକୁ ଯାଇ ରୋଗ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଗତ ସପ୍ତାହରେ ଏହି ରୋଗକୁ ନେଇ ଅନ୍ଧ ବିଶ୍ୱାସ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପରେ ଟିମ୍ ପଦରଗୁଡା, ସେରପାଲି, ଟାଙ୍ଗିଣିଗୁଡ଼ା ଅଞ୍ଚଳ ବୁଲି ପ୍ରବାସୀ ଶ୍ରମିକଙ୍କୁ ଭେଟିଥିଲେ। ଅନ୍ୟପକ୍ଷରେ ଶନିବାର ଏକ ଡାକ୍ତରୀ ଦଳ ମଧ କେନ୍ଦୁଗୁଡା ଗ୍ରାମ ପରିଦର୍ଶନ କରି ଫେରିଛନ୍ତି। ଅତିରିକ୍ତ ନିର୍ଦ୍ଦେଶକ ଡିଏମଟି ଡାକ୍ତର ରାଜେନ୍ଦ୍ର ରମେଶ କୁମାର ବିଶ୍ୱାଳ, ସହକାରୀ ପ୍ରଫେସର ଡା. ରଞ୍ଜନ କୁମାର ସେନ୍ ପ୍ରମୁଖ କେନ୍ଦୁଗୁଡା ଗ୍ରାମ ପରିଦର୍ଶନ କରି ଅଜଣା ରୋଗର କାରଣ ଅନୁଧାନ କରିଥିଲେ। ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ଭେଟି ଗ୍ରାମର ସମସ୍ତ ସ୍ଥିତି ଅନୁଧାନ କରିଥିଲେ। ରକ୍ତ ନମୁନା ସଂଗ୍ରହ କରିଥିଲେ।

## ଅଧାରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ

ଦଶମନ୍ତପୁର,୧୩।୬ ( ଡି.ଏନ.ଏ. )

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ପଞ୍ଚରାପୁଟ ଗ୍ରାମରେ କନିଷ୍ଠଯନ୍ତ୍ରୀଙ୍କ ଅବହେଳାରୁ ୩ବର୍ଷ ହେଲା ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରୁନି। ଫଳରେ ଏଠାରେ ୩୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ପ୍ରାକ୍ ଶିକ୍ଷା ବାଧାପ୍ରାପ୍ତ ହୋଇଛି। ୨ଜଣ ବ୍ୟକ୍ତି କନିଷ୍ଠଯନ୍ତ୍ରୀଙ୍କଠାରୁ କାର୍ଯ୍ୟାଦେଶ ନେଇ ନିର୍ମାଣ ଆରମ୍ଭ କରିଥିଲେ ମଧ ତାହା ୩ ବର୍ଷ ହେଲା ଅଧପନ୍ତରିଆ କରି ପକାଇ ରଖିଛନ୍ତି। କନିଷ୍ଠ ଯନ୍ତ୍ରୀ ପ୍ରୀତମ ସିଓଲଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ଦିଗରେ ପଦକ୍ଷେପ ନେବେ ।

# ଚାଲି ଚାଲି ଗୁଣପୁରରେ ପହଞ୍ଚିଲେ ସତ୍ୟବ୍ରତ

ଗୁଣପୁର,୧୩।୬(ଡି.ଏନ୍.ଏ.)

**ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବି ନେଇ ଯାଜପୁରରୁ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାସ ଶନିବାର ରାୟଗଡ଼ା ଜିଲାର ଗୁଣପୁରଠାରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ସେ ଗଜପତି ଜିଲାରେ ଦାବିପତ୍ର ଦେଇଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠାନର ରେଜିଷ୍ଟ୍ରାର ଡି.ଏନ୍.ଭି.ଜେ. ରାଓ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଗୁଣପୁର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅନୁପସ୍ଥିତିରେ ସେଠାରେ କର୍ମଚାରୀଙ୍କୁ ଦାବିପତ୍ର ଦେଇଛନ୍ତି । ବିଭିନ୍ନ ସମୟରେ ୩ ପ୍ରମୁଖ ରାଜନୈତିକ ଦଳ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିଛନ୍ତି। କିନ୍ତୁ ଏହା ସଫଳ ହୋଇନାହିଁ। ତେଣୁ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ତାଙ୍କ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସତ୍ୟବ୍ରତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୯ ଜୁଲାଇ ୧୦ରୁ ସେ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟର ୩୧୪ ବ୍ଲକ୍‌ରେ ସଚେତନତା ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ରାୟଗଡ଼ାର ୨ ସଂକ୍ରମିତ ସୁସ୍ଥ

ରାୟଗଡ଼ା ଅଫିସ,୧୩।୬

ରାୟଗଡ଼ା ଜିଲାରେ ୭ ସଂକ୍ରମିତ ଚିହ୍ନଟ ହୋଇ ଚିକିତ୍ସିତ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ରାୟଗଡ଼ା ସିଡିଏମ୍‌ଓଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଜିଲାରେ ଏବେ ୫ ସକ୍ରିୟ ସଂକ୍ରମିତ ରହିଛନ୍ତି।

# କୂଅକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ଦଶମନ୍ତପୁର,୧୩।୬(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ଟାମକିଆଗୁଡ଼ା ଗ୍ରାମରେ ଜଣେ ମହିଳା କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ରମେଶ ମେଲେକାଙ୍କ ସ୍ତ୍ରୀ ପଲ୍ଲଭୀ ମେଲେକା (୨୩)। ଶୁକ୍ରବାର ରମେଶ ଏସ୍.ଡଣ୍ଡାବାଡ଼ ଗ୍ରାମରେ ରହୁଥିବା ଜ୍ୱାଇଁ ଈଶ୍ୱର ମିଣିଆକାଙ୍କ ସହ ଟିକିରାପଡ଼ାକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଘରକୁ ରାତି ୧୦ଟାରେ ରମେଶ ଫେରିଥିଲେ। ସେତେବେଳେ ପଲ୍ଲଭୀ ଘରେ ନ ଥିଲେ। ବର୍ଷେ ଦୁଇମାସର ହୋଇଥିବା ପୁଅ କାନ୍ଦୁଥିଲା। ଏ ବିଷୟରେ ଗ୍ରାମବାସୀଙ୍କୁ ଜଣାଇ ରମେଶ ରାତିସାରା ପଲ୍ଲଭୀଙ୍କୁ ଖୋଜାଖୋଜି କରିଥିଲେ। ଗ୍ରାମଠାରୁ ଅଧ କି.ମି. ଦୂରରେ ଥିବା ଏକ କୂଅ ପାଖରେ ଜୋତା ଦେଖି ରମେଶ ସନ୍ଦେହକରି ଗ୍ରାମବାସୀଙ୍କୁ ଡାକି ଦେଖାଇଥିଲେ। ପରେ କୂଅ ଭିତରେ ପଶି ସେ ପଲ୍ଲଭୀ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ୱାର୍ଡମେମ୍ବର ଭିଙ୍ଗୁ ମେଲେକା ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ସକାଳେ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ପଲ୍ଲଭୀଙ୍କ ମୃତଦେହ କୂଅ ଭିତରୁ ବାହାର କରିଥିଲେ। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପଲ୍ଲଭୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। କେଉଁ କାରଣରୁ ସେ ନିଜ ଛୋଟ ଛୁଆକୁ ଛାଡି ଏଭଳି ଆତ୍ମହତ୍ୟା କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜବତ ଧାନ ଫେରାଇବାକୁ ଶୁଣୁନି ପ୍ରଶାସନ

ବୈପାରୀଗୁଡା,୧୩।୬(ଡି.ଏନ୍.ଏ.)

- ନିଜ ଗୋଦାମ ନ ଥିବାରୁ ଅନ୍ୟ ପାଖରେ ରଖିଥିଲେ
- ବେଆଇନ ମହଜୁଦ ଦର୍ଶାଇ ଜବତ କରାଯାଇଛି
- ଜିଲାପାଳଙ୍କୁ ଜଣାଇ ମଧ ମିଳିନି ସୁଫଳ


ଚାଷୀ ମନୋଜ ପଟ୍ଟନାୟକ ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି ।

ମୁଣ୍ଡ ଝାଳ ତଣ୍ଡରେ ମାରି ବହୁ କଷ୍ଟରେ ୩୪ କୁଇଣ୍ଟାଲ ଖରିଫ୍ ଧାନ ଅମଳ କରିଥିଲେ। । ନିଜସ୍ୱ ଗୋଦାମ ଘର ନ ଥିବାରୁ ଅନ୍ୟ ଜଣକ ଗୋଦାମ ଘରେ ରଖିଥିଲେ । ତେବେ ଯୋଗାଣ ବିଭାଗ ପକ୍ଷରୁ ଏକତରଫା ଭାବେ ବେଆଇନ୍ ଭାବେ ମହଜୁଦ୍ ଥିବା ଦର୍ଶାଇ ଜବତ କରାଯାଇ ଗୋଦାମ ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ ଘଟଣାର ୬ ମାସ ବିତିଯାଇଥିବା ବେଳେ ଯୋଗାଣ ବିଭାଗ ନୀରବ ରହିଛି। ସମ୍ପୃକ୍ତ ଚାଷୀ ନ୍ୟାୟ ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଦୌଡି କିଛି ସୁଫଳ ପାଇନାହାନ୍ତି। ପ୍ରକାଶ ଯେ ବୈପାରୀଗୁଡା ଗ୍ରାମର ଚାଷୀ ମନୋଜ କୁମାର ପଟ୍ଟନାୟକଙ୍କ ବୈପାରୀଗୁଡା ତହସିଲ ଅଧୀନ ପାତ୍ରପୁଟ ମୌଜାରେ ୨ ଏକର ଧାନ ଜମି ରହିଛି। ଗତ ଖରିଫ୍ ଋତୁରେ ସେ ୩୪ କୁଇଣ୍ଟାଲ ଧାନ ଅମଳ କରିଥିଲେ। ଏହାକୁ ରଖିବା ଲାଗି ନିଜର ଗୋଦାମ ନ ଥିବାରୁ ବୈପାରୀଗୁଡା ମଣ୍ଡି ନିକଟସ୍ଥ ରାଜୀବ ପ୍ରଧାନଙ୍କ ଗୋଦାମରେ ରଖିଥିଲେ । ତେବେ ଜାନୁୟାରୀରେ ଜୟପୁର ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦ ଏବଂ ତତ୍କାଳୀନ ବୈପାରୀଗୁଡା ଯୋଗାଣ ନିରୀକ୍ଷକ ମମତା ବେହେରା ଉକ୍ତ ଗୋଦାମ ଘରେ ଚଢାଉ କରି ଉକ୍ତ ଧାନ ବେଆଇନ୍ ଭାବେ ମହଜୁଦ୍ ଥିବା ଦର୍ଶାଇ ଏହାକୁ ଜବତ କରି ଏକ ମାମଲା ରୁଜୁ କରିଥିଲେ ଏହାର କେସ୍ ନଂ. ୧/୨୦ । ସେତେବେଳେ ଚାଷୀ ମନୋଜ ତାଙ୍କ ନିକଟରେ ଥିବା ଚାଷ ଜମି ପଟ୍ଟା,ଫୁଡ୍ ପୋର୍ଟାଲରୁ ବାହାର କରିଥିବା ଧାନ ବିକିବା ପାଇଁ ଟୋକନ୍ ଏବଂ ବୈପାରୀଗୁଡା ସମବାୟ ସମିତିର ପଞ୍ଜୀକରଣ କାର୍ଡ ଦେଖାଇଥିଲେ । ଅଧିକାରୀମାନେ ଘଟଣାର ତଦନ୍ତ କରି ତାଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଟଣାର ୬ ମାସ ବିତିବିକୁ ବସିଲାଣି । ବାରମ୍ବାର ଯୋଗାଣ ବିଭାଗକୁ ଜଣାଇଲେ ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ଆସିଲେ ଜବତ ଧାନ ଫେରି ପାଇବେ କହୁଛନ୍ତି। ଏ ନେଇ ସେ ୨ ଥର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇ ସାରିଲେଣି। ତାଙ୍କୁ କୌଣସି ସଫଳ ମିଳିନାହିଁ । ଜବତ ଧାନ ଏବେ ପଞ୍ଚାୟତରେ ଏବେ ଖତ ହେଉଛି । ଧାନ ଚାଷ ପାଇଁ ସମବାୟ ସମିତିଠାରୁ ୪୦ ହଜାର ଋଣ ଆଣି ସେ ଏଯାଏ ଶୁଝି ପାରିନାହାନ୍ତି। ପରିବାର ଚଳିବାକୁ ୪ ପ୍ରାଣୀ କୁଟୁମ୍ବ । ହାତରେ ଟଙ୍କା ନ ଥିବାରୁ ଆଗକୁ ଖରିଫ ଚାଷ କରିବା ମଧ ମନୋଜଙ୍କ ପକ୍ଷେ ଅସମ୍ଭବ ହୋଇପଡିଲାଣି । ଏ ନେଇ ସେ ଶକ୍ରବାର ପୁଣି ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦେଇଛନ୍ତି। ତାଙ୍କୁ ନ୍ୟାୟ ନ ମିଳିଲେ ସେ ଆଗାମୀ ଦିନରେ ଚରମ ପଦକ୍ଷେପ ନେବେ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜୟପୁର ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ପଚାରିବାରୁ ସେ କହିଲେ ଯେ, ଲକ୍ ଡାଉନ୍ କାରଣରୁ ମାମଲା ଫୈସଲା କରିବା ବିଳମ୍ବ ହେଉଛି। ରଜ ଛୁଟି ପରେ ଅଫିସକୁ ଯାଇ ଫାଇଲ୍ ଦେଖିଲେ ଘଟଣା ସମ୍ପର୍କରେ କହିପାରିବେ।

# ପୂଜାରା, ଜାଡେଜାଙ୍କୁ ନାଡା ନୋଟିସ

**ନୂଆଦିଲ୍ଲୀ, ୧୩।୬ (ପି.ଟି.)**

ଚେତେଶ୍ୱର ପୂଜାରା, ରବୀନ୍ଦ୍ର ଜାଡ଼େଜା ଓ କେ.ଏଲ୍. ରାହୁଲଙ୍କ ସମେତ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ପରିସରଭୁକ୍ତ ୫ଜଣ ଭାରତୀୟ କ୍ରିକେଟରଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ତରଫରୁ ନୋଟିସ୍ ଜାରି କରାଯାଇଛି। ଖେଳାଳିମାନେ ସେମାନଙ୍କ ଠିକଣା (ହୋୟାରଏବାଉଟ୍ସ) ଜଣାଇ ନ ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏଣେ 'ପାସ୍‌ୱାର୍ଡ ଗ୍ଲିଚ୍' ଯୋଗୁ ଖେଳାଳିମାନଙ୍କ ଠିକଣା ଅବଗତ କରାଇବାରେ ବିଳମ୍ବ ଘଟିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସଫେଇ ଦିଆଯାଇଛି। ନୋଟିସ୍ ପାଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ମହିଳା ଷ୍ଟାର ଖେଳାଳି ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମା। ନ୍ୟାଶନାଲ ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଏନ୍‌ଆର୍‌ଟିପି) ତାଲିକାରେ ୧୧୦ଜଣଙ୍କ ନାମ ରହିଛି। ନାଡାର ମହାନିର୍ଦ୍ଦେଶକ ନବୀନ ଅଗରୱାଲଙ୍କ କହିବା ଅନୁସାରେ ଆଡାମ୍ସ (ଆଣ୍ଟି ଡୋପିଂ ଆଡମିନିଷ୍ଟ୍ରେଶନ ଆଣ୍ଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ସ) ସଫ୍ଟୱେର୍‌ରେ ଫର୍ମ ପୂରଣ କରିବା ଲାଗି ଦୁଇଟି ମାଧ୍ୟମ ରହିଛି। ଖେଳାଳିମାନେ ନିଜେ କିମ୍ବା ସେମାନଙ୍କ ଆସୋସିଏଶନ ଜରିଆରେ ଫର୍ମ ପୂରଣ କରିପାରିବେ। କେତେଜଣ ଖେଳାଳି ଅଛନ୍ତି ଯେଉଁମାନେ ଇଣ୍ଟରନେଟ୍ ବ୍ୟବହାର ଜାଣନ୍ତି ନାହିଁ। ଫଳରେ ସେମାନଙ୍କ ପକ୍ଷେ ଆଡାମ୍ସରେ ହୋୟାରଏବାଉଟ୍ସ କ୍ଲଜ୍ ହ୍ୟାଣ୍ଡଲ କରିବା ସମ୍ଭବ ନୁହେଁ। ଏହି ଖେଳାଳିମାନେ ସେମାନଙ୍କ ଫେଡେରେଶନର ସହାୟତା ନେଇଥାନ୍ତି। କ୍ରିକେଟରେ ଅଧିକାଂଶ ହେଉଛନ୍ତି ଉଚ୍ଚଶିକ୍ଷିତ। ଏହାସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ କ୍ରିକେଟ ବୋର୍ଡର ସହାୟତା ନେଉଛନ୍ତି। ହୁଏତ ଏଥିପାଇଁ ସେମାନଙ୍କ ନିକଟରେ ସମୟ ନାହିଁ କିମ୍ବା ଫର୍ମ କିପରି ପୂରଣ କରାଯିବ ତାହା ଜଣା ନାହିଁ। ବିସିସିଆଇ ନିଜ ଆଡୁ ସେମାନଙ୍କ ଦାୟିତ୍ୱ ନେଇଛି। ହେଲେ ଏଥର ବିସିସିଆଇ କାହିଁକି ୩ ମାସ ହେଲା ଖେଳାଳିମାନଙ୍କ ହୋୟାରଏବାଉଟ୍ସ ସମ୍ପର୍କରେ ଅବଗତ କରାଇ ନାହିଁ ତାହା ଏକ ପ୍ରଶ୍ନ ବୋଲି ଅଗରୱାଲ କହିଛନ୍ତି।

# ଶତାୟୁ କ୍ରିକେଟରଙ୍କ ପରଲୋକ

**ମୁମ୍ବାଇ, ୧୩।୬ (ପି.ଟି.):** ଭାରତର ବୟୋଜ୍ୟେଷ୍ଠ ପ୍ରଥମଶ୍ରେଣୀ କ୍ରିକେଟର ବସନ୍ତ ରାୟଜୀଙ୍କର ଶନିବାର ପ୍ରତ୍ୟୁଷରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ରାୟଜୀ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଦକ୍ଷିଣ ମୁମ୍ବାଇ ଅନ୍ତର୍ଗତ ୱାଲକେଶ୍ୱରସ୍ଥିତ ତାଙ୍କ ବାସଭବନରେ ଶୋଇଥିବା ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଚଳିତ ବର୍ଷ ଜାନୁୟାରୀ ୨୬ରେ ସେ ୧୦୦ତମ ବର୍ଷରେ ପଦାର୍ପଣ କରିଥିଲେ। ରାୟଜୀ ଥିଲେ ଜଣେ ଡାହାଣହାତି ବ୍ୟାଟ୍ସମ୍ୟାନ ୧୯୪୦ ଦଶକରେ ସେ ୯ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୨୭୭ ରନ ସ୍କୋର କରିଥିଲେ। ସେ ଜଣେ କ୍ରିକେଟ ଐତିହାସିକ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମଧ୍ୟ ଥିଲେ। ସେ ୧୯୩୯ରେ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ ଟିମ୍ ତରଫରୁ ଖେଳିଥିଲେ। ଏହି ଦଳ ନାଗପୁରରେ ସେଣ୍ଟ୍ରାଲ ପ୍ରୋଭିନ୍‌ସେସ୍ ଏବଂ ବେରାର୍ ବିପକ୍ଷରେ ଖେଳିଥିଲେ। ସେ ୧୯୪୧ ପ୍ରଥମଥର ବମ୍ବେ (ବର୍ତ୍ତମାନ ମୁମ୍ବାଇ) ଟିମ୍ ତରଫରୁ ଖେଳିଥିଲେ। ସେତେବେଳେ ୱେଷ୍ଟର୍ନ ଇଣ୍ଡିଆ ବିପକ୍ଷ ଏହି ମ୍ୟାଚରେ ବିଜୟ ମର୍ଚ୍ଚାଣ୍ଟ ଦଳର ଅଧିନାୟକ ଥିଲେ। ମ୍ୟାଚ ଡ୍ର ଭାବେ ଶେଷ ହୋଇଥିଲା। ବମ୍ବେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। କ୍ୟାରିୟରର ପରବର୍ତ୍ତୀ ଭାଗରେ ସେ ବରୋଦା ତରଫରୁ ରଣଜୀ ମ୍ୟାଚ ଖେଳିଥିଲେ। ଭାରତ ନିଜ ମାଟିରେ ୧୯୩୩ରେ ଯେତେବେଳେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଲା ସେତେବେଳେ ରାୟଜୀଙ୍କ ବୟସ ମାତ୍ର ୧୩ବର୍ଷ ହୋଇଥିଲା। ବମ୍ବେ ଜିମ୍‌ଖାନାରେ ସେ କେବଳ ମ୍ୟାଚ ଉପଭୋଗ କରିଥିଲେ। ରାୟଜୀ ମୁମ୍ବାଇର ଜଲି କ୍ରିକେଟ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଥିଲେ। ସେ ରଣଜିତ୍ ସିଂ, ଦୁଲୀପ ସିଂ, ଭିକ୍ଟର ଟ୍ରମ୍ପର, ସିକେ ନାଇଡୁ ଏବଂ ଏଲ୍‌ପି ଜୟଙ୍କ ଉପରେ ପୁସ୍ତକମାନ ରଚନା କରିଛନ୍ତି। ଗତ ଜାନୁୟାରୀରେ ୧୦୦ତମ ଜନ୍ମତିଥି ଅବସରରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ ୱା ରାୟଜୀଙ୍କ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଏହି ବୟୋଜ୍ୟେଷ୍ଠ କ୍ରିକେଟରଙ୍କ ଦେହାନ୍ତ ଖବର ପାଇ ତେନ୍ଦୁଲକର ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ମଧ୍ୟ ଗଭୀର ଶୋକ ପ୍ରକାଶ କରାଯାଇଛି।


ବସନ୍ତ ରାୟଜୀ

## ମ୍ୟାଟ୍ ପୁରେଙ୍କ ଦେହାନ୍ତ

**ୱେଲିଂଟନ, ୧୩।୬:** ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ମ୍ୟାଟ୍ ପୁରେଙ୍କର ୯୦ ବର୍ଷ ବୟସରେ ପରଲୋକ ଘଟିଛି। ଅଲରାଉଣ୍ଡର ପୁରେ ୧୯୫୩ରୁ ୧୯୫୬ ମଧ୍ୟରେ ୧୪ଟି ଟେଷ୍ଟ ଖେଳିଥିଲେ। ୧୯୫୫ରେ ବେଙ୍ଗାଲୁରୁଠାରେ ମ୍ୟାଚ ଅବସରରେ ଏକ ବୁଲାକୁକୁର ଷ୍ଟାଡିୟମ ପଡ଼ିଆକୁ ପଶି ଆସିଥିଲା। ତାକୁ ଧରିବା ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ଉଦ୍ୟମ କରୁଥିବାବେଳେ ପୁରେ ଧରିନେଇଥିଲେ। ତେବେ କୁକୁର ଖଣ୍ଡିଆ କରି ଦେଇଥିବାରୁ ତାଙ୍କୁ ୧୨ଟି ପ୍ରତିଷେଧକ ଇଞ୍ଜେକ୍ସନ ନେବାକୁ ପଡ଼ିଥିଲା। କାରଣ ମାରାତ୍ମକ ଜଳାତଙ୍କ ରୋଗ ହେବାର ଆଶଙ୍କା ରହିଥିଲା।




# ଆଫ୍ରିଦୀ କରୋନା ପଜିଟିଭ୍

**କରାଚୀ, ୧୩।୬ (ପି.ଟି.):** ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ କରୋନା ପଜିଟିଭ୍ ଥିବା ନିଜେ ଶନିବାର ଘୋଷଣା କରିଛନ୍ତି। କୋଭିଡ୍-୧୯ ମହାମାରୀରେ ଆକ୍ରାନ୍ତ ହେବାରେ ସେ ହେଉଛନ୍ତି ପ୍ରଥମ ହାଇପ୍ରୋଫାଇଲ କ୍ରିକେଟର। ସେ କହିଛନ୍ତି, ମୁଁ ଗୁରୁବାରଠାରୁ ଅସୁସ୍ଥତା ଅନୁଭବ କରୁଥିଲି। ସନ୍ଦେହ ହେବାରୁ କୋଭିଡ୍-୧୯ ଟେଷ୍ଟ କରାଇଥିଲି। ଦୁର୍ଭାଗ୍ୟବଶତଃ ଫଳାଫଳ ପଜିଟିଭ୍ ଆସିଥିଲା। ଆଫ୍ରିଦୀ ୧୯୯୬ ରୁ ୨୦୧୮ ପର୍ଯ୍ୟନ୍ତ ପାକିସ୍ତାନ ତରଫରୁ ୨୭ ଟେଷ୍ଟ (୧୭୧୬ ରନ୍ ଓ ୪୮ ଉଇକେଟ), ୩୯୮ ଅନ୍ତର୍ଜାତୀୟ ଦିନିକିଆ (୮୦୬୪ ରନ ଏବଂ ୩୯୫ ଉଇକେଟ) ଏବଂ ୯୯ ଅନ୍ତର୍ଜାତୀୟ ଟି୨୦ (୧୪୧୬ ରନ ଓ ୯୮ ଉଇକେଟ) ମ୍ୟାଚ ଖେଳିଛନ୍ତି। ତାଙ୍କୁ ଶେଷ ଥର ପଡ଼ିଆରେ ଗତ ମାର୍ଚ୍ଚରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ ଦେଖିବାକୁ ମିଳିଥିଲା। ଆଫ୍ରିଦୀ ଆହୁରି ମଧ୍ୟ ଚ୍ୟାରିଟି କାର୍ଯ୍ୟ ସହିତ ସଂଶ୍ଳିଷ୍ଟ। ତାଙ୍କ ନାମରେ ରହିଥିବା ଏକ ଫାଉଣ୍ଡେଶନର ସେ ମୁଖ୍ୟ ଅଟନ୍ତି। କରୋନାଭାଇରସ୍ ବ୍ୟାପିବା ପରେ ତାଙ୍କୁ ଚ୍ୟାରିଟି କାର୍ଯ୍ୟରେ ଅନେକଥର ବାହାରେ ଦେଖିବାକୁ ମିଳିଥିଲା। ଆଫ୍ରିଦୀ ହୁଏତ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିପାରିଥାନ୍ତି ହେଲେ ଉପମହାଦେଶରେ ଏବେ ସୁଦ୍ଧା ଲୋକପ୍ରିୟତା ହରାଇ ନାହାନ୍ତି। ସେ କରୋନା ପଜିଟିଭ୍ ଜଣାପଡ଼ିବା ପରେ ସୋସିଆଲ ମିଡିଆରେ ତାଙ୍କ ଦ୍ରୁତ ଆରୋଗ୍ୟକାମନା କରି ବାର୍ତ୍ତାର ସୁଅ ଛୁଟିବାରେ ଲାଗିଛି। ଟିମ୍‌ମେଟ୍ ମହମ୍ମଦ ହାଫିଜ୍, ଶୋଏବ ମଲିକ, କାମରାନ ଅକମଲଙ୍କ ସମେତ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଫ୍ରିଦୀଙ୍କ ଆରୋଗ୍ୟ କାମନା କରିଛନ୍ତି। ହାଫିଜ କହିଛନ୍ତି, ଆଫ୍ରିଦୀ ହେଉଛନ୍ତି ଜଣେ ଲଢୁଆ ଖେଳାଳି। ଭାଇରସ୍ ବିରୋଧ ଯୁଦ୍ଧରେ ସେ ନିଶ୍ଚୟ ବିଜୟ ଲାଭ କରିବେ। ପାକିସ୍ତାନ ଅଲରାଉଣ୍ଡର ଆଫ୍ରିଦୀ ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଭାବେ ଜଣାଶୁଣା। ୨୦୧୭ରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ।

# ଓଡ଼ିଶା ଏଫ୍‌ସିରୁ ଖେଳିବେ କମଲପ୍ରୀତ

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ ଡିଫେଣ୍ଡର କମଲପ୍ରୀତ ସିଂ ଆଗାମୀ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ସିଜନରେ ଓଡ଼ିଶା ଏଫସି ପକ୍ଷରୁ ଖେଳିବା ନିଶ୍ଚିତ ହୋଇ ଯାଇଛି। କାରଣ ଭୁବନେଶ୍ୱର ଭିତ୍ତିକ ଆଇଏସଏଲ କ୍ଲବ ଓଡ଼ିଶା ଏଫସି ସହିତ ୨ ବର୍ଷ ପାଇଁ ଚୁକ୍ତି କରିଛନ୍ତି କମଲପ୍ରୀତ। ୨୦୧୭-୧୮ ସିଜନରେ ମିନର୍ଭା ପଞ୍ଜାବକୁ ଆଇ-ଲିଗ୍ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଏହି ୨୨ ବର୍ଷୀୟ ଫୁଲ୍ ବ୍ୟାକ୍ କୋଲକାତାର ଇଷ୍ଟବେଙ୍ଗଲ ପକ୍ଷରୁ ୨ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ପଞ୍ଜାବ ଜନ୍ମିତ ଏହି ଡିଫେଣ୍ଡର ଭାରତ ପକ୍ଷରୁ ବିଭିନ୍ନ ବୟସବର୍ଗର ପ୍ରତିଯୋଗିତାରେ ମଧ୍ୟ ଖେଳିଛନ୍ତି। କ୍ଲବ ସଭାପତି ରୋହନ ଶର୍ମା କମଲପ୍ରୀତଙ୍କୁ ସ୍ୱାଗତ କରିଛନ୍ତି। ଗତ ସିଜନରେ ଆମେ ଡିଫେନ୍ସ ବିଭାଗ ଅଧିକ ଶକ୍ତିଶାଳୀ ହେବା ଅନୁଭବ କରିଥିଲୁ। ତେଣୁ କମଲପ୍ରୀତଙ୍କ ଉପସ୍ଥିତିରେ ନିଶ୍ଚିତ ଦଳକୁ ଫାଇଦା ମିଳିବ ବୋଲି ରୋହନ କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ